


◀ ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ


RNI REGD NO: 42041/83

www.sakalaepaper.com

/sakalanews

/sakalanews

www.thesakala.in

# ସକାଳ THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 42 ♦ISSUE-333 ♦BHUBANESWAR ♦SUNDAY ♦1 JUNE 2025 ♦PAGE-12 ♦₹ 6.00 | BHUBANESWAR | ♦ବର୍ଷ-୪୨ ♦ସଂଖ୍ୟା-୩୩୩ ♦ଭୁବନେଶ୍ୱର ♦ରବିବାର ♦୧ ଜୁନ୍ ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦ (ସିନ୍ଦୂରା ସହ)


## ଓଡ଼ିଶାରେ ପ୍ରଥମ କରୋନା ମୃତ୍ୟୁ

■ **ଭୁବନେଶ୍ୱର/ନୂଆଦିଲ୍ଲୀ, ୩୧।୫ (ଏଜେନ୍ସି):** ପୁଣି ଚିନ୍ତା ବଢ଼ାଇଲାଣି କରୋନା। ଏହି ଭୂତାଣୁ ଦେଶରେ କ୍ରମାଗତ ଭାବେ କାୟା ବିସ୍ତାର କରିବାରେ ଲାଗିଛି। ଆଜିସୁଦ୍ଧା ଦେଶରେ କରୋନା ରୋଗୀଙ୍କ ସଂଖ୍ୟା ୩୩୯୫ରେ ପହଞ୍ଚିଥିବା ବେଳେ ୨୩ ଜଣ ପ୍ରାଣ ହରାଇଲେଣି। ଆଜି(ଶନିବାର) ଓଡ଼ିଶାରେ ଜଣେ କରୋନା ରୋଗୀଙ୍କ ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ଓଡ଼ିଶାରେ କରୋନା ଏ ବର୍ଷର ପ୍ରଥମ ମୁଣ୍ଡ ନେଇଛି। ୪ ଦିନ ତଳେ କରୋନା ଚିହ୍ନଟ ହୋଇଥିବା ଖଣ୍ଡଗିରି ଅଞ୍ଚଳର ଜଣେ ୮୦ ବର୍ଷୀୟ ବରିଷ୍ଠ ନାଗରିକ ଆଜି ତାଙ୍କ ଘରେ ପ୍ରାଣ ହରାଇଛନ୍ତି। ବୃଦ୍ଧଜଣଙ୍କ କିଛି ଦିନ ତଳେ ଅନ୍ୟ ରାଜ୍ୟ ବୁଲି ଫେରିବା ପରେ ତାଙ୍କ ନିକଟରେ କରୋନା ଲକ୍ଷଣ ଦେଖା ଦେବାରୁ ପରିବାରଲୋକ

**ଦେଶରେ ଗଲାଣି ୨୩ ଜୀବନ, ୩୩୯୫ ସଂକ୍ରମିତ**

ଏକ ଘରୋଇ ହସ୍ପିଟାଲରେ ତାଙ୍କର ପରୀକ୍ଷା କରାଇଥିଲେ। ସେଠାରେ ସେ କରୋନାରେ ଆକ୍ରାନ୍ତ ହୋଇଥିବା ଜଣାପଡ଼ିଥିଲା ଏବଂ ତାଙ୍କୁ ସଂଗରୋଧରେ ରହିବା ପାଇଁ ପରାମର୍ଶ ଦିଆଯାଇଥିଲା। ସେ ଘରେ ରହି ଚିକିତ୍ସିତ ହେଉଥିଲେ। ବୃଦ୍ଧଜଣଙ୍କ ବିଭିନ୍ନ ଜଟିଳ ରୋଗରେ ମଧ୍ୟ ପୀଡ଼ିତ ଥିଲେ ବୋଲି ସୂଚନା ମିଳିଛି। ତେବେ ଏ ସଂପର୍କରେ ସ୍ୱାସ୍ଥ୍ୟ ▶ପୃଷ୍ଠା-୭

## ଧସିଲା ପାହାଡ଼: ଆସାମରେ ୫, ଅରୁଣାଚଳରେ ୯ ମୃତ

■ **ନୂଆଦିଲ୍ଲୀ, ୩୧।୫ (ଏଜେନ୍ସି):** ଭାରତରେ ପାଣିପାଗ ବଦଳିବାରେ ଲାଗିଛି। ଅନେକ ରାଜ୍ୟରେ ମୌସୁମୀ ପ୍ରବେଶ କରିଛି। ଏହାର ପ୍ରଭାବରେ ବିଭିନ୍ନ ରାଜ୍ୟର ପ୍ରବଳ ବର୍ଷା ଜାରି ରହିଛି। ଏଥିଯୋଗୁଁ ମାନବୀୟ ସଙ୍କଟ ସୃଷ୍ଟି ହୋଇଛି। ଦୁଇ ଦିନ ହେଲା ପ୍ରବଳ ବର୍ଷା ଜାରି ରହିଥିବାରୁ ମିଜୋରାମ, ତ୍ରିପୁରା, ଅରୁଣାଚଳ ପ୍ରଦେଶ, ଆସାମରେ ଅଚାନକ ବନ୍ୟା ଆସିଛି। ଏହା ସହିତ ଭୂସ୍ଖଳନ ହୋଇଛି। ଭିତ୍ତିଭୂମି ଭୂଶୁଡ଼ି ଯାଇଛି। ଏହା ଜନଜୀବନକୁ ପ୍ରଭାବିତ କରିଛି। ଅରୁଣାଚଳର ଜାତୀୟ ରାଜପଥ ୧୩ରେ ଭୂସ୍ଖଳନ ହୋଇଛି। ଏଥିଯୋଗୁଁ ଏକ ଗାଡ଼ି ଗଭୀର ଖାଇକୁ ଖସି ପଡ଼ିଥିଲା। ଏଥିରେ ଥିବା ସମସ୍ତ ୭ ଜଣଙ୍କ

**ମିଜୋରାମ-ସିକିମରେ ଭୁଶୁଡ଼ିଲା ଅନେକ ଘର**

ମୃତ୍ୟୁ ହୋଇଛି। ଭୂସ୍ଖଳନରେ ଅନ୍ୟ ଦୁଇ ଜଣ ପ୍ରାଣ ହରାଇଥିବାବେଳେ ଅନେକ ମଧ୍ୟ ଆହତ ହୋଇଛନ୍ତି। ସେହିପରି ମିଜୋରାମର ଲଙ୍ଗତିଲାରେ ଶୁକ୍ରବାର ରାତିରେ ୫ଟି ଘର ଏବଂ ଏକ ହୋଟେଲ ଭୂଶୁଡ଼ି ପଡ଼ିବାରୁ ୫ ଜଣଙ୍କ ଜୀବନ ଯାଇଛି। ଆହୁରି କିଛି ଲୋକ ଅବଶେଷ ତଳେ ଫସି ରହିଥିବା ▶ପୃଷ୍ଠା-୭

### ▶▶ ପୋଲାଭରମ୍ ପ୍ରକଳ୍ପରେ କ୍ଷୟକ୍ଷତି ଆକଳନ

# ତେଲଙ୍ଗାନା ଜିତିଲା; ଓଡ଼ିଶା ଜଳକା

■ **ଭୁବନେଶ୍ୱର, ୩୧।୫ (ସମିସ):** ତେଲଙ୍ଗାନା ସରକାରଙ୍କ ପ୍ରବଳ ଚାପ ଆଗରେ ଶେଷରେ ନଇଁଛନ୍ତି କେନ୍ଦ୍ର ଓ ଆନ୍ଧ୍ର ସରକାର। ପୋଲାଭରମ୍ ପ୍ରକଳ୍ପ ଯୋଗୁଁ ତେଲଙ୍ଗାନାର କେତେ ଅଞ୍ଚଳ ଜଳମଗ୍ନ ହେବ ସେନେଇ ଖୁବଶୀଘ୍ର କେନ୍ଦ୍ରୀୟ ଜଳ ଆୟୋଗଙ୍କ ପକ୍ଷରୁ ସର୍ଭେ କରାଯିବ। ମାତ୍ର ସୁପ୍ରିମକୋର୍ଟଙ୍କ ପରାମର୍ଶ ସତ୍ତ୍ୱେ ଓଡ଼ିଶାର ମାଲକାନଗିରି ଜିଲ୍ଲାରେ ଅନୁରୂପ ସର୍ଭେ ପାଇଁ କେନ୍ଦ୍ର ସରକାର ବା ଆନ୍ଧ୍ର ସରକାର ଆଗ୍ରହ ପ୍ରକାଶ କରୁନାହାନ୍ତି। ପୋଲାଭରମ ପ୍ରକଳ୍ପ ଯୋଗୁଁ ମାଲକାନଗିରି ଜିଲ୍ଲା ବିଶେଷ ଭାବେ କ୍ଷତିଗ୍ରସ୍ତ ହେବା ନିଶ୍ଚିତ ହୋଇଥିଲେ ମଧ୍ୟ ରାଜ୍ୟର ଶାସକ ବିଜେପି ସରକାର ଏ ସମ୍ପର୍କରେ ନିରବ

**ତେଲଙ୍ଗାନାରେ ପଛୁଆ ଜଳର ପ୍ରଭାବ ଆକଳନ କରିବ ସିଡବ୍ଲ୍ୟୁସି**

**କ୍ଷତିଗ୍ରସ୍ତ ମାଲକାନଗିରି ପାଇଁ ତୁଣ୍ଡ ଖୋଲୁନାହାନ୍ତି ଓଡ଼ିଶା ସରକାର**

**ପ୍ରଭାବିତ ଅଞ୍ଚଳରେ ଜନଶୁଣାଣି ପାଇଁ ପରାମର୍ଶ ଦେଇଥିଲେ ସୁପ୍ରିମକୋର୍ଟ**



ରହିଛନ୍ତି। ବିରୋଧୀ ବିଜେଡି ଓ କଂଗ୍ରେସ ଏ ସମ୍ପର୍କରେ ବାରମ୍ବାର ଦାବି କରିଥିଲେ ମଧ୍ୟ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ସମ୍ପୂର୍ଣ୍ଣ ନିରବ ରହିଛନ୍ତି।

ପୋଲାଭରମ୍ ପ୍ରକଳ୍ପର ପଛୁଆ ଜଳ ଯୋଗୁଁ ତେଲଙ୍ଗାନାର ଭଦ୍ରାଚଳମ୍ ସହର ଜଳମଗ୍ନ ହେବ। ଏହାକୁ ନେଇ ତେଲଙ୍ଗାନା ସରକାର ଉଦ୍‌ବେଗ ପ୍ରକାଶ କରିବା ସହ ପ୍ରକଳ୍ପ ବିରୋଧରେ ଦୃଢ଼ ସ୍ୱର ଉତ୍ତୋଳନ କରିଥିଲା। ଶେଷରେ ଉଭୟ ଆନ୍ଧ୍ର ସରକାର, ତେଲଙ୍ଗାନା ସରକାର, ପୋଲାଭରମ ପ୍ରକଳ୍ପ ପ୍ରାଧିକରଣ(ପିପିଏ)ଙ୍କ ମଧ୍ୟରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ପଛୁଆ ଜଳ ସର୍ଭେ ନେଇ ସହମତି ପ୍ରକାଶ ପାଇବା ପରେ ଏନେଇ ସିଡବ୍ଲ୍ୟୁସିଙ୍କୁ ପିପିଏଙ୍କ ପକ୍ଷରୁ ବିଧିବଦ୍ଧ ଭାବେ ପ୍ରସ୍ତାବ ଦିଆ ଯାଇଥିଲା ଓ ଏହା ଆଧାରରେ ସର୍ଭେ କାର୍ଯ୍ୟ କରାଯିବ ବୋଲି ସୂଚନା ମିଳିଛି। ମାତ୍ର ଏହି ପ୍ରସଙ୍ଗରେ ରାଜ୍ୟ ବିଜେପି ସରକାର ସମ୍ପୂର୍ଣ୍ଣ ପ୍ରସଙ୍ଗରେ ନିରବ ରହିବା ସାଧାରଣରେ ଆଶ୍ଚର୍ଯ୍ୟ ସୃଷ୍ଟି କରିଛି। ଓଡ଼ିଶାର କ୍ରମାଗତ ଦାବି ▶ପୃଷ୍ଠା-୭

**ଭଡ଼ାଟିଆ ମହିଳାଙ୍କ ସଂପତ୍ତି ଲୋଭ**

# ଘର ମାଲିକକୁ ପୋଡ଼ି ମାରିଦେଲେ

**ପ୍ରମାଣ ନଷ୍ଟ ପାଇଁ ମୋବାଇଲ ଓ କିରାସିନି ଜାର୍‌କୁ ନିଆଁରେ ପୋଡ଼ିବାକୁ କରିଥିଲେ ଉଦ୍ୟମ**

**ଅଭିଯୁକ୍ତ ମହିଳା ଗିରଫ**






■ **ବ୍ରହ୍ମପୁର, ୩୧।୫(ସମିସ):** ପାଖରେ ନିଜର କେହି ରହୁନଥିବା ଦେଖି ମାଲିକର ସଂପତ୍ତି ଉପରେ ଦୀର୍ଘ ଦିନରୁ ଆଖି ପକାଇଥିଲେ। ଖାଲି ଉପଯୁକ୍ତ ସୁଯୋଗକୁ ଅପେକ୍ଷା କରି ରହିଥିଲେ। ମାଲିକକୁ କେମିତି ହତ୍ୟା କରି ପର ମୁଣ୍ଡରେ ଅଠା ବୋଳିବେ, ସେଥିପାଇଁ ବି ବ୍ଲୁ-ପ୍ରିଣ୍ଟ ପ୍ରସ୍ତୁତ କରିସାରିଥିଲେ। ଆଉ ସେଦିନ ସେ ସୁଯୋଗ ଜୁଟିଥିଲା। ମାଲିକ ଉପରେ କିରାସିନି ଢାଳି ନିଆଁ ଲଗାଇଦେବା ପରେ ଦରପୋଡ଼ା ଅବସ୍ଥାରେ ହସ୍ପିଟାଲ ନେଇଗଲେ। ଗତକାଲି (ଶୁକ୍ରବାର) କଟକ ଏସ୍‌ସିବିରେ ଚିକିତ୍ସାଧୀନ ଅବସ୍ଥାରେ ପ୍ରାଣ ହରାଇଥିବା ଅବସରପ୍ରାପ୍ତ ଆର୍‌ଆଇ ହରିହର ସାହୁଙ୍କ ମୃତ୍ୟୁ ଘଟଣା ଉପରୁ ପରଦା ହଟାଇବା ସହ ପୁଲିସ୍ ଆଜି ଏହି ଚାଞ୍ଚଲ୍ୟକର ତଥ୍ୟ ଦେଇଛି। ଏହି ଘଟଣାରେ ପୁଲିସ୍ ଭଡ଼ାଟିଆ ଅଭିଯୁକ୍ତ ମହିଳା ସୁଦେଷ୍ଣା ଜେନା (୫୭)ଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ସୋରଡ଼ା ଅଞ୍ଚଳର ତଥା ବ୍ରହ୍ମପୁର ସୁବାସନଗରସ୍ଥିତ ହରିହରଙ୍କ ଘରେ ଭଡ଼ାରେ ରହୁଥିଲେ। ହରିହରଙ୍କ ସଂପତ୍ତି ହଡ଼ପ ପାଇଁ ସେ ଏପରି ସୁଚିନ୍ତିତ ହତ୍ୟାକାଣ୍ଡ ଘଟାଇଥିବା ଆଜି ସାମ୍ବାଦିକ ସମ୍ମିଳନୀରେ ଏସ୍‌ପି ଡା. ସର୍ବଣା ବିବେକ ଏମ୍ ସୂଚନା ଦେଇଛନ୍ତି।

ସୂଚନା ଅନୁଯାୟୀ, ସୁବାସନଗର ପ୍ରଥମ ଲାଇନ୍‌ରେ ଅବସରପ୍ରାପ୍ତ ଆର୍‌ଆଇ ତଥା ଦିବ୍ୟାଙ୍ଗ ହରିହର ସାହୁଙ୍କ ନିଜ ଘର। ଉକ୍ତ ଘରର ତଳ ଓ ତୃତୀୟ ମହଲାରେ ସୁଦେଷ୍ଣାଙ୍କୁ ଭଡ଼ା ଦେଇ ନିଜେ ହରିହର ଦ୍ୱିତୀୟ ମହଲାରେ ଏକୁଟିଆ ରହୁଥିଲେ। ଗତ ୨୮ ତାରିଖ ବିଳମ୍ବିତ ରାତିରେ ହରିହରଙ୍କୁ କିରାସିନି ଢାଳି ପୋଡ଼ି ପକାଇଥିଲେ ସୁଦେଷ୍ଣା ଏବଂ ୨୯ ତାରିଖ ସକାଳେ ଗୁରୁତର ଅବସ୍ଥାରେ ଉଦ୍ଧାର କରି ନିଜେ ଏମ୍‌କେସିଜି ମେଡ଼ିକାଲରେ ଭର୍ତ୍ତି କରିଥିଲେ। ଖବର ପାଇ ହରିହରଙ୍କ ଝିଅ ଡାକ୍ତରଖାନାରେ ▶ପୃଷ୍ଠା-୭







## ହସିନାଙ୍କ ଗାଦିଚ୍ୟୁତ ହେବା ପଛରେ ହାଫିଜ୍ ସୈଦ

ଇସଲାମାବାଦ, ୩୧।୫ (ଏଜେନ୍ସି): ବାଂଲାଦେଶରୁ ଶେଖ୍ ହାସିନା ବିତାଡିତ ହେବା ପଛରେ ମୁମ୍ବାଇ ଆତଙ୍କବାଦୀ ଆକ୍ରମଣର ମାଷ୍ଟରମାଇଣ୍ଡ ତଥା ବିଶ୍ୱ ଆତଙ୍କବାଦୀ ତାଲିକାରେ ସାମିଲ ଆତଙ୍କବାଦୀ ହାଫିଜ ସୈଦର ହାତ ରହିଛି । ଏହି ଆତଙ୍କବାଦୀର ଆତଙ୍କବାଦୀ ସଂଗଠନ ଜମାତ-ଉଦ୍-ଦାୱା (ଜେୟୁଡି) ବାଂଲାଦେଶରେ ଗତ ବର୍ଷ ହୋଇଥିବା ସରକାରୀ ବିରୋଧୀ ବିକ୍ଷୋଭ ପ୍ରଦର୍ଶନରେ ସାମିଲ ଥିଲା । ଏହାର ଆତଙ୍କବାଦୀ ହିଁ ଆନ୍ଦୋଳନକୁ ଉସୁକାଇ ଥିଲେ । ବିଶ୍ୱ ଆତଙ୍କବାଦୀ ତାଲିକାରେ ସାମିଲ ଜେୟୁଡି ସଦସ୍ୟ ସୈଫୁଲା କସୁରୀ ଏବଂ ମୁଜାମିଲ ହାସିମ ଏହି ଦାବି କରିଛି । କିଛି ଦିନ ତଳେ ରହିମ ୟାର ଖାନର ଆହ୍ଲାବାଦରେ ନିଜ ସମର୍ଥକଙ୍କୁ ସମ୍ବୋଧନ କରି କସୁରୀ କହିଥିଲା ଯେ ସେ ୪ ବର୍ଷର ହୋଇଥିବାବେଳେ ୧୯୭୧ରେ ପାକିସ୍ତାନକୁ ଭାଗ ଭାଗ କରିଦେଇଥିବା ଭାରତୀୟ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଘୋଷଣା କରିଥିଲେ । କିନ୍ତୁ ଗତ ବର୍ଷ ମେ’ ୧୦ରେ ଆମେ ୧୯୭୧ର ପ୍ରତିଶୋଧ ନେଇଛୁ ।

## ଅବାସଙ୍କୁ ୨ ବର୍ଷ ଜେଲ୍ ଦଣ୍ଡ

ଲକ୍ଷ୍ନୌ, ୩୧।୫ (ଏଜେନ୍ସି): ମାଫିଆ ଡନ୍ ମୁଖ୍ତାର ଅନସାରୀର ପୁଅ ତଥା ଏସ୍‌ବିଏସ୍‌ପି ବିଧାୟକ ଅବାସ ଅନସାରୀକୁ ବଡ଼ ଝଟ୍‌କା ଲାଗିଛି । ୨୦୨୨ର ‘ଅଧିକାରୀଙ୍କ ହିସାବ-କିତାବ’ ଘୃଣ୍ୟ ମନ୍ତବ୍ୟକୁ ନେଇ ମଉର ଚିଫ୍ ଜୁଡିସିଆଲ ମାଜିଷ୍ଟ୍ରେଟ (ଏମପି-ଏମଏଲଏ) ଅନାସକୁ ଦୋଷୀ ସାବ୍ୟସ୍ତ କରିଛନ୍ତି । ଏହି ମାମଲାରେ ତାଙ୍କୁ ୨ ବର୍ଷ ଜେଲ୍ ଦଣ୍ଡ ରେ ଦଣ୍ଡିତ କରିଛନ୍ତି । ୩ ହଜାର ଟଙ୍କା ଜୋରିମାନା ମଧ ଲଗାଇଛନ୍ତି । ଆବାସଙ୍କ ଏଜେଣ୍ଟ ମନ୍‌ସୁରକୁ ମଧ ୬ ମାସ ଜେଲ୍ ଦଣ୍ଡ ହୋଇଛି । ତେବେ ପରେ ଉଭୟେ ଜାମିନରେ ମୁକ୍ତି ପାଇଛନ୍ତି । ଏହି ଦଣ୍ଡ ଯୋଗୁଁ ଆବାସ ବିଧାୟକ ପଦ ହରାଇପାରନ୍ତି ।

## ମସ୍କଙ୍କ ଆଖିକୁ ନେଇ ଚର୍ଚ୍ଚା

ୱାଶିଂଟନ୍, ୩୧।୫ (ଏଜେନ୍ସି): ଗୁରୁବାର ଶିଳ୍ପପତି ଏଲନ୍ ମସ୍କ ଡୋନାଲ୍ଡ ଟ୍ରମ୍ପ ସରକାରଙ୍କଠାରୁ ଅଲଗା ହେବେ ବୋଲି ସାମାଜିକ ଗଣମାଧ୍ୟମରେ ଘୋଷଣା କରି ହଇଚଇ ସୃଷ୍ଟି କରିଥିଲେ । ପରସ୍ପରଠାରୁ ଅଲଗା ହେବା ପୂର୍ବରୁ ଦୁହେଁ ସାମ୍ବାଦିକ ସମ୍ମିଳନୀ କରିଥିଲେ । ମସ୍କ ମୋର ଜଣେ ଭଲ ବନ୍ଧୁ ଓ ତାଙ୍କୁ ମନେ ରଖିବୁ ବୋଲି ଟ୍ରମ୍ପ କହିଥିଲେ । ସେହିପରି ଟ୍ରମ୍ପଙ୍କୁ ପରାମର୍ଶ ଦେବା ଜାରି ରଖିବି ବୋଲି ମସ୍କ କହିଥିଲେ । ଆଖି ତଳେ ଥିବା କଳା ଦାଗ ନେଇ ମସ୍କ ଏକ ପ୍ରଶ୍ନର ଉତ୍ତର ଦେଇ ହାସ୍ୟରୋଳ ସୃଷ୍ଟି କରିଥିଲେ । ଏହା ଡ୍ରଗ୍ସ ସେବନ କାରଣରୁ ନୁହେଁ, ପୁଅ ସହ ଖେଳୁଥିବା ବେଳେ ତା’ର ମୁଥା ମୁହଁରେ ବାଜିବା ଫଳରେ କଳାଦାଗ ସୃଷ୍ଟି ହୋଇଥିଲା ବୋଲି ସେ କହିଥିଲେ ।

## ବିଜେପି ନେତ୍ରୀଙ୍କ ପୁଅର ୧୩୦ ଅଶ୍ଳୀଳ ଭିଡିଓ ଭାଇରାଲ

ଲକ୍ଷ୍ନୌ, ୩୧।୫ (ଏଜେନ୍ସି): ଉତ୍ତରପ୍ରଦେଶର ମେନପୁରୀ ଜିଲ୍ଲାରେ ଭାଇରାଲ ହୋଇଥିବା ଏକ ଅଶ୍ଳୀଳ ଭିଡିଓ ନେଇ ଚର୍ଚ୍ଚା ଚାଲିଛି । ବିଜେପି ଜିଲ୍ଲା ମହିଳା ମୋର୍ଚ୍ଚା ସଭାପତିଙ୍କ ପୁଅର ୧୩୦ଟି ଅଶ୍ଳୀଳ ଭିଡିଓ ଭାଇରାଲ ହୋଇଛି । ଫଳରେ ଜିଲ୍ଲା ରାଜନୀତିରେ



ହଟଚମଟ ସୃଷ୍ଟି ହୋଇଛି । ଏ ନେଇ ସମ୍ପୃକ୍ତ ମହିଳା ବିଜେପି ନେତ୍ରୀଙ୍କ ପ୍ରତିକ୍ରିୟା ମିଳିପାରିନାହିଁ । ସେ ଫୋନ ଉଠାଇ ନାହାନ୍ତି । ବିରୋଧୀ ଦଳ ଏହାକୁ ଏକ ବଡ଼ ପ୍ରସଙ୍ଗ ଭାବେ ଉପସ୍ଥାପନା କରିବାକୁ ପ୍ରୟାସ ଜାରି ରଖିଛି । ସମ୍ପୃକ୍ତ ମହିଳା ନେତ୍ରୀଙ୍କ ବୋହୁ ଅର୍ଥାତ ପୁଅର ପତ୍ନୀ ଏହି ଭିଡିଓ ଭାଇରାଲ କରିଛନ୍ତି ବୋଲି ଅଭିଯୋଗ ହୋଇଛି । ସ୍ୱାମୀ ଭିନ୍ନ ମହିଳାଙ୍କ ସହ ଅନୈତିକ ସମ୍ପର୍କ ରଖି ମୋତେ ପ୍ରତାରିତ କରିବା ସହ ମାନସିକ ନର୍ଯାତନା ଦେଉଛନ୍ତି ବୋଲି ବହୁ ଅଭିଯୋଗ ଆଣିଛନ୍ତି । ନେତ୍ରୀଙ୍କ ପୁଅ ସହ ତାଙ୍କର ବିବାହ ୨୦୨୧ ନଭେମ୍ବର ୩୦ରେ ହୋଇଥିଲା । ନେତ୍ରୀ ଓ ତାଙ୍କ ପୁଅ ମୋତେ ଯୌତୁକ ଜନିତ ନିର୍ଯାତନା ଦେବା ସହ ଅକଥନୀୟ ବ୍ୟବହାର କରୁଥିଲେ ବୋଲି ସେ କହିଛନ୍ତି । ଏହି ପାରିବାରିକ କଳି ଓ ଝଗଡାରେ ମୋର ପ୍ରତିଷ୍ଠା ଓ ସମ୍ମାନହାନୀ ହୋଇଛି ଭାଇରାଲ ଭିଡିଓରେ ଥିବା ଯୁବତୀ ଅଭିଯୋଗ ଆଣିଛନ୍ତି । ଏଥିପାଇଁ ସେ ନେତ୍ରୀଙ୍କ ବହୁ, ତାଙ୍କ ଭଉଣୀ ଓ ଭିଣୋଇଙ୍କୁ ଦାୟୀ କରିଛନ୍ତି ଓ ସେ ଏମାନଙ୍କ ବିରୋଧରେ ମାମଲା ଦାଏର କରିଛନ୍ତି ।

# ଯୁଦ୍ଧ ବିମାନ ହରାଇଛୁ, କିନ୍ତୁ...

## ତ୍ରୁଟି ସୁଧାରିଛୁ, ପୁଣି ମାଡ଼ ମାରିଛୁ: ଜେନେରାଲ୍ ଚୌହାନ

ନୂଆଦିଲ୍ଲୀ, ୩୧।୫ (ଏଜେନ୍ସି)

ଅପରେସନ୍ ସିନ୍ଦୂର ବେଳେ ଆମେ କିଛି ଲଢୁଆ ବିମାନ ହରାଇଛୁ । କେତେ ହରାଇଛୁ, ତାହା ବଡ଼ କଥା ନୁହେଁ । କିନ୍ତୁ କାହିଁକି ହରାଇଲୁ ଏବଂ ତ୍ରୁଟି କେଉଁଠି ରହିଲା? ଏହା ହେଉଛି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ । ସେ ଯାହା ହେଉ, ସେହି ତ୍ରୁଟି ଉପରେ ସମୀକ୍ଷା କରିଛୁ । ତ୍ରୁଟିର ସମାଧାନ ବାଟ ବାହାର କଲୁ । ଦୁଇ ଦିନ ପରେ ପାକିସ୍ତାନ ବିରୋଧରେ କାର୍ଯ୍ୟାନୁଷ୍ଠାନକୁ ଜୋରଦାର କରାଗଲା ଏବଂ ଏଥିରେ ଆମେ ଶତ ପ୍ରତିଶତ ସଫଳ ରହିଲୁ । ଆମର ଆଉ କୌଣସି କ୍ଷତି ହେଲାନାହିଁ, ଦୂରଗାମୀ ଲକ୍ଷ୍ୟଭେଦ କରି ସମସ୍ତ ବିମାନ ସୁରକ୍ଷିତ ଭାବେ ଫେରିଲେ ।

ପହଲଗାମ ଆତଙ୍କବାଦୀ ଆକ୍ରମଣର ପ୍ରତିଶୋଧ ନେବାଲାଗି ପାକିସ୍ତାନ ବିରୋଧରେ ଭାରତର ସାମରିକ କାର୍ଯ୍ୟାନୁଷ୍ଠାନ ଅପରେସନ ସିନ୍ଦୂର ସଂପର୍କରେ ଏଭଳି ବୟାନ ଦେଇଛନ୍ତି ଭାରତୀୟ ସେନାର ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍ ଜେନେରାଲ ଅନୀଲ ଚୌହାନ । କାର୍ଯ୍ୟାନୁଷ୍ଠାନ ବେଳେ ଭାରତୀୟ ସେନା ବିମାନ ହରାଇଛି ବୋଲି କୌଣସି ସେନା ଅଧିକାରୀ ପ୍ରଥମ ଥର ଲାଗି ସୂଚନା ଦେଇଛନ୍ତି । କିନ୍ତୁ ଭାରତୀୟ ସେନାର କେତୋଟି ଲଢୁଆ ବିମାନ ଖସିଛି ତାହାର ସଂଖ୍ୟା ଜଣାଇବାକୁ ସେ ମନାକରିଦେଇଛନ୍ତି । ଭାରତର ୬ଟି ବିମାନକୁ



ପାକିସ୍ତାନ ଖସାଇଥିବା ପାକ୍ ପ୍ରଧାନମନ୍ତ୍ରୀ ସରିଫ ଦେଇଥିବା ବୟାନ ସଂପର୍କରେ ଜେନେରାଲ ଚୌହାନ କହିଲେ, ଏଥିରେ କୌଣସି ସତ୍ୟତା ନାହିଁ । କେବଳ ସେ ଏତିକି କହିଲେ, ଆମର କିଛି ତ୍ରୁଟି ଥିଲା ଏବଂ ଏହାକୁ ତତକ୍ଷଣାତ୍ ସୁଧାରିବାରେ ସଫଳ ହୋଇଥିଲୁ ।

ସିଙ୍ଗାପୁରରେ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ଜେନେରାଲ ଚୌହାନ କହିଲେ ଯେ ଭାରତର ସାମରିକ କାର୍ଯ୍ୟାନୁଷ୍ଠାନକୁ ପ୍ରତିହତ କରିବାରେ ଚୀନ ନିର୍ମିତ ଏୟାର ଡିଫେନ୍ସ ସମର୍ଥ ହୋଇଛି ବୋଲି ପାକିସ୍ତାନ କରିଥିବା ଦାବିକୁ ଅଗ୍ରାହ୍ୟ କରିଦେଇ ସେ କହିଲେ ଯେ ସେଗୁଡ଼ିକୁ କିଛି କାମ ଦେଇନି । ଆମେ ଆମର ମିସନରେ ସଫଳ ହୋଇଛୁ । ଭାରତ ସହ ସଂଘର୍ଷ ବେଳେ ପାକିସ୍ତାନକୁ ଚୀନ ଏୟାରଡିଫେନ୍ସ ଏବଂ ଉପଗ୍ରହ ସହାୟତା ଦେଇଥିଲା । କିନ୍ତୁ ସେବୁକୁ ଭାରତୀୟ କ୍ଷେପଣାସ୍ତ୍ର ଚକ୍‌ମା ଦେଇ ଧ୍ୱଂସ ରଚାଇଥିଲା । ପାକିସ୍ତାନ ସୀମା ଭିତରେ ୩୦୦ କିଲୋମିଟର ପର୍ଯ୍ୟନ୍ତ ଟାର୍ଗେଟକୁ ଭାରତୀୟ କ୍ଷେପଣାସ୍ତ୍ର ଧ୍ୱଂସ କରିବାକୁ ସକ୍ଷମ ହୋଇଛି ବୋଲି ଜେନେରାଲ ଚୌହାନ କହିଛନ୍ତି ।

ସେ ଅହୁରି କହିଲେ ଯେ ଚାରି ଦିନ ଚାଲିଥିବା ସଂଘର୍ଷରେ ଭାରତ ଓ ପାକିସ୍ତାନ କେବେହେଲେ ପରମାଣୁ ଯୁଦ୍ଧର ନିକଟତର ହୋଇନାହାନ୍ତି । ଏସଂପର୍କରେ ଆମେରିକାର ରାଷ୍ଟ୍ରପତି ଟ୍ରମ୍ପ ଦେଇଥିବା ବୟାନକୁ ଖଣ୍ଡନ କରି ସେ କହିଲେ ଯେ ସେମିତି ପରିସ୍ଥିତି ଉପୁଜିନଥିଲା । ଟ୍ରମ୍ପ କହିଥିଲେ, ଭାରତ ଓ ପାକିସ୍ତାନ ପରମାଣୁ ଯୁଦ୍ଧ ଆଡ଼କୁ ମୁହାଁଉଥିଲେ ଏବଂ ତାଙ୍କ ମଧ୍ୟସ୍ଥତା ଯୋଗୁଁ ଏହାକୁ ଏଡ଼ାଇ ଦିଆଯାଇପାରିଛି ।

## ୬ ରାଜ୍ୟରେ ‘ଅପରେସନ ସିଲ୍ଡ’ ମକ୍ ଡ୍ରିଲ୍

ନୂଆଦିଲ୍ଲୀ, ୩୧।୫ (ଏଜେନ୍ସି): ଅପରେସନ ଶିଲ୍ଡ ପ୍ରକ୍ରିୟାରେ ଶନିବାର ଗୁଜରାଟ, ରାଜସ୍ଥାନ, ପଞ୍ଜାବ, ହରିୟାଣା, ଚଣ୍ଡିଗଡ଼ ଓ ଜମ୍ମୁ-କଶ୍ମୀରରେ ମକ୍ ଡ୍ରିଲ ଚାଲିଛି । ପୂର୍ବରୁ ଗୁରୁବାର ମକ୍ ଡ୍ରିଲ କରିବାର କାର୍ଯ୍ୟକ୍ରମ ରହିଥିଲେ ମଧ ଏହାକୁ ସ୍ଥଗିତ ରଖାଯାଇଥିଲା । ଜମ୍ମୁ-କଶ୍ମୀରର ଅନନ୍ତନାଗ, ଜମ୍ମୁ, ବାରାମୂଲା ଓ ଅନ୍ୟ ଜିଲ୍ଲାଗୁଡିକରେ ମକ୍ ଡ୍ରିଲ



କରାଯାଇଛି । ଜମ୍ମୁରେ ରାତି ୮ଟାରେ ପୂରା ବ୍ଲାକ ଆଉଟ ହୋଇଥିଲା । ଜମ୍ମୁର ଅଖନୁର ସେକ୍ଟରରେ ଏୟାର ଷ୍ଟ୍ରାଇକ୍‌ର ଡ୍ରିଲ କରାଯାଇଥିଲା । ଗୁଜରାଟ୍‌ରେ ମଧ ଏୟାର ଷ୍ଟ୍ରାଇକ୍‌ର ମକ୍ ଡ୍ରିଲ ଚାଲିଛି ।

- ବ୍ଲାଷ୍ଟ କରି ଉଦ୍ଧାର କରାଗଲା
- ପାକିସ୍ତାନ ସୀମାବର୍ତ୍ତୀ ରାଜ୍ୟଗୁଡିକରେ ବ୍ଲାକ୍ ଆଉଟ୍ ହେବ
- ମକ୍ ଡ୍ରିଲ ବେଳେ ମହୁମାଛି ଆକ୍ରମଣ

ଗୁଜରାଟର ପାଟଣ ଓ ବ୍ଲାସାଡ଼ରେ ସାଇରନ ବାଜିଥିଲା । ପାଟଣ ତହସିଲ ଅଫିସରେ ନିଆଁ ଲାଗିଥିଲା ଓ ସେଥିରେ ଫସିଥିବା ୩ ଜଣ ଲୋକଙ୍କୁ ଉଦ୍ଧାରକାରୀ ଦଳ ଉଦ୍ଧାର କରିଛି । ରାଜସ୍ଥାନର ଜୟପୁରରେ ମଧ ଏୟାର ଷ୍ଟ୍ରାଇକ୍‌ର ମକ୍ ଡ୍ରିଲ କରାଯାଇଥିଲା । ଏଠାରେ ଅଚାନକ ବିସ୍ଫୋରଣ କରାଯାଇଥିଲା ଓ ବାୟୁରୁ ଫାୟାର କରାଯାଇଥିଲା । ଲୋକେ ଦୌଡ଼ାଦୌଡ଼ି କରିଥିଲେ । ଘଟଣାସ୍ଥଳରେ ମେଡିକାଲ ଏଡ୍ ପହଞ୍ଚିଥିଲା ଓ ଏସ୍‌ଡିଆରଏଫ୍ ସମେତ ଅନ୍ୟ ଟିମ ସ୍ଥିତି ସମ୍ଭାଳିଥିଲେ । ସେହିପରି ହରିୟାଣା, ପଞ୍ଜାବ ଓ ଚଣ୍ଡିଗଡ଼ରେ ମଧ ମକ୍ ଡ୍ରିଲ କରାଯାଇଥିଲା । ମକ୍ ଡ୍ରିଲ୍ ଚାଲିଥିବା ବେଳେ ରାଜସ୍ଥାନର ଝାଲାବଡ଼ରେ ମହୁମାଛି ଆକ୍ରମଣର ଦୃଶ୍ୟ ସାମାଜିକ ଗଣମାଧ୍ୟରେ ଭାଇରାଲ ହୋଇଛି । ମହୁମାଛିଙ୍କ ଦଳ ପୁଲିସ ଓ ପ୍ରଶାସନର ଲୋକଙ୍କ ଉପରେ ଆକ୍ରମଣ କରିଥିଲେ । ଫଳରେ ଜିଲ୍ଲାପାଳ ଓ ଏସ୍‌ପି ମହୁମାଛିଙ୍କ ଆକ୍ରମଣରୁ ରକ୍ଷା ପାଇବାକୁ ଦୌଡ଼ିବାରେ ଲାଗିଥିଲେ ।

## ସୀମା ବିବାଦକୁ ନେଇ ପାକିସ୍ତାନ-ତାଲିବାନ ମୁହାଁମୁହିଁ

କାବୁଲ, ୩୧।୫ (ଏଜେନ୍ସି): ପାକିସ୍ତାନ ଏବଂ ଆଫଗାନିସ୍ତାନ ସୀମା ପୁଣି ଅଶାନ୍ତ ହୋଇପଡ଼ିଛି । ସୀମା ବିବାଦକୁ ନେଇ ଏହି ଦୁଇ ଦେଶ ପୁଣି ମୁହାଁମୁହିଁ ହୋଇଛନ୍ତି । ଏଥିଯୋଗୁ ସୀମାରେ ଯୁଦ୍ଧ ସ୍ଥିତି ସୃଷ୍ଟି ହୋଇଛି । ଏହା ସଶସ୍ତ୍ର ସଂଗ୍ରାମର କେନ୍ଦ୍ର ପାଲଟି ଯାଇଛି । ଉଭୟ ପକ୍ଷ ମଧ୍ୟରେ ଗୁଳିଗୋଳା ମାଡ଼ ଚାଲିଛି । ଆଫଗାନିସ୍ତାନର ହେଲମନ୍ଦ ପ୍ରଦେଶରେ ଥିବା ବହରାମ ଚହରେ ଏଭଳି ସ୍ଥିତି ସୃଷ୍ଟି ହୋଇଛି । ଏହି ଅଞ୍ଚଳ ପାକିସ୍ତାନର ଚଗଇ ଜିଲ୍ଲାକୁ ଲାଗିଛି । ସୀମାରେ ତାଲିବାନ ନିଜ ସୁରକ୍ଷା ପାଇଁ ସେନା ପୋଷ୍ଟ ନିର୍ମାଣ ପ୍ରୟାସ କରିବାରୁ ଏହି ନୂଆ ବିବାଦ ଆରମ୍ଭ ହୋଇଛି । ପାକିସ୍ତାନ ସୁରକ୍ଷାବାହିନୀ ଏହାକୁ ବିରୋଧ କରିଛି । ଏହାକୁ ଚୁକ୍ତିର ଉଲ୍ଲଙ୍ଘନ ବୋଲି କହି ଅଫଗାନିସ୍ତାନ ଉପରେ ଗୁଳିଗୋଳା ମାଡ଼ ଆରମ୍ଭ କରିଦେଇଥିଲା । ଫଳରେ ତାଲିବାନ ଜବାବୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ପାକିସ୍ତାନ ସେନା ପୋଷ୍ଟ ଉଡାଇ ଦେଇଥିଲା । ତାଲିବାନ ଆକ୍ରମଣ ଦେଖି ପାକିସ୍ତାନ ଛାନିଆ ହୋଇ ଯାଇଥିଲା । ଏହାର ଯବାନ ଭୟଭୀତ ହୋଇ ୪ଟି ପୋଷ୍ଟରୁ ହଟି ଯାଇଛନ୍ତି । ଏଥିରୁ ତିନୋଟି ପୋଷ୍ଟ ବହରମ୍ ଚାହ ନିକଟରେ ରହିଛି । ସୂଚନାଯୋଗ୍ୟ ଯେ ସଂଘର୍ଷରତ ଚଗଇ ଜିଲ୍ଲା ପାକିସ୍ତାନର ସର୍ବବୃହତ ପ୍ରଦେଶ ବେଲୁଚିସ୍ତାନରେ ରହିଛି । ଆଫଗାନିସ୍ତାନ ଏବଂ ଇରାନକୁ ସୀମା ଲାଗି ରହିଥିବାରୁ ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ।

ଏହି ସଂଘର୍ଷ ବିରାଟ ରୂପ ଧାରଣ କରିବ ବୋଲି କୁହାଯାଉଛି । ଏହି ସ୍ଥିତିକୁ ଦେଖି ଶାହବାଜ ସରିଫ ସରକାର ଚଗଇ ଜିଲ୍ଲାରୁ ଅଢେଇ ଲକ୍ଷ ଲୋକଙ୍କୁ ଘର ଖାଲି କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ତାଲିବାନ ମଧ ଏହାର ନାଗରିକମାନଙ୍କୁ ଅଞ୍ଚଳ



- ଅଢେଇ ଲକ୍ଷ ଲୋକଙ୍କୁ ଘର ଛାଡ଼ିବାକୁ ନିର୍ଦ୍ଦେଶ
- ପାକିସ୍ତାନ ପୋଷ୍ଟ ଉଡ଼ାଇଦେଲା ତାଲିବାନ
- ଭୟରେ ୪ ପୋଷ୍ଟ ଛାଡ଼ି ପଳାଇଲେ ପାକିସ୍ତାନ ଯବାନ

ଖାଲି କରିବାକୁ କହିଛି । ଏହି ସ୍ଥିତି ପାକ୍-ଆଫଗାନ ସମ୍ପର୍କକୁ ଆହୁରି ଉତ୍ତେଜନାପୂର୍ଣ୍ଣ କରିଦେଇଛି ।

ବହରମ ଚାହ ଚେକପୋଷ୍ଟ ଡୁରାଣ୍ଡ ଲାଇନରେ ଅବସ୍ଥିତ । ଏହାକୁ ଡ୍ରଗ୍ସ, ଅସ୍ତ୍ରଶସ୍ତ୍ର ଚୋରା ଚାଲାଣ ଏବଂ ବିଦ୍ରୋହୀ କାର୍ଯ୍ୟକଳାପ ପାଇଁ ଗୁରୁତ୍ୱପୂର୍ଣ୍ଣ କରିଡର ଧରାଯାଉଛି । ଏହା ଚଗଇ ଏବଂ ହେଲମନ୍ଦ ମଧ୍ୟରେ ସାମରିକ କାର୍ଯ୍ୟକଳାପକୁ ବି ନିୟନ୍ତ୍ରଣ କରୁଛି । ତାଲିବାନ ଏହାକୁ ନଷ୍ଟ କରିଦେଇଥିବାରୁ ପାକିସ୍ତାନୀ ସେନା ପାଇଁ ସଙ୍କଟ ସୃଷ୍ଟି ହୋଇପାରେ ।

ଦୁଇ ଦେଶର ସେନା ମଧ୍ୟରେ ଚାଲିଥିବା ସଂଘର୍ଷର ଅନେକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି । ସ୍ଥିତିକୁ ଦେଖି ତାଲିବାନ ଆତ୍ମଘାତୀ ଦଳ ଏବଂ ପାକିସ୍ତାନ ଫ୍ରଣ୍ଟିୟର୍ କର୍ପସ ମୁତୟନ କରିଛି । ଦୁଇ ଦେଶ ସାମରିକ ପ୍ରସ୍ତୁତିକୁ ମଧ ଜୋରଦାର କରିଛି । ତାଲିବାନ କାନ୍ଦାହାରର ୨୦୫ତମ କର୍ପସ ନିୟୋଜିତ କରିଛି । ଏଥିରେ ୫୦ ଜଣିଆ ଆତ୍ମଘାତୀ ଦଳ ରହିଛି । ଏହି ସ୍କ୍ୱାଡ୍ ପାକିସ୍ତାନୀ ସେନା ଉପରେ ଆକ୍ରମଣ କରିବାକୁ ପ୍ରସ୍ତୁତ ହୋଇ ରହିଛି । ଏହା ସ୍ଥିତିକୁ ଅଧିକ ବିପଜ୍ଜନକ କରିଦେଇଛି । ସେହିପରି ପାକିସ୍ତାନ ଫ୍ରଣ୍ଟିୟର୍ କର୍ପସ ବେଲୁଚିସ୍ତାନକୁ ମଧ ଶକ୍ତିଶାଳୀ କରିଛି । ତାଲିବାନ ସହିତ ମୁକାବିଲା କରିବା ପାଇଁ ସୀମାରେ ଟ୍ୟାଙ୍କ ନିୟୋଜିତ କରିଛି । ପାକିସ୍ତାନ ସେନା ପଛଘୁଞ୍ଚା ଦେଇଥିବାରୁ ଯୁଦ୍ଧ ସ୍ଥିତି ଦେଖି ସାଧାରଣ ଲୋକ ଭୟରେ ବଞ୍ଚୁଛନ୍ତି । ପାକିସ୍ତାନ ପ୍ରଶାସନ ସ୍କୁଲ, କଲେଜ ଏବଂ ଅନ୍ୟାନ୍ୟ ସାର୍ବଜନୀନ ସ୍ଥାନ ବନ୍ଦ କରିଦେଇଛି । ହସ୍ପିଟାଲକୁ ହାଇ ଆଲର୍ଟରେ ରଖିଛି । ଏପରି ସ୍ଥଳେ ବଲୁଚି ବିଦ୍ରୋହୀ ତାଲିବାନକୁ ସମର୍ଥନ କରିଛନ୍ତି ।

**ଜଷ୍ଟିସ ବର୍ମାଙ୍କ ଘରୁ ଟଙ୍କା ଜବତ ମାମଲା**

## ନିଆଁ ଲାଗିବା ପରେ ଷ୍ଟୋରରୁମ୍‌ରୁ ଟଙ୍କା ହଟାଇଥିଲେ

ନୂଆଦିଲ୍ଲୀ, ୩୧।୫ (ଏଜେନ୍ସି): ଦିଲ୍ଲୀ ହାଇକୋର୍ଟର ତତ୍କାଳୀନ ବିଚାରପତି ଜଷ୍ଟିସ୍ ଯଶୋବନ୍ତ ବର୍ମାଙ୍କ ସରକାରୀ ବାସଭବନରୁ ଅଧାଜଳା ଟଙ୍କା ମିଳିବା ମାମଲା ନେଇ ଏବେ ନୂଆ କଥା ସାମ୍ନାକୁ ଆସିଛି । ଯେଉଁ ଷ୍ଟୋରରୁମ୍‌ରେ ଅଧଜଳା ଟଙ୍କା ମିଳିଥିଲା ତାହା, ବର୍ମା ଓ ତାଙ୍କ ପରିବାର ଲୋକଙ୍କ ଅଧିନରେ ରହିଥିଲା । ତଦନ୍ତ କରୁଥିବା କମିଟି ବାସଭବନର ଇଲେକଟ୍ରୋନିକ ସାକ୍ଷୀ, ପ୍ରମାଣ ଓ ତଦନ୍ତକୁ ଆଧାର କରି ଏହି ନିଷ୍କର୍ସରେ ପହଞ୍ଚିଛି । କମିଟି ୫୦ରୁ ଉର୍ଦ୍ଧ୍ୱ ବ୍ୟକ୍ତିଙ୍କ ବୟାନ ରେକର୍ଡ କରିଛି । ଏଥିରେ ଦିଲ୍ଲୀ ପୁଲିସ କମିଶନର ସଞ୍ଜୟ ଆରୋରା ଓ ଦମକଳ ବିଭାଗର ମୁଖ୍ୟ ସାମିଲ ରହିଛନ୍ତି । ଟଙ୍କାରେ ନିଆଁ ଲଗାଯିବା ପରେ ଏହି ଦୁଇଜଣ ଅଧିକାରୀ ପ୍ରଥମେ ଘଟଣାସ୍ଥଳରେ ପହଞ୍ଚିଥିଲେ । ଗତ ମାର୍ଚ୍ଚ ୧୪ ତାରିଖ ରାତି ୧୧.୩୫ରେ ନିଆଁ ଲଗାଇବା ପରେ ଷ୍ଟୋର ରୁମ୍‌ରୁ ଅଧାଜଳା ଟଙ୍କା ହଟାଇବାକୁ ପ୍ରୟାସ କରାଯାଇଥିଲା ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି ।

ଏହି ମାମଲାର ଯାଞ୍ଚ ପାଇଁ ସୁପ୍ରିମକୋର୍ଟ ମୁଖ୍ୟ ବିଚାରପତି ସଞ୍ଜୀବ ଖାନ୍ନା ମାର୍ଚ୍ଚ ୨୨ରେ ଏକ ସ୍ୱତନ୍ତ୍ର କମିଟି ଗଠନ କରିଥିଲେ । ଏହି କମିଟି ମେ ୪ରେ ଖାନ୍ନାଙ୍କୁ ତା’ର ରିପୋର୍ଟ ପ୍ରଦାନ କରିଥିଲା । ଏଥିରେ ବିଚାରପତି ବର୍ମାଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇଥିଲା । ଏବେ ତାଙ୍କ ବିରୋଧରେ ଦେଶର ସଂସଦରେ ମହା ଅଭିଯୋଗ ଆଣିବାକୁ ବିଚାର କରାଯାଉଛି । ବର୍ମା ନିଜ ପଦରୁ ଆପେ ଇସ୍ତଫା ଦିଅନ୍ତୁ ବୋଲି ସରକାର ଅପେକ୍ଷା କରିଛନ୍ତି । ଏବେ ବର୍ମା ଆହ୍ଲାବାଦ ହାଇକୋର୍ଟରେ ଦାୟିତ୍ୱ ବହନ କରୁଛନ୍ତି । ଘଟଣା ସମୟରେ ସେ ଦିଲ୍ଲୀ ହାଇକୋର୍ଟରେ ନିୟୋଜିତ ଥିଲେ । ପରେ ତାଙ୍କର ବଦଳି କରାଯାଇଥିଲା । ତେବେ କୌଣସି ନ୍ୟାୟିକ କାର୍ଯ୍ୟ ସମ୍ପାଦନରୁ ତାଙ୍କୁ ବାରଣ କରାଯାଇଛି । ଉଲ୍ଲେଖଥାଉ କି, ୨୦୧୮ ରେ ବର୍ମାଙ୍କ ବିରୋଧରେ ଉତ୍ତରପ୍ରଦେଶର ଗାଜିଆବାଦରେ ଏକ ସୁଗାର ମିଲ୍‌ରେ ୯୭.୮୫ କୋଟି ଟଙ୍କାର ଘୋଟାଲା କରିଥିବାର ଅଭିଯୋଗ ଆସିଥିଲା ।

## ଶାଳୀର କଟାମୁଣ୍ଡ ଧରି ବୁଲିଲା ଭିଣୋଇ

କୋଲକାତା, ୩୧।୫ (ଏଜେନ୍ସି): ପଶ୍ଚିମବଙ୍ଗର ସାଉଥ ୨୪ ପରଗନା ଜିଲ୍ଲାରେ ଶୁକ୍ରବାର ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି । ଭିଣୋଇ ନିଜ ଶାଳୀର କଟାମୁଣ୍ଡ ଧରି ବୁଲୁଥିବା ଦେଖାଯାଇଥିଲା । ସ୍ଥାନୀୟ ଲୋକ ଏ ନେଇ ସୂଚନା ଦେବା ପରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ପୁଲିସ ଗିରଫ କରିଛି । ଏହି ଘଟଣାକ୍ରମର ଭିଡିଓ ସାମାଜିକ ଗଣମାଧ୍ୟମରେ ବେଶ୍ ଭାଇରାଲ ହୋଇଛି । ବ୍ୟକ୍ତିଜଣକ ଡାହାଣ ହାତରେ ଧାରୁଆ ହତିଆର ଓ ବାମହାତରେ କଟାମୁଣ୍ଡ ଧରିଥିବାର ଦେଖାଯାଇଥିଲା । ସେ ମଧ ଏକ ମନ୍ଦିର ସାମ୍ନାରେ ଜୟକାର ଲଗାଇଥିଲା ବୋଲି ସ୍ଥାନୀୟ ଲୋକ କହିଛନ୍ତି । ଏହି ଘଟଣା ବସନ୍ତୀ ଥାନର ଭରତଗଡ଼ ଗାଁରେ ଘଟିଛି । ଶାଳୀଙ୍କ ସହ ଅଭିଯୁକ୍ତ ବ୍ୟକ୍ତିଙ୍କର ଶୁକ୍ରବାର ଝଗଡ଼ା ହୋଇଥିଲା । ଏଥିରେ ଉତ୍‌କ୍ଷିପ୍ତ ହୋଇ ବ୍ୟକ୍ତିଜଣକ ଧାରୁଆ ଅସ୍ତ୍ରରେ ଶାଳୀର ମୁଣ୍ଡକୁ ହାଣି ଶରୀରରୁ ଅଲଗା କରିଦେଇଥିଲେ । ଘଟଣାର ଯାଞ୍ଚ କରାଯାଉଛି ବୋଲି ପୁଲିସ କହିଛି । ଘଟଣାସ୍ଥଳକୁ ଫରେନସିକ୍ ଟିମ୍‌କୁ ପଠାଯାଇଛି । ମହିଳାଙ୍କ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଛି ।

# ଚୀନ୍‌ର ନୂଆ ଚାଲ୍: ଅନ୍ତର୍ଜାତୀୟ ବିବାଦରେ ଏଥର ମୁଣ୍ଡ ପୂରାଇବ

ବେଜିଂ, ୩୧।୫ (ଏଜେନ୍ସି): ବିଶ୍ୱରେ କର୍ତ୍ତୃତ୍ୱ ଜାହିର କରିବା ପାଇଁ ଚୀନ୍ ନୂଆ ଚାଲ୍ ଚଳାଇଛି । ଏହି କମ୍ୟୁନିଷ୍ଟ ଦେଶ ଅନ୍ତର୍ଜାତୀୟ ବିବାଦର ସମାଧାନ ଲାଗି ନୂଆ ସଂଗଠନ ଗଠନ କରିଛି । ଏହାର ନାମ ଇଣ୍ଟରନ୍ୟାସନାଲ ଅର୍ଗାନାଇଜେସନ ଫର୍ ମିଡିଏସନ (ଆଇଓଏମଇଡି) ରଖାଯାଇଛି । ଏହାକୁ ଅନ୍ତର୍ଜାତୀୟ କୋର୍ଟ (ଆଇସିଜେ) ଏବଂ ପରମାନେଣ୍ଟ କୋର୍ଟ ଅଫ୍ ଆର୍ବିଟେସନ ଭଳି ସଂସ୍ଥାର ବିକଳ୍ପ ଭାବେ ଉପସ୍ଥାପନ କରାଯାଇଛି । ଏହାକୁ ଚୀନ୍‌ର ଶକ୍ତି ପ୍ରଦର୍ଶନ ଭାବେ ମଧ ଦେଖାଯାଉଛି । ଆମେରିକା ଏବଂ ଜାତିସଂଘକୁ ଅଣଦେଖା କରିବା ପାଇଁ ଚୀନ୍ ଏଭଳି କୁଟୀଳ ଖେଳ ଖେଳିଥିବା କୁହାଯାଉଛି । କାରଣ ଆଇଓଏମଇଡି କାର୍ଯ୍ୟକ୍ରମରେ ୮୫ ଦେଶ ଏବଂ ପ୍ରାୟ ୨୦ ଅନ୍ତର୍ଜାତୀୟ ସଂଗଠନର ୪୦୦ ବଡ଼ ଅଧିକାରୀ ସାମିଲ ହୋଇଥିଲେ । ଏଗୁଡିକ ମଧ୍ୟରୁ ୩୩ ଦେଶ ତୁରନ୍ତ ସ୍ୱାକ୍ଷର କରି ଆଇଓଏମଇଡିର ପ୍ରତିଷ୍ଠାତା ସଦସ୍ୟ ହୋଇଛନ୍ତି । ଚୀନ୍‌ର ସରକାରୀ ଗଣମାଧ୍ୟମ ଗ୍ଲୋବାଲ ଟାଇମ୍ସ ଏହାକୁ ମଧ୍ୟସ୍ଥତା ମାଧ୍ୟମରେ ଅନ୍ତର୍ଜାତୀୟ ବିବାଦର ସମାଧାନ କରୁଥିବା ବିଶ୍ୱର ପ୍ରଥମ ‘ଆନ୍ତଃ ସରକାରୀ ଆଇନଗତ ସଂଗଠନ’ କହିଛି । ତେବେ ଆମେରିକା ଏହାକୁ ତୀବ୍ର ବିରୋଧ କରିଛି । ଏସିଆର ସନ୍ତୁଳନ ବିଗାଡିବାକୁ ଚୀନ୍ ପ୍ରୟାସ କରୁଛି ବୋଲି ଆମେରିକା ଅଭିଯୋଗ କରିଛି ।

ହଂକଂରେ ଆୟୋଜିତ ଏକ ଉଚ୍ଚସ୍ତରୀୟ କାର୍ଯ୍ୟକ୍ରମରେ ଚୀନ୍ ବିଦେଶମନ୍ତ୍ରୀ ୱାଙ୍ଗ ୟି ଆଇଓଏମଇଡିର ପ୍ରତିଷ୍ଠାକୁ ଔପଚାରିକ





ଭାବେ ଉଦ୍‌ଘାଟନ କରିଥିଲେ । ଇଣ୍ଡୋନେସିଆ, ପାକିସ୍ତାନ, ବେଲାରୁଷ, କ୍ୟୁବା ଏବଂ କମ୍ବୋଡିଆ ସହିତ ୩୩ ଦେଶର ଏହାର ପ୍ରତିଷ୍ଠାତା ସଦସ୍ୟ ହୋଇଥିଲେ । ଏହି ସଂଗଠନର ମୁଖ୍ୟାଳୟ ହଂକଂରେ ରହିବ । ଚୀନ୍ ବୈଦେଶିକ ମନ୍ତ୍ରୀ ୱାଙ୍ଗ ୟି କହିଛନ୍ତି ଯେ ବିବାଦର ସମାଧାନ କିପରି ଶାନ୍ତିପୂର୍ଣ୍ଣ ଭାବରେ କରାଯାଇପାରିବ ହଂକଂ ତାହାର ଉଦାହରଣ । ଚୀନ୍ ଯୁଦ୍ଧ ଦ୍ୱାରା ନୁହେଁ, ଆଲୋଚନା ଏବଂ ବୁଝାମଣା ମାଧ୍ୟମରେ ବିଶ୍ୱର ସମସ୍ୟାର ସମାଧାନ କରିବାକୁ ଚାହୁଁଛି । ‘ତୁମେ ହାରିବ, ମୁଁ ଜିତିବି’ ଚିନ୍ତାଧାରାକୁ ଏହା ଛାଡିବାରେ ସାହାଯ୍ୟ କରିବ । ଦେଶ ଏବଂ ଅନ୍ୟ ଦେଶର ନାଗରିକଙ୍କ ମଧ୍ୟରେ କିମ୍ବା ଅନ୍ତର୍ଜାତୀୟ ବ୍ୟବସାୟିକ ସଂଗଠନ ମଧ୍ୟରେ ବିବାଦର ସମାଧାନ କରିବା ଏହାର ଉଦ୍ଦେଶ୍ୟ । କେବଳ ମଧ୍ୟସ୍ଥତା ମାଧ୍ୟମରେ ଅନ୍ତର୍ଜାତୀୟ ବିବାଦର ସମାଧାନ ପାଇଁ ଏହାକୁ ଗଠନ କରାଯାଇଛି । ସେହିପରି ହଂକଂ ସରକାରର ମୁଖ୍ୟ ଜନ୍ ଲି କହିଛନ୍ତି ଯେ ଶୀଘ୍ର ଏବଂ ଭରସାଯୋଗ୍ୟ ସମାଧାନ ଦେବା ପାଇଁ ତାଙ୍କ ସରକାର ଆଇଓଏମଇଡିକୁ ସବୁ ପ୍ରକାରର ସମର୍ଥନ କରିବ ।

ଅନ୍ୟପକ୍ଷରେ ଆମେରିକା ଚୀନ୍‌ର ଏଭଳି ପଦକ୍ଷେପକୁ ନେଇ ଚିନ୍ତିତ ହୋଇପଡ଼ିଛି । ଏହି ଦେଶ ଏସିଆରେ କ୍ଷମତାର ସନ୍ତୁଳନ ବିଗାଡିବାକୁ ପ୍ରୟାସ କରୁଛି ବୋଲି ପ୍ରତିରକ୍ଷାମନ୍ତ୍ରୀ ପିଟ୍ ହେଗ୍‌ସେଥ୍ କହିଛନ୍ତି । ସେ ସିଙ୍ଗାପୁରରେ ଜାରି ସାଙ୍ଗରି-ଲା ଡାଏଲଗରେ ଏହି ମନ୍ତବ୍ୟ ଦେଇଛନ୍ତି । ସେ କହିଛନ୍ତି ଯେ ଚୀନ୍ ୨୦୨୭ ସୁଦ୍ଧା ତାଇୱାନ ଉପରେ ଆକ୍ରମଣ କରିପାରେ । ଚୀନ୍ ଯଦି ଜବରଦସ୍ତି ତାଇୱାନକୁ କବ୍‌ଜା କରେ ତେବେ ଭାରତ-ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ର ଏବଂ ସମ୍ପୂର୍ଣ୍ଣ ବିଶ୍ୱ ଉପରେ ଏହାର ଅତ୍ୟନ୍ତ ଖରାପ ପ୍ରଭାବ ପଡ଼ିବ । ସେ ଚୀନ୍ ଉପରେ ଗୁରୁତର ଅଭିଯୋଗ ଲଗାଇଛନ୍ତି । ଚୀନ୍ ପଡୋଶୀଙ୍କୁ ଭୟଭୀତ କରିବାରେ ଲାଗିଛି । ପଡୋଶୀ ରାଷ୍ଟ୍ର ଉପରେ ସାଇବର ଆକ୍ରମଣ ଏବଂ ଦକ୍ଷିଣ ଚୀନ୍ ସାଗରକୁ ବେଆଇନ ଭାବେ କବ୍‌ଜା କରୁଛି । ତାଇୱାନ ଚାରିପାଖରେ କ୍ରମାଗତ ଭାବେ ଯୁଦ୍ଧାଭ୍ୟାସ ମଧ କରୁଛି । ଏଥିରୁ ଚୀନ୍ କୌଣସି ବଡ଼ ଆକ୍ରମଣ ପାଇଁ ପ୍ରସ୍ତୁତି କରୁଥିବା ମନେ ହେଉଛି । ଚୀନ୍ ଠାରୁ ବିପଦ ବାସ୍ତବ ଏବଂ ଏହା ଯେକୌଣସି ସମୟରେ ସାମ୍ନାକୁ ଆସିପାରେ । ହେଗସେଥ୍ ଦାବି କରିଛନ୍ତି ଯେ ଚୀନ୍‌ର ଲକ୍ଷ୍ୟ ୨୦୭ ସୁଦ୍ଧା ତାଇୱାନକୁ କବ୍‌ଜା କରିବା । କିନ୍ତୁ ଏପରି ହେବାକୁ ଦେବୁନାହିଁ । ଆମେରିକା ଏବଂ ଏହାର ସହଯୋଗୀମାନେ ମିଳିତ ଭାବରେ ଚୀନ୍‌ର ଆକ୍ରମଣର

- ଅନ୍ତର୍ଜାତୀୟ ବିବାଦର ସମାଧାନ ଲାଗି ଗଢ଼ିଲା ନୂଆ ସଂସ୍ଥା
- ସଦସ୍ୟ ହେଲେ ପାକିସ୍ତାନ ସମେତ ୩୩ ଦେଶ
- ତୀବ୍ର ବିରୋଧ କଲା ଆମେରିକା
- ଏସିଆର ସନ୍ତୁଳନ ବିଗାଡିବାକୁ ପ୍ରୟାସ କରୁଛି ଚୀନ୍
- ୨୦୨୭ ସୁଦ୍ଧା ଚୀନ୍ ତାଇୱାନ ଉପରେ ଆକ୍ରମଣ କରିପାରେ

ମୁକାବିଲା କରିବେ । ଡୋନାଲ୍ଡ ଟ୍ରମ୍ପ୍ ପ୍ରଶାସନ ଚୀନ୍‌କୁ ରୋକିବା ପାଇଁ ବାଣିଜ୍ୟ ଏବଂ ପ୍ରତିରକ୍ଷା ଉଭୟ ମୋର୍ଚ୍ଚାରେ କାମ କରୁଛି । ଆମେରିକା ଏହି ଅଞ୍ଚଳରେ ଶାନ୍ତି, ସ୍ଥିରତା ଏବଂ ସୁରକ୍ଷା ଚାହୁଁଛି । ଆମେରିକା ଏହାର ଭାରତ-ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ରର ସହଯୋଗୀଙ୍କ ସହିତ ଘନିଷ୍ଠ ଭାବରେ କାର୍ଯ୍ୟ କରୁଛି । ଏହି ରାଷ୍ଟ୍ରଙ୍କ ସହାୟତାରେ ଆମେରିକା ଏହି ଅଞ୍ଚଳକୁ ଅଧିକ ଧ୍ୟାନ ଦେବ । ଆମେରିକା ଏବଂ ଏହାର ସହଯୋଗୀଙ୍କ ସୁରକ୍ଷା ଓ କଲ୍ୟାଣ ପରସ୍ପର ସହିତ ଜଡିତ । ଟ୍ରମ୍ପ ୟୁରୋପୀୟ ଦେଶଗୁଡ଼ିକୁ ନିଜ ସୁରକ୍ଷା ଦାୟିତ୍ୱ ନିଜେ ନିଅନ୍ତୁ ବୋଲି କହିଛନ୍ତି । ଏପରି କରି ଆମେରିକା ଭାରତ-ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ରରେ ଅଧିକ ସମ୍ବଳ ବିନିଯୋଗ କରିବ । ଏହି ସମ୍ମିଳନୀକୁ ଉଦ୍‌ଘାଟନ କରି ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରନ ଚୀନ୍ ଏବଂ ରୁଷ୍‌କୁ ତୀବ୍ର ସମାଲୋଚନା କରିଥିଲେ । କିଛି ଦେଶ ଜୋର ଜବରଦସ୍ତି ଆଧିପତ୍ୟ ବିସ୍ତାର କରିବାକୁ ଚାହୁଁଛନ୍ତି ବୋଲି କହିଥିଲେ ।

■ କାୟା ମେଲାଉଛି କରୋନା

## କଟକ ଓ ଭୁବନେଶ୍ୱରରେ ୭ ସଂକ୍ରମିତ ଚିହ୍ନଟ

**ଭୁବନେଶ୍ୱର,୩୧।୫(ସମିସ):** ରାଜ୍ୟରେ କାୟା ମେଲାଉଛି କରୋନା। ଦିନେ ଦୁଇ ଦିନ ବ୍ୟବଧାନ ପରେ ବଢ଼ିବାରେ ଲାଗିଛି ଆକ୍ରାନ୍ତଙ୍କ ସଂଖ୍ୟା। ଭୁବନେଶ୍ୱର-କଟକର ବିଭିନ୍ନ ଅଞ୍ଚଳରେ ଏବେ ସୁଦ୍ଧା ୭ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ତେବେ କଟକରୁ ଚିହ୍ନଟ ହୋଇଥିବା ଦୁଇ ଜଣ ଆକ୍ରାନ୍ତଙ୍କ ଟ୍ରାଭେଲ୍ ହିଷ୍ଟ୍ରି ଜଣା ପଡୁ ନ ଥିବାରୁ ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ପାଇବାର ଆଶଙ୍କା ସୃଷ୍ଟି ହୋଇଛି। ଅପରପକ୍ଷରେ ବର୍ତ୍ତମାନ ଚିହ୍ନଟ ହେଉଥିବା ଭେରିଏଣ୍ଟ୍‌କୁ ନେଇ ବିଶେଷ ଭୟଭୀତ ହେବାର କାରଣ ନାହିଁ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।



**ଭୟଭୀତ ନ ହେବାକୁ ସ୍ୱାସ୍ଥ୍ୟ ସଚିବଙ୍କ ପରାମର୍ଶ**

ସ୍ୱାସ୍ଥ୍ୟ ସଚିବ ଏସ୍. ଅଶ୍ୱଥୀ କହିଛନ୍ତି ଯେ ଏବେ ମୌସୁମୀ ଆସିଛି, ତେଣୁ ସମସ୍ତେ ନିଜ ସ୍ୱାସ୍ଥ୍ୟର ଯତ୍ନ ନିଅନ୍ତୁ। ଯେତିକି ରୋଗୀ ଚିହ୍ନଟ ହେଉଛନ୍ତି, ସେମାଙ୍କର ଚିକିତ୍ସା ମଧ୍ୟ ଚାଲିଛି। ସେମାନେ ସୁସ୍ଥ ହେଉଛନ୍ତି। କୋଭିଡ ସ୍ଥିତି ଉପରେ ସମ୍ପୂର୍ଣ୍ଣ ନିୟନ୍ତ୍ରଣ ରହିଛି। ସେହିପରି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ନୀଳକଣ୍ଠ ମିଶ୍ର କହିଛନ୍ତି, ବର୍ତ୍ତମାନ ସୁଦ୍ଧା ଚିହ୍ନଟ ହୋଇଥିବା ରୋଗୀମାନେ ସ୍ୱାସ୍ଥ୍ୟ ବିଭାଗ ନଜର୍‌ରେ ଅଛନ୍ତି। ତେଣୁ ଭୟଭୀତ ହେବାର କାରଣ ନାହିଁ ବୋଲି ଉଲ୍ଲେଖ କରି ସ୍ୱାସ୍ଥ୍ୟ ବିଭାଗର ନିର୍ଦ୍ଦେଶାବଳୀ ମାନିବାକୁ ଜନସାଧାରଣଙ୍କୁ ସେ ପରାମର୍ଶ ଦେଇଛନ୍ତି।

କଟକରେ ମଧ୍ୟ ଗତକାଲି ଦୁଇ ଜଣ ବ୍ୟକ୍ତି କରୋନାରେ ସଂକ୍ରମିତ ହୋଇଥିବା ଜଣାପଡ଼ିଥିଲା। କଟକ ସିଡିଏମଓ ପ୍ରଶାନ୍ତ ହୋତାଙ୍କ ସୂଚନା ମୁତାବକ ପ୍ରଥମ ଆକ୍ରାନ୍ତ ହେଉଛନ୍ତି ୪୪ ବର୍ଷୀୟ ବ୍ୟକ୍ତି। ତାଙ୍କର କୌଣସି ଟ୍ରାଭେଲ୍ ହିଷ୍ଟ୍ରି ନ ଥିବା ବେଳେ ଥଣ୍ଡା ଓ ଜ୍ୱରରେ ଆକ୍ରାନ୍ତ ହେବା ପରେ ଉକ୍ତ ବ୍ୟକ୍ତି ଜଣଙ୍କ କୋଭିଡ୍ ଟେଷ୍ଟ କରାଇଥିଲେ। ତେବେ ଟେଷ୍ଟ କରିଲା ପରେ କୋଭିଡ ପଜିଟିଭ ଥିବା ଜାଣିବାକୁ ମିଳିଥିଲା। ସଂପୃକ୍ତ ଆକ୍ରାନ୍ତ ଏବେ ନିଜ ଗୃହରେ ସଂଗରୋଧ ହୋଇ ରହିଛନ୍ତି।

## ଓଡ଼ିଶାରେ ୩୦ ପ୍ରତିଶତ ପିସି ସରକାର: କଂଗ୍ରେସ

**ଭୁବନେଶ୍ୱର,୩୧।୫(ସମିସ):** ଓଡ଼ିଶାରେ ୩୦ ପ୍ରତିଶତ ପିସି ସରକାର ଚାଲିଛି। ଓଡ଼ିଆଙ୍କୁ ଶୋଷଣ ଓ ଓଡ଼ିଶାକୁ ଲୁଟ୍ କରିବା ବର୍ତ୍ତମାନ ରାଜ୍ୟ ସରକାରଙ୍କର ଏକମାତ୍ର କାମ ହୋଇଛି ବୋଲି ସାଂଘାତିକ ଅଭିଯୋଗ କରିଛି କଂଗ୍ରେସ।

ଶନିବାର ରାଜ୍ୟ କଂଗ୍ରେସ ପକ୍ଷରୁ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ପିସିସି ଉପସଭାପତି ତଥା ପୂର୍ବତନ ବିଧାୟକ ଡ. ଦେବାଶିଷ ପଟ୍ଟନାୟକ ସରକାରଙ୍କ ଉପରେ ପ୍ରବଳ ବର୍ଷିଛନ୍ତି। ସେ କହିଛନ୍ତି ଯେ ବିଜେପି ସରକାରକୁ ବର୍ଷେ ହେବାକୁ ଆଉ ୧୨ଦିନ ବାକିଅଛି। ସରକାରର ପ୍ରଥମ ବର୍ଷରେ ଉଭୟ ମନ୍ତ୍ରୀ, ଯନ୍ତ୍ରୀ, ସଚିବ ଓ ବାବୁମାନେ ଖୁଲମଖୁଲା ଦୁର୍ନୀତି କରିବାରେ ଲାଗିପଡ଼ିଛନ୍ତି। ଏହାର ସଦ୍ୟତମ ଉଦାହରଣ ହେଉଛି ଏହି ଗ୍ରାମ୍ୟ ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟଯନ୍ତ୍ରୀ ବୈକୁଣ୍ଠ ନାଥ ଷଡ଼ଙ୍ଗୀ। ଧରା ପଡ଼ିଥିବା ମୁଖ୍ୟଯନ୍ତ୍ରୀ କେବଳ ଏକ ଉଦାହରଣ, ରାଜ୍ୟର ସବୁ ସରକାରୀ ଅଫିସ ଏବେ ବଟି ଆଦାୟର କେନ୍ଦ୍ରସ୍ଥଳ ପାଲଟିଛି ଓ ୩୦% ପିସି ନ ଦେଲେ କୌଣସି



■ ଓଡ଼ିଆଙ୍କୁ ଶୋଷଣ, ଓଡ଼ିଶାକୁ ଲୁଟ ଏବେ ସରକାରଙ୍କ ଏକମାତ୍ର କାମ
■ ଗ୍ରାମ୍ୟ ଉନ୍ନୟନ ବିଭାଗର କୁବେର ଅତିରିକ୍ତ ମୁଖ୍ୟଯନ୍ତ୍ରୀଙ୍କ ପଛରେ କିଏ

କାମ ହେଉନାହିଁ ବୋଲି ସେ ଅଭିଯୋଗ କରିଛନ୍ତି।

ସେ କହିଛନ୍ତି ଯେଦୁଇଦିନ ତଳେ ଭିଜିଲାନ୍ସ ଆୟବର୍ହିଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଗ୍ରାମ୍ୟ ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟଯନ୍ତ୍ରୀ ବୈକୁଣ୍ଠ ନାଥ ଷଡ଼ଙ୍ଗୀଙ୍କୁ ଗିରଫ କରିବା ସହିତ ତାଙ୍କ ଘରୁ ୨କୋଟି ୫୭ ଲକ୍ଷ ୨୯ ହଜାରରୁ ଅଧିକ ଟଙ୍କା ସହିତ ୧୫ କୋଟି ଟଙ୍କାର ସମ୍ପତ୍ତି ଜବତ କରିଛି। ରାଜ୍ୟରେ ଦୁର୍ନୀତିମୁକ୍ତ ସରକାର ଗଠନ ପ୍ରତିଶ୍ରୁତି ଦେଇ ସରକାକୁ ଆସିଥିବା ବିଜେପି ଏବେ ଓଡ଼ିଶାକୁ ଲୁଟ୍ କରିବାରେ ଲାଗି ପଡ଼ିଛି। ସରକାରୀ ଅଧିକାରୀ ଓ ମନ୍ତ୍ରୀ ବହୁ ମାତ୍ରାରେ ଦୁର୍ନୀତିରେ ଲିପ୍ତ ରହୁଛନ୍ତି। ୧୨ ମାସର ସରକାର ରହିଲା ପରେ ମଧ୍ୟ ଏହି ବ୍ୟକ୍ତି ଏତେ ଦୁର୍ନୀତିଖୋର ହୋଇଥିଲେ ମଧ୍ୟ କାଣିଚାଏ ଖବର ମନ୍ତ୍ରୀ ଓ ସଚିବଙ୍କ ପାଖରେ କିପରି ପହଞ୍ଚିଲା ନାହିଁ ବୋଲି ଶ୍ରୀ ପଟ୍ଟନାୟକ ପ୍ରଶ୍ନ କରିଛନ୍ତି।

କଂଗ୍ରେସ ନେତା ତଥା ପୂର୍ବତନ ମୁଖପାତ୍ର ରଜନୀ ମହାନ୍ତି କହିଛନ୍ତି ଯେ ବର୍ଷ ବର୍ଷ ଧରି ଦୁର୍ନୀତି କରୁଥିବା ଅଧିକାରୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ନୂଆ ସରକାର ପ୍ରଥମ ଦିନରୁ ରାଜ୍ୟବାସୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ଏବେ ଦୁର୍ନୀତିଗ୍ରସ୍ତ ଅଫିସର ଓ ସରକାରଙ୍କ ମନ୍ତ୍ରୀମାନଙ୍କ ମଧ୍ୟରେ ମଧୁଚନ୍ଦ୍ରିକା ଚାଲିଛି। ସେମାନଙ୍କ ପାଖରୁ ମୋଟା ଅଙ୍କର ପାର୍ଟି ଦଳ ପାଇଁ ସଂଗ୍ରହ କରିବା ପାଇଁ ସଲାସୁତୁରା ହୋଇଛି। ଏ ସରକାର ଦୁର୍ନୀତି କରୁଥିବା ବ୍ୟକ୍ତିମାନଙ୍କୁ ନିଜ ବେକରେ ମାଳା କରି ପିନ୍ଧୁଛନ୍ତି। ରାଜ୍ୟକୁ ଦୁର୍ନୀତିମୁକ୍ତ କରିବା ଏମାନଙ୍କ ଏଜେଣ୍ଡାରେ ନାହିଁ ବୋଲି ସେ କହିଛନ୍ତି।

■ ଆୟଠାରୁ କଳାଧନ ୪୮୩ ପ୍ରତିଶତ ଅଧିକ

## ଜେଲ ଗଲେ ଗ୍ରାମ୍ୟ ଉନ୍ନୟନ ବିଭାଗ ମୁଖ୍ୟଯନ୍ତ୍ରୀ

**ଭୁବନେଶ୍ୱର,୩୧।୫(ସମିସ):** ଆୟଠାରୁ ୪୮୩ ପ୍ରତିଶତ କଳାଧନ ଅର୍ଜନ କରିବା ଓ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଗ୍ରାମ୍ୟ ଉନ୍ନୟନ ବିଭାଗର ମୁଖ୍ୟ ଯନ୍ତ୍ରୀ ବୈକୁଣ୍ଠ ନାଥ ଷଡ଼ଙ୍ଗୀଙ୍କୁ ଗିରଫ କରି ଜେଲ ପଠାଇଛି ଭିଜିଲାନ୍ସ। ଏହା ସହ କଳାଧନ ଅର୍ଜନରେ ସହଯୋଗ କରିଥିବା ତାଙ୍କ ପତ୍ନୀଙ୍କ ନାମରେ ମଧ୍ୟ ଏକ ମାମଲା ରୁଜୁ କରାଯାଇଛି। କୋର୍ଟ ବୈକୁଣ୍ଠଙ୍କ ଜାମିନ ଆବେଦନ ନାମଞ୍ଜୁର କରିବାରୁ ତାଙ୍କୁ ୧୪ ଦିନିଆ ବିଚାର ବିଭାଗୀୟ ହାଜକୁ ପଠାଇ ଦିଆଯାଇଛି। ଗତକାଲି ଚଢଉ ସମୟରେ ତାଙ୍କ ଘରୁ ସମୁଦାୟ ୨.୫୬କୋଟିର ନଗଦ ଟଙ୍କା ଠାବ କରାଯାଇଥିଲା। ଅନୁଗୁଳସ୍ଥିତ କାରଡ଼ାଗାଡ଼ିଆ ଘରୁ ନଗଦ ୧କୋଟି ୩୪ଲକ୍ଷ ୩୪ ହଜାର ଟଙ୍କା ଓ ଡୁମୁଡୁମା ଫ୍ଲାଟରୁ ୧କୋଟି ୨୧ଲକ୍ଷ ୯୫ ହଜାର ଟଙ୍କା ଜବତ ହୋଇଥିଲା। ସେହିପରି କାରଡ଼ାଗାଡ଼ିଆ ଓ ଅନୁଗୁଳ ମାଟିଆସାହିରେ ଅନ୍ୟ ଦୁଇଟି ଦୁଇ ମହଲା କୋଠା, ଡୁମୁଡୁମାରେ ଓ ପିପିଲିରେ ଦୁଇଟି ଫ୍ଲାଟ, ଭୁବନେଶ୍ୱର ଓ ଅନୁଗୁଳରେ ୭ଟି ଦାମୀ ପ୍ଲଟ, ଘରୁ ୧.୧କେଜିର ସୁନା ଗହଣା, ସେୟାର ମାର୍ଗେଟରେ ୨.୭ କୋଟି ଟଙ୍କା ଓ ବ୍ୟାଙ୍କରେ ପ୍ରାୟ ଜମା ଦେଢ଼ କୋଟି ଟଙ୍କା ଭିଜିଲାନ୍ସ ଠାବ କରିଥିଲା। ଏହାବ୍ୟତୀତ ୧୫ ଲକ୍ଷରୁ ଊର୍ଦ୍ଧ୍ୱ ଆସବାବପତ୍ର, ଦୁଇଚକିଆ ଓ ଚାରଚକିଆ ଯାନ ମଧ୍ୟ ଭିଜିଲାନ୍ସ ଜବତ କରିଥିଲା।

**ମୁଖ୍ୟ ଯନ୍ତ୍ରୀଙ୍କ ପତ୍ନୀଙ୍କ ନାମରେ ମଧ୍ୟ ମାମଲା ରୁଜୁ**

**ଦାଦନ ଯନ୍ତ୍ରଣା**

## ପ୍ରୟାଗରାଜରେ ଓଡ଼ିଆ ଶ୍ରମିକଙ୍କୁ ହତ୍ୟା

**ନୂଆପଡ଼ା, ୩୧।୫ (ସମିସ):** ନୂଆପଡ଼ା ଜିଲ୍ଲାର ଜଣେ ଦାଦନ ଶ୍ରମିକଙ୍କୁ ପ୍ରୟାଗରାଜରେ ହତ୍ୟା କରାଯାଇଛି। ମୃତକ ହେଲେ, ନୂଆପଡ଼ା ସଦରଥାନା ଅନ୍ତର୍ଗତ ସାରାବଙ୍ଗ ଗାଁର ଭୋକ ସିଂ ରାଉତ(୩୨)। ସେ ସେଠାରେ ଏକ ଇଟଭାଟିରେ କାମ କରୁଥିଲେ। ଦୁର୍ବୃତ୍ତମାନେ ତାଙ୍କୁ ଇଟାଭାଟିରେ ହତ୍ୟା କରିବା ପରେ ଶବକୁ ରେଳଲାଇନ୍ ଫିଙ୍ଗି ଦେଇଛନ୍ତି। ଏହି ଘଟଣାରେ ପ୍ରୟାଗରାଜ ପୁଲିସ୍ ଶବକୁ ବ୍ୟବଚ୍ଛେଦ କରାଇ ପରିବାରଲୋକଙ୍କୁ ହସ୍ତାନ୍ତର କରିବା ସହ ଭୋକସିଂଙ୍କ ସ୍ତ୍ରୀ ସମେତ ୩ ଜଣଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି। ଅପରପକ୍ଷେ, ପରିବାରଲୋକ ଆଜି ସେଠାରେ ଭୋକସିଂଙ୍କ ଅନ୍ତିମ ସଂସ୍କାର କରିଛନ୍ତି।



ମ୍ରିୟମାଣ ପରିବାର

ସୂଚନାନୁଯାୟୀ, ସାରାବଙ୍ଗ ଗାଁର ଚୈନ ସିଂ ରାଉତଙ୍କ ପୁଅ ଭୋକସିଂ ତାଙ୍କ ସ୍ତ୍ରୀ ନନ୍ଦିନୀଙ୍କ ସହ ମିଶି ଗତବର୍ଷ ଅକ୍ଟୋବରରେ ଜଗତ ଗୁପ୍ତା ନାମକ ଦଲାଲଙ୍କ ଜରିଆରେ ଉତ୍ତରପ୍ରଦେଶର ପ୍ରୟାଗରାଜକୁ ଦାଦନ ଖଟିବାକୁ ଯାଇଥିଲେ। ସେଠାରେ ଖଟୋଲୀ ଗାଁସ୍ଥିତ ଜଣେ ଇଟାଭାଟି ସର୍ଦ୍ଦାରଙ୍କ ନିକଟରେ ଇଟାଗଢ଼ା କାମରେ ନିୟୋଜିତ ଥିଲେ। ଗରମ ଯୋଗୁଁ ଗୁରୁବାର ରାତିରେ ସେ କୁଡ଼ିଆ ବାହାରେ ଶୋଇଥିଲେ। ଏହି ସମୟରେ କିଛି ଦୁର୍ବୃତ୍ତ ତାଙ୍କୁ ଅତି ନିର୍ମମ ଭାବେ ହତ୍ୟା କରିବା ପରେ ରେଳ ଲାଇନ୍ କଡ଼ରେ ଫିଙ୍ଗି ଦେଇଥିଲେ। ଭୋକସିଂ ଶୋଇଥିବା ଜାଗାରେ ରକ୍ତ ପଡ଼ିଥିବା ବେଳେ ମଶାରୀରେ ମଧ୍ୟ ରକ୍ତଛିଟା ଲାଗିଥିଲା।

**ଶୋଇଥିବା ବେଳେ ହତ୍ୟା କରି ରେଳଧାରଣାରେ ଫିଙ୍ଗିଦେଲେ**

ଶୁକ୍ରବାର ସକାଳେ କିଛି ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ପୁଲିସ୍ ଶବକୁ ଜବତ କରିଥିଲା। ଖବର ପାଇ ସାରାବଙ୍ଗରୁ ସମ୍ପର୍କୀୟମାନେ ଟ୍ରେନ୍ ଯୋଗେ ସେଠାରେ ଯାଇ ପହଞ୍ଚିଥିଲେ। ପ୍ରୟାଗରାଜ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତକଙ୍କ ସ୍ତ୍ରୀ ସମେତ ୩ ଜଣଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି। ଅନ୍ୟପଟରେ ମୃତଦେହକୁ ପ୍ରୟାଗରାଜଠାରେ ଅନ୍ତିମ ସତ୍କାର କରାଯାଇଛି।

## ହତ୍ୟାକାରୀକୁ ୨୦ବର୍ଷ ଜେଲ୍

**ସମ୍ବଲପୁର, ୩୧।୫ (ସମିସ):** ସମ୍ବଲପୁର ଅତିରିକ୍ତ ଜିଲ୍ଲାଜଜ୍ ତଥା ସ୍ୱତନ୍ତ୍ର ପୋକ୍‌ସୋ ଅଦାଲତ ବିଚାରପତି ଅଭିଲାଷ ସେନାପତି ବୁର୍ଲା ଥାନା ଅଞ୍ଚଳରେ ୨୦୨୨ ମସିହାରେ ଘଟିଥିବା ଏକ ହତ୍ୟା ମାମଲାର ଶୁଣାଣି କରି ଅଭିଯୁକ୍ତ ସୂରଜ କିଷାନକୁ ଦୋଷୀ ସାବ୍ୟସ୍ତ କରିବା ସହ ୨୦ ବର୍ଷ ଜେଲ୍ ଓ ୫୦ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ ହେଲେ ଦୋଷୀକୁ ଅଧିକ ୧ବର୍ଷ ଜେଲଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ରାୟରେ ଉଲ୍ଲେଖ ରହିଛି।

ସୂଚନାନୁଯାୟୀ, ୨୦୨୨ ଜୁଲାଇ ୩୦ ରାତିରେ ବୁର୍ଲା ଥାନା ଅନ୍ତର୍ଗତ ଧୁଡ଼ିଆପଡ଼ାରେ ବିନୋଦ ଓରାମଙ୍କୁ ହତ୍ୟା କରାଯାଇଥିଲା। ସେଦିନ ବିନୋଦ ତା' ମା'ଙ୍କଠାରୁ ୫୦୦ ଟଙ୍କା ନେଇ ରାତି ପ୍ରାୟ ୯ଟା ବେଳେ ବାହାରକୁ ଯାଇଥିଲେ। କୌଣସି କଥାକୁ କେନ୍ଦ୍ର କରି ସୂରଜ ଏକ ପଥରରେ ବିନୋଦଙ୍କ ମୁଣ୍ଡକୁ ଛେଚିଦେବାରୁ ସେ ଗୁରୁତର ହୋଇପଡ଼ିଥିଲେ। ପରିବାରଲୋକ ତାଙ୍କୁ ରକ୍ତଜୁଡୁବୁଡୁ ଅବସ୍ଥାରେ ଉଦ୍ଧାର କରି ବୁର୍ଲା ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ବିନୋଦଙ୍କ ଭାଇ ମନୋଜ ବୁର୍ଲା ଥାନାରେ ଅଭିଯୋଗ କରିବାରୁ ପୁଲିସ୍ ସୂରଜକୁ ଗିରଫ କରି କୋର୍ଟଚାଲାଣ କରିଥିଲା। ସରକାରୀ ଓକିଲ ସନ୍ତୋଷ କୁମାର ପଣ୍ଡା ମାମଲା ପରିଚାଳନା କରୁଥିଲେ।

**ନୟାଗଡ଼ରେ ଜଘନ୍ୟ ହତ୍ୟାକାଣ୍ଡ**

## ବନପାଳଙ୍କୁ ହତ୍ୟା କରି ପୋଡ଼ିଦେଲେ ପତ୍ନୀ, ପୁଅ

**ନୟାଗଡ଼, ୩୧।୫(ସମିସ):** ପରକୀୟା ପ୍ରୀତିକୁ ନେଇ ନୟାଗଡ଼ରେ ଅଭାବନୀୟ ପରିସ୍ଥିତି ଦେଖିବାକୁ ମିଳିଛି। ଜିଲ୍ଲାର ପଞ୍ଚରିଡ଼ା ବନାଞ୍ଚଳ ଅନ୍ତର୍ଗତ ପଞ୍ଚରିଡ଼ା ବନପାଳ ଶିଶିର କୁମାର ସାହୁଙ୍କୁ ତାଙ୍କ ପତ୍ନୀ ଓ ପୁଅ ପିଟିପିଟି ହତ୍ୟା କରିଥିବାର ଅଭିଯୋଗ ହୋଇଛି। ପ୍ରମାଣ ନଷ୍ଟ ପାଇଁ ତଥା ଏହାକୁ ଆତ୍ମହତ୍ୟା ରୂପ ଦେବାଲାଗି ସେମାନେ ପେଟ୍ରୋଲ ଢାଳି ନିଆଁ ଲଗାଇ ପୋଡ଼ିଦେଇଛନ୍ତି। ପୁଲିସ ଶିଶିରଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ଉଦ୍ଧାର କରିବା ସହିତ ତାଙ୍କର ପତ୍ନୀ ଓ ପୁଅଙ୍କୁ ଅଟକ ରଖିଛି। ଏହି ହତ୍ୟାକାଣ୍ଡ ସାରା ଜିଲ୍ଲାରେ ଆଲୋଡ଼ନ ସୃଷ୍ଟି କରିଛି।



ସୂଚନାନୁସାରେ, ଶୁକ୍ରବାର ପଞ୍ଚରିଡ଼ା ବନାଞ୍ଚଳ ଗୋଛା ସଂରକ୍ଷିତ ଜଙ୍ଗଲରେ ଶିକାରୀ ଗୁଳିରେ ଜଣେ ଆଦିବାସୀଙ୍କର ମୃତ୍ୟୁ ଘଟିଥିଲା। ଏହାର ଯାଞ୍ଚ କାର୍ଯ୍ୟରେ ବନପାଳ ଶିଶିର ଦିନତମାମ ବ୍ୟସ୍ତ ରହିବା ସହ ରାତି ୧୦ଟାରେ ଘରକୁ ଫେରିଥିଲେ। ଫେରିବା ସମୟରେ ସେ ମଦ୍ୟପାନ କରିଥିବା ତାଙ୍କ ବନ୍ଧୁ ଓ ସ୍ଥାନୀୟ ବାସିନ୍ଦା ଦେଖିଥିଲେ। ରାତି ୧୦ଟା ୩୦ରେ ସେ ପୁଣି ମଦ୍ୟପାନ କରିବାକୁ ଯାଇ ସେଠାରୁ ଫେରିବା ପରେ କୌଣସି କାରଣକୁ ନେଇ ସ୍ତ୍ରୀ ଓ ପୁଅଙ୍କ ସହ ତାଙ୍କର ବଚସା ହୋଇଥିଲା। ଏହାପରେ ସ୍ତ୍ରୀ ଓ ପୁଅ ତାଙ୍କୁ ଲୁହା ପାଇପ୍‌ରେ ଆକ୍ରମଣ କରିଥିଲେ। ଫଳରେ ରକ୍ତାକ୍ତ ହୋଇ ବନପାଳ ଶିଶିର ଅଚେତ ହୋଇପଡ଼ିଥିଲେ। ସେ ମରିଯାଇଥିବା ଭାବି ତାଙ୍କୁ ଟେକି ନେଇ ବେଡ୍ ଉପରେ ଶୁଆଇ ସ୍ତ୍ରୀ ଓ ପୁଅ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇଥିଲେ। ଏହା ସହିତ ପ୍ରମାଣ ନଷ୍ଟ ପାଇଁ ଘରର ଆସବାବପତ୍ର ଓ ଏକ ସ୍କୁଟି ଉପରେ ପେଟ୍ରୋଲ ପକାଇ ନିଆଁ ଲଗାଇ ଦେଇଥିଲେ। ନିଆଁ ଲାଗିଯାଇଥିବା ସ୍ତ୍ରୀ ନମିତା ବାହାନା କରିବା ପରେ ସ୍ଥାନୀୟ ଲୋକେ ଦମକଳ ଓ ପୁଲିସକୁ ଖବର ଦେଇଥିଲେ। ଅଗ୍ନିଶମ ବାହିନୀ କର୍ମଚାରୀ ନିଆଁକୁ ଆୟତ୍ତ କରିବା ବେଳକୁ ବନପାଳ ଶିଶିରଙ୍କ ମୃତ୍ୟୁ ହୋଇ ସାରିଥିଲା। ନିଆଁରେ ସ୍ତ୍ରୀ ନମିତା ମଧ୍ୟ ସାମାନ୍ୟ ଆହତ ହୋଇଥିଲେ।

■ ଘର ଭିତରୁ ଅର୍ଦ୍ଧଦଗ୍ଧ ମୃତଦେହ ଉଦ୍ଧାର
■ ପିଟିପିଟି ହତ୍ୟା କଲେ, ପ୍ରମାଣ ନଷ୍ଟ ପାଇଁ ନିଆଁ ଲଗାଇଦେଲେ
■ ପତ୍ନୀ ଓ ପୁଅଙ୍କୁ ଅଟକ ରଖିଛି ପୁଲିସ
■ ପରକୀୟା ପ୍ରୀତିରୁ ପାରିବାରିକ ଅଶାନ୍ତି

ସର୍ଟସର୍କିଟ୍‌ରୁ ନିଆଁ ଲାଗିଥିବା ସ୍ତ୍ରୀ ନମିତା ପ୍ରଥମେ କହିଥିଲେ। ପୁଲିସ ନମିତାଙ୍କୁ ଡାକ୍ତରଖାନା ପଠାଇବା ସହ ପୁଅକୁ ଅଟକ ରଖିଥିଲା। ପଚରାଉଚରା ପରେ ପୁଅ ସତ ମାନିଥିବା ପୁଲିସ ନିକଟରୁ ସୂଚନା ମିଳିଛି। ଶନିବାର ସକାଳୁ ପୁଲିସ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ଖୋଳତାଡ଼ ଆରମ୍ଭ କରିଥିଲା। ନୟାଗଡ଼ ଏସ୍‌ଡିପିଓ ଜ୍ୟୋତିରଞ୍ଜନ ସାମନ୍ତରାୟ ଏବଂ ଟାଉନ୍ ଥାନା ଅଧିକାରୀ ରଶ୍ମିରଞ୍ଜନ ସାହୁ ଘଟଣାର ତଦନ୍ତ କରୁଛନ୍ତି। ଶବ ଜବତ କରି ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ପାରିପାର୍ଶ୍ୱିକ ଅବସ୍ଥା ଏବଂ ତଦନ୍ତରୁ ଏହା ଯୋଜନାବଦ୍ଧ ହତ୍ୟାକାଣ୍ଡ ବୋଲି ସୂଚନା ମିଳିଛି।


କୁହାଯାଉଛି ଯେ ଶିଶିର ଦୀର୍ଘଦିନ ଧରି ଜଣେ ମହିଳା ବନରକ୍ଷୀଙ୍କ ସହ ପ୍ରେମ ସମ୍ପର୍କରେ ରହିଥିଲେ। ଯାହାକୁ ନେଇ ସେ ନିଜ ପରିବାରକୁ ଅଣଦେଖା କରୁଥିଲେ। ପୁଅ ଓ ସ୍ତ୍ରୀ ଏହି ପରକୀୟା ପ୍ରୀତିକୁ ବିରୋଧ କରିବାରୁ ଘରେ ଅଶାନ୍ତି ଲାଗିରହିଥିଲା। ତେବେ ଶୁକ୍ରବାର ଘଟିଥିବା ଗଣ୍ଡଗୋଳ ପୂରା ପରିବାରକୁ ଛାରଖାର୍ କରିଦେଇଛି। ଶିଶିରଙ୍କ ବଡ଼ଭାଇ ଶରତ ସାହୁଙ୍କ ଅଭିଯୋଗ ଆଧାରରେ ପୁଲିସ ହତ୍ୟା ମାମଲା ରୁଜୁ କରିବା ସହ ସ୍ତ୍ରୀ ଓ ପୁଅଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି।

## ଅଭୟାରଣ୍ୟ କୋର୍ ଏରିଆରେ ଯିବ ରିଂ ରୋଡ୍

### ଚିନ୍ତାବ୍ୟକ୍ତ ସହ ଆପତ୍ତି ଉଠାଇଲେ ପରିବେଶବିତ୍

**ଭୁବନେଶ୍ୱର,୩୧।୫(ସମିସ):** କପିଳାସ ବନ୍ୟପ୍ରାଣୀ ଅଭୟାରଣ୍ୟର କୋର୍ ଏରିଆ ଦେଇ ଅତିକ୍ରମ କରିବାକୁ ଥିବା କ୍ୟାପିଟାଲ ରିଜିଓନ୍ ରିଙ୍ଗରୋଡ୍‌ର ସମ୍ପୃକ୍ତ ଷ୍ଟ୍ରେଚ୍‌କୁ ପରିବେଶ ମନ୍ତ୍ରାଳୟର ଅନୁମତି ମିଳିଛି। ପରିବେଶ ମନ୍ତ୍ରଣାଳୟ ବିଶେଷଜ୍ଞ ମୂଲ୍ୟାଙ୍କନ କମିଟି (ଇଏସି) ଏହି ୬ ଲେନ୍ ବିଶିଷ୍ଟ ରାସ୍ତାର ପ୍ରସ୍ତାବିତ ଅଂଶକୁ ଅନୁମତି ଦେଇଛି। ଏହି ରାସ୍ତାର ଗୋଟିଏ ଷ୍ଟ୍ରେଚ୍ ପ୍ରାୟ ୧ କିଲୋମିଟର ରାସ୍ତା ଗୋବିନ୍ଦପୁର-ଟାଙ୍ଗି କପିଳାସ ବନ୍ୟପ୍ରାଣୀ ଅଭୟାରଣ୍ୟର କୋର୍ ଏରିଆ ମଧ୍ୟ ଦେଇ ଅତିକ୍ରମ କରିବ। ପରିବେଶ ମନ୍ତ୍ରଣାଳୟର ଏହି ଅନୁମତି ପରେ ପରିବେଶବିତ୍‌ମାନେ ଚିନ୍ତାବ୍ୟକ୍ତ କରିବା ସହ ପ୍ରକଳ୍ପକୁ ନେଇ ଆପତ୍ତି ଉଠାଇଛନ୍ତି।

ଭାରତମାଳା ଯୋଜନା ଅଧୀନରେ ୧୧୧ କିଲୋମିଟର ବିଶିଷ୍ଟ ଏହି କ୍ୟାପିଟାଲ ରିଜିଓନ୍ ରିଙ୍ଗରୋଡ୍ ନିର୍ମାଣ ପାଇଁ ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ ପରିବେଶ ମଞ୍ଜୁରି ପାଇଁ ସୁପାରିସ କରିଥିଲା। ଏହି ପ୍ରକଳ୍ପଟି ଖୋର୍ଦ୍ଧାର ରାମେଶ୍ୱରରୁ କଟକର ଟାଙ୍ଗୀ ପର୍ଯ୍ୟନ୍ତ ସଂଯୋଗ କରିବ। ଏହା ଢେଙ୍କାନାଳର ଗୋବିନ୍ଦପୁର ଗ୍ରାମରୁ କଟକର ଟାଙ୍ଗି ନିକଟବର୍ତ୍ତୀ ବଦାଲୋ ଟୋଲ୍ ପ୍ଲାଜା ପର୍ଯ୍ୟନ୍ତ ମୋଟ ୪୦.୩୩ କିଲୋମିଟର ଲମ୍ବ ହେବ। ଏଥି ମଧ୍ୟରୁ ଅତି କମରେ ୧ କିଲୋମିଟର ରାସ୍ତା ଢେଙ୍କାନାଳର କପିଳାଶ ବନ୍ୟପ୍ରାଣୀ ଅଭୟାରଣ୍ୟ ଦେଇ ଯିବ। ଏଥିପାଇଁ ପ୍ରାୟ ୩୯ ହେକ୍ଟର ଜଙ୍ଗଲ ଜମିର କିସମ ପରିବର୍ତ୍ତନ ଆବଶ୍ୟକତା ରହିଛି। ତେବେ ଏହି ପ୍ରକଳ୍ପ ନିର୍ମାଣରେ ହାତୀମାନଙ୍କ ଯିବା ଆସିବା ପାଇଁ ପାଇଁ ୧.୭୫ କିଲୋମିଟର ଓ ୮୫୦ ମିଟର ଲମ୍ବ ବିଶିଷ୍ଟ ଦୁଇଟି ହାତୀ ଅଣ୍ଡରପାସ୍ ନିର୍ମାଣ କରିବାକୁ ପରାମର୍ଶ ଦିଆଯାଇଥିବା ଜଣାପଡ଼ିଛି। ଯାହାର ଉଚ୍ଚତା ୧୦ ମିଟର ରଖିବା ପାଇଁ କୁହାଯାଇଛି। ଦୀର୍ଘ ଦିନ ଧରି ପଡ଼ି ରହିଥିବା ୬,୭୫୩ କୋଟି ଟଙ୍କାର ପ୍ରକଳ୍ପକୁ ଦୁଇଟି ପ୍ୟାକେଜରେ କାମ କରାଯିବ। ପ୍ୟାକେଜ-୧ ରେ ପ୍ରାୟ ୪୦୨୬ କୋଟି ଟଙ୍କା ବିନିଯୋଗରେ ରାମେଶ୍ୱରରୁ ଗୋବିନ୍ଦପୁର ପର୍ଯ୍ୟନ୍ତ ୭୧ କିଲୋମିଟର ରାସ୍ତା ଅନ୍ତର୍ଭୁକ୍ତ ରହିଥିବା ବେଳେ ପ୍ୟାକେଜ-୨ ରେ ପ୍ରାୟ ୨୨୮୭ କୋଟି ଟଙ୍କା ବିନିଯୋଗରେ ଗୋବିନ୍ଦପୁରରୁ ଟାଙ୍ଗୀ ପର୍ଯ୍ୟନ୍ତ ୪୦ କିଲୋମିଟର ରାସ୍ତା ଅନ୍ତର୍ଭୁକ୍ତ ରହିଛି। ଏହି ୬ ଲେନ୍ ଏକ୍ସପ୍ରେସ ୱେ ଏନ୍‌ଏଚ୍-୧୬ ରେ ଯାନବାହାନଗୁଡ଼ିକୁ ଖୋର୍ଦ୍ଧା ସହର, ଭୁବନେଶ୍ୱର ଏବଂ କଟକ ସହର ରାସ୍ତାରେ ଭିଡ଼ ହ୍ରାସ କରି ବାଇପାସ୍ କରିବାକୁ ଯୋଜନା କରାଯାଇଛି। ସୂଚନା ଥାଉ କି ରାଜ୍ୟର ଏହି ବହୁ ପ୍ରତିକ୍ଷିତ କ୍ୟାପିଟାଲ ରିଜିଅନ୍ ରିଙ୍ଗ ରୋଡ୍ ପ୍ରକଳ୍ପ ବିଳମ୍ବିତ ହେତୁ ଗତ ଏପ୍ରିଲ୍ ମାସରେ ଏନ୍‌ଏଚ୍‌ଏଆଇ ଅଧ୍ୟକ୍ଷ ସନ୍ତୋଷ କୁମାର ଯାଦବ ଚିନ୍ତା ପ୍ରକଟ କରିବା ସହ ରାଜ୍ୟ ମୁଖ୍ୟଶାସନ ସଚିବ ମନୋଜ ଆହୁଜାଙ୍କ ହସ୍ତକ୍ଷେପ ଲୋଡ଼ିଥିଲେ। ଏହି ପ୍ରକଳ୍ପ ପାଇଁ ଶୀଘ୍ର ମଞ୍ଜୁରୀ ପ୍ରଦାନ ଦିଗରେ ପ୍ରକ୍ରିୟା ତ୍ୱରାନ୍ୱିତ କରିବାକୁ ବନ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେବାକୁ ସେ ଚିଠିରେ ଅନୁରୋଧ କରଥିଲେ।

## ଅନୁଗୋଳ ସ୍ୱୟଂଶାସିତ ମହାବିଦ୍ୟାଳୟ ସ୍ନାତକ ଓ ସ୍ନାତକୋତ୍ତର ପରୀକ୍ଷା ଫଳ ଉତ୍ସାହଜନକ

# ସ୍ନାତକରେ ୭୫.୨%, ସ୍ନାତକୋତ୍ତରରେ ୮୯% ସଫଳତା

ଅନୁଗୋଳ, ୩୧।୫(ସମିସ)




ଅନୁଗୋଳ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟର ସ୍ନାତକ ଓ ସ୍ନାତକୋତ୍ତର ପରୀକ୍ଷା ଫଳ-୨୦୨୫ ଶନିବାର ପ୍ରକାଶ ପାଇଛି। ପରୀକ୍ଷା ଫଳ ପୁସ୍ତିକାକୁ ଏକ ସ୍ୱତନ୍ତ୍ର ଉତ୍ସବରେ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ନୀଳାଚଳ ପଟେଲ ଉନ୍ମୋଚନ କରିଥିଲେ। ପରୀକ୍ଷା ନିୟନ୍ତ୍ରକ ଅଧ୍ୟାପକ ଅଭିମନ୍ୟୁ ଦାସ ସ୍ନାତକ ଓ ସ୍ନାତକୋତ୍ତର ପରୀକ୍ଷା ଫଳର ସବିଶେଷ ତଥ୍ୟ ଉପସ୍ଥାପନ କରିଥିଲେ। ଏକାଡେମିକ ଡିନ୍ ପ୍ରଫେସର ପିସି ରାଉତ ଚଳିତ ବର୍ଷ ପରୀକ୍ଷା ଫଳ ଅନ୍ୟାନ୍ୟ କଲେଜ ତୁଳନାରେ ଉତ୍ସାହଜନକ ବୋଲି କହିଥିଲେ। ବିଭିନ୍ନ ବିଭାଗର ସ୍ନାତକରେ ୭୩୮ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ। ସେଥିରୁ ୫୫୫ଜଣ କୃତକାର୍ଯ୍ୟ ହୋଇଛନ୍ତି। ପାସ ହାର ୭୫.୨ ପ୍ରତିଶତ ରହିଛି। ଚଳିତ ବର୍ଷ ଶ୍ରେଷ୍ଠ ସ୍ନାତକ ଭାବେ ବିଜ୍ଞାନ ବିଭାଗ ଛାତ୍ରୀ ମୋନାଲିସା ପଣ୍ଡା ଆଖ୍ୟା ଅର୍ଜନ କରିଛନ୍ତି। ସ୍ନାତକ କଳାରେ ପ୍ରଥମ ଶ୍ରେଣୀ ଅନର୍ସରେ ଦିବ୍ୟଜ୍ୟୋତି ନାୟକ, ବିଜ୍ଞାନରେ ମୋନାଲିସା ପଣ୍ଡା, ବାଣିଜ୍ୟରେ ସ୍ୱପ୍ନେଶ୍ୱର ସାହୁ ଏବଂ ସେଲ୍‌ଫ ଫାଇନାନ୍ସିଂ ବିବିଏରେ କମଲ ଓଝା ଟପ୍ପର ହୋଇଛନ୍ତି। କଳା ବିଭାଗ ସ୍ନାତକ ଅର୍ଥନୀତିରେ ଶୁଭମ ଚନ୍ଦ୍ର ପ୍ରଧାନ, ଶିକ୍ଷାରେ ଅନୁସୟା ପରିଡ଼ା, ଇଂରାଜୀରେ ଆକାଂକ୍ଷା ନାଏକ, ଭୂଗୋଳରେ ପ୍ରିୟଙ୍କା ପାତ୍ର, ଫିଲୋସଫିରେ ମାମା କିସ୍କୁ, ରାଜନୀତି ବିଜ୍ଞାନରେ ସ୍ୱପ୍ନିତା ବେହେରା, ସଂସ୍କୃତରେ ଅଙ୍କିତା ସାହୁ ଏବଂ ସୋସିଓଲୋଜିରେ ମୋନାଲିସା ତ୍ରିପାଠୀ ସର୍ବାଧିକ ନମ୍ବର ରଖିଛନ୍ତି। ସେହିଭଳି ବିଜ୍ଞାନ ବିଭାଗ ଉଦ୍ଭିଦ ବିଜ୍ଞାନରେ ଦୀପ୍ତିମୟୀ ସାହୁ, ରସାୟନ ବିଜ୍ଞାନରେ ତୁଷାର ବେହେରା, ଗଣିତରେ ଲକ୍ଷ୍ମୀପ୍ରିୟା ବେହେରା, ପଦାର୍ଥ ବିଜ୍ଞାନରେ ନରେଶ ଦେହୁରୀ, ଜୀବ ବିଜ୍ଞାନରେ ମୋନାଲିସା ପଣ୍ଡା, କମ୍ପ୍ୟୁଟର ବିଜ୍ଞାନରେ ବିଭୂତି ଭୂଷଣ ସାହୁ, ଭୂତତ୍ତ୍ୱ ବିଜ୍ଞାନରେ ଦୀପକ ପୃଷ୍ଟି ପ୍ରମୁଖ ଚଳିତ ବର୍ଷ ସ୍ନାତକ ପରୀକ୍ଷାରେ ଟପ୍ପର ହୋଇଛନ୍ତି। ବାଣିଜ୍ୟ ବିଭାଗରେ ସ୍ୱପ୍ନେଶ୍ୱର ସାହୁ ଟପ୍ପର ହୋଇଛନ୍ତି।

- ସ୍ନାତକୋତ୍ତର ୫ ବିଭାଗରେ ପରୀକ୍ଷା ଫଳ ଶତ ପ୍ରତିଶତ
- ସ୍ନାତକରେ ମୋନାଲିସା ପଣ୍ଡା ଶ୍ରେଷ୍ଠ
- କଲେଜ କର୍ପସ ଫଣ୍ଡକୁ ଅଧ୍ୟାପକଙ୍କ ୧ଲକ୍ଷ ଟଙ୍କା ଅନୁଦାନ, ଟପ୍ପରଙ୍କୁ ଦିଆଯିବ ମେଡାଲ

ସେହିଭଳି ସ୍ନାତକୋତ୍ତର ପରୀକ୍ଷା ଫଳ ମଧ୍ୟ ବେଶ୍ ଉତ୍ସାହଜନକ ହୋଇଛି। ବିଭିନ୍ନ ବିଭାଗର ୨୯୧ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ। ସେଥିରୁ ୨୫୯ ଜଣ କୃତିତ୍ୱ ହାସଲ କରିଛନ୍ତି। ପାସ ହାର ୮୯ ପ୍ରତିଶତ ରହିଛି। ସ୍ନାତକୋତ୍ତର କଳାରେ ତୋଷବନ୍ତ ଦାସ, ବିଜ୍ଞାନରେ ସୁଶୋଭିତ ସାହୁ, ବାଣିଜ୍ୟରେ ପ୍ରୀତିମଞ୍ଜରୀ ସ୍ୱାଇଁ ଏବଂ ସେଲ୍‌ଫ ଫାଇନାନ୍ସିଂ ମାଷ୍ଟର କମ୍ପ୍ୟୁଟର ବିଜ୍ଞାନରେ ମୋନାଲି ମଧୁମିତା ମହାନ୍ତି ସର୍ବାଧିକ ନମ୍ବର ରଖିଛନ୍ତି। ଇଂରାଜୀ, ଓଡ଼ିଆ, ଫିଲୋସଫି, କେମେଷ୍ଟ୍ରି ଏବଂ ଜୁଲୋଜି ବିଭାଗ ଛାତ୍ରଛାତ୍ରୀଙ୍କ ପାସ ହାର ଶତପ୍ରତିଶତ ହୋଇଛି। ରାଜନୀତି ବିଜ୍ଞାନରେ ମଧୁସ୍ମିତା ବାରିକ, ଅର୍ଥନୀତିରେ ପ୍ରିୟଙ୍କା ବେହେରା, ଓଡ଼ିଆରେ ତୋଷବନ୍ତ ବେହେରା, ଶିକ୍ଷାରେ ମୋନାଲିସା ସାହୁ, ଇଂରାଜୀରେ ପ୍ରିୟଙ୍କା ପ୍ରିୟଦର୍ଶିନୀ ମହାପାତ୍ର, ଇତିହାସରେ ବବିତା ସାହୁ, ସଂସ୍କୃତରେ ସୋନାଲି ସାହୁ, ସୋସିଓଲୋଜିରେ ପ୍ରଜ୍ଞାସ୍ମିତା ପ୍ରଧାନ, ଭୂଗୋଳରେ ମନୋଜ କୁମାର ବେହେରା, ଫିଲୋସଫିରେ ମଇନା ସାହୁ ଟପ୍ପର ହୋଇଛନ୍ତି। ବିଜ୍ଞାନ ବିଭାଗର ଫିଜିକ୍ସରେ ସୁଶୋଭିତ ସାହୁ, ଜୁଲୋଜିରେ ସଞ୍ଜନା ଆଚାର୍ଯ୍ୟ, ବଟନୀରେ ତନ୍ମୟ ଦେହୁରୀ, କେମେଷ୍ଟ୍ରିରେ ପ୍ରିୟଙ୍କା ସାମଲ, କମ୍ପ୍ୟୁଟର ସାଇନ୍ସରେ ମେନକା ପ୍ରଧାନ, ଗଣିତରେ ସ୍ନେହଲତା ସାହୁ ଟପ୍ପର ହୋଇଛନ୍ତି। ବାଣିଜ୍ୟରେ ପ୍ରୀତିମଞ୍ଜରୀ ସ୍ୱାଇଁ ଟପ୍ପର ହୋଇଛନ୍ତି। ସେଲ୍‌ଫ ଫାଇନାନ୍ସ ଏମବିଏରେ ସୁନିତା ଶର୍ମା, ଫାଇନାନ୍ସ ଆଣ୍ଡ କଣ୍ଟ୍ରୋଲରେ ପି ଉଷା ଜ୍ୟୋତି, କମ୍ପ୍ୟୁଟର ଆପ୍ଲିକେସନରେ ମୋନାଲି ମଧୁମିତା ମହାନ୍ତି ଟପ୍ପର ହୋଇଛନ୍ତି। ଇଣ୍ଟିଗ୍ରେଟେଡ୍ ଏମବିଏରେ ଜ୍ୟୋତି ସିଂହ ଟପ୍ପର ହୋଇଛନ୍ତି।

ସମସ୍ତ କୃତୀ ଛାତ୍ରଛାତ୍ରୀଙ୍କୁ ପୁଷ୍ପଗୁଚ୍ଛ ଓ ମେଡାଲ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ପରୀକ୍ଷା ଫଳ ପ୍ରକାଶନ ଉତ୍ସବରେ ମହାବିଦ୍ୟାଳୟ ଅଧ୍ୟାପକ ଡ. ମନୋରଞ୍ଜନ ମିଶ୍ର, ଡ. ସୁରେଶ ରାଜହଂସ, ଡ. ବସନ୍ତ କୁମାର ସାହୁ, ଡ. ନାରାୟଣ ନାୟକ, ଡ. ପ୍ରଫୁଲ୍ଲ ଚନ୍ଦ୍ର ରାଉତ, ବରଦା ପ୍ରିୟଦର୍ଶିନୀ, ବିଜୟିନୀ ମହାପାତ୍ର, ସୁଶାନ୍ତ ପ୍ରଧାନ, ପ୍ରଭାସ ଜେନା ପ୍ରମୁଖ ବିଭାଗୀୟ ମୁଖ୍ୟ ତଥା ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଯୋଗଦେଇଥିଲେ। ଏହି ଅବସରରେ ଇଂରାଜୀ ବିଭାଗର ବରିଷ୍ଠ ଅଧ୍ୟାପକ ଡ. ମନୋରଞ୍ଜନ ମିଶ୍ର ବଦାନ୍ୟତାର ହାତ ବଢ଼ାଇଛନ୍ତି। ଛାତ୍ରଛାତ୍ରୀଙ୍କୁ ଅଧିକ ଉତ୍ସାହିତ କରିବାକୁ କଲେଜ କର୍ପସ ପାଣ୍ଠିକୁ ସେ ୧ଲକ୍ଷ ଟଙ୍କା ସହାୟତା ପ୍ରଦାନ କରିଛନ୍ତି। ଅଧ୍ୟକ୍ଷଙ୍କୁ ଲକ୍ଷେ ଟଙ୍କାର ଚେକ୍ ପ୍ରଦାନ କରିଛନ୍ତି। ଏହି ରାଶିର ବାର୍ଷିକ ବ୍ୟାଙ୍କ ସୁଧ ଟଙ୍କାରେ ପ୍ରତିବର୍ଷ ମେଧାବୀ ତଥା ଟପ୍ପର ଛାତ୍ରଛାତ୍ରୀଙ୍କୁ ମେଡାଲ ପ୍ରଦାନରେ ଖର୍ଚ୍ଚ କରାଯିବ। ଅଧ୍ୟାପକ ମିଶ୍ରଙ୍କ ପିତାମାତାଙ୍କ ସ୍ମୃତିରେ ମେଧାବୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯିବ ବୋଲି ସୂଚନା ଦେଇଥିଲେ। ମିଶ୍ରଙ୍କ ଏହି ବଦାନ୍ୟତା ଯୋଗୁଁ ଛାତ୍ରଛାତ୍ରୀ, ଅଭିଭାବକ କୃତଜ୍ଞତା ଜ୍ଞାପନ କରିଛନ୍ତି।

## ପତ୍ନୀଙ୍କୁ ପଥରରେ ଆକ୍ରମଣ ଅଭିଯୋଗ

ବଇଣ୍ଡା, ୩୧।୫(ସମିସ): କିଶୋରନଗର ଥାନା ବଏଜା ଗ୍ରାମର ଜିଙ୍କି ବେହେରାଙ୍କୁ ତାଙ୍କ ସ୍ୱାମୀ ଆର୍ତ୍ତ ବେହେରା ନିର୍ଯାତନା ଦେବା ସହ ପଥରରେ ଆକ୍ରମଣ କରିଥିବା ଶୁକ୍ରବାର ଥାନାରେ ଅଭିଯୋଗ ହୋଇଛି। ପୁଲିସ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଛି। ଅଭିଯୋଗ ଅନୁଯାୟୀ ଜିଙ୍କି ୫ ଦିନ ପାଇଁ ତାଙ୍କ ବାପଘରକୁ ବୁଲିବାକୁ ଯାଇ ଶାଶୂଘରକୁ ଫେରିଥିଲେ। ଏହି ସମୟରେ ଆର୍ତ୍ତ ତାଙ୍କୁ ଟଙ୍କା ମାଗିଥିଲେ। ସେ ଟଙ୍କା ଆଣି ନ ଥିବା କହିଥିଲେ। ଏଥିରେ ଆର୍ତ୍ତ ଉତକ୍ଷିପ୍ତ ହୋଇ ତାଙ୍କୁ ମାଡ଼ ମାରିବା ସହ ପଥରରେ ଆକ୍ରମଣ କରିଥିଲେ। ଜିଙ୍କି କିଶୋରନଗର ମେଡିକାଲରେ ଚିକିତ୍ସିତ ହେବା ପରେ ଥାନାରେ ଅଭିଯୋଗ କରିଛନ୍ତି।

## ମହିଳାଙ୍କୁ ଯୌତୁକ ନିର୍ଯାତନା

କିଶୋରନଗର, ୩୧।୫(ସମିସ): କିଶୋରନଗର ଥାନା ତୁରୁଡ଼ା ଗ୍ରାମର ମଞ୍ଜୁଲତା ସାହୁଙ୍କୁ ତାଙ୍କ ଦିଅର କ୍ଷୀରୋଦ ସାହୁ ଓ ଶଶୁର ଯୌତୁକ ପାଇଁ ନିର୍ଯାତନା ଦେଉଥିବା ଶୁକ୍ରବାର ଥାନାରେ ଅଭିଯୋଗ ହୋଇଛି। ପୁଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଅଭିଯୋଗ ଅନୁଯାୟୀ, ବିଦ୍ୟୁତ୍ ବିଲ୍ ପାଇଁ ମଞ୍ଜୁଲତାଙ୍କ ସ୍ୱାମୀଙ୍କ ସହ ଶଶୁରଙ୍କ ଯୁକ୍ତିତର୍କ ହୋଇଥିଲା। ଏହି ସମୟରେ ତାଙ୍କ ଦିଅର ଆସି ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିଲେ। ଏଥିସହ ତାଙ୍କୁ ମାଡ଼ ମାରି ଘରୁ ୫୦ ହଜାର ଟଙ୍କା ଯୌତୁକ ଆଣିବାକୁ କହିଥିଲେ। ପୂର୍ବରୁ ବହୁବାର ତାଙ୍କୁ ଦିଅର ଓ ଶଶୁର ଯୌତୁକ ଆଣିବା ପାଇଁ କହିବା ସହ ନିର୍ଯାତନା ଦେଉଥିବା ମଞ୍ଜୁଲତା ଅଭିଯୋଗପତ୍ରରେ ଉଲ୍ଲେଖ କରିଛନ୍ତି।

## ଅହିଲ୍ୟା ବାଈଙ୍କ ଜୟନ୍ତୀ ପାଳିତ



ଅନୁଗୋଳ, ୩୧।୫(ସମିସ): ଅନୁଗୋଳ ଜିଲ୍ଲା ବିଜେପି କାର୍ଯ୍ୟାଳୟରେ ପୁଣ୍ୟାଶ୍ଳୋକ ରାଣୀ ଅହିଲ୍ୟା ବାଈ ହୋଲକରଙ୍କ ୩୦୦ତମ ଜୟନ୍ତୀ ପାଳନ କରାଯାଇଛି। ଜିଲ୍ଲା ବିଜେପି ମହିଳା ମୋର୍ଚ୍ଚା ସଭାନେତ୍ରୀ ବସନ୍ତ ମଞ୍ଜରୀ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଜିଲ୍ଲାସ୍ତରୀୟ ଜୟନ୍ତୀ ପାଳିତ ହୋଇଛି। ଢେଙ୍କାନାଳ ସାଂସଦ ରୁଦ୍ରନାରାୟଣ ପାଣି ମୁଖ୍ୟଅତିଥି ଭାବେ ଯୋଗଦେଇ ରାଣୀ ଅହିଲ୍ୟା ବାଈ ଜଣେ ବୀରାଙ୍ଗନା, ପରାକ୍ରମୀ, ବୁଦ୍ଧିମତୀ ତଥା ଭଗବାନ ଶିବଙ୍କ ପରମ ଭକ୍ତ ଥିଲେ କହିଥିଲେ। ବିଜେପି ଜିଲ୍ଲା ସଭାପତି ଯଯାତି ପଟ୍ଟନାୟକ, ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ପ୍ରାକ୍ତନ ଜିଲ୍ଲା ସଭାପତି ତଥା ସଂଯୋଜକ ଦିଲେଶ୍ୱର ପ୍ରଧାନ, ସହ ସଂଯୋଜକ ଦିଲୀପ ପ୍ରଧାନ, ରୋଜାଲିନ ଦାସ, ଜିଲ୍ଲା ପରିଷଦ ସଦସ୍ୟା ମୀରା ଗଡ଼ନାୟକ, ଶୋଭାଗିନୀ ପ୍ରଧାନ, ସୂଚୀସ୍ମିତା ତ୍ରିପାଠୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଅହିଲ୍ୟା ବାଈଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ।

## ହଣ୍ଡପା ଥାନାରେ ଆମ ପୁଲିସ ସମିତି ବୈଠକ




ବଇଣ୍ଡା, ୩୧।୫(ସମିସ): କିଶୋରନଗର ବ୍ଲକ ହଣ୍ଡପା ପୁଲିସ ପକ୍ଷରୁ ବଇଣ୍ଡାଠାରେ ଶୁକ୍ରବାର ଆମ ପୁଲିସ ସମିତି ବୈଠକ ଅନୁଷ୍ଠିତ ହୋଇଛି। ବଇଣ୍ଡା ଫାଣ୍ଡି ଅଧିକାରୀ ସ୍ୱରୂପ ରଞ୍ଜନ ପତ୍ରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମୁଖ୍ୟଅତିଥି ଭାବେ ହଣ୍ଡପା ଥାନା ଆଇଆଇସି ନମିତା ନାୟକ ଯୋଗଦେଇ ପୁଲିସ ସହ ଜନସାଧାରଣ ସମ୍ପର୍କ ରଖି କିଭଳି ଅପରାଧ ନିୟନ୍ତ୍ରଣ କରିପାରିବେ ସେ ନେଇ କହିଥିଲେ। ବେଆଇନ କାରବାରରୁ ନିବୃତ୍ତ ରହିବା ସହ କାହାରିକୁ ନିଜର ବ୍ୟାଙ୍କ ଆକାଉଣ୍ଟର ତଥ୍ୟ ଓ ଓଟିପି ନ ଦେବାକୁ ପରାମର୍ଶ ଦେଇଥିଲେ। ଅନେକ ନିରୀହ ଲୋକ ସାଇବର ଅପରାଧୀଙ୍କ ଦ୍ୱାରା କ୍ଷତିଗ୍ରସ୍ତ ହୋଇ ବହୁ ଟଙ୍କା ହରାଉଛନ୍ତି। ଅନ୍ୟ ପଟରେ ହଣ୍ଡପା ଅଞ୍ଚଳରେ ଚୋରାମଦ କାରବାର ବନ୍ଦ କରିବା ପାଇଁ ଅଞ୍ଚଳବାସୀ ଦାବି କରିଥିଲେ। ଏଥିରେ ଅବସରପ୍ରାପ୍ତ ଆଇଆଇସି ଅର୍ଜୁନ କୁମାର ସାହୁ, ଜିତେନ୍ଦ୍ର ବେହେରା, ଧୋବେଇ ବେହେରା, ମାଧବ ପ୍ରଧାନ, ପ୍ରତାପ ପ୍ରଧାନ, ଗିରୀଶ ଚନ୍ଦ୍ର ବେହେରା, ବିନୀତ ସାହା, ସୁଭ୍ରଜିତ ସାହୁ, ବିକ୍ରମ ସାହୁ, ଶୁଭେନ୍ଦୁ ମୋହନ ସାହୁ, ଉଗ୍ରେସନ ସେଠୀ, ମଦନ ମୋହନ ମିଶ୍ର ପ୍ରମୁଖ ଯୋଗଦେଇଥିଲେ।

## ଅବକାରୀ ବିଭାଗ ଚଢ଼ଉ; ୩ ଗିରଫ

ବଇଣ୍ଡା, ୩୧।୫(ସମିସ): ବଇଣ୍ଡା ଓ ଆଠମଲ୍ଲିକ ଅବକାରୀ ବିଭାଗ ପକ୍ଷରୁ ଶନିବାର ଠାକୁରଗଡ଼ ଓ ହଣ୍ଡପା ଥାନା ଅଞ୍ଚଳରେ ଚଢ଼ଉ କରି ଚୋରା ମହୁଲି ମଦ ଜବତ କରାଯାଇଛି। ବେଆଇନ ମଦ କାରବାର ଅଭିଯୋଗରେ ୩ ଜଣଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ହଣ୍ଡପା ଥାନା ନୁନୁକାପଶି ଗ୍ରାମର ସଞ୍ଜୁ ମୁଣ୍ଡା, ନାକିଚି ଅଞ୍ଚଳର ଜିତେନ୍ଦ୍ର ବେହେରା ଓ ଠାକୁରଗଡ଼ ଥାନା ଝାରବଇଣ୍ଡା ଗ୍ରାମର ରଞ୍ଜିତ ସାହୁ। ସଞ୍ଜୁଙ୍କ ଘରୁ ୧୦ ଲିଟର, ଜିତେନ୍ଦ୍ରଠାରୁ ୧୫ ଲିଟର ଓ ରଞ୍ଜିତଙ୍କଠାରୁ ୧୦ ଲିଟର ମଦ ଜବତ କରାଯାଇଛି। ସମସ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

## ମଦ୍ୟପ ଚାଳକ ଗିରଫ; ବାଇକ ଜବତ

କିଶୋରନଗର, ୩୧।୫(ସମିସ): କିଶୋରନଗର ଥାନା ପୁଲିସ ଶୁକ୍ରବାର ରାତିରେ କିଶୋରନଗର ଅଞ୍ଚଳରେ ଗାଡ଼ିମଟର ଯାଞ୍ଚ କରିଛି। ଏହି ସମୟରେ ମଦ୍ୟପାନ କରି ବାଇକ ଚଳାଉଥିବା ଅଭିଯୋଗରେ କରଡିଙ୍ଗବାହାଳ ଅଞ୍ଚଳର ସତ୍ୟଜିତ ସାହୁଙ୍କୁ ପୁଲିସ ଗିରଫ କରିଛି। ତାଙ୍କ ବାଇକ ଜବତ କରାଯାଇଛି।

## ବିଶ୍ୱ ତମାଖୁ ବର୍ଜନ ଦିବସ ପାଳିତ



ଅନୁଗୋଳ, ୩୧।୫(ସମିସ): ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସଭାଗୃହରେ ବିଶ୍ୱ ତମାଖୁ ବର୍ଜନ ଦିବସ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଶିବାନନ୍ଦ ମହାନ୍ତିଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଛି। କାର୍ଯ୍ୟକ୍ରମରେ ତମାଖୁ ସେବନ ଏବଂ ଏହାଦ୍ୱାରା ହେଉଥିବା ସ୍ୱାସ୍ଥ୍ୟଗତ ସମସ୍ୟା ଉପରେ ଆଲୋକପାତ କରାଯାଇଥିଲା। ତମାଖୁ ସେବନରୁ ନିବୃତ୍ତ ରହି ସୁସ୍ଥ ଜୀବନ ଓ ସୁସ୍ଥ ବାତାବରଣ ସୃଷ୍ଟି କରିବା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ମତ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଅନ୍ତର୍ଯ୍ୟାମୀ ମିଶ୍ର, ଡା. ପୂର୍ଣ୍ଣିମା ଉଦଗାତା, ଡିପିଏମ୍ ବ୍ୟୋମ୍ୟାରାଣୀ ଗୌଡ଼, ଡ୍ରଗ ଇନ୍ସପେକ୍ଟର, ଖାଦ୍ୟ ସୁରକ୍ଷା ଅଧିକାରୀ, ଅବକାରୀ ନିରୀକ୍ଷକ ପ୍ରମୁଖ ଯୋଗଦେଇଥିଲେ। ଆସିଷ୍ଟାଣ୍ଟ ମ୍ୟାନେଜର ଏନ୍‌ସିଡି ଅଜିତ କୁମାର ତ୍ରିପାଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ଅନୁଗୋଳ ସ୍ୱୟଂଶାସିତ ମହାବିଦ୍ୟାଳୟ ଏନ୍‌ସିସି କ୍ୟାଡେଟ, ନେହରୁ ଯୁବକେନ୍ଦ୍ରର କର୍ମକର୍ତ୍ତାଙ୍କୁ ନେଇ ଏକ ସଚେତନତା ଶୋଭାଯାତ୍ରା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ ବହାରି ମା' ବୁଢ଼ୀ ଠାକୁରାଣୀ ଛକ, ପୁରୁଣା ବସଷ୍ଟାଣ୍ଡ ଦେଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚିଥିଲା।

## ପୋଲତଳୁ ଯୁବକଙ୍କ ଗଳିତ ମୃତଦେହ ଉଦ୍ଧାର

- ହତ୍ୟା ଅଭିଯୋଗ ଆଣିଲେ ପରିବାର ଲୋକ

ଛେଣ୍ଡିପଦା, ୩୧।୫(ସମିସ): ଛେଣ୍ଡିପଦା ଥାନା ବାଲିପଟା ଗାଁ ନିକଟ ତେଲିପୋଲ ତଳୁ ଜଣେ ଯୁବକଙ୍କ ଗଳିତ ମୃତଦେହ ଉଦ୍ଧାର ହୋଇଛି। ମୃତକ ହେଲେ ହାଣ୍ଡପା ଥାନା କଣ୍ଟେଇକୋଳିଆ ପଞ୍ଚାୟତ ଇଚ୍ଛାପୁରର ଦୀପକ ବାଘ। ଦୀପକଙ୍କୁ ହତ୍ୟା କରି ପୋଲ ତଳେ ଫିଙ୍ଗି ଦିଆଯାଇଥିବା ଅଭିଯୋଗ ଆଣିଛନ୍ତି ପରିବାର ଲୋକ।

ଛେଣ୍ଡିପଦା-ଜରପଡ଼ା ପୂର୍ତ୍ତ ବିଭାଗ ରାସ୍ତାର ବାଲିପଟା ଗାଁ ନିକଟ ତେଲିପୋଲ ନିକଟରେ ଦୁର୍ଗନ୍ଧ ହେବାରୁ ତଳେ ଏକ ଗଳିତ ମୃତଦେହ ପଡ଼ିଥିବା ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ। ମୃତଦେହ ପଡ଼ିଥିବା ସ୍ଥାନରୁ କିଛି ଦୂରରେ ଏକ ବାଇକ୍ ପଡ଼ିଥିଲା। ତେବେ ଏହା ହତ୍ୟା ନା ଦୁର୍ଘଟଣା ସେ ନେଇ ସନ୍ଦେହ ସୃଷ୍ଟି ହୋଇଛି। ପୁଲିସ ଘଟଣାସ୍ଥଳରେ ପହଞ୍ଚି ପାରିପାର୍ଶ୍ୱିକ ସ୍ଥିତି ଅନୁଧ୍ୟାନ କରି ତଦନ୍ତ ଆରମ୍ଭ କରିଛି। ଦୀପକ ଗତ ସାବିତ୍ରୀ ଅମାବାସ୍ୟା ଦିନ ଛେଣ୍ଡିପଦା ଆସିଥିବା ବେଳେ ଆଉ ଘରକୁ ଫେରି ନ ଥିଲେ। ପରିବାର ଲୋକେ ଖୋଜାଖୋଜି କରିବା ପରେ ତାଙ୍କ ସନ୍ଧାନ ନ ମିଳିବାରୁ ଏ ନେଇ ହଣ୍ଡପା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପରିବାର ଲୋକଙ୍କ ଅଭିଯୋଗ ଆଧାରରେ ଛେଣ୍ଡିପଦା ଥାନା ପୁଲିସ ଏକ ହତ୍ୟା ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ଥାନା ଅଧିକାରୀ ବିଭୁଦତ୍ତ ରାଉତରାୟ କହିଛନ୍ତି।

# ଓଡ଼ିଶା ଇକୋ ଟୁରିଜିମ୍: ସାତକୋଶିଆ ବନାମ ଡେବ୍ରିଗଡ଼

ଅନୁଗୋଳ, ୩୧।୫(ସମିସ)




ସାତକୋଶିଆ ଅଭୟାରଣ୍ୟ ଓଡ଼ିଶାର ମଧ୍ୟଭାଗରେ ମହାନଦୀ ଅବବାହିକାରେ ୫ ଜିଲ୍ଲାରେ ପରିବ୍ୟାପ୍ତ। ପୂର୍ବରୁ ଏହାର ପରିଧି ୯୬୪ ବର୍ଗ କିଲୋମିଟର ଥିବାବେଳେ ଏବେ ପ୍ରାୟ ୧୧୦୦ ବର୍ଗ କିମି ଅଞ୍ଚଳରେ ବିସ୍ତିର୍ଣ୍ଣ ହୋଇଛି। ଏହା ୧୯୭୬ରେ ଜାତୀୟ ଅଭୟାରଣ୍ୟ ଓ ୨୦୦୭ରେ ଜାତୀୟ ବ୍ୟାଘ୍ର ପ୍ରକଳ୍ପ ଆଖ୍ୟା ପାଇଥିଲା। ସେହିପରି ୧୯୮୫ରେ ଜାତୀୟ ଅଭୟାରଣ୍ୟ ଆଖ୍ୟା ପାଇଥିବା ଡେବ୍ରିଗଡ଼ ଅଭୟାରଣ୍ୟ ଓଡ଼ିଶାର ପଶ୍ଚିମାଞ୍ଚଳ ସମ୍ବଲପୁର ସହରଠାରୁ ମାତ୍ର ୬୦ କିମି ଦୂରରେ, ମହାନଦୀ ଅବବାହିକାରେ ହୀରାକୁଦ ଜଳଭଣ୍ଡାରର ଗୋଟିଏ ପାର୍ଶ୍ୱରେ ଅବସ୍ଥିତ। ଏକ ସଦ୍ୟତମ ରିପୋର୍ଟ ଅନୁଯାୟୀ ଓଡ଼ିଶାର ଡେବ୍ରିଗଡ଼ ଅଭୟାରଣ୍ୟ ଦେଶର ଜାତୀୟ ଉଦ୍ୟାନ ଅଭୟାରଣ୍ୟ ଭିତରେ ଅନ୍ୟତମ। ୨୦୨୪-୨୫ ବାର୍ଷିକ ତଥ୍ୟ ଅନୁସାରେ ଡେବ୍ରିଗଡ଼ ଅଭୟାରଣ୍ୟରେ ପର୍ଯ୍ୟଟନ ଆଧାରିତ ଆୟ ହେଉଛି ୫.୧୧ କୋଟି ଟଙ୍କା। ଏହି ସୁନ୍ଦର ଅଭୟାରଣ୍ୟ ୩୪୭ ବର୍ଗ କିଲୋମିଟର ଅଞ୍ଚଳରେ ପରିବ୍ୟାପ୍ତ। ସାତକୋଶିଆ ଅଭୟାରଣ୍ୟ ତୁଳନାରେ ଯଥେଷ୍ଟ ଛୋଟ ଏହି ଅଭୟାରଣ୍ୟ ପ୍ରାକୃତିକ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ। ଜୈବବିବିଧତା ଦୃଷ୍ଟିକୋଣରୁ ବେଶ୍ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛି ଡେବ୍ରିଗଡ଼ ଅଭୟାରଣ୍ୟ। ଏଠାରେ ପର୍ଯ୍ୟଟନ ଓ ଜୈବବିବିଧତା ଭିତରେ ଅତି ଉତ୍ତମ ଭାରସାମ୍ୟ ଦେଖିବାକୁ ମିଳେ। ପର୍ଯ୍ୟଟକମାନେ ଅଭୟାରଣ୍ୟ ଭିତରେ ରାତ୍ରିଯାପନ କରିବା ସହ ବିଭିନ୍ନ ବନ୍ୟଜନ୍ତୁ ଯଥା କଳରାପତରିଆ ବାଘ, ସମ୍ବର, ହରିଣ, ଗୟଳ, ବାର୍ହା, ଭାଲୁ ସହ ବିଭିନ୍ନ ପ୍ରଜାତିର ପକ୍ଷୀ, ସରୀସୃପ ଆଦି ଦେଖିବାର ସୁଯୋଗ ପାଇଥାନ୍ତି। ଏହାସହ ହୀରାକୁଦ ଜଳଭଣ୍ଡାରର ଗଭୀର ଜଳରାଶିରେ ନୌକାବିହାରର ଆନନ୍ଦ ମଧ୍ୟ ଉଠାଇଥାନ୍ତି। ନାଳିଚୁଆଁ ଜଳପ୍ରପାତ ବେଶ୍ ମନମୁଗ୍ଧକର ଏହି ଅଭୟାରଣ୍ୟ ଭିତରେ। ଦେଶ ପୂର୍ବତନ ନିତି ଆୟୋଗ ସିଇଓ ଅମିତାଭ କାନ୍ତ ଏବେ ଡେବ୍ରିଗଡ଼ ଅଭୟାରଣ୍ୟ ପରିଦର୍ଶନରେ ଆସି ଏଠାରେ କିଛି ସମୟ ଅତିବାହିତ କରି ଏହି ଅଭୟାରଣ୍ୟକୁ ଉଚ୍ଚ ପ୍ରଶଂସା କରିବା ସହ ଏହାର ସୁପରିଚାଳନା, ବିକାଶ ତଥା ପର୍ଯ୍ୟଟନ ଶିଳ୍ପର ଅଗ୍ରଗତି କରିଥିବାରୁ ବନଖଣ୍ଡ ଅଧିକାରୀଙ୍କୁ ମଧ୍ୟ ଯଥେଷ୍ଟ ପ୍ରଶଂସା କରିଛନ୍ତି। ସୂଚନାଯୋଗ୍ୟ, ବର୍ତ୍ତମାନ ଏହି ଅଭୟାରଣ୍ୟର ବନଖଣ୍ଡ ଅଧିକାରୀ ଅଂଶୁପ୍ରଜ୍ଞା ଦାସ ଅଛନ୍ତି। ଏହା ପୂର୍ବରୁ ଦାସ ସାତକୋଶିଆ ଅଭୟାରଣ୍ୟର ନୟାଗଡ଼ ଡିଭିଜନ ବନଖଣ୍ଡ ଅଧିକାରୀ ଥିବା ସମୟରେ ବଡ଼ମୂଳଠାରେ ଥିବା ଇକୋ କଟେଜ ସ୍ଥାପନ କରିବା ସହ ସାତକୋଶିଆ ବନଖଣ୍ଡକୁ ପର୍ଯ୍ୟଟନ ଶିଳ୍ପ ସହ ଯୋଡ଼ି ଏକ ଉଦାହରଣ ସୃଷ୍ଟି କରିଛନ୍ତି। ଏଥିପାଇଁ ସେ ରାଜ୍ୟ ତଥା ଜାତୀୟ ସ୍ତରରେ ଉଚ୍ଚ ପ୍ରଶଂସିତ ହୋଇଛନ୍ତି। ଅନ୍ୟପଟେ ଏକଦା ଓଡ଼ିଶାର ପର୍ଯ୍ୟଟନ ଶିଳ୍ପ ମାନଚିତ୍ରରେ ନିଜର ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିଥିବା ସାତକୋଶିଆ ଅଭୟାରଣ୍ୟ ଏବେ କିନ୍ତୁ ଏକପ୍ରକାର କୋଣଠେସା ହୋଇଯାଇଛି କହିଲେ ଅତ୍ୟୁକ୍ତି ହେବନାହିଁ।

ଏହା ଏକ ବ୍ୟାଘ୍ର ପ୍ରକଳ୍ପ ହୋଇଥିଲେ ହେଁ ଏଠି ବାଘ ସଂଖ୍ୟା ଶୂନ୍ୟ। ଏଠି ଏବେ ଅନେକ ପଶୁ ଯଥା ହାତୀ, ଗୟଳ, କଳରାପତରିଆ ବାଘ, ହରିଣ, ସମ୍ବର, କୁଟୁରା, ଭାଲୁ ଇତ୍ୟାଦି ରହିଥିବା ବେଳେ ଅନେକ ପ୍ରଜାତିର ପକ୍ଷୀ, ସରୀସୃପଙ୍କୁ ଦେଖିବାକୁ ମିଳିଥାଏ। ଏବେ କିନ୍ତୁ ଉପଯୁକ୍ତ ସୁବିଧା ସୁଯୋଗ ଅଭାବରୁ ପର୍ଯ୍ୟଟକ ଏହି ଅଭୟାରଣ୍ୟରୁ ମୁହଁ ଫେରାଉଛନ୍ତି। ବିଗତ ବର୍ଷଗୁଡ଼ିକ ତୁଳନାରେ ଏଠାରେ ପର୍ଯ୍ୟଟକଙ୍କ ସଂଖ୍ୟା ଯଥେଷ୍ଟ ହ୍ରାସ ପାଇଛି। ବର୍ତ୍ତମାନ ଏହି ଅଭୟାରଣ୍ୟର ଅଧିକାରୀମାନେ କେବଳ ଅଭୟାରଣ୍ୟର ପରିଧି ବଢ଼ାଇବା, ବାଘବଂଶ ବିସ୍ତାର ନାଁରେ ଅଭୟାରଣ୍ୟ ଭିତରୁ ଜୋରଜବରଦସ୍ତ ଗାଁ ଉଠାଇବା, ଅଭୟାରଣ୍ୟ ଭିତରକୁ ପ୍ରବେଶ ନିଷେଧ କରି ଜଙ୍ଗଲ କାଟି ସଫା କରିବା, ସ୍ଥାନୀୟ ଲୋକଙ୍କ ସହ ସୁସମ୍ପର୍କ ନ ରଖି ଅଯଥାରେ ସେମାନଙ୍କୁ ହଇରାଣ ହରକତ କରିବା, ସରକାରୀ ଅର୍ଥ ହେରଫେର କରିବା ଆଦି ଅନେକ ଅଭିଯୋଗରେ ଛନ୍ଦି ହୋଇପଡ଼ିବା ସହ ସବୁ କ୍ଷେତ୍ରରେ ବିଫଳ ହୋଇଥିବା କୁହାଯାଇପାରେ। ସାତକୋଶିଆରେ ବ୍ୟାଘ୍ର ପ୍ରକଳ୍ପ ସମ୍ପୂର୍ଣ୍ଣ ବିଫଳ ହୋଇଥିବା ବେଳେ ଡେବ୍ରିଗଡ଼କୁ ବ୍ୟାଘ୍ର ପ୍ରକଳ୍ପରେ ସାମିଲ କରିବାକୁ ଜାତୀୟ ବ୍ୟାଘ୍ର ସଂସ୍ଥା ସବୁଜ ସଙ୍କେତ ଦେଇଥିବା ସୂଚନା ମିଳୁଛି। ଡେବ୍ରିଗଡ଼ ଅଭୟାରଣ୍ୟ ଭିତରେ ପର୍ଯ୍ୟଟନ ଶିଳ୍ପରେ ସ୍ଥାନୀୟ ଅଞ୍ଚଳର ପ୍ରାୟ ୮୫ ପରିବାର ନିୟୋଜିତ ଥିବାବେଳେ ସାତକୋଶିଆରେ ଏହାର ବିପରୀତ ଅବସ୍ଥା। ଏଠାରେ ଇକୋଟୁରିଜିମ୍ ପରିଚାଳକ ଥିବା ଜଣେ ବ୍ୟକ୍ତିଙ୍କ ନାଁରେ ବିଭିନ୍ନ ଅଭିଯୋଗ ଥିଲେ ମଧ୍ୟ ଉଚ୍ଚ ଅଧିକାରୀଙ୍କ ସହ ଉତ୍ତମ ବୁଝାମଣା ହେତୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବା ଅଭିଯୋଗ ହେଉଛି। ଟିକରପଡ଼ାରେ ଥିବା ଇକୋ କଟେଜର ପର୍ଯ୍ୟଟକମାନଙ୍କ ଗାଡ଼ି ଚଳାଇ ଆସିଥିବା ଚାଳକମାନଙ୍କ ପାଇଁ ଉଦ୍ଦିଷ୍ଟ କୋଠରିକୁ ଉକ୍ତ ପରିଚାଳକ ଜଣଙ୍କ ଭଡ଼ାରେ ଲଗାଇ ନିଜ ପକେଟରେ ଟଙ୍କା ପୂରାନ୍ତି। ସନ୍ଧ୍ୟା ହେଲେ ସ୍ଥାନୀୟ କିଛି ଯୁବକଙ୍କୁ ଧରି ମଦମାଂସର ଆସର ଜମାନ୍ତି ଇତ୍ୟାଦି ଇତ୍ୟାଦି ଅଭିଯୋଗ ରହିଛି ଏହି ଇକୋ ଟୁରିଜିମ୍ ପରିଚାଳକଙ୍କ ନାଁରେ। ତେଣୁ ଏଠି ପର୍ଯ୍ୟଟକମାନେ କିଭଳି ପରିସ୍ଥିତିର ସାମ୍ନା କରି ମୁହଁ ଫେରାଇ ଯାଉଛନ୍ତି ତାହା ସହଜରେ ଅନୁମେୟ।

ଅଭୟାରଣ୍ୟ ଭିତରେ ଅନେକ ସୁନ୍ଦର ଜଳପ୍ରପାତ ଥିଲେ ମଧ୍ୟ ପର୍ଯ୍ୟଟକଙ୍କୁ ପ୍ରବେଶ ନିଷେଧ ହୋଇଥିବାରୁ ଏହା ବିଷୟରେ କେହି ଜାଣିପାରନ୍ତି ନାହିଁ। ସାତକୋଶିଆରେ ଜଙ୍ଗଲ ସଫାରୀ ନିମନ୍ତେ ମାତ୍ର ୪ଟି ଗାଡ଼ି ରହିଥିଲେ ହେଁ ରକ୍ଷଣାବେକ୍ଷଣ ଅଭାବରୁ ୨ଟି ଗାଡ଼ି ଖରାପ ହୋଇ ପଡ଼ିରହିଛି। ଯଦି ଏହି ଗାଡ଼ିଗୁଡ଼ିକୁ ଦେଖାଯାଏ ତେବେ ସେଗୁଡ଼ିକର ବଜାରରେ ଚାହିଦା ନ ଥିବା କୁହାଯାଇପାରେ। ମଜଦା କମ୍ପାନୀର ଏହି ଗାଡ଼ିକୁ ସାତକୋଶିଆ ବନ ବିଭାଗ ଦ୍ୱାରା କିଣାଯାଇଛି। ତେଣୁ ଗାଡ଼ିକିଣା ପ୍ରକ୍ରିୟାରେ ମଧ୍ୟ ସ୍ୱଚ୍ଛତା ନ ଥିବା ସାଧାରଣରେ ସନ୍ଦେହ ଜାତ ହୁଏ। ସାତକୋଶିଆ ବନଖଣ୍ଡ ଅଧିକାରୀ ନିଜେ ୩ଟି ଅତ୍ୟାଧୁନିକ ଆରାମଦାୟକ ଗାଡ଼ିରେ ବୁଲିବା ନଜର ଆସନ୍ତି। ଏପରିକି ଓଡ଼ିଶା ସରକାରଙ୍କ ବନବିଭାଗ ପାଇଁ କିଣାଯାଇଥିବା ମାହିନ୍ଦ୍ରା କମ୍ପାନୀର ଥର୍ ଗାଡ଼ି ଏବଂ ବନଖଣ୍ଡ ଅଧିକାରୀ ବୁଲୁଥିବା ଥର ଗାଡ଼ି ମଧ୍ୟରେ ବି ଫରକ୍ ଦେଖିବାକୁ ମିଳେ। ସେହି ଗାଡ଼ିଟି ମଡେଲିଂ ହୋଇଥିବା ଭଳି ଲାଗେ। ତେଣୁ ବନଖଣ୍ଡ ଅଧିକାରୀଙ୍କ ସଉକ ଯେ ବହୁତ୍ ଏଥିରେ କିଛି ସନ୍ଦେହ ନାହିଁ। ହେଲେ ସାଧାରଣ ଲୋକ, ପର୍ଯ୍ୟଟକ, ପରିବେଶ ଓ ପଶୁପ୍ରେମୀଙ୍କ ପାଇଁ ନାହିଁ ନ ଥିବା କଟକଣା ନେଇ ସାଧାରଣରେ ଚର୍ଚ୍ଚା ହୁଏ। ଅପରପକ୍ଷେ ଡେବ୍ରିଗଡ଼ ଅଭୟାରଣ୍ୟରେ ପର୍ଯ୍ୟଟକଙ୍କ ଜଙ୍ଗଲ ସଫାରୀ ପାଇଁ ବିଭିନ୍ନ ପ୍ରକାରର ଗାଡ଼ି ଯଥା ମହିନ୍ଦ୍ରା କମ୍ପାନୀର ଥର୍, ଫୋର୍ସ କମ୍ପାନୀର ଟ୍ରାଭେଲର ଭଳି ୧୦ରୁ ଉର୍ଦ୍ଧ୍ୱ ଭଲ ଗାଡ଼ି ରହିଛି। ସବୁଠାରୁ ବଡ଼କଥା ହେଉଛି ଯେ ଡେବ୍ରିଗଡ଼ ଅଭୟାରଣ୍ୟରେ ସକାଳ ୬ଟା ୧୫ରୁ ଜଙ୍ଗଲ ସଫାରୀ ଆରମ୍ଭ ହୋଇ ସନ୍ଧ୍ୟା ୫ଟା ୧୫ ପର୍ଯ୍ୟନ୍ତ ଚାଲୁ ରହିଥାଏ ଏବଂ ଯେକୌଣସି ପର୍ଯ୍ୟଟକ ଚାହିଁଲେ ଉପଯୁକ୍ତ ଦେୟ ପୈଠ କରି ଡେବ୍ରିଗଡ଼ ଅଭୟାରଣ୍ୟ ଭିତରେ ସଫାରୀର ଆନନ୍ଦ ନେଇପାରିବେ, ଯେଉଁଠି ସାତକୋଶିଆ ଅଭୟାରଣ୍ୟରେ ଦିନବେଳେ କୌଣସି ଜଙ୍ଗଲ ସଫାରୀ ଉପଲବ୍ଧ ନାହିଁ। କେବଳ ସନ୍ଧ୍ୟା ଓ ରାତିରେ ସଫାରୀରେ ବୁଲିପାରିବେ। ମାତ୍ର ଦୁଇଟି ଗାଡ଼ି ଓ ଉପଯୁକ୍ତ ଚାଳକ ଓ କର୍ମଚାରୀ ଅଭାବ ଯୋଗୁଁ ଏଠାରେ ପର୍ଯ୍ୟଟକଙ୍କୁ ବହୁତ୍ ଅପେକ୍ଷା ଓ ନିରାଶ ହେବାକୁ ପଡ଼େ ସଫାରୀ ବୁଲିବା ପାଇଁ। ଏପରିକି ଖୋଦ୍ ବନଖଣ୍ଡ ଅଧିକାରୀ କେବଳ ଇକୋ କଟେଜରେ ରାତ୍ରିଯାପନ କରୁଥିବା ପର୍ଯ୍ୟଟକଙ୍କୁ ହିଁ ରାତି ସଫାରୀ ସୁଯୋଗ ଦେବାପାଇଁ କର୍ମଚାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିବା କୁହାଯାଏ। ସନ୍ଧ୍ୟା ୬ଟା ପରେ ସାତକୋଶିଆ ଅଭୟାରଣ୍ୟକୁ ପର୍ଯ୍ୟଟକଙ୍କ ପ୍ରବେଶ ନିଷେଧ। ତେଣୁ ଜିଲ୍ଲା ତଥା ବାହାରର ପର୍ଯ୍ୟଟକ, ଯେଉଁମାନେ କଟେଜରେ ରାତ୍ରିଯାପନ ନ କରନ୍ତି, ସେମାନେ ସାତକୋଶିଆରେ ସଫାରୀ ଗାଡ଼ିରେ ବୁଲି ବନ୍ୟପ୍ରାଣୀ ଓ ସାତକୋଶିଆର ମନଲୋଭା ପ୍ରାକୃତିକ ସୌନ୍ଦର୍ଯ୍ୟ ଦେଖିବାରୁ ବଞ୍ଚିତ ହୁଅନ୍ତି।

ଅଭୟାରଣ୍ୟକୁ ଜଗି ରହିଥିବା ସ୍ଥାନୀୟ ଜଗୁଆଳିମାନେ ମାସ ମାସ ଧରି ଦରମା ପାଆନ୍ତି ନାହିଁ। ହେଲେ ବାହାରୁ ଉଚ୍ଚ ବେତନ ଦେଇ କିଛି ଅବସରପ୍ରାପ୍ତ ସାମରିକ କର୍ମଚାରୀଙ୍କୁ ଆଣି ଏଠାରେ ରଖାଯାଇଛି। ସ୍ଥାନୀୟ ଲୋକଙ୍କ କହିବା କଥା, କେବଳ ଏଠିକାର ବାସିନ୍ଦାଙ୍କୁ ଡରାଇବା ଉଦ୍ଦେଶ୍ୟରେ ଏଭଳି ପଦକ୍ଷେପ ନେଇଛି ସାତକୋଶିଆ ବନବିଭାଗ। ଏଠି ସ୍ଥାନୀୟ ତଥା ଜିଲ୍ଲାସ୍ତରୀୟ ଗଣମାଧ୍ୟମ ପ୍ରତିନିଧିଙ୍କୁ ଅଣଦେଖା କରି ବନଖଣ୍ଡ ଅଧିକାରୀ ରାଜଧାନୀ ଭୁବନେଶ୍ୱରରୁ ସାମ୍ବାଦିକ ଡକାଇ ଅଭୟାରଣ୍ୟ ବୁଲାଇ ଆପ୍ୟାୟିତ କରି ନିଜ ଗରିମା ବଡ଼ କରି ଦେଖାଇବାକୁ ଅପଚେଷ୍ଟା କରିବାର ଅଭିଯୋଗ ମଧ୍ୟ ରହିଛି। ଏଠି ବନ୍ୟପ୍ରାଣୀଙ୍କ ଅବାଧ ଶିକାର ରୋକିବାରେ ବନ ବିଭାଗ ବିଫଳ। ବିଗତ ଦିନଗୁଡ଼ିକରେ କେତେ ହାତୀ, କଳରାପତରିଆ ବାଘ, ହରିଣ, ସମ୍ବର ଆଦି ଜନ୍ତୁ ଶିକାରୀଙ୍କ ଦ୍ୱାରା ମୃତ୍ୟୁମୁଖରେ ପଡ଼ିଥିଲେ ମଧ୍ୟ ଦାୟିତ୍ୱରେ ଥିବା ଅଧିକାରୀମାନେ ତଳ ସ୍ତର କର୍ମଚାରୀଙ୍କୁ ବଳି ପକାଇ ନିଜେ ଖସିଯାଆନ୍ତି। ସାତକୋଶିଆ ଅଭୟାରଣ୍ୟ ଆକାରରେ ଡେବ୍ରିଗଡ଼ ଅଭୟାରଣ୍ୟଠାରୁ ପ୍ରାୟ ଅଢ଼େଇଗୁଣରୁ ଅଧିକ ବଡ଼ ହୋଇଥିବାବେଳେ ଏଠାରେ ଅଧିକ ଜନବସତି ରହିବା ସ୍ୱାଭାବିକ କଥା। ତେଣୁ ସାତକୋଶିଆ ଅଭୟାରଣ୍ୟର ସରକାରୀ ଅଧିକାରୀମାନେ ନିଜ କାର୍ଯ୍ୟଶୈଳୀକୁ ପରଖି ସ୍ଥାନୀୟ ଲୋକଙ୍କ ଆସ୍ଥାଭାଜନ ହୋଇ କାର୍ଯ୍ୟ କଲେ ହିଁ ସାତକୋଶିଆ ଅଭୟାରଣ୍ୟର ସବୁପ୍ରକାର ଉନ୍ନତି ହୋଇପାରିବ, ଏଥିରେ ତିଳେମାତ୍ର ସନ୍ଦେହ ନାହିଁ। ଦୀର୍ଘବର୍ଷ ଧରି ଜଣେ ବନଖଣ୍ଡ ଅଧିକାରୀ ସାତକୋଶିଆରେ ରହିବା ପରିବର୍ତ୍ତେ ଜଣେ ଦକ୍ଷ, ସଚ୍ଚୋଟ ଅଧିକାରୀ ଯିଏକି ସ୍ଥାନୀୟ ବାସିନ୍ଦାଙ୍କ ମନ ଜିଣି, ଲୋକଙ୍କ ଆସ୍ଥାଭାଜନ ହୋଇ କାର୍ଯ୍ୟ କରିପାରୁଥିବ, ତାଙ୍କୁ ନିଯୁକ୍ତି ଦେଲେ ଯାଇ ସାତକୋଶିଆର ଉନ୍ନତି ସମ୍ଭବ ବୋଲି ସ୍ଥାନୀୟ ବାସିନ୍ଦା ପ୍ରକାଶ କରନ୍ତି।

# କମଳା ମହାରଣାଙ୍କ ପରଲୋକ



କେନ୍ଦ୍ରାପଡ଼ା,୩୧।୫(ସମିସ): କେନ୍ଦ୍ରାପଡ଼ାର ଜରି ମାଉସୀ ଭାବେ ପରିଚିତ କମଳା ମହାରଣାଙ୍କ କଟକର ଏକ ଘରୋଇ ହସ୍‌ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ହୋଇଛି। ମୃତ୍ୟୁ ବେଳକୁ ତାଙ୍କୁ ୬୬ ବର୍ଷ ବୟସ ହୋଇଥିଲା। ଏପ୍ରିଲ ୨୮ ତାରିଖରେ ଅସାବଧାନତା ହେତୁ ଘରେ ପଡ଼ିଯିବାରୁ ତାଙ୍କ ବାମ ଜଙ୍ଘ ଭାଙ୍ଗିଯାଇଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ କଟକର ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଆଜି ସେଠାରେ ତାଙ୍କର ମୃତ୍ୟୁ ଘଟିଛି। ପରିତ୍ୟକ୍ତ ପଲିଥିନ୍‌ରୁ ଘରକରଣା ସାମଗ୍ରୀ ତିଆରି କରି ଚର୍ଚ୍ଚାରେ ଥିଲେ କମଳା ମହାରଣା। ଏଥିପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କୁ ମନ କୀ ବାତ୍ କାର୍ଯ୍ୟକ୍ରମରେ ପ୍ରଶଂସା କରିଥିଲେ। କେବଳ ସେତିକି ନୁହେଁ ପ୍ରଧାନମନ୍ତ୍ରୀ କେନ୍ଦ୍ରାପଡ଼ା ଆସିଥିବାବେଳେ କମଳାଙ୍କ ପାଦ ଛୁଇଁ ପ୍ରଣାମ କରିଥିଲେ। କମଳା ଗହ୍ମାପୂର୍ଣ୍ଣମୀରେ ପ୍ରଧାନମନ୍ତ୍ରୀଙ୍କ ପାଇଁ ଜରି ତିଆରି ରାଖି ପଠାଇଥିଲେ। ନିକଟରେ ଅପରେସନ ସିନ୍ଦୁରର ସଫଳତା ପରେ କମଳା ତିନି ସେନାର ମୁଖ୍ୟଙ୍କ ପାଇଁ ଜରି ତିଆରି ଟୋପି ପଠାଇ ଚର୍ଚ୍ଚାକୁ ଆସିଥିଲେ।

# ଭଜନେଶ୍ୱର ହାଇସ୍କୁଲରେ ଅବସରକାଳୀନ ସଭା



ପଟ୍ଟାମୁଣ୍ଡାଇ,୩୧।୫(ସମିସ): ପଟ୍ଟାମୁଣ୍ଡାଇ ବ୍ଲକ୍ ଅନ୍ତର୍ଗତ ମଣ୍ଡପଡ଼ା ଭଜନେଶ୍ୱର ହାଇସ୍କୁଲରେ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ମଣ୍ଡପଡ଼ା-ବାଛରା ନୋଡାଲ ଉପ୍ରା ସ୍କୁଲ ପ୍ରଧାନଶିକ୍ଷକ ଅମରେନ୍ଦ୍ର ଜେନାଙ୍କ ପୌରୋହିତ୍ୟରେ ଆୟୋଜିତ ବିଦାୟକାଳୀନ ସମ୍ବର୍ଦ୍ଧନା ସଭାରେ ଭଜନେଶ୍ୱର ହାଇସ୍କୁଲ ସହକାରୀ ଶିକ୍ଷକ ଗୋଲକ ବିହାରୀ ଭୂୟାଁ, ହେମନ୍ତ ମଲ୍ଲିକ, ରୋହିତ ସ୍ୱାଇଁ, କୃଷ୍ଣଚନ୍ଦ୍ର ସାହୁ, ଅନସୂୟା ନାୟକ, ବସନ୍ତ ଶତପଥୀ ଏମବି ନୋଡାଲ ସ୍କୁଲ ସହକାରୀ ଶିକ୍ଷକ ତରୁଣ ଜେନା, ନିରୋଦ ମହାନ୍ତି, ସଙ୍ଗୀତା ମଲ୍ଲିକ, ଜୟଶ୍ରୀ ଦାଶ, ବିଦ୍ୟୁତପ୍ରଭା ସିଂହ, ନମିତା ରାଉତ ଯୋଗଦେଇ ଅବସର ଗ୍ରହଣ କରିଥିବା ଭଜନେଶ୍ୱର ହାଇସ୍କୁଲ ପ୍ରଧାନଶିକ୍ଷକ ଅନନ୍ତ ବେହେରା ଓ ହିନ୍ଦି ଶିକ୍ଷକ ଜୟଦେବ ବେହୁରାଙ୍କୁ ମାନପତ୍ର, ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ସହକାରୀ ଶିକ୍ଷକ ଗୋଲକ ଭୂୟାଁ ହାଇସ୍କୁଲର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଦାୟିତ୍ୱ ଗ୍ରହଣ କରିଥିଲେ। ହେମନ୍ତ ମଲ୍ଲିକ ଧନ୍ୟବାଦ ଦେଇଥିବାବେଳେ କାର୍ଯ୍ୟକ୍ରମକୁ ଅକ୍ଷୟ ଦାସ ଓ ପ୍ରଫୁଲ୍ଲ ସାହୁ ପରିଚାଳନା କରିଥିଲେ।

# ମୂଳବସନ୍ତ ଓ ଗଣ୍ଡକୂଳରେ ବିକଶିତ କୃଷି ସଂକଳ୍ପ ଅଭିଯାନ

ପଟ୍ଟାମୁଣ୍ଡାଇ,୩୧।୫(ସମିସ): ବଡ଼ମୂଳବସନ୍ତ ପଞ୍ଚାୟତରେ ବିକଶିତ କୃଷି ସଂକଳ୍ପ ଅଭିଯାନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ସନ୍ତୋଷ ସେଠୀଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଭୁବନେଶ୍ୱର କୃଷି ବୈଜ୍ଞାନିକ ଡ. ଲକ୍ଷ୍ମୀପ୍ରିୟା ସାହୁ, ଜଟାଙ୍ଗ କୃଷି ବିଜ୍ଞାନକେନ୍ଦ୍ର କୃଷି ବିଶେଷଜ୍ଞ ଡ. ତାପସ ରଞ୍ଜନ ସାହୁ ଓ



ଡ. ନମିତା ମହାପାତ୍ର, ପଟ୍ଟାମୁଣ୍ଡାଇ ବ୍ଲକ କୃଷି ଅଧିକାରୀ ଶରତ ନାୟକ ଓ ସହକାରୀ କୃଷି ଅଧିକାରୀ ସ୍ୱପ୍ନା ପ୍ରଧାନ, ମହାକାଳପଡ଼ା ଉଦ୍ୟାନ କୃଷି ଅଧିକାରୀ ସୌରଭ ମହାପାତ୍ର, ବଡ଼ମୂଳବସନ୍ତ ସମିତି ସଭ୍ୟା ସ୍ମୃତିମୟୀ ମଲିକ, ସମବାୟ ସମିତି ସଭାପତି ସଞ୍ଜୟ ଲେଙ୍କା, ଯୁବନେତା ସଂଗ୍ରାମ ସ୍ୱାଇଁ, ସୁବ୍ରତ ସ୍ୱାଇଁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଆଧୁନିକ ଜ୍ଞାନକୌଶଳ ମାଧ୍ୟମରେ କୃଷିର ଉନ୍ନତି ଉପରେ ଆଲୋକପାତ କରିଥିଲେ। ଏଥିରେ ବଡ଼ମୂଳବସନ୍ତ ପଞ୍ଚାୟତର ସମସ୍ତ ଏମବିକେ, ମହିଳା ମହାସଂଘ, ସିଆରପି, ଇସି ମେମ୍ବର ଓ କୃଷକ ଯୋଗ ଦେଇଥିଲେ। ସେହିପରି ଡିହାପଡା ପଞ୍ଚାୟତର ଗଣ୍ଡକୂଳଠାରେ ବିକଶିତ କୃଷି ସଂକଳ୍ପ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଏଥିରେ କୃଷି ବୈଜ୍ଞାନିକ, କୃଷି ବିଶେଷଜ୍ଞ, କୃଷି ଅଧିକାରୀ, ଡିହାପଡା ସରପଞ୍ଚ ଶତ୍ରୁଘ୍ନ ମଲିକ, ସମିତିସଭ୍ୟା ରେଣୁକା ସେଠୀ ପ୍ରମୁଖ ଅତିଥି ଭାବେ ଯୋଗଦେଇ ବିକଶିତ କୃଷି ସଂକଳ୍ପ ଅଭିଯାନ ଉପରେ ଆଲୋକପାତ କରିଥିଲେ। ଗ୍ରାମ୍ୟ କୃଷି କର୍ମଚାରୀ ମିନତୀପ୍ରଭା ସାହୁ ଧନ୍ୟବାଦ ଦେଇଥିଲେ। ଏଥିରେ ଡିହାପଡ଼ା ପଞ୍ଚାୟତ ଏମବିକେ, ମହିଳା ମହାସଂଘ, ସମସ୍ତ ସିଆରପି, ଇସି ମେମ୍ବର ଓ କୃଷକ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ କୃଷକ ସାଥୀ ସୁବାସ ସାହୁ, ପ୍ରଶାନ୍ତ ନାୟକ, ନରହରି ବେହେରା ଓ ରଞ୍ଜିତ ପରିଡା ପରିଚାଳନା କରିଥିଲେ।

# ପ୍ରଫେସର ଦୁଃଶାସନ ପରିଡ଼ା ପଟ୍ଟାମୁଣ୍ଡାଇ କଲେଜ ନୂତନ ଅଧ୍ୟକ୍ଷ

ପଟ୍ଟାମୁଣ୍ଡାଇ,୩୧।୫(ସମିସ): ପଟ୍ଟାମୁଣ୍ଡାଇ କଲେଜ ଅଧ୍ୟକ୍ଷ ପ୍ରଫେସର ଦିଲ୍ଲୀପ ଭୂୟାଁ ଓ



ପ୍ରାଧ୍ୟାପକ ରଂଜିତ ସେନାପତି ଆଜି ଅବସର ଗ୍ରହଣ କରିଛନ୍ତି। ବିଦାୟୀ ଅଧ୍ୟକ୍ଷ ପ୍ରଫେସର ଶ୍ରୀ ଭୂୟାଁ ଓ ପ୍ରାଧ୍ୟାପକ ଶ୍ରୀ ସେନାପତିଙ୍କୁ କଲେଜ ପକ୍ଷରୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ଏଥିସହିତ ପଟ୍ଟାମୁଣ୍ଡାଇ କଲେଜର ନୂତନ ଅଧ୍ୟକ୍ଷ ଭାବେ ରସାୟନ ବିଜ୍ଞାନ ବିଭାଗ ମୁଖ୍ୟ ପ୍ରଫେସର ଡ. ଦୁଃଶାସନ ପରିଡା ବିଦାୟୀ ଅଧ୍ୟକ୍ଷଙ୍କଠାରୁ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହି ବିଦାୟ ଓ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବରେ କଲେଜର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ଯୋଗ ଦେଇଥିଲେ। ନୂତନ ଅଧ୍ୟକ୍ଷ ଭାବେ ପ୍ରଫେସର ଦୁଃଶାସନ ପରିଡ଼ାଙ୍କ ଯୋଗଦାନକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି।

■ ଖରସ୍ରୋତା ନଦୀରେ ଡାଳିକାଏନ୍ଦାରୁ ଭାରିଗଦା ପର୍ଯ୍ୟନ୍ତ ପଥର ପ୍ୟାକିଂ ଓ ରାସ୍ତା କାମ

# ହେଉଛି ନିମ୍ନମାନର କାମ, ସ୍ଥାୟୀତ୍ୱ ନେଇ ସନ୍ଦେହ

ରାଜକନିକା, ୩୧।୫(ସମିସ):

ଡାଳିକାଏନ୍ଦାରୁ ଭାରିଗଦା ପର୍ଯ୍ୟନ୍ତ ଖରସ୍ରୋତା ନଦୀରେ ପଥର ପ୍ୟାକିଂ ଓ ରାସ୍ତା କାମ ଚାଲିଛି। କାମ ନିମ୍ନମାନର ହେଉଥିବା ସ୍ଥାନୀୟ ଲୋକେ ଅଭିଯୋଗ କରୁଥିଲେ ହେଁ ପ୍ରଶାସନ କର୍ଣ୍ଣପାତ କରୁନି। ଏଥିପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।



ଖରସ୍ରୋତା ନଦୀର ଡାଳିକାଏନ୍ଦାରୁ ଭାରିପଦା ପର୍ଯ୍ୟନ୍ତ ଚାଲିଛି ପଥର ପ୍ୟାକିଂ ଓ ରାସ୍ତା କାମ। ଠିକାଦାର ନିମ୍ନମାନର କାମ କରୁଥିବା ଦେଖିବାକୁ ମିଳିଛି। ବିନା ସୂଚନା ଫଳକରେ କୋଟି କୋଟି ଟଙ୍କାର କାମ ହେଉଛି। କାମ ସ୍ଥଳରେ ଉପସ୍ଥିତ ରହୁନାହାନ୍ତି ସହକାରୀ ଯନ୍ତ୍ରୀ। ଏ ନେଇ ସ୍ଥାନୀୟ ଲୋକେ ଅଭିଯୋଗ କରୁଥିଲେ ହେଁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନି। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ ବଡ଼ ପଥର ବଦଳରେ ଛୋଟ ଛୋଟପଥ ବ୍ୟବହାର ହେଉଛି। ଫଳରେ ପଥର ଖଣ୍ଡ ନଦୀକୁ ଧସିଯାଉଛି ଓ ଏହାର ସ୍ଥାୟିତ୍ୱ ନେଇ ସନ୍ଦେହ ସୃଷ୍ଟି ହୋଇଛି। ଅନ୍ୟପକ୍ଷରେ ନଦୀକୂଳରେ ରାସ୍ତା ନିର୍ମାଣ ନିମ୍ନମାନର ହେଉଥିବା ଜଣାପଡ଼ିଛି। ଲୋକଙ୍କ ଚାଷଜମି ଉପରେ ଏହି ରାସ୍ତା ଯାଉଥିବାବେଳେ ଲୋକଙ୍କୁ କ୍ଷତିପୂରଣ ମିଳିନାହିଁ। ପୁନଶ୍ଚ ଲୋକଙ୍କ ଜମି ଉପରେ ରାସ୍ତା ହେଉଥିବାବେଳେ ଏହି ରାସ୍ତା ପାଇଁ ସେହି ଜମିରୁ ମାଟି ଖୋଳି ଗାଡ଼ କରିବା ଦ୍ୱାରା ସେହି ଗାଡ଼ରେ ଗୋରୁଗାଈ ପଡ଼ି ମୃତ୍ୟୁବରଣ କରୁଛନ୍ତି। ଲୋକଙ୍କୁ କ୍ଷତିପୂରଣ ଦେବାକୁ କହି ସମ୍ପୃକ୍ତ ଠିକାଦାର ଠକି ଚାଲିଥିବାବେଳେ ଏ ସମସ୍ତ ଅନିୟମିତତା ନେଇ ସଂପୃକ୍ତ ଯନ୍ତ୍ରୀଙ୍କ ସହ ଯୋଗାଯୋଗ କରାଯାଇଥିଲେ ହେଁ ସେ କୌଣସି ସନ୍ତୋଷଜନକ ଉତ୍ତର ଦେଇନାହାନ୍ତି। କ୍ଷତିଗ୍ରସ୍ତ ଚାଷୀ ଓ ଅଞ୍ଚଳବାସୀ କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କ ଅଫିସ୍ ଘେରଉ କରିବା ସହ ରାସ୍ତା ଅବରୋଧ କରିବାକୁ ଚେତାବନୀ ଦେଇଛନ୍ତି।

# ବାଲୁଙ୍କେଶ୍ୱର ମନ୍ଦିରରେ ଶିବ ବିବାହ ଉତ୍ସବ



ଡେରାବିଶ, ୩୧।୫(ସମିସ): ଇନ୍ଦାଲୋ ପଞ୍ଚାୟତ ଅନ୍ତର୍ଗତ ବାଲିସାହିସ୍ଥ ବାଲୁଙ୍କେଶ୍ୱର ମହାଦେବ ମନ୍ଦିରରେ ଶୀତଳ ଷଷ୍ଠୀ ଓ ଶିବ ବିବାହ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଶିବଙ୍କ ପିତାମାତା ଭାବେ ବାଲିସାହି ଗ୍ରାମର ବିଜୟ ପଣ୍ଡା ଓ ସ୍ମିତା ପଣ୍ଡା, ପାର୍ବତୀଙ୍କ ପିତାମାତା ଭାବେ ନାନକାର ଗ୍ରାମର ସୁବ୍ରତ ପରିଡ଼ା ଓ ସୁଲୋଚନା ପରିଡା କାର୍ଯ୍ୟ ନିର୍ବାହ କରିଥିଲେ। ସ୍ଥାନୀୟ ଅଞ୍ଚଳର ମହିଳା ବରକନ୍ୟା (ଶିବ ପାର୍ବତୀ)ଙ୍କୁ ବନ୍ଦାପନା କରିଥିଲେ। ଏହି ଦେବ ବିବାହରେ ସ୍ଥାନୀୟ ଅଞ୍ଚଳର ବହୁ ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ। ସେହିପରି ପଲେଇ ପଞ୍ଚାୟତ ଅନ୍ତର୍ଗତ ଅଡ଼ଙ୍ଗା ମଲ୍ଲିକେଶ୍ୱରପୁରସ୍ଥ ମଲ୍ଲିକେଶ୍ୱରଙ୍କ ପୀଠ ଓ ଦାନପୁର ପଞ୍ଚାୟତ ଅନ୍ତର୍ଗତ କେଶରପୁରସ୍ଥ ବାଲୁଙ୍କେଶ୍ୱରଙ୍କ ପୀଠରେ ଶୀତଳ ଷଷ୍ଠୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି।

# ପେଣ୍ଠ ବାତ୍ୟା ଆଶ୍ରୟସ୍ଥଳୀରୁ ଚୋରି

ରାଜନଗର,୩୧।୫(ସମିସ): ରାଜନଗର ବ୍ଲକ୍ ହାତିନା ପଞ୍ଚାୟତ ପେଣ୍ଠ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀ କବାଟ ଭାଙ୍ଗି ଦୁର୍ବୃତ୍ତ ବିଭିନ୍ନ ସାମଗ୍ରୀ ଲୁଟି ନେଇଥିବା ନେଇ ରାଜନଗର ଥାନାରେ ଅଭିଯୋଗ ହୋଇଛି। ବାତ୍ୟା ଆଶ୍ରୟସ୍ଥଳୀ ସମ୍ପାଦକ ଘନଶ୍ୟାମ ବଳ ଓ କମିଟି ସଦସ୍ୟ କରିଥିବା ଅଭିଯୋଗ ମୁତାବକ, ୨୯ ତାରିଖ ରାତିରେ ବାତ୍ୟା ଆଶ୍ରୟସ୍ଥଳୀ କବାଟ ଭାଙ୍ଗି ବିଭିନ୍ନ ସାମଗ୍ରୀ ଲୁଟି ନେଇଛନ୍ତି ଦୁର୍ବୃତ୍ତ। ହାତିନା ସରପଞ୍ଚ ସମୀର ସେଠୀଙ୍କ ଉପସ୍ଥିତିରେ କମିଟି ସଦସ୍ୟ ଚୋରି ସନ୍ଦେହରେ ୭ ଜଣଙ୍କୁ ପଚାରିବାରୁ ସେମାନେ ପାଲଟା କମିଟି ସଦସ୍ୟଙ୍କୁ ଧମକ ଦେଇଥିବା ନେଇ ରାଜନଗର ଥାନାରେ ଅଭିଯୋଗ ହୋଇଛି।

# ବଜ୍ରାଘାତରେ ୨ ମଇଁଷି ମୃତ

ଡେରାବିଶ, ୩୧।୫(ସମିସ): ଡେରାବିଶ ବ୍ଲକ୍ ଯଁଅରାବାରିମୂଳ ପଞ୍ଚାୟତ ଅନ୍ତର୍ଗତ ଅର୍ଡାମୂଳ ଗ୍ରାମରେ ଆଜି ବଜ୍ରାଘାତ ଘଟି ଦୁଇଟି ମଇଁଷିର ମୃତ୍ୟୁ ହୋଇଛି। ଗରାମ ଗ୍ରାମର ବିଜୟ ଦାସ ଆଜି ମଇଁଷି ପଲଙ୍କୁ ଚରାଇବାକୁ ନେଇଥିଲେ। ଅପରାହ୍ନରେ ଫେରୁଥିବାବେଳେ ଲୁଣାନଦୀ କୂଳରେ ଅର୍ଡାମୂଳ ନିକଟରେ ମଇଁଷି ଘାସ ଚରୁଥିଲେ। ନିକଟରେ ବିଜୟ ଉପସ୍ଥିତ ଥିଲେ। ଏହି ସମୟରେ ହଠାତ୍ କଳାହାଣ୍ଡିଆ ମେଘ ଉଠାଇ ଆସି ଘନଘନ ବଜ୍ରପାତ ସହିତ ଜୋରରେ ବର୍ଷା ହୋଇଥିଲା। ପରେ ମଇଁଷି ପଲଙ୍କ ଉପରେ ବଜ୍ରାଘାତ ହୋଇଥିଲା। ଫଳରେ ବିଜୟଙ୍କର ଦୁଇଟି ଗର୍ଭଣୀ ମଇଁଷି ସେହିଠାରେ ଛଟପଟ ହୋଇ ମରିଯାଇଥିଲେ। ସୌଭାଗ୍ୟକୁ ବିଜୟ କିଛି ଦୂରରେ ବସିଥିବାବେଳେ ବଜ୍ରାଘାତରୁ ରକ୍ଷା ପାଇଯାଇଥିଲେ।



■ ଅରଗଳ ପଞ୍ଚାୟତରେ ଭତ୍ତା ଦୁର୍ନୀତି; ଅଭିଯୋଗ ପରେ ଚେତିଲା ପ୍ରଶାସନ

# ଯାଞ୍ଚ ପରେ ୭୧ ଯୋଗ୍ୟ, ୧୩୮ ଅଯୋଗ୍ୟ

ଆଳି,୩୧।୫(ସମିସ): ଦୀର୍ଘ ୧୦ ମାସ ପରେ ଆଳି ବ୍ଲକ ଅନ୍ତର୍ଗତ ଅରଗଳ ପଞ୍ଚାୟତର ଭତ୍ତା ଦୁର୍ନୀତି ନୂଆ ମୋଡ଼ ନେଇଛି। ପ୍ରଶାସନ ପକ୍ଷରୁ ଯାଞ୍ଚ କରାଯାଇ ୭୧ ଜଣ ଯୋଗ୍ୟ ଓ ୧୩୮ ଜଣ ଅଯୋଗ୍ୟ ବିବେଚିତ ହୋଇଛନ୍ତି। ୭୧ ଜଣ ଯୋଗ୍ୟ ହିତାଧିକାରୀଙ୍କ ଭତ୍ତା ସହ ପୂର୍ବରୁ ବନ୍ଦ ଥିବା ଭତ୍ତା ପ୍ରଦାନ କରାଯିବ ବୋଲି ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଦେବାଶିଷ ଆଚାର୍ଯ୍ୟ ସୂଚନା ଦେଇଛନ୍ତି।



ସୂଚନା ମୁତାବକ, ଗତ ୨୧ ତାରିଖରେ ଶତାଧିକ ବାର୍ଦ୍ଧକ୍ୟ, ଭିନ୍ନକ୍ଷମ, ବିଧବା ମହିଳା ଆଳି ବ୍ଲକରେ ବିଡିଓଙ୍କ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ। ଦାବି ଅନୁଯାୟୀ ଅରଗଳ ପଞ୍ଚାୟତରୁ ୨୦୨୩-୨୪ ଆର୍ଥିକ ବର୍ଷରେ ଅନେକ ବ୍ୟକ୍ତି ମଧୁବାବୁ ପେନସନ ପାଇଁ ଆବେଦନ କରିଥିଲେ। ସେମାନଙ୍କ ମଧ୍ୟରୁ ୨୯୨ ଜଣ ଯୋଗ୍ୟ ବିବେଚିତ ହୋଇ ୭ ମାସ ଭତ୍ତା ପାଇଆସୁଥିଲେ। ତେବେ ଗତ ୧୦ ମାସ ପୂର୍ବେ ଅଭିଯୋଗ ଆଧାରରେ ବ୍ଲକ ପ୍ରଶାସନ ଓ ମେଡିକାଲ ଟିମ ଦ୍ୱାରା ଯାଞ୍ଚ କରାଯାଇ ୬୫ ଜଣଙ୍କ ନାମରେ ଆଳି ପ୍ରଶାସନ ପକ୍ଷରୁ ଆଳି ଥାନାରେ ମାମଲା ରୁଜୁ ହୋଇଥିଲା। ତନ୍ମଧ୍ୟରୁ ୧୧ ଜଣ ଭିନ୍ନକ୍ଷମ ଓ ବିଧବା ଲୋକଙ୍କୁ ଭତ୍ତା ମିଳୁଥିଲା। ହିତାଧିକାରୀଙ୍କ ମଧ୍ୟରୁ ୪ ଜଣଙ୍କ ଦେହାନ୍ତ ହୋଇ ସାରିଥିବାବେଳେ କେତେକ ଶଯ୍ୟାଶାୟୀ ଅଛନ୍ତି। ତିନିଜଣଙ୍କ ଭିନ୍ନକ୍ଷମ ସାର୍ଟିଫିକେଟ ଥାଇ ମଧ୍ୟ ସେମାନଙ୍କ ଭତ୍ତା ଦୀର୍ଘ ୮ ମାସ ଧରି ବନ୍ଦ ରହିଥିବା ଅଭିଯୋଗ ହୋଇଥିଲା। ଏ ଅଭିଯୋଗ ଆଧାରରେ ଯାଞ୍ଚ କରାଯାଇ ୨୯୨ ଜଣଙ୍କ ମଧ୍ୟରୁ ୭୧ ଜଣ ଯୋଗ୍ୟ, ୧୩୮ ଜଣ ଅଯୋଗ୍ୟ, ୭୯ ଜଣଙ୍କ ଆବଶ୍ୟକୀୟ ତଥ୍ୟ ଓ କାଗଜପତ୍ର ମଗାଯାଇଥିବାବେଳେ ୪ ଜଣଙ୍କ ତଥ୍ୟ ଯାଞ୍ଚ ପାଇଁ ଯାଜପୁର ଜିଲ୍ଲାରୁ ମଗାଯାଇଛି। ଯଦି ବଳକା ଥିବା ହିତାଧିକାରୀ ଆବଶ୍ୟକ ନଥିପତ୍ର ଯୋଗାଇ ନ ପାରନ୍ତି, ତେବେ ତାଙ୍କୁ ଅଯୋଗ୍ୟ ଘୋଷଣା କରାଯିବା ସହ ତାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀ ଆଚାର୍ଯ୍ୟ ସୂଚନା ଦେଇଛନ୍ତି।

# ପ୍ଲାଷ୍ଟିକ୍ ପ୍ରଦୂଷଣ ରୋକିବାକୁ ପିଇଟ ବୋତଲ ସ୍ରେଡର୍ ମେସିନ୍ ସ୍ଥାପନ ପ୍ରସ୍ତାବ

ପଟ୍ଟାମୁଣ୍ଡାଇ, ୩୧।୫(ସମିସ): ଦିନକୁ ଦିନ ବଢ଼ିବାରେ ଲାଗିଛି ପ୍ଲାଷ୍ଟିକର ବ୍ୟବହାର। ପ୍ଲାଷ୍ଟିକ ପରିବେଶକୁ ପ୍ରଦୂଷିତ କରିବା ସହ ଜୀବଜଗତ ପାଇଁ ବିପଦହୋଇଛି। ଏହାର ସୁପରିଚାଳନା ଓ ପୁନଃଚକ୍ରଣ ଏବେ ସମସ୍ତଙ୍କ ପାଇଁ ଆହ୍ୱାନ ପାଲଟିଛି। ଏଭଳି ସମୟରେ କେନ୍ଦ୍ରାପଡ଼ା ଜିଲ୍ଲାର ଅଗ୍ରଣୀ ସାମାଜିକ ସଂଗଠନ ଉତ୍କଳମଣି ଯୁବକ ସଂଘ ଏକ ଅଭିନବ ପ୍ରସ୍ତାବ ଚିଠି ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛି। ପ୍ଲାଷ୍ଟିକ୍ ବ୍ୟବହାର ଓ ବର୍ଜ୍ୟ ପ୍ରଦୂଷଣକୁ ଦୂର କରିବାକୁ ପୌରପାଳିକା, ମହାନଗର ନିଗମର ଜନଗହଳିପୂର୍ଣ୍ଣ ସ୍ଥାନ, ମେଡିକାଲ୍, ମହାବିଦ୍ୟାଳୟ, ପାର୍କରେ ପଲି ଏଥିଲିନ ଟେରେପ୍ଥେଲେଟ (ପି.ଇ.ଟି) ବୋତଲ ସ୍ରେଡର୍ ମେସିନ୍ ସ୍ଥାପନ ପାଇଁ ପ୍ରସ୍ତାବରେ ଉଲ୍ଲେଖ କରାଯାଇଛି। ଏହି ମେସିନ ସ୍ଥାପନ ହେବା ଦ୍ୱାରା ପ୍ଲାଷ୍ଟିକ୍ ବର୍ଜ୍ୟର ସଠିକ ପରିଚାଳନା ସହଜ ହୋଇପାରିବ। ପ୍ରତ୍ୟେକ ଶିକ୍ଷା ସଂସ୍ଥାନ, ବଜାର, ବସ୍‌ଷ୍ଟାଣ୍ଡ, ମେଡିକାଲ ଓ ସାର୍ବଜନୀନ ସ୍ଥାନରେ ଏହି ମେସିନ୍ ସ୍ଥାପନ କଲେ, ପ୍ଲାଷ୍ଟିକ୍ ବର୍ଜ୍ୟର ସଂଗ୍ରହ, ବିଭାଜନ ଓ ପୁନଃଚକ୍ରଣ ସହଜ ହେବ। ଏହାଦ୍ୱାରା ପ୍ରଦୂଷଣ କମିବା ସହିତ ଜଳ ସଂରକ୍ଷଣରେ ବଡ଼ ସଫଳତା ମିଳିବ।

ଉତ୍କଳମଣି ଯୁବକ ସଂଘ ସଭାପତି ଗୌତମ ବେହେରା କହିଛନ୍ତି, ପ୍ଲାଷ୍ଟିକ୍ ପ୍ରଦୂଷଣ ଆଜି ବିଶ୍ୱ ପାଇଁ ଗମ୍ଭୀର ସମସ୍ୟା। ଏହି ସ୍ରେଡର୍ ମେସିନ୍ ସ୍ଥାପନ ଦ୍ୱାରା ସର୍ବସାଧାରଣଙ୍କ ମଧ୍ୟରେ ପୁନଃଚକ୍ରଣ ସମ୍ପର୍କିତ ସଚେତନତା ଅଣାଯାଇପାରିବ। ଏହି ମେସିନରେ ବୋତଲ ଭରିଲେ ମେସିନ ତାହାକୁ ଛୋଟ ଛୋଟ ପେଣ୍ଡୁଳା କରିଦେବ। ସେହି ପ୍ଲାଷ୍ଟିକ ପେଣ୍ଡୁଳା ପୁନଃଚକ୍ରଣ ପାଇଁ ବିଭିନ୍ନ କମ୍ପାନୀଙ୍କୁ ବିକ୍ରି କରାଯାଇପାରିବ। ସେଥିରୁ ଜୋତା, ଖେଳାଳିଙ୍କ ଜର୍ସି ପ୍ରସ୍ତୁତ ହୋଇପାରିବ। ସଂଘ ସଭାପତି ଗୌତମ ବେହେରାଙ୍କ ପ୍ରସ୍ତାବ ପରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ଚିଠି ନମ୍ବର ୧୧୩୯୩)ରେ ମହାନଗର ନିର୍ଦ୍ଦେଶକ, ଗୃହ ଓ ନଗର ଉନ୍ନୟନ ବିଭାଗକୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଯଦି ଏହି ସ୍ଲେଡିଂ ମେସିନ ସ୍ଥାପନ ହେବ, ପ୍ଲାଷ୍ଟିକ ବୋତଲ ଅତି ସହଜରେ ପୁନଃଚକ୍ରଣ କରାଯାଇପାରିବ। ଯଦ୍ୱାରା ପ୍ରଦୂଷଣ ଅନେକ ମାତ୍ରାରେ ନିୟନ୍ତ୍ରଣ ହୋଇପାରିବ। ଜଳ ଓ ପରିବେଶ ସୁରକ୍ଷା ପାଇଁ ଏହି ମେସିନ୍ ସ୍ଥାପନରେ ଅପରିକଳ୍ପିତ ଭାବେ ପ୍ଲାଷ୍ଟିକ୍ ବୋତଲ ନିକ୍ଷେପ ଦ୍ୱାରା ଜଳାଶୟ ଦୂଷିତ ହେବା ରୋକାଯାଇପାରିବ। ଏହି ମେସିନ୍ ପାର୍କ, ପର୍ଯ୍ୟଟନ ସ୍ଥଳୀ, ବସ୍‌ଷ୍ଟାଣ୍ଡ, ରେଲ ଷ୍ଟେସନ ଓ ସାର୍ବଜନୀନ ସ୍ଥାନରେ ସ୍ଥାପନ କରିବା ପାଇଁ ଶ୍ରୀ ବେହେରା ରାଜ୍ୟ ସରକାରଙ୍କୁ ଅନୁରୋଧ କରିଛନ୍ତି।

# ବଉଳକଣି ପଞ୍ଚାୟତ ଦୁର୍ନୀତିର ତଦନ୍ତ ପାଇଁ ଜିଲ୍ଲାପାଳଙ୍କୁ ଦାବିପତ୍ର

କେନ୍ଦ୍ରାପଡ଼ା,୩୧।୫(ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ବ୍ଲକ୍ ବଉଳକଣି ପଞ୍ଚାୟତରେ ୨୦୧୭-୨୦୨୧ ମଧ୍ୟରେ ଦୁର୍ନୀତି ହୋଇଛି। ଏ ଦୁର୍ନୀତିକୁ ଲୋକଲୋଚନକୁ ଆଣିବା ସହ ଏଥିରେ ସମ୍ପୃକ୍ତ ଥିବା ଜନପ୍ରତିନିଧି ଓ ଅଧିକାରୀଙ୍କ



ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ସୂଚନା ଅଧିକାର କର୍ମୀ ହରେକୃଷ୍ଣ ପାତ୍ର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଦାବିପତ୍ର ପ୍ରଦାନ କରିଛନ୍ତି। ୨୦୧୭-୨୦୨୧ରେ ପଞ୍ଚାୟତରେ ହୋଇଥିବା ଉନ୍ନୟନମୂଳକ କାର୍ଯ୍ୟ ଓ ଆୟବ୍ୟୟ ସମ୍ପର୍କରେ ହରେକୃଷ୍ଣ ପାତ୍ର ସୂଚନା ଅଧିକାର ଆଇନ ବଳରେ ତଥ୍ୟ ମାଗିଥିଲେ। ମାତ୍ର ସୂଚନା କମିଶନଙ୍କ ନିକଟରେ ମହାକାଳପଡ଼ା ବିଡିଓ ରଖିଥିବା ଉତ୍ତର ରୋଚକ ହୋଇଛି। ସେ ସମୟର କୌଣସି ନଥିପତ୍ର ପଞ୍ଚାୟତ କାର୍ଯ୍ୟାଳୟରେ ନାହିଁ ବୋଲି ଉତ୍ତର ଦେଇଥିଲେ। ତେଣୁ ଦୁର୍ନୀତି ହୋଇଥିବା ଅଭିଯୋଗ କରି ହରେକୃଷ୍ଣ କେନ୍ଦ୍ରାପଡା ଜିଲ୍ଲାପାଳଙ୍କୁ ଅଭିଯୋଗ ପତ୍ରରେ ଜଣାଇଛନ୍ତି। ଶୁକ୍ରବାର କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଏଡିଏମ ରବୀନ୍ଦ୍ର ମଲ୍ଲିକଙ୍କୁ ଭେଟି ଦାବିପତ୍ର ଦେଇଥିଲେ।

# ବଜ୍ରାଘାତରେ ଘର ଫାଟିଲା, ୩ ଆହତ


ରାଜନଗର,୩୧।୫(ସମିସ): ରାଜନଗର ବ୍ଲକ୍ କୃଷ୍ଣନଗର ପଞ୍ଚାୟତର ବାଘୁଆ ଗାଁରେ ବଜ୍ରାଘାତରେ କୋଠା ଘରର ଛାତ ଫାଟିଥିବାବେଳେ ୩ ମାସର ଶିଶୁ ସମେତ ୩ ଜଣ ଆହତ ହୋଇଛନ୍ତି। ଆଜି ପ୍ରାୟ ୪ ଘଟିକା ସମୟରେ ବର୍ଷା ସାଙ୍ଗକୁ ବଜ୍ରପାତ ହୋଇଥିଲା। ବାଘୁଆ ଗାଁର ମଣ୍ଟୁ ଦାସଙ୍କ କୋଠା ଘର ଉପରେ ବଜ୍ରପାତ ହୋଇଥିଲା। କୋଠା ଘରର ଛାତ ଫାଟିବା ସହିତ କାନ୍ଥ ମଧ୍ୟ ଫାଟିଯାଇଛି। ଘର ନିକଟରେ ଥିବା ନଡିଆ ଗଛ ଜଳିଯିବା ସହ ଚିରି ହୋଇଯାଇଛି। ଘରେ ଥିବା ମଣ୍ଟୁ ଦାସଙ୍କ ୩ ମାସର ନାତୁଣୀ ଲକ୍ଷ୍ମୀ ଚେତା ହରାଇଥିବାବେଳେ ସ୍ତ୍ରୀ କାମିନୀବାଳା ଦାସ, ବୋହୂ ଝିଲି ଦାସ ବେହୋସ ହୋଇ ପଡିଥିଲେ। ଶାଶୂ ଓ ବୋହୂ ଘରେ ସୁସ୍ଥ ହୋଇଥିବାବେଳେ ୩ ମାସର ଶିଶୁ ଚିକିତ୍ସା ପରେ ସୁସ୍ଥ ଥିବା ଜଣାପଡ଼ିଛି।

ଡେରାକେଶପୁର ଦଳିତ ସାହିକୁ ନାହିଁ ଭଲ ରାସ୍ତା

# ବର୍ଷାଦିନ ପୂର୍ବରୁ ରାସ୍ତା କାମ ସାରିବାକୁ ଦାବି

ପଞ୍ଚୁପାଣ୍ଡବ,୩୧।୫(ସମିସ):

ଡେରାବିଶ ବ୍ଲକ୍ ରଘୁଦେଇପୁର ପଞ୍ଚାୟତ ଅନ୍ତର୍ଗତ ଡେରାକେଶପୁର ଗ୍ରାମର ଦଳିତ ସାହି ଲୋକେ ଯାତାୟାତ କରିବାକୁ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି। ଏହି ରାସ୍ତା ପାଇଁ ଲକ୍ଷାଧିକ ଟଙ୍କା ବ୍ୟୟବରାଦ ହୋଇଥିଲେ ହେଁ ରାସ୍ତା ସମ୍ପୂର୍ଣ୍ଣ ହୋଇପାରିଲାନାହିଁ। ତେବେ ବର୍ଷାଦିନ ପୂର୍ବରୁ ରାସ୍ତା କାମ ସାରିବାକୁ ସାହି ଲୋକେ ଦାବି କରିଛନ୍ତି।



ପଟ୍ଟାମୁଣ୍ଡାଇ ୮ ନମ୍ବର (କ) କେନାଲ ବନ୍ଧଠାରୁ ଦଳିତ ସାହି ପର୍ଯ୍ୟନ୍ତ ଜାତୀୟ ଗ୍ରାମୀଣ କାର୍ଯ୍ୟନିଯୁକ୍ତି ଯୋଜନାରେ ରାସ୍ତାରେ ମାଟି ପକାଯାଇଥିଲା। କିନ୍ତୁ ତା' ଉପରେ ମୋରମ୍ ପଡ଼ିପାରିନାହିଁ। ଦୀର୍ଘଦିନ ଧରି ମାଟି ପଡ଼ିରହିଛି। ଏ ନେଇ ବ୍ଲକଠାରୁ ପଞ୍ଚାୟତ ଅଧିକାରୀଙ୍କୁ ଜଣାଇଥିଲେ ସୁଦ୍ଧା କେହି ସମସ୍ୟାକୁ ସମାଧାନ କରୁ ନ ଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। କେତେକ ସ୍ଥାନରେ ଭଲ ରାସ୍ତା ଥିଲେ ବି ତାହା ଉପରେ ନୂଆ କାମ କରି ସରକାରଙ୍କ ଟଙ୍କା ହଡ଼ପ କରାଯାଉଛି। ତେବେ ଦୀର୍ଘଦିନ ଧରି ଦଳିତ ସାହି ରାସ୍ତା ଅଧପନ୍ତରିଆ ହୋଇ ପଡ଼ିରହିଛି। ଅସରାଏ ବର୍ଷା ହେଲେ ଦଳିତ ସାହିର ୨୦ ପରିବାର ଲୋକେ କାଦୁଅରେ ଯାତାୟାତ କରୁଥିବା ଗ୍ରାମର ପୁରସ୍ତମ ମଲିକ କହିଛନ୍ତି। ଏହି ରାସ୍ତାଦେଇ ଚାଷୀ ହଳ ବଳଦ, ଟ୍ରାକ୍ଟର, ପାୱାରଟେଲର ଓ ବିଭିନ୍ନ କାମ ପାଇଁ କେନାଲ ବନ୍ଧକୁ ଯିବାଆସିବା କରନ୍ତି। ଏହି ରାସ୍ତା ଦେଇ କେନାଲରେ ଥିବା ପୋଲରେ ବିଲକୁ ଚାଷୀ ଯାତାୟାତ କରନ୍ତି। ଦଳିତ ସାହି ରାସ୍ତାକୁ ପ୍ରଶାସନର ଅବହେଳାକୁ ଅଞ୍ଚଳବାସୀ ନିନ୍ଦା କରିଛନ୍ତି। ଶୀଘ୍ର ଏହାର ତଦନ୍ତ କରାଯାଇ ବର୍ଷା ଋତୁ ଆସିବା ପୂର୍ବରୁ ରାସ୍ତା କାମ ସମ୍ପୂର୍ଣ୍ଣ କରିବା ପାଇଁ ଗ୍ରାମର ଭିକାରୀ ମଲିକ, ମଥୁରା ମଲିକ, ମିଟୁଆ ମଲିକ, ଟୁକୁନା ମଲିକ, କାଶୀନାଥ ମଲିକ ଓ ୱାର୍ଡ ମେମ୍ବର ବିଜୟ ମଲିକ ଦାବି କରିଛନ୍ତି।

अखिल भारतीय आयुर्विज्ञान संस्थान (एम्स), भुवनेश्वर
**ALL INDIA INSTITUTE OF MEDICAL SCIENCES (AIIMS), BHUBANESWAR**
(A Statutory body under aegis of Ministry of Health and Family Welfare, Govt. of India)
Sijua, Post-Dumuduma, Bhubaneswar (Odisha) -751019

F. No.: RECT-11015/1/2023-RECU SEC/1217 Date: 30.05.2025

**WALK-IN-INTERVIEW**

The **All India Institute of Medical Sciences (AIIMS), Bhubaneswar** invites eligible candidates for a **Walk-In Interview** for the following **Non-Faculty Post** on a **Contractual Basis** for **11 months** or until alternative arrangement is made, whichever is earlier, as per the following Schedule:

| Sl. No. | Name of the Post | Qualification/ Experience | No. of Post | Age Limit | Monthly Emoluments | Date of Interview |
|---|---|---|---|---|---|---|
| 01 | Medical Physicist (Nuclear Medicine) | 1. M.Sc. Nuclear Medicine Technology from a recognized University/ Institution<br>**Desirable**<br>1. RSO Level-II certification recognized by AERB<br>2. Ph.D. in Nuclear Medicine | 02 | 21-35 years | ₹ 86,955/- | 09/06/2025 |

| | |
|---|---|
| Reporting Time: | 10:00 A.M. to 10:30 A.M. |
| Venue for Reporting: | Room No.: 331, Recruitment Cell, 3rd Floor, Academic Block, AIIMS Bhubaneswar, Sijua, Post: Dumuduma, Bhubaneswar, Odisha- 751019 |

2. In view of the above, Candidates fulfilling the eligibility criteria may report for the **Walk-In Interview by 10:00 AM** on the scheduled date at the above designated venue, bringing their original certificates, testimonials, and other necessary documents for verification. **The candidates who report after 10.30 AM will not be considered.**

Sd/-
Senior Administrative Officer,
AIIMS, Bhubaneswar

# ନଈ, ପ୍ରେମ ପାଇଁ ନାଁଟିଏ



କାଶୀନାଥ ନନ୍ଦୀ



ମୁଁ ଆଜିର ଦିନରେ ଅଛି। ମୋ ଦିନସବୁ ସରି ସରି ଯାଉଛି। ଏଇ ବେଳକାଳ ମତେ କାହିଁକି କେଜାଣି ଭଲ ଲାଗୁ ନାହିଁ। ମୋ ଦେହଜୀବନ ସିନା ଏବେ ବର୍ତ୍ତମାନ କାଳରେ, ହେଲେ ମନ ସବୁବେଳେ ପଛକୁ ପଛକୁ ଚାଲି ଯାଉଛି ଆପେ ଆପେ। ଅନେକ ପଛକୁ ରହିଗଲା ସେଇ ଦିନସବୁ, ଯୋଉଠି ମୋ ବୋଉ ଓ ଆମେ ଥିଲୁ। ଆମର ଭଲ ଦିନସବୁ ଥିଲା। ବସିଥିଲେ ମୁଁ ମୋ ବୋଉକୁ ମନେ ପକାଏ। ମୋ ବୋଉର ପ୍ରିୟ ତା' ନଈକୁ ମନେ ପକାଏ। ଆମ ମାଟିଘର, ମାଟିହାଣ୍ଡିରେ ଭାତ, ଗହିରିଆ ପଲମରେ ପିଠା, ଗୁଆଘିଅ, ପାଣିଆ ହାଣ୍ଡିଗୁଡ଼ କଥା ମନେପଡ଼େ। ତାଆରି ଭିତରେ ଆମ ଜୀବନର କେତେ ଦୁଃଖ ସୁଖର କଥା । ମନକୁ ସେ ସବୁ ଆସିଗଲେ ମୋ ଭିତରେ ଦୁଃଖ ଆସେ ନା। ଖୁସି ବି ଆସେନା। ଗୋଟେ ନୀରବତା ଥାଏ ମନରେ। ଶାନ୍ତ ଥାଏ ମୋ ଶୀତଳ ମନ। ଲାଗୁଥାଏ ମୁଁ ମୁଠେଇ ଧରିଛି ସେଇ ଦିନସବୁକୁ। - ବୋଉ ଜଳିଗଲା। ପାଉଁଶ ହେଇ ଯାଇଥିବା ତା' ଦେହକୁ ମୁଁ ସେଇ ନଦୀରେ ବାହି ଦେଲି। ତା'ର ଏକାନ୍ତ ଇଚ୍ଛା ଥିଲା ସେଇଆ। ସେ କହିଥିଲା, "ବାବାରେ, ମୁଁ ମରିଗଲେ ମୋର ମୁଠେ ପାଉଁଶ ଏଇ ନଈକୁ ଦେବୁ। ଇଏ ହିଁ ମୋ ମା' କୋଳ। ମୁଁ ଏଇଠି ଶୀତଳ ହେଉଥିବି, ଶାନ୍ତ ହେଉ ଥିବି। ମୋ ଘରେ ମୁଁ ଥିବି।"

ବୋଉର ଏଇ ଇଚ୍ଛା ଏତେ ଶେଷକୁ ଜାଣିବା ଆଗରୁ ମୋ ବୋଉର ଏ ନଈ ମୋ ପ୍ରେମିକା ଥିଲା। ଦିନବେଳେ ସେ ଫୁଲେଇ ଟୋକୀ। ନୀରବ ରାତିରେ ସେ କୂଳବଧୂ। - ସେମିତି ଶୀତଳ, ସେମିତି ଧୀର ଛଳଛଳ। ମୁଁ ଛୁଇଁ ପାରେ ତାକୁ। ସେ ଧୀର ସ୍ୱର ରଖିଥାଏ ନୀରବ ରାତିରେ। ଯେମିତି ସେ ଗୁଣୁଗୁଣୁ ହେଇ ଗୀତ ଗାଉଛି। ମୁଁ ଜହ୍ନ ଆଲୁଅରେ ତାକୁ ଦେଖୁଥାଏ। ଗୋଟେ ରୂପ ଥାଏ ତା'ର। ମୁଁ ତା ରୂପରେ, ସ୍ୱରରେ ମୋହି ଯାଇଥାଏ। ଆଉ ବେଳ ଆସେ ତା'କୁ ମୋ କଥା କହିବାକୁ। ତେବେ କହୁଥାଏ, ପୁଣି କହି ପାରୁ ନ ଥାଏ। ତା' କେତେ ସମୟ ପରେ ମୁଁ ଉଠିଯାଏ ତା' ପାଖରୁ ଓ ସେଇ ସମୟ ଉପରୁ। ତା' ମଙ୍ଗଳମୟ ପ୍ରେମରୁ ବାହାରି ମୁଁ ପୁଣି ଏକୁଟିଆ ହେଉ ଥାଏ। ଫେରିଯାଉ ଥାଏ, ମତେ ଲାଗେ ମୁଁ ଯେମିତି ଗୋଟେ ଶୂନ୍ୟତା ଆଡ଼କୁ ପଶି ଯାଉଛି। ମୋର ହେଇ ଯେମିତି ଆଉ କେହି ନାହିଁ। ଅଥଚ କେମିତି କେଜାଣି ମୋ ମନ ପଛମୁହାଁ ହୁଏ। ପଛକୁ ଅନାଏ। ମତେ ଲାଗେ କିଏ ଯେମିତି ମତେ ସେଇଠୁ ଥାଇ ଅନେଇ ରହିଛି। ମତେ ଦେଖା ଯାଉଥାଏ, ସେଇଠି ଛାଇଟିଏ ଠିଆ ହେଇଛି। ସେଇ ଛାଇରେ ଝିଅଟିଏ ଠିଆ ହେଇଛି। ମତେ ଅନେଇ ରହିଛି। ହୁଏତ ହସୁଛି। ମୁଁ କିଛି ଗୋଟେ ପାଇଲା ପରି ଲାଗେ। ପୁଣି କିଛି ଗୋଟେ ହରେଇ ଦେଲା ପରି ଲାଗେ। ଲାଗେ ମୁଁ ଭ୍ରମରେ ଅଛି। ଲାଗେ ମୁଁ ସତରେ ଅଛି। ଲାଗେ ମୁଁ ଦୃଶ୍ୟରେ ଅଛି। ପୁଣି ଅଦୃଶ୍ୟରେ ଅଛି।

ପୁଣି ଥର ଥର କି ଯାଉଥାଏ ସେଇ ନଈ କୂଳକୁ। ତା' ପାଖ ସେଇ ବୁଦାମୂଳକୁ। ଖୁସି ଥାଉ, ଦୁଃଖ ଥାଉ, ମୁଁ ତା'ର ହେଇଗଲେ ମତେ ତୃପ୍ତ ଲାଗେ ମୋ ଜୀବନ। ସେଇଠି ଯେତେ ଯାହା ମୋର ହେଇ ଘଟଣା, ଯେତେ ଯାହା ମୋର ହେଇ ଜୀବନ ମୋ ଦେହ ତଳେ କୋଉଠି ଗୋଟେ ଲୁଚିଯାଏ।

ଏଇ ନଈ, ଏଇ ମୋ ପ୍ରେମିକା, ମୋ ବୋଉର ମାଆ। ତା' ଶେଷ ସମୟକୁ, ମୋ ବୋଉର ଜୀବନ ଯିବା ବେଳକୁ ମୁଁ ଜାଣିଲି ଏ କଥା। ଏଇ ନଈ ସେଇଠୁ ମୋ ଆଇ। ପୁଣି ସେ ମୋ ପ୍ରେମିକା। ମୁଁ ଆଜି ମୋ ଆଇ କୋଳରେ, ମୋ ପ୍ରେମିକାର କୂଳରେ କେତେ ଦିନ ପରେ ବସିଛି। କେତେବେଳ ହେଇ ଗଲାଣି କେଜାଣି ! ଏତିକି ବେଳେ ମୋ ପୁଅ ଆସିଲା ମୋ ପାଖକୁ। ତାକୁ ଦେଖିଲି ତ ମୋ ମଗ୍ନମନ ଭାଙ୍ଗିଗଲା। ମୁଁ କି ଗୋଟେ ଆଲିଙ୍ଗନର ମୁହୂର୍ତ୍ତଠାରୁ ଉଠିଗଲି।

"ବାପା...।" ପୁଅର ସ୍ୱରରେ ଭୟ। କିଛି ଗୋଟେ ଯେମିତି ହେଇ ଯାଇଛି।

ଆମ ମଗ୍ନ-ପ୍ରେମ ଭିତରକୁ ପୁଅର ଡାକ ପଶିଗଲା। ଭାଙ୍ଗିଦେଲା ମତେ, ମୋ ନଈକୁ ଓ ଆମ ପ୍ରମିଳ ମୁହୂର୍ତ୍ତକୁ। ମୁଁ ପୁଅ ଆଡ଼କୁ ଚାହିଁଲି। ଦେଖିଲି ତା' ଆଖିରେ ଲୁହ। ତା' ଭୟ ଉପର ଦେଇ ସେଇ ଲୁହ ଗଡ଼ି ଆସୁଥିଲା, "ବାପା, ତମ ଦେହ ଏତେ ଖରାପ, ଅଥଚ ତମେ ଏଠି ? ଏଠିକୁ ଆସିପାରିଲ କିପରି ?"

ମୋ ହୋସ୍ ପଶିଗଲା, ଆରେ, ମୁଁ ଏଠିକୁ ଆସିଲି କେମିତି...? ସାହାରା ନ ନେଲେ ମୁଁ ତ ଚାଲି ପାରେ ନା ପାଦେ !

ମୋ ଆଖି ପୁଅଠୁ ଉଠି ନଈ ଉପରକୁ ଚାଲି ଗଲା। ନଈରେ ଜହ୍ନ। ନଈରେ ନଈର ମୁହଁ। ସେଇଠି ତା' ଆଖି। ସେଇଠି ତା' ହସ।

ତା' ମୋର କୋଉ ଅବସ୍ଥା ମୁଁ କହି ପାରିବି ନାହିଁ। ସେଇଠି ମୋ ମନ ମତେ କ'ଣ କହିଲା, ମୁଁ ଜାଣି ପାରୁ ନାହିଁ; ପାଦ ଉଠାଇଲି ମୋ ନଈକୁ ପଶି ଯିବାକୁ। ଅଥଚ ଆଉ ଉଠି ପାରିଲି ନାହିଁ। ମୁଁ ସେତେବେଳକୁ ସତ ହେଇ ଯାଇଥିଲି କି କ'ଣ ଜାଣି ପାରୁ ନ ଥିଲି। ମୁଁ କି ଗୋଟେ ସ୍ୱପ୍ନର ଉହାଡ଼ରୁ ଗୋଟେ ସକାଳରେ ପହଞ୍ଚିଲି ଯାଉଥିଲି।

ପୁଅ ଏଥର ମୋ ହାତ ଧରିଲା। ମତେ ଉଠାଇଲା। ଏଇଠି ମୁଁ ଆତୁର ହେଇ ପୁଅକୁ କହିଲି, "ବାବାରେ ...ମୁଁ ମରିଗଲେ, ମତେ ଏଇଠି ପୋଡ଼ିବୁ। ମୋ ପାଉଁଶରୁ ମୁଠେ ଏଇ ପାଣିରେ ଦେବୁ।"

ତା'ପରେ ମୋ ତୁଣ୍ଡରେ ଆଉ କଥା ନାହିଁ। ମୋ ପୁଅକୁ ତାହା ହିଁ ଥିଲା ମୋ ଶେଷ କଥା। ତାପରେ ମୋ କଥା ସଂସାରରେ ଆଉ କିଏ ବି ଶୁଣି ନାହିଁ। ମୋ ପଢ଼ିଯିବା ପାଟି ଆଉ ଫିଟି ନାହିଁ। ଅଥଚ ସବୁ ଦିନରେ, ସବୁ ରାତିରେ ମୁଁ କଥା ହୁଏ ମୋ ନଈ ସାଙ୍ଗେ। ମୋ ନଈ ମୋ କଥା ଶୁଣୁ ଥାଏ। କୁଳୁ କୁଳୁ ବହୁଥାଏ। ■

ସି/ ୯୩, ସେକ୍ଟର-୪
ରାଉରକେଲା-୨
ମୋ: ୯୮୬୧୬୫୫୩୫୭

# ଡମକୁ କ'ଣ ଲୋଡ଼ା ?

ଡକ୍ଟର କମଳା କୃଷ୍ଣ ତ୍ରିପାଠୀ



ତମକୁ କ'ଣ ଲୋଡ଼ା ?
କିଛି ପଳ ମାଂସ
ତଟକା ରକ୍ତର ପାନୀୟ
ମୁଠାଏ ମାଟି
ନା ଥାଳିଏ ଥାଳିଏ ଗରମ ଗରମ ଭାତ ?

କୁହ, ମୁହଁ ଖୋଲି କୁହ
ଲାଜ ନ କରି କୁହ।
ଡରି ଥରି ଶଙ୍କି ନ ଯାଇ କୁହ !

ତମ ଭାଇମାନଙ୍କୁ ଡାକି ଆଣି
ଗଧିଆ କି ଭୋକିଲା କୁକୁର ପରି
ପଛକୁ ପଛ ଠିଆ ହୁଅ
ଦଧିଚି ଓ ଶିବିରାଜାର ବଂଶଧର
ଶହେ ପଚାଶ କୋଟି ଫଡ଼ିଆରୁ ଫେଡ଼େ ଫେଡ଼େ ଖୁଆଇ
ପଠେଇ ଦେବେ ତମ ଭିକାରି କୁଡ଼ିଆକୁ।

ରକ୍ତ ପିଇବ ତ କୁହ
ଏ ବି ଓ ଆଦି କୋଉ ଦଳର କେତେ ରୋଗୀ ଅଛ?
ଭର୍ତ୍ତି ହୋଇଯାଅ ତମ ଗାଁ ଡାକ୍ତରଖାନାରେ।
ଆମେ ପଠେଇ ଦେବୁ ରକ୍ତ ସହ ରୋଗର ନିବାରକ
ପଥି ପାଚନ ଚିକିତ୍ସକ ।
ଆମେ ଚିକିତ୍ସା କରିନେବୁ
ମଣିଷ ମନସ୍କ ହେବାଯାଏ।

କାହିଁକି ତମେ ଛଦ୍ମନାମ ଛଦ୍ମବେଶରେ ଆସି
ମାଟି କାମୁଡ଼ି ଲୁଚିଯାଉଛ ବଙ୍କର ଭିତରେ ?
ଆଗେ ନିଷ୍ପତ୍ତି ନିଅ
ମାଟି ଲୋଡ଼ୁଛ ନା ରୁଟି ଖୋଜୁଛ?
ପଟେ ପଟେ ରୁଟି ଦେବୁ ତ
ତମ ପେଟରେ ଜାଗା ନାହିଁ,
ଗୋଟିଏ ଗୋଟିଏ ଇଟା ନେବ ତ
ତମର ମାଟି ନାହିଁ ଘର କରିବାକୁ ?

ଏବେ ତମେ ହିଁ ଯୋଜନା କର।
ପସନ୍ଦ କର, ଫଇସଲା କର
କୁକୁର ସାଜି ଲହ ଲହ କରିବ ଜିଭ
ନା ଲାଞ୍ଜ ହଲ ହଲ କରି
ଫେରିଯିବ ପୂତି ଗନ୍ଧର କୁଡ଼ିଆକୁ ।। ■

ସର୍ଜନାଳୟ
ଲିଙ୍କ ରୋଡ଼ ୨ୟ ଗଳି, ଜୟପୁର
ମୋ: ୯୯୩୭୦୧୪୮୬୩

# ବାପା

ସୁଶୀଲ କୁମାର ପାଣିଗ୍ରାହୀ



ଲଙ୍ଗଳ ମୁନକୁ
ସହିପାରିଲେ ଯାଇ ଅଙ୍କୁରୋଦଗମ ପର୍ବର
ଉସନାକି ଗହ ଗହ

ତା'ପରେ କୁରେଇ ପତର ତୋଳା
କରଡ଼ି, ହେଣ୍ଡୁଆଁ, ସାରୁକିଣା, ଖଳିଦନା ଟିପା
ଗୋବରଲିପା ଓ
ଗୋଡ଼ ତଳକୁ ନ ଲାଗିବାର
ଯେତେ ଆୟୋଜନ
ଧୁମ୍ ନାଟ ଓ ନାଚ...

କାନ୍ଧରେ ମାଟିଡାଲା, ଖତସାର, ଫାଉଡ଼ା
ଖଳାଏ ଧାନକେଣ୍ଡା
ଆକାଶାଏ ଉତ୍କଣ୍ଠା
ଏସବୁ ଭାରରେ ଝାଳ
ଜୀରାନଦୀ ନ ହେଲେ
କି ବୋହିହେବ କାନ୍ଧରେ
ପୁଅଝିଅ
ଦେଖାଇନେବାକୁ
ଧନୁଯାତରା।

ମୁଣ୍ଡର ତାଳୁ ପରି ନ ତାତିଲେ
ହାଡ଼ ପରି
କଡ଼ମଡ଼ କଡ଼ମଡ଼ ନ କଲେ

ରକତସୁଅ ହେଇ ନ ବହିଲେ
କେମିତି ଆଖୁରେ ଭରିବ
ରସ!

ସମୟର ଘଣାରେ
ପେଶିହେଲେ ସିନା
ଥିପିବ ଥପ୍ ଥପ୍ ବାପର ଜୀବନ
ପେଟପୂରା ସଂସାର ଲାଗିବ
ମଧୁମୟ ମଧୁମୟ। ■




କଲ୍ୟାଣୀ ରେସିଡେନ୍ସି
ଫ୍ଲାଟ-୨୦୩, ଜଲାନ ଗଳି
ପୋ: ମୁଦିପଡ଼ା, ସମ୍ବଲପୁର-୨
ମୋ: ୮୧୪୪୨୨୮୨୦୨

## ପୁସ୍ତକ ପରିଚୟ

### ମୁକ୍ତିକାମୀ ମୋହିନୀ ମୋହନ

ପ୍ରଫେସର ମଣୀନ୍ଦ୍ର କୁମାର ମେହେର





ବ୍ଲାକ୍ ଇଗଲ୍ ବୁକ୍ସ
ଭୁବନେଶ୍ୱର
ପ୍ରଥମ ସଂସ୍କରଣ: ୨୦୨୫
ମୂଲ୍ୟ: ୨୦୦ ଟଙ୍କା

ବ୍ୟାସକବି ଫକୀରମୋହନ ସେନାପତିଙ୍କ ସୁପୁତ୍ର ମୋହିନୀ ମୋହନ ସେନାପତିଙ୍କ ସଂପର୍କରେ ପ୍ରଫେସର ମଣୀନ୍ଦ୍ର କୁମାର ମେହେରଙ୍କ ରଚିତ 'ମୁକ୍ତିକାମୀ ମୋହିନୀ ମୋହନ' ପୁସ୍ତକ ପ୍ରକାଶ ପାଇଛି। ଏହି ପୁସ୍ତକରେ ସଂକଳିତ ପ୍ରବନ୍ଧଗୁଡ଼ିକରେ ମୋହିନୀ ମୋହନଙ୍କ ଜୀବନ, ବ୍ୟକ୍ତିତ୍ୱ, ସାହିତ୍ୟ ସାଧନା, ସାରସ୍ୱତ କୃତି ଆଦି ସଂପର୍କରେ ଲେଖକ ଅତି ଚମତ୍କାର ଭାବେ ବର୍ଣ୍ଣନା କରିଛନ୍ତି। 'ମୋହିନୀ ମୋହନ ସେନାପତିଙ୍କ ସାହିତ୍ୟ ସାଧନାର ପ୍ରେରଣା', 'ଗଦ୍ୟଶିଳ୍ପୀ ମୋହିନୀ ମୋହନ', 'ମୋହିନୀ ମୋହନଙ୍କ ବ୍ୟକ୍ତିତ୍ୱ ଓ ସାହିତ୍ୟ : ପରିବର୍ତ୍ତନର ଆହ୍ୱାନ', 'ମୋହିନୀ ମୋହନଙ୍କ ବନ୍ଧନ- ମୁକ୍ତ ସମାଜର ପରିକଳ୍ପନା', 'ବିବାହ–ସଂସ୍କାର ସପକ୍ଷରେ ମୋହିନୀ ମୋହନ', 'ଆଧୁନିକତା ଓ ମୋହିନୀ ମୋହନ-ମାନସ', 'ଫକୀରମୋହନଙ୍କ ଆତ୍ମଚରିତର ପ୍ରକାଶକ ମୋହିନୀ ମୋହନ' ଆଦି ପ୍ରବନ୍ଧଗୁଡ଼ିକରେ ମୋହିନୀମୋହନଙ୍କ ସାହିତ୍ୟ ସାଧନା, ସାହିତ୍ୟ-ଜୀବନ- ଜଗତ ପ୍ରତି ଦୃଷ୍ଟିଭଙ୍ଗୀ, ବ୍ୟକ୍ତିତ୍ୱର ଆଭା ଅତି ମାର୍ମିକ ଭାବେ ଫୁଟି ଉଠିଛି। ପ୍ରବନ୍ଧଗୁଡ଼ିକ ବସ୍ତୁନିଷ୍ଠ ନହୋଇ ବ୍ୟକ୍ତିନିଷ୍ଠ ହୋଇଛି। ମୋହିନୀ ମୋହନ ସେନାପତିଙ୍କ ସଂପର୍କରେ ଜାଣିବା ପାଇଁ ଏହି ପୁସ୍ତକରେ 'ମୋହିନୀ ମୋହନ ସେନାପତି: ଏକ ସଂକ୍ଷିପ୍ତ ପରିଚିତି' ସନ୍ନିବେଶିତ ହୋଇଛି। ସେହିପରି ଓଡ଼ିଶାର ପ୍ରତିଷ୍ଠିତ ସମାଲୋଚକମାନେ ମୋହିନୀ ମୋହନଙ୍କ ସଂପର୍କରେ କ'ଣ କହନ୍ତି, ସେ ସଂପର୍କରେ କିଛି ମତାମତ ରହିଛି। ମୋହିନୀ ମୋହନଙ୍କ ସାହିତ୍ୟ ଓ ଜୀବନ ସମ୍ବନ୍ଧରେ ଜାଣିବା ପାଇଁ 'ମୁକ୍ତିକାମୀ ମୋହିନୀ ମୋହନ' ପୁସ୍ତକଟି ପାଠକ, ଗବେଷକମାନଙ୍କୁ ସାହାଯ୍ୟ କରିବ ବୋଲି ଆଶା କରାଯାଏ। ■

### ଷୋଡ଼ଶ

ଗଂଗାଧର ବିଶ୍ୱାଳ





ପକ୍ଷୀଘର ପ୍ରକାଶନୀ
୩୨, ମଧୁସୂଦନ ନଗର
ଭୁବନେଶ୍ୱର -୧
ପ୍ରଥମ ସଂସ୍କରଣ: ୨୦୨୫
ମୂଲ୍ୟ: ୨୫୦ ଟଙ୍କା

କଥାକାର ଗଂଗାଧର ବିଶ୍ୱାଳଙ୍କ 'ଷୋଡ଼ଶ' ଗଳ୍ପ ପୁସ୍ତକ ପ୍ରକାଶ ପାଇଛି। ସ୍ୱପ୍ନ ମଣିଷର ମନକୁ ସତେଜ କରିଦିଏ। ଅସଜଡ଼ା ମନକୁ ସଜାଡ଼ି ଦିଏ। ନିରସ ମନକୁ ସରସ କରିଦିଏ। ଏଭଳି ଏକ ଭାବନାକୁ ନେଇ ଗତିଶୀଳ ହୋଇଛି 'ତନୁଲତା' ଗପର କାହାଣୀ। ସେଭଳି ବିବାହ ପୂର୍ବରୁ ନିଜ ଭାବି ପତ୍ନୀଙ୍କୁ ଦେଖିବାର ସ୍ୱପ୍ନ ଅନେକ ପୁରୁଷଙ୍କ ସ୍ୱପ୍ନ ଥାଏ। ଏଭଳି ଜଣେ ପୁରୁଷଙ୍କ ସ୍ୱପ୍ନ ପ୍ରତିଫଳିତ ହୋଇଛି 'ଝିଅ' ଗପରେ। ଏହି ପୁସ୍ତକରେ ସନ୍ନିବେଶିତ 'ବାର୍ଦ୍ଧକ୍ୟ ଭତ୍ତା', 'ଅନ୍ୟଜଣେ ଯୀଶୁ', 'ପ୍ରେମିକା', 'କର୍ଫ୍ୟୁରାତି', 'ଅପ୍ରାକୃତିକ', 'ଜୀବନ ଓ ପ୍ରେମ', 'ଜେଜେ', 'ଭୋକକଥା', 'ଏକ ପ୍ରେମଗଳ୍ପ', 'ବର୍ଷା ବୋଲି ଜଣେ ଝିଅ', 'ଦାଗ', 'ରାତି ହେଲେ', 'ବୃତ୍ତ', 'ଚରିତ୍ର', 'ମନୋରମା', 'ମଶାଣି ସ୍ୱପ୍ନ' ଆଦି ଗପଗୁଡ଼ିକ ମନଛୁଆଁ ହୋଇଛି। ନିମ୍ନମଧ୍ୟବିତ୍ତ ପରିବାରର ତିନି ଅଙ୍କର ଦରମା ପାଉଥିବା ଚାକିରିଆ ପୁଅ ଅବିନାଶ ନିଜ ପତ୍ନୀଙ୍କ ଦାବି ପୂରଣ କରିବାରେ ଅସହାୟ ହୋଇପଡୁଛନ୍ତି। ସେଥିପାଇଁ ସେ ପ୍ରେମିକା ଓ ପତ୍ନୀ ଭିତରେ ଥିବା ପ୍ରଭେଦକୁ ଅନୁଭବ କରୁଛନ୍ତି। ନିମ୍ନମଧ୍ୟବିତ୍ତର ପରିବାରର ବାସ୍ତବ ଚିତ୍ରକୁ ଅତି ଚମତ୍କାର ଭାବେ ଗାଳ୍ପିକ ବିଶ୍ୱାଳ 'ପ୍ରେମିକା' ଗପରେ ବର୍ଣ୍ଣନା କରିଛନ୍ତି। ସଂକଳିତ ଗପଗୁଡ଼ିକରେ ମଣିଷର ପ୍ରେମ, ବିରହ, ସ୍ୱପ୍ନ, ସ୍ୱପ୍ନଭଙ୍ଗ, ଆଶା, ଆକାଂକ୍ଷା, ସାମାଜିକ ବାସ୍ତବତା ପ୍ରତିଫଳିତ ହୋଇଛି। 'ଷୋଡ଼ଶ' ପୁସ୍ତକର ଗଳ୍ପଗୁଡ଼ିକ ପାଠକମାନଙ୍କ ମନକୁ ଛୁଇଁ ପାରିବ ବୋଲି ଆଶା କରାଯାଏ। ■

# "ମୁଁ ଲେଖେ ମୋ ନିଃସଙ୍ଗତାକୁ ଏଡ଼ାଇବା ପାଇଁ"







ଦୁର୍ଗାପ୍ରସାଦ ଆଚାର୍ଯ୍ୟ

ମୁଁ କାହିଁକି ଲେଖେ?-ଏମିତି ଏକ ପ୍ରଶ୍ନର ଉତ୍ତର ଅନେକ ଦିଗ୍‌ଗଜ ଲେଖକ/ଲେଖିକା ଭିନ୍ନ ଭିନ୍ନ ବାଗରେ ଦେଇଛନ୍ତି। କିଏ କହିଛି - "ମୋତେ ଲେଖା ମାଡ଼େ" ଭଳି ବେଶ୍ ଗହୀରିଆ, ବ୍ୟଞ୍ଜନାପୂର୍ଣ୍ଣ ବାକ୍ୟଟିଏ ତ ଆଉ କିଏ ଆପଣାର ଲେଖକୀୟ ଢମରେ ଅଲୌକିକ ପୁଟ ବୋଳିବାକୁ ଇଚ୍ଛା କରି କହିଛି - "ମୁଁ ଲେଖେ, କାରଣ ଲେଖିବା ପାଇଁ ମୋ ଉପରେ କିଏ ଜଣେ 'ସବାର' ହୋଇଯାଇଥାଏ, ସତେ ଯେପରି 'କାଳିଶୀ' ଲାଗିଯାଇଥାଏ ମତେ ସେତେବେଳେ ।" ଏମିତି ଉତ୍ତରଟି ମାନ ଯେଉଁମାନେ ଦେଇଥାନ୍ତି, ସେମାନେ ବୋଧହୁଏ ସେମାନଙ୍କ ଅନ୍ତଃକରଣରେ ବିଶ୍ୱାସ କରିଥାନ୍ତି ଯେ ଲେଖିବା କାମଟା ପୂରାପୂରି ଏକ ରହସ୍ୟଘନ ବ୍ୟାପାର ଓ ଜଣେ ଦିବ୍ୟ ପ୍ରେରଣାଯୁକ୍ତ ହୋଇ ପୂରାପୂରି ଜ୍ୱରାକ୍ରାନ୍ତ ଆବେଶଟିଏ ଭିତରେ ନ ପଡ଼ିଯିବା ପର୍ଯ୍ୟନ୍ତ ଆଦୌ ଲେଖନୀ ଧରିପାରେ ନାହିଁ କି ତୂଳୀଟିଏ ହାତରେ ତୋଳି ଧରି ପାରେନାହିଁ। କିନ୍ତୁ ଏ ଲେଖକ ସେ ଦୃଷ୍ଟିରୁ ଅଧମ, ଭାଗ୍ୟହୀନଟିଏ ନିଶ୍ଚୟ ।

ଏ ଲେଖକ ବାପୁଡ଼ା ଜଣକ ଜାଣେ ଯେ ସେ ଲେଖାଲେଖି କରେ, କାରଣ ଏ ଲେଖିବା କାମଟା ପାଇଁ ଯେଉଁ ମୁଖ୍ୟ ସମ୍ବଳଟି ଲୋଡ଼ା, ତା' ପାଇଁ ତାକୁ ଜମା କିଛି ବ୍ୟୟ କରିବାକୁ ପଡ଼େ ନାହିଁ। ସେ ସମ୍ବଳ ତା' ପାଇଁ ଭାରି ଶସ୍ତା, ପୂରାପୂରି ସହଜପ୍ରାପ୍ୟ । ତାକୁ ପାଇବା ପାଇଁ ଜମା ଲୋଡ଼ା ହୁଏ ନାହିଁ କେଉଁ 'ତୁଙ୍ଗ ଶିଖରୀ ଚୂଳ' ବା କେଉଁ 'ନୀଳାମ୍ବୁ ଚିଲିକା'ର ଶୀତ୍କାର, ରୋମାଞ୍ଚକୁ ଜବରଦସ୍ତ ଭୋଗିବା ବା ଅନୁଭବ କରିବା। ସେ ସମ୍ବଳ ହେଉଛି ତା' ଭିତରେ ସବୁବେଳେ ମଥାପିଟି ଚାଲିଥିବା ଅସୁମାରୀ ଶବ୍ଦମାନଙ୍କର ତରଙ୍ଗ । ତା'ପାଇଁ ସହଜଲଭ୍ୟ ସେଇ ଶବ୍ଦସବୁକୁ ନେଇ ସେ ଲେଖିବା ପାଇଁ ବସିଯାଏ -ବସିଯାଏ ସେତିକିବେଳେ ଯେବେ ସେ ତା'ର ସବୁ ଆବେଗ, ଆବେଶ ଓ ସବୁ ଅସମ୍ଭାଳ, ଅତର୍ଛିଆ ଭାବଭାବନାକୁ ଶୃଙ୍ଖଳିତ, ବ୍ୟବସ୍ଥିତ କରିବାକୁ ଚାହେଁ। ଅନ୍ୟ ଅର୍ଥରେ କହିଲେ ଏ ଲେଖାଲେଖି ତା ପାଇଁ ଗୋଟାଏ ପ୍ରକାର ସ୍ୱଚିକିତ୍ସା କର୍ମ । ବଙ୍କା, ତେଢ଼ା, ମୁନିଆ ବା ଅତି ଜଟିଳ ଭାବରେ ଛନ୍ଦାଛନ୍ଦି ଚିନ୍ତା, ଭାବନାରେ ସେ ଯୋଉ ଅବ୍ୟକ୍ତ ପୀଡ଼ାଟି ପାଇ ଚାଲିଥାଏ, ସେଇଟିର ଉପଯୁକ୍ତ ଚିକିତ୍ସା ଲୋଡ଼ା -ଏଇ ଉପଲବ୍ଧିଟି ତାକୁ 'ମାଡ଼ିବା' ମାତ୍ରେ ବା ତା' ଉପରେ 'ସବାର' ହେବା ମାତ୍ରେ ସେ ଲେଖନୀ ଧରି ବସିପଡ଼େ। ତେବେ ଆଜ୍ଞା, ଏ 'ମାଡ଼ିବା', ଏ 'ସବାର' ହେବା କଥାଟା ଗୋଟାଏ କିଛି ଅଲୌକିକ ବା ଦୈବ ବ୍ୟାପାର ବୋଲି ଏ ଲେଖକ ଜମା କେବେ ଭାବିବ ନାହିଁ । ଏଇଟା ତା ପାଇଁ ପୂରାପୂରି ତା 'ଅସ୍ତିତ୍ୱ'ର ଏକ ବିଲକ୍ଷଣୀୟ ବ୍ୟାପାର । ହଁ, ପୂରାପୂରି ଅସ୍ତିତ୍ୱଗତ, ଅସ୍ତିତ୍ୱଭିତ୍ତିକ ଓ ଅସ୍ତିତ୍ୱ ସଂପର୍କିତ ଏଇଥିପାଇଁ ଯେ, ସେ ତା'ର ସ୍ଥୂଳ ଓ ସୂକ୍ଷ୍ମ ଦୃଷ୍ଟିରେ ଯେତେବେଳେ ଦେଖେ ଯେ ତା' ମନରାଜ୍ୟ ଓ ଚିନ୍ତାରାଜ୍ୟରେ ଗୁଡ଼ାଏ ଗୁଡ଼ାଏ ଧାରଣା, ଅବଧାରଣା, ଭାବନା, ବିଭାବନା ଅରାଜକତା ସୃଷ୍ଟି କରିବା ଆରମ୍ଭ କରିଦେଲେଣି, ସେତିକିବେଳେ ସେ ସବୁକୁ ଆୟତ୍ତକୁ ଆଣିବା ପାଇଁ, ସେ ସବୁକୁ ଟିକିଏ ସୁସଂହତ, ଟିକିଏ ଅଧିକ ବୋଧଗମ୍ୟ କରିବା ପାଇଁ ସେ ସେମାନଙ୍କୁ ଧାଡ଼ିରେ ବସାଇଦିଏ- ଅନ୍ଧାରରୁ ଆଣି ତୋଫା ଆଲୁଅରେ ଠିଆ କରାଇଦିଏ। ଅବଶ୍ୟ ଏ ଲେଖକ ଜାଣେ ଯେ, ଯେତେ ଚେଷ୍ଟା କଲେ ବି ସେ ଯେଉଁ ଅରାଜକ, ବିଶୃଙ୍ଖଳ, ଅସଂହତ ଭାବନା, ଧାରଣା, ଅବଧାରଣା ଓ ଦୃଷ୍ଟିକୋଣର ବିରକ୍ତି-ବେଦନା ଭୋଗିଥାଏ ଏବଂ ସେଥିଯୋଗୁଁ ଜୀବନ ଓ ଜଗତ ପ୍ରତି ଥିବା ତାର ଆଭିମୁଖ୍ୟ ଯେପରି ଗୋଳିଆମିଶା ହୋଇଯାଇଥାଏ, ସେ ସବୁକୁ ସେ କେବେହେଲେ ପୂରାପୂରି ସଂଯତ, ସଂହତ କରିପାରିବ ନାହିଁ-ଲେଖନୀ ଧରି ସବୁକିଛିକୁ ଶତସହସ୍ର ଧାଡ଼ିରେ ବାନ୍ଧି ରଖିଦେଲେ ବି ।

ଆମ ଜୀବନର ଏଇ ଅରାଜକ ଆତ୍ମିକ, ମାନସିକ ଗୌରବ ଅଗୌରବ ବା ଐଶ୍ୱର୍ଯ୍ୟ, ପ୍ରାଚୁର୍ଯ୍ୟ ଆମକୁ ଯେତେ ଆକ୍ତାମାକ୍ତା, ଅଧିର ଆତୁର କରୁଥିଲେ ବି ସେ ସବୁକୁ ଆୟତ୍ତକୁ ଆଣିବା ପାଇଁ ଆମ ପାଖରେ କୌଣସି 'ମାନୁଆଲ୍' ବା 'କରଣୀୟ କର୍ମସୂଚୀ' କିଛି ନାହିଁ । ତେଣୁ କେହି ଯଦି କେବେ ଏ ଲେଖକ ପରି ସୃଜନ ନିଆଁ ଉପରେ ଭିନ୍ନ ଭିନ୍ନ ପାତ୍ର ବସାଇ କିଛି ତିଆରି କରି ବାଢ଼ି ଦିଏ, ସେ ଭାବିଥାଏ ଯେ ସେ ସିଦ୍ଧ ରୋଷେଇଆଟିଏ ହୋଇଯାଇଛି ନିଶ୍ଚୟ। କିନ୍ତୁ ସତରେ ସିଏ ସେମିତି ହୋଇପାରେ କି?

ମୋ ପାଇଁ ଲେଖିବାଟା ଆଦୌ କିଛି ସ୍ୱର୍ଗୀୟ ବା ନୈସର୍ଗିକ ପ୍ରେରଣା ନୁହେଁ । ଆମର ଏଇ ଅଦ୍ଭୁତ, ବିଚିତ୍ର ଓ ଅନେକ ସମୟରେ ଭାରି ବିଭଙ୍ଗ, ବିରୂପ ମନେ ହେଉଥିବା 'ଅସ୍ତିତ୍ୱ'ଟିକୁ ଟିକେ ଅଧିକ ଅନ୍ତରଙ୍ଗତାର ସହ ବୁଝିବା ପାଇଁ ଚାହୁଁଥିବାରୁ ମୁଁ ଲେଖାଲେଖି କର୍ମରେ ବ୍ୟାପୃତ ହୋଇଥାଏ। ମୁଁ ଆଦୌ ଅନ୍ୟ କାହା ପରି ଏ ଲେଖାଲେଖି କର୍ମକୁ 'ରୋମାଣ୍ଟିସାଇଜ୍' କରିବାକୁ ଚାହେଁନା, ଜମା ଚାହେଁନା ଯେ ଶ୍ୱେତବସ୍ତ୍ର ପରିହିତା ବାଗ୍‌ଦେବୀଙ୍କ ବୀଣାବାଦନ ମୁଁ କେବେ ଶୁଣିଥାଏ ବୋଲି। ମୋ ପାଇଁ 'ଲେଖାଲେଖି' ଗୋଟାଏ ଭାରି କଷ୍ଟକର କାମ -ଝାଳବୁହା, ଲୁହବୁହା, ରକ୍ତବୁହା ପୀଡ଼ାଦାୟକ କର୍ମ । ବନ୍ଧୁମେଳରେ ଗୁଲିଖଟି କରିବା ବା ପାର୍କରେ ପଦଚାରଣ କରି ଅନ୍ୟ ପାର୍କ ପଦଯାତ୍ରୀମାନଙ୍କୁ ଗୀତା ଭାଗବତଠାରୁ ସମ୍ବିଧାନର ମୌଳିକ ଢାଞ୍ଚା ସଂପର୍କରେ ଥିବା ମୋର ଅତି ଅସ୍ୱଷ୍ଟ ଧାରଣାକୁ ଶୁଣାଇବା ବା ବଜାରରୁ ଚକ୍‌ଚକ୍ କାତିର ବିଶାଳ ରୋହିମାଛ କିଣି ଘରକୁ ଫେରିଆସି ମାର୍ବଲ ଚଟାଣକୁ ଆହୁରି ଚିକ୍କଣ କରିବା ଆଦି ସହଜ ଅଥଚ ଆବଶ୍ୟକ କର୍ମର ପ୍ରଲୋଭନରେ ପଡ଼ିବା ଅପେକ୍ଷା ଅଲେଖା ଧବଳ କାଗଜ ଉପରେ କଲମଟି ଚାଳନା କରିବାରେ ଭିନ୍ନ ଏକ ଆଶ୍ୱସ୍ତି, ଭିନ୍ନ ଏକ ସନ୍ତୋଷ ମିଳେ ବୋଲି ଭାବିଥାଏ ମୁଁ । ହଁ, ଆଉଗୋଟେ ନିରାଟ ସତ୍ୟ ଆପଣଙ୍କୁ କହିବି । ଏମିତି କିଛି ମହାର୍ଘ ଚିନ୍ତାରେ ଘାରି ହୋଇ ବା ଏମିତି କିଛି 'ସର୍ବଜନହିତାୟ' ଉଦ୍ଦେଶ୍ୟ ରଖି ମୁଁ ଲେଖେ, ଏହା ଆଦୌ ନୁହେଁ । କହିଛି ତ ମୋ ପାଇଁ ଲେଖିବାଟା ଅନେକ ସମୟରେ ମୋର ଅସ୍ତିତ୍ୱର ଉଦ୍ଭଟତା ସହିତ ସାହସର ସହିତ ମୁକାବିଲା କରିବା ପରି, ଗୋଟିଏ ଗୋଟିଏ ପ୍ରହେଳିକା ବା 'ଜିଗ୍‌ସ୍'କୁ ସମାଧାନ କରିବାର ଜଟିଳ ଉଦ୍ୟମଟିଏ କରିବା ପରି । ତେବେ, ମୁଁ ମୋ ବିକ୍ଷିପ୍ତ ଭାବନାକୁ ରୂପ ଦେଇଥାଏ ସିନା, ସେସବୁର ଆଦୌ ବୋଧଗମ୍ୟ ବ୍ୟାଖ୍ୟା କରିପାରେନା। ମୁଁ କାହିଁକି- ସଚରାଚର କୌଣସି ମସୀଧାରୀ ତାହା କେବେ କରିପାରେନା। ହଁ, ମୁଁ ମୋ ଭାବନାର ବର୍ଣ୍ଣରୂପ ଥୋଇ ଦେବାବେଳେ ମୋ ପାଠକମାନଙ୍କ ଭିତରୁ କେତେକ ନିଶ୍ଚୟ କହୁଥିବେ - "ଆରେ, ଏତ ଆମରି ଚିନ୍ତା, ଆମରି ଭାବନା ଓ କହୁଥିବେ ବି - "ଆହା, ଏଗୁଡ଼ିକ ଆମର ହେଲେବି ଆମେ ତ ଏପରି ଭାବରେ କହିପାରୁନାହୁଁ କି ରୂପାୟିତ କରିପାରୁନାହୁଁ !" ଏଇଠି ହିଁ ମୋର ଯାହା କିଛି ସାର୍ଥକତା, ଯାହା କିଛି ସାଫଲ୍ୟ ।

ପରିଶେଷରେ ଆଉ ଗୋଟିଏ ନିରାଟ ସତ କଥା କହିବି ମୁଁ। ମୁଁ ଲେଖେ ମୋ ନିରବତାର ଅର୍ଗଳିରୁ ଖସି ଆସିବା ପାଇଁ । ମୁଁ ଲେଖେ ମୋ ବିଜନତା, ମୋ ନିଃସଂଗତାକୁ ଏଡ଼ାଇ ଦେବା ପାଇଁ । ମୁଁ ଖୁବ୍ ସାଧାରଣ, ଖୁବ୍ ବିଚରା ମଣିଷ ଜଣେ -ଜମା ଋଷିପ୍ରତିମ ନୁହେଁ, ଜମା କେଉଁ ନନ୍ଦନବନର ଚିର ଅଧିବାସୀ ନୁହେଁ । ମୁଁ ଆପଣମାନଙ୍କ ପରି ଏଇ ହସ, ଲୁହ ବା ରକ୍ତଝରା ସଂଘର୍ଷଭରା ସଂସାରର ମଣିଷ- କେତେବେଳେ ଫ୍ରାନ୍‌ଜ କାଫ୍‌କାଙ୍କ 'ମେଟାମର୍‌ଫସ୍‌ସିସ୍'ର ହତଭାଗ୍ୟ 'ଗ୍ରେଗାର୍ ସାମ୍‌ସା' ବା ତାଙ୍କ 'ଦି ଟ୍ରାଏଲ୍' ଉପନ୍ୟାସର 'ଜୋସେଫ୍ କେ'ଙ୍କ ପରି ତ ଆଉ କେତେବେଳେ 'ଅମାବାସ୍ୟାର ଚନ୍ଦ୍ର'ର ସେହି ଯାଯାବରୀ 'ରମେଶ କାଉଲ' ବା ଗୋପୀନାଥ ମହାନ୍ତିଙ୍କ ଉପନ୍ୟାସର 'ବଳିଦତ୍ତ' ଚରିତ୍ର ପରି । ତେବେ, ଏମିତି ଲେଖନୀ ଧରି କ୍ରମାଗତ ଭାବରେ ଶବ୍ଦର ସମୁଦ୍ରରେ ଜାଲ ପକାଇ ପକାଇ କ୍ଳାନ୍ତ, ଅବସନ୍ନ ହେଉଥିଲେ ମଧ୍ୟ 'ଦି ଓଲ୍‌ଡ୍ ମ୍ୟାନ୍ ଆଣ୍ଡ ଦି ସି'ର ସେ ମହାନାୟକ 'ସାଣ୍ଟିଆଗୋ' ପରି 'ମୁଁ ଅପରାଜେୟ'- ଏହା ଦିନେ ନିଶ୍ଚୟ କହିବି ବୋଲି ମହତ୍ତ୍ୱାକାଂକ୍ଷାଟିଏ ପୋଷଣ କରିଛି ମୁଁ ।

ହଁ, ମୁଁ ଲେଖେ କାରଣ ମୁଁ ମୋର ଯାବତୀୟ ଦୁଃସ୍ଥିତି, ଦୂରବସ୍ଥା, ମାନସିକ ଅସନ୍ତୁଳନ ସତ୍ତ୍ୱେ ନିଜକୁ 'ଅପରାଜେୟ ଯୋଦ୍ଧା' ବୋଲି ଭାବିବାକୁ ଚାହେଁ, 'ବନ୍ଧ୍ୟାନାରୀର ପୁତ୍ର' ପରି ତାହା ମୋ' ପାଇଁ ନିହାତି ଅସମ୍ଭବ ବୋଲି ମୁଁ ଜାଣିଥିଲେ ବି । ■

ଅବସରପ୍ରାପ୍ତ ଇଂରାଜୀ ପ୍ରାଧ୍ୟାପକ
କୋଡିଆଁ ବାରଙ୍ଗ
ଭାୟା: କାଦୁଅପଡ଼ା, ଜଗତସିଂହପୁର-୬
ମୋ: ୯୮୫୩୩୫୫୧୦୭

# ଲଘୁଚାପ ବର୍ଷାରେ ଧୋଇଗଲା ରବି ଧାନ

## ଲାଭ ଆଶା ମଉଳିଲା; ହତାଶ ଚାଷୀ

ଭୁବନେଶ୍ୱର, ୩୧।୫ (ସମିସ): ରାଜ୍ୟ ସରକାରଙ୍କ ତରଫରୁ ଧାନ କ୍ୱିଣ୍ଟାଲ୍ ପିଛା ଅତିରିକ୍ତ ୮୦୦ ଟଙ୍କା ସବ୍‌ସିଡି ଦିଆଯାଉଛି। ତେଣୁ ଅଧିକ ଲାଭ ପାଇବା ପାଇଁ ଖରିଫ୍ ଧାନ ବିକ୍ରି ପରେ ଚାଷୀ ରବିରେ ଦୋଫସଲୀ ଧାନ କରିଥିଲା। ଏପରିକି, ଜଳସେଚିତ ଅଞ୍ଚଳରେ ଥିବା ଜମିରେ ଧାନ ଭଲ ଥୋଡ଼ ବି ଧରିଥିଲା। ହେଲେ ବାରମ୍ବାର କାଳବୈଶାଖୀ ବର୍ଷା ଧାନ ଗଛକୁ କିଛି ମାତ୍ରାରେ ନଷ୍ଟ କରିଦେଇଥିବା ବେଳେ ଏବେ ଦୁଇ ଦୁଇଟି ଲଘୁଚାପ ବର୍ଷା ଦାଉ ସାଧିଛି। ଠିକ୍ ଅମଳ ବେଳକୁ ବର୍ଷା ଏମିତି ଲାଗି ରହିଛି ଯେ ଚାଷୀ ତା’ ପରିଶ୍ରମକୁ ଖଳାକୁ ଆଣିପାରୁନି। କିଛି ସ୍ଥାନରେ ବିଲରେ କଟା ହୋଇ ପଡ଼ିଥିବା ଧାନ କେଣ୍ଡା ଭିଜୁଥିବା ବେଳେ ଧାନ ଗଦା, ମଣ୍ଡିରେ ବି ଧାନ ଭିଜୁଛି। ଉପକୂଳ ଓଡ଼ିଶା ସମେତ ସୋନପୁର, ସମ୍ବଲପୁର, ବୌଦ୍ଧ, ଝାରସୁଗୁଡ଼ା, ସୁନ୍ଦରଗଡ଼, ମୟୂରଭଞ୍ଜ, ବଲାଙ୍ଗୀର, ଦେବଗଡ଼ ପ୍ରଭୃତି ଜିଲ୍ଲାରେ ଏଭଳି ଚିତ୍ର ଦେଖିବାକୁ ମିଳୁଛି। ଫଳରେ ଚାଷୀର ଚିନ୍ତା ବଢ଼ି ଯାଇଛି।

ବର୍ଷାରେ ରବି ଫସଲ କରିଥିବା ସାରା ଓଡ଼ିଶାର ଚାଷୀଙ୍କ ଅବସ୍ଥା ବେହାଲ ହୋଇଯାଇଛି। ବର୍ଷା ହେବା ନେଇ ଆଗୁଆ ସୂଚନା ପାଇଥିଲେ ମଧ୍ୟ ସବୁ ଜମିରୁ ଧାନ ଅମଳ କରିବାକୁ ଚାଷୀଙ୍କ ପାଖରେ ବେଳ ନଥିଲା। ଆଉ ଯାହା କଟାଯାଇଛି, ତାହା ଖଳାକୁ ଆସିପାରୁନାହିଁ। ସେମିତି ଜମିରେ ପଡ଼ିରହିଛି। ଲଘୁଚାପ ବର୍ଷା ଚାଷୀର ମେରୁଦଣ୍ଡ ଭାଙ୍ଗି ଦେଇଛି। କିଛି ଚାଷୀଙ୍କର ବର୍ଷକର ଦାନା ବି ଛଡ଼ାଇନେଇଛି ଏହି ଅଦିନିଆ ବର୍ଷା। ଆଉ ଯାହା କିଛି ରହିଯାଇଛି ତାହା ଅମଳ ହୋଇପାରିବ କି ନାହିଁ, ତାହାକୁ ନେଇ ଚିନ୍ତା ଘାରିଲାଣି। କେବଳ ଯେ ଜମିରେ ଧାନ ନଷ୍ଟ ହୋଇଛି, ତାହା ନୁହେଁ। ମଣ୍ଡିରେ ବି ବର୍ଷାରେ ଭିଜୁଛି ଶହଶହ ବସ୍ତା ଧାନ। ଅମଳ କରିବା ପରେ ଧାନ ବିକିବା ଲାଗି ଚାଷୀମାନେ ମଣ୍ଡିରେ ଧାନ ବସ୍ତା ପକାଇ ଅପେକ୍ଷାରେ ରହିଥିଲେ। ଖୋଲା ଆକାଶ ତଳେ ଧାନ ବସ୍ତା ପଡ଼ି ରହିଥିବାରୁ ତାହା ଏବେ ପାଣିରେ ବୁଡ଼ି ରହିଛି। କିନ୍ତୁ, ସମ୍ଭାବ୍ୟ ପରିସ୍ଥିତିର ମୁକାବିଲା ଲାଗି ରାଜ୍ୟ ସରକାରଙ୍କ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉନି।

ଏମିତିକି, ଧାନମଣ୍ଡିରେ ଧାନର ସୁରକ୍ଷା ପାଇଁ ବ୍ୟବସ୍ଥା କରିବା ପାଇଁ ଚାଷୀମାନେ ଦାବି କରିଆସୁଥିଲେ ମଧ୍ୟ ସରକାର କିଛି କରିନାହାନ୍ତି। ଏବେ ବର୍ଷା କମିବାର ସମ୍ଭାବନା ରହିଛି। ତେଣୁ ଚାଷୀମାନେ ଓଦା ଧାନକୁ ଅମଳ କରି ଶୁଖାଇବାକୁ କୃଷି ବିଶେଷଜ୍ଞ ପରାମର୍ଶ ଦେଇଛନ୍ତି। ଯେପରି ନଷ୍ଟ ନ ହୁଏ, ସେଥିପ୍ରତି ପ୍ରାଥମିକତା ଦେବାକୁ ପରାମର୍ଶ ଦିଆଯାଇଛି। ସେହିପରି ମଣ୍ଡିରେ ପଡ଼ି ରହିଥିବା ଧାନର ସୁରକ୍ଷା ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ଚାଷୀ ଦାବି କରିଛି। ଏବେ ଧାନକୁ ଖରାରେ ଶୁଖାଇ ରଖିଦେଲେ ଆଉ ଗଜା ଧରିବନି ବୋଲି ବିଶେଷଜ୍ଞ କହିଛନ୍ତି। ବର୍ଷାରେ ଧାନ ଓଦା ହୋଇଯାଇଥିବାରୁ ସରକାର ଏହାର ମାନ ନିର୍ଦ୍ଧାରଣ କୋହଳ କରିବାକୁ ଚାଷୀ ମହଲରୁ ଦାବି ହୋଇଛି।

# ଆଜିଠୁ ବଢ଼ିବ ଦିନ ତାପମାତ୍ରା

ଭୁବନେଶ୍ୱର, ୩୧।୫ (ସମିସ): ଆସନ୍ତାକାଲିଠାରୁ ରାଜ୍ୟବ୍ୟାପୀ ପାଗରେ ପରିବର୍ତ୍ତନ ହେବ। କେବଳ ମୟୂରଭଞ୍ଜ, ବାଲେଶ୍ୱର ଓ ଭଦ୍ରକ ଜିଲ୍ଲାରେ କାଳବୈଶାଖୀ ସମ୍ଭାବନା ଥିବାବେଳେ ଅନ୍ୟ ସ୍ଥାନରେ ପାଗ ପ୍ରାୟତଃ ଶୁଖିଲା ରହିବ। ସୋମବାରଠାରୁ ଆସନ୍ତା ୫ରୁ ୬ ଦିନ ପର୍ଯ୍ୟନ୍ତ ଦିନ ତାପମାତ୍ରା ୨ରୁ ୪ ଡିଗ୍ରୀ ଯାଏଁ ବୃଦ୍ଧି ପାଇବ ବୋଲି ଆକଳନ କରିଛି ଭୁବନେଶ୍ୱର ପାଣିପାଗ କେନ୍ଦ୍ର। ନିର୍ଦ୍ଧାରିତ ସମୟ ପୂର୍ବରୁ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଦକ୍ଷିଣ ଓଡ଼ିଶା ଛୁଇଁବା ପରେ ଏହା ପ୍ରାୟତଃ ସ୍ଥିର ହୋଇଯାଇଛି। ଯାହାଫଳରେ ଆଗାମୀ ସପ୍ତାହେ ପର୍ଯ୍ୟନ୍ତ ରାଜ୍ୟରେ ବିଶେଷ ବର୍ଷା ସମ୍ଭାବନା ନାହିଁ। କେବଳ ଦକ୍ଷିଣ ଓଡ଼ିଶାର କାଁ ଭାଁ ସ୍ଥାନରେ ହାଲୁକା ବର୍ଷା ସମ୍ଭାବନା ଥିବାବେଳେ ରାଜ୍ୟର ଅନ୍ୟସ୍ଥାନରେ ପାଗ ଶୁଖିଲା ରହିବା ସହ ତାପମାତ୍ରା ବୃଦ୍ଧି ପାଇବ ବୋଲି କେନ୍ଦ୍ର ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

SALE

Booking Open 2/3 BHK Flats Price Starts from 60 Lakhs BHPL KRISHNA BHARATPUR, BHPL RUDRA in front of CET College, Ghatikia, BHPL SB HOMES, Ghatikia, BHPL PNM, Satya Vihar, BHPL GRAND-4, Jagamara & Ready to move 3 BHK Flats BHPL ARYA, Ghatikia & R.J Palace, Samantarapur, Bhubaneswar.

Contact
GADHWAL GROUP
Mob.: 9437015112

SAI RAM

APPOINTMENT

ରାୟଗଡ଼ା ଏବଂ ନୟାଗଡ଼ (ଖଣ୍ଡପଡ଼ା ବ୍ଲକ୍) ରେ **Computer Teacher** ଯୋଗ୍ୟତା ଭିତ୍ତିରେ ଆବଶ୍ୟକ। ଇଚ୍ଛୁକ ପ୍ରାର୍ଥୀମାନେ ଏହି ବିଜ୍ଞାପନ ପ୍ରକାଶିତ ହେବାର ୭ଦିନ ମଧ୍ୟରେ ନିମ୍ନ Email ଠିକଣାରେ Bio-Data ପଠାନ୍ତୁ।

ବି.ଦ୍ର.: ଏହା ସମ୍ପୂର୍ଣ୍ଣ ଯୋଗ୍ୟତା ଭିତ୍ତିରେ ଚୟନ କରାଯାଏ। ଠକଙ୍କ ଠାରୁ ଦୂରେଇ ରୁହନ୍ତୁ। ଏହି ସଂସ୍ଥା ନିଯୁକ୍ତି ନିମନ୍ତେ କୌଣସି ଅର୍ଥ ଆଦାୟ କରେ ନାହିଁ। ଯଦି କୌଣସି ବ୍ୟକ୍ତି ଚାକିରୀ ପାଇଁ ଅର୍ଥ ଆଦାୟ କରନ୍ତି, ତେବେ ତୁରନ୍ତ ଆମ ଅଫିସ ନମ୍ବରରେ ଯୋଗାଯୋଗ କରନ୍ତୁ।

SAIRAM TECHNOLOGY & SOLUTIONS
Plot No. 3660, 2nd Floor, Prachi Vihar, Lane -1, Palasuni, Bhubaneswar
Web : www.srtechnologyandsolutions.com
Email: hr@srtechnologyandsolutions.com
Phone : 9776064677

## BIJAY CHAND SANSKRIT COLLEGE

SAMAGOL, KUJANG, JAGATSINGHPUR, PIN - 754141
Mob.No.: 9861228204
Email: principalbcsc2017@gmail.com
Notice No. 25/2025 / Date: 30/05/2025

**QUOTATION CALL NOTICE**

Sealed cover quotations along with requisite documents are invited by the undersigned from GST registered firms/agencies and organization for Procurement of I.T Equipment like Desktop Computers, UPS Systems, Multifunction Printers (MFM), LED TVs (65-Inch), wireless mice, cameras for virtual meetings and Internet facilities etc. should reach in the office of the undersigned on or before 10/06/2025 at 1.00 P.M, which will be opened on the same day dt. 10/06/2025 at 2.00 P.M.The authority reserves the right to accept or reject any or all quotations without assigning any reason thereof.

Sd/- Principal
Bijay Chand Sanskrit College
Samagol, Kujang, Jagatsinghpur

## ଉପଜିଲ୍ଲାପାଳ-ତଥା-ନିର୍ବାହୀ ଅଧିକାରୀ ଦେବୋତ୍ତର, ରେଢ଼ାଖୋଲ

ବିଜ୍ଞାପନ ସଂଖ୍ୟା ୩୮୨୪ ଦେବୋତ୍ତର / ତାରିଖ ୨୮.୦୫.୨୦୨୫

ଏତଦ୍ୱାରା ରେଢ଼ାଖୋଲ ଉପଖଣ୍ଡ ର ସମସ୍ତ ଦୋକାନୀ ଓ ଜନସାଧାରଣ ମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ଜଗନ୍ନାଥ ମନ୍ଦିର ର ପଶ୍ଚିମ-ଦକ୍ଷିଣ ପାର୍ଶ୍ୱରେ ନିର୍ମିତ ହୋଇଥିବା ୩ ଗୋଟି ଦୋକାନ ଘର ଗୁଡିକ ଅମାନତ ରାଶି (security ) ବାବଦ କୁ ଟ ୧୦୦୦୦୦/- (ଏକଲକ୍ଷ ଟଙ୍କା) ଓ ମାସିକ ଭଡା ଟ ୧୫୦୦/- (ଏକହଜାର ପାଞ୍ଚଶହ ଟଙ୍କା) ସୂତ୍ର ରେ ଆବଣ୍ଟନ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଅଛି। ଉକ୍ତ ଦୋକାନ ଘର ଆବଣ୍ଟନ ସମ୍ପର୍କିତ ବିସ୍ତୃତ ନିୟମାବଳୀ ଓ ସର୍ତ୍ତାବଳୀ ସହିତ ଦରଖାସ୍ତ ଫର୍ମ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ରେ ଉପଲବ୍ଧ ହେବ। ଇଚ୍ଛୁକ ବ୍ୟକ୍ତି ବିଶେଷ ଦୋକାନଘର ପାଇଁ ବିଜ୍ଞପ୍ତିପ୍ରକାଶ ପାଇବାର ୧୫ ଦିନ ମଧ୍ୟରେ ନିର୍ଦ୍ଧାରିତ ଦରଖାସ୍ତଫର୍ମରେ ଆବଶ୍ୟକୀୟ ତଥ୍ୟ ଓ କାଗଜାତ ସହ ଆବେଦନ କରିପାରିବେ।

ଦୋକାନଘର ଆବଣ୍ଟନ ସମ୍ପର୍କରେ ଉପଜିଲ୍ଲାପାଳ ତଥା ନିର୍ବାହୀଅଧିକାରୀ ଦେବୋତ୍ତର,ରେଢ଼ାଖୋଲ କୌଣସି କାରଣ ନଦର୍ଶାଇ ଉକ୍ତ ଦୋକାନଘର ଆବଣ୍ଟନ ପ୍ରକ୍ରିୟାକୁ ରଦ କରିପାରିବେ।

ଉପଜିଲ୍ଲାପାଳ-ତଥା-ନିର୍ବାହୀଅଧିକାରୀ
ଦେବୋତ୍ତର,ରେଢ଼ାଖୋଲ

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଓଡ଼ିଶାରେ ପ୍ରଥମ...

ବିଭାଗ ପକ୍ଷରୁ କୌଣସି ସୂଚନା ଦିଆଯାଇନାହିଁ। ଏଭଳି ଖବର ଆମ ପାଖରେ ନାହିଁ ବୋଲି ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି।

ଏଥର କରୋନାର ହଟ୍‌ସ୍ପଟ୍ କେରଳ ହୋଇଥିବା ବେଳେ ଏହାପଛକୁ ରହିଛି ମହାରାଷ୍ଟ୍ର ଓ ଦିଲ୍ଲୀ। କେରଳରେ ସର୍ବାଧିକ ୧୩୩୬ ପଜିଟିଭ ମାମଲା ସାମନାକୁ ଆସିଥିବା ବେଳେ ମହାରାଷ୍ଟ୍ରରେ ୮୪ଟି ନୂଆ ମମାଲା ସାମ୍ନାକୁ ଆସିଛି ଓ ସଂକ୍ରମିତଙ୍କ ସଂଖ୍ୟା ୬୮୧ ରେ ପହଞ୍ଚିଛି। ଏହି ଦୁଇଟି ରାଜ୍ୟରେ ଦେଶର ୬୦ ପ୍ରତିଶତ ମାମଲା ଦେଖିବାକୁ ମିଳିଛି। ଏହାପଛକୁ ରହିଛି ଦିଲ୍ଲୀ। ସେଠାରେ ୩୭୫ ଜଣ ସଂକ୍ରମିତ ହେଲେଣି। ଏହାପଛକୁ ଗୁରାଟ (୨୬୫) ରହିଥିବା ବେଳେ କର୍ଣ୍ଣାଟକର ୨୩୪, ପଶ୍ଚିମବଙ୍ଗରେ ୨୦୫, ତାମିଲନାଡୁରେ ୧୮୫ ଏବଂ ଉତ୍ତର ପ୍ରଦେଶରେ ୧୧୭ ଜଣ ସଂକ୍ରମିତ ହୋଇଛନ୍ତି। ଏପର୍ଯ୍ୟନ୍ତ କରୋନାରେ ୨୩ ଜଣ ପ୍ରାଣ ହରାଇଲେଣି। ମହାରାଷ୍ଟ୍ରରେ ସର୍ବାଧିକ ୬ଜଣ ଲୋକ କରୋନାରେ ମୃତ୍ୟୁବରଣ କରିଛନ୍ତି। କେରଳ, ରାଜସ୍ଥାନ, ଉତ୍ତରପ୍ରଦେଶ ଓ ମଧ୍ୟପ୍ରଦେଶରେ ମୋଟ୍ ୧୩ଜଣଙ୍କ ମୃତ୍ୟୁ ହୋଇଛି। ସେହିପରି ଦିଲ୍ଲୀ, ଗୁଜରାଟ, ପଞ୍ଜାବ ଓ ତାମିଲନାଡୁରେ ଜଣେ ଲେଖାଏଁ ବ୍ୟକ୍ତି କରୋନାରେ ଜୀବନ ହାରିଛନ୍ତି। ମିଜୋରାମରେ ୭ ମାସ ପରେ କୋଭିଡର ପ୍ରଥମ ମାମଲା ସାମ୍ନାକୁ ଆସିଛି।

### ଧସିଲା ପାହାଡ଼...

କୁହାଯାଉଛି। ଏସ୍‌ଡିଆରଏଫ ଏବଂ ଏନ୍‌ଡିଆରଏଫ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାରକାର୍ଯ୍ୟ ଜାରି ରଖିଛି।

ଭୂସ୍ଖଳନ ତ୍ରିପୁରାରେ ଜଣେ ଏବଂ ଆସାମରେ ୫ ଜଣଙ୍କ ଜୀବନ ମଧ୍ୟ ନେଇଛି। ବର୍ଷା ଯୋଗୁଁ ଆସାମରେ ୬ ଜିଲ୍ଲାରେ ବନ୍ୟା ସ୍ଥିତି ସୃଷ୍ଟି ହୋଇଛି। ଏଥିରେ ୧୦ ହଜାରରୁ ଅଧିକ ଲୋକ ପ୍ରଭାବିତ ହୋଇଛନ୍ତି। ଏଠାକାରେ ବୋନ୍ଦାରେ ଶୁକ୍ରବାର ଭୂସ୍ଖଳନ ହୋଇଥିଲା। ଏଥିରେ ୩ ମହିଳାଙ୍କ ଜୀବନ ଯାଇଥିଲା। ଅନ୍ୟପକ୍ଷରେ ନେପାଳରେ ବର୍ଷା ଯୋଗୁଁ ବିହାରରେ ସଙ୍କଟ ସୃଷ୍ଟି ହୋଇଛି। କିଶନଗଞ୍ଜ ଜିଲ୍ଲାରେ କନକଇ, ବୁଢୀ, ମେଚି ଆଦି ନଦୀ ଫୁଲିବାରେ ଲାଗିଛି। ନଦୀ କୂଳିଆ ଅଞ୍ଚଳରେ ପାଣି ପଶି ଯାଇଛି। ଏଥିଯୋଗୁଁ ଫସଲ ବର୍ବାଦ ହୋଇଯାଇଛି।

### ତେଲଙ୍ଗାନା ଜିତିଲା...

ସତ୍ତ୍ୱେ ପ୍ରକଳ୍ପର ପଛୁଆ ପାଣି ଯୋଗୁଁ କେଉଁ କେଉଁ ଅଞ୍ଚଳ ପ୍ରଭାବିତ ହେବେ ବୋଲି ସର୍ଭେ କରାଯାଉ ନାହିଁ। ଯାହାଫଳରେ ଓଡ଼ିଶାର ସ୍ୱାର୍ଥ ଏବଂ ଦାବି ଦିନକୁ ଦିନ ଅନ୍ଧାର ମଧ୍ୟକୁ ଠେଲି ହୋଇଯାଉଛି। ଗୋଟିଏ ପଟେ ତେଲେଙ୍ଗାନାର କଂଗ୍ରେସ ସରକାର ନିଜ ଦାବି ହାସଲ କରିବାରେ ସଫଳ ହୋଇଥିବା ବେଳେ ଓଡ଼ିଶାର ଡବଲ ଇଞ୍ଜିନ ସରକାର କଣ ପାଇଁ ଫେଲ୍ ମାରିଲେ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଜଳ ବିଶେଷଜ୍ଞଙ୍କ ଅନୁଯାୟୀ ପ୍ରକଳ୍ପ ଉଚ୍ଚତା ୧୫୦ ଫୁଟ ହୋଇଥିବାରୁ ୫୦ ଲକ୍ଷ କ୍ୟୁସେକ ବନ୍ୟା ଜଳ ଆସିବାର ଆକଳନ ହୋଇଛି। ଯାହାଫଳରେ ଓଡ଼ିଶାର ମାଲକାନଗିରିର ଅନେକ କ୍ଷୟକ୍ଷତି ହେବ। ବିଶେଷକରି ମୋଟୁ ନିକଟରେ ୧୯୪ ଫୁଟରୁ ଅଧିକ ପଛୁଆ ଜଳ ଆସିବ। ମାତ୍ର ଓଡ଼ିଶା ଏନେଇ କାହିଁକି ଦୃଢ଼ ଦାବି ଉପସ୍ଥାପନ କରୁନାହିଁ, ତାହାକୁ ନେଇ ବିଶେଷଜ୍ଞ ମହଲ ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି। ଗତ ୨୮ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓଡ଼ିଶା ସମେତ ୪ଟି ରାଜ୍ୟକୁ ନେଇ ବୈଠକ ଅନୁଷ୍ଠିତ ହେବାର ଥିଲା। ମାତ୍ର ଶେଷ ମୁହୂର୍ତ୍ତରେ ଏହି ବୈଠକ ସ୍ଥଗିତ ରହିଥିବା ଜଣାପଡ଼ିଛି। ଆସନ୍ତା ୨୦୨୭ ମାର୍ଚ୍ଚ ସୁଦ୍ଧା ପ୍ରକଳ୍ପ କାମ ସାରିବାକୁ ଆନ୍ଧ୍ର ସରକାର ଲକ୍ଷ୍ୟ ରଖିଛନ୍ତି। କଣ ପ୍ରକଳ୍ପ କାର୍ଯ୍ୟ ସରିଲେ, ଓଡ଼ିଶାର ଅପୂରଣୀୟ କ୍ଷତି ହେଲେ ଯାଇ ଓଡ଼ିଶା ସରକାର ମୁହଁ ଖୋଲିବେ ବୋଲି ବୁଦ୍ଧିଜୀବି ମହଲ ପ୍ରଶ୍ନ କରିଛନ୍ତି। ଏମିତି ଜଳକା ପରି ଅଭିନୟ ନ କରି ରାଜ୍ୟ ସରକାର ରାଜ୍ୟସ୍ୱାର୍ଥ ପାଇଁ ମୁହଁ ଖୋଲନ୍ତୁ ବୋଲି ବୁଦ୍ଧିଜୀବୀ ମହଲ ପକ୍ଷରୁ ଦାବି କରାଯାଇଛି।

### ଘର ମାଲିକକୁ...

ପହଞ୍ଚିଥିଲେ। ପରେ ଉନ୍ନତ ଚିକିତ୍ସା ପାଇଁ ତାଙ୍କୁ କଟକ ଏସ୍‌ସିବିକୁ ସ୍ଥାନାନ୍ତର କରାଯାଇଥିଲା। ଶୁକ୍ରବାର ଏସ୍‌ସିବିରେ ହରିହରଙ୍କର ମୃତ୍ୟୁ ହୋଇଥିଲା।

ପୁଲିସ୍ ସୂଚନାନୁଯାୟୀ, ୨୮ ତାରିଖ ମଧ୍ୟରାତ୍ରିରେ ଅର୍ଥାତ୍ ମୃତ୍ୟୁ ପୂର୍ବରୁ ହରିହର କେହି ଜଣେ ମହିଳା ତାଙ୍କ ଉପରେ କିରାସିନି ଢାଳି ନିଆଁ ଲଗାଇ ଦେଇଥିବା ଝିଅକୁ କହିଥିଲେ। ହରିହରଙ୍କ ବୟାନ ଆଧାରରେ ତଦନ୍ତ କରାଯିବା ପରେ ଘରେ ଭଡ଼ାରେ ରହୁଥିବା ସୁଦେଷ୍ଣା ହିଁ ହରିହରଙ୍କୁ କିରାସିନି ଢାଳି ନିଆଁ ଲଗାଇ ହତ୍ୟା କରିଥିବା ଜଣାପଡ଼ିଥିଲା।

ହରିହର ଅଭିଯୁକ୍ତ ସୁଦେଷ୍ଣାଙ୍କ ସହିତ ୫ବର୍ଷ ହେଲା ସମ୍ପର୍କ ରଖିଥିଲେ। ସୁଦେଷ୍ଣାଙ୍କର ଗୋଟିଏ ଝିଅ ଓ ସେ ହାଇଦ୍ରାବାଦରେ କାମ କରନ୍ତି। ସୁଦେଷ୍ଣା ତାଙ୍କ ଝିଅ ଘରକୁ ଯିବାକୁ ବାହାରିବା ବେଳେ ହରିହର ତାଙ୍କୁ ବାଧା ଦେଇ ଆସୁଥିଲେ ଏବଂ ତାଙ୍କ ସହ ରହିବାକୁ ବାଧ୍ୟ କରୁଥିଲେ। ଅଧିକାଂଶ ସମୟରେ ସୁଦେଷ୍ଣାଙ୍କ ଅନିଚ୍ଛା ସତ୍ତ୍ୱେ ହରିହର ଯୌନସମ୍ପର୍କ ପାଇଁ ବାଧ୍ୟ କରୁଥିବା ଅଭିଯୋଗ ହୋଇଛି।

ଏହାସହ ମୃତକ ହରିହର ଜଣେ ଅବସରପ୍ରାପ୍ତ ସରକାରୀ ଆର୍‌ଆଇ ଏବଂ ତାଙ୍କର ବହୁ ସମ୍ପତ୍ତି ଥିବାରୁ ସୁଦେଷ୍ଣାଙ୍କ ନଜର ମଧ୍ୟ ମୃତକଙ୍କ ସମ୍ପତ୍ତି ଉପରେ ଥିଲା। ସମ୍ପତ୍ତି ହଡ଼ପ ପାଇଁ ସୁଦେଷ୍ଣା ଯୋଜନା କରି ସୁଚିନ୍ତିତ ଉପାୟରେ ଏହି ହତ୍ୟାକାଣ୍ଡ ଘଟାଇଥିଲେ। ଏପରିକି, ଅପରାଧର ପ୍ରମାଣ ନଷ୍ଟ ପାଇଁ ମୋବାଇଲ୍ ଘର ଅଗଣାରେ ଥିବା କୂଅ ପାଖରେ ଫିଙ୍ଗିଦେଇଥିଲେ ଏବଂ ପ୍ଲାଷ୍ଟିକ୍ କିରାସିନି ଜାର୍‌କୁ ମଧ୍ୟ ନିଆଁରେ ଫିଙ୍ଗି ଦେଇଥିଲେ। ପରେ ପଡ଼ୋଶୀଙ୍କ ସହାୟତାରେ ହରିହରଙ୍କୁ ଉଦ୍ଧାର କରିବାର ଅଭିନୟ କରି ୨ଜଣ ଅଜ୍ଞାତ ବ୍ୟକ୍ତି ଘରେ ପ୍ରବେଶ କରି ହରିହରଙ୍କ ଶରୀରରେ ନିଆଁ ଲଗାଇ ଦେଇଥିବା ଅଭିଯୋଗ କରିଥିଲେ। ପୁଲିସ୍ ତଦନ୍ତରେ ସମ୍ପୃକ୍ତ ମହିଳାଜଣଙ୍କ ହିଁ ସୁଚିନ୍ତିତ ଭାବେ ସମ୍ପତ୍ତି ଲୋଭରେ ପଡ଼ି ଏଭଳି ନାରକୀୟ କାଣ୍ଡ ଭିଆଇଥିବା ଏସ୍‌ପି କହିଛନ୍ତି।

## THE BISRA STONE LIME COMPANY LTD.

CIN: L14100OR1910GOI033904
Regd. Office :Plot No:255, Pristine Green, Pokhariput, Bhubaneswar-751020.

**Statement of Audited Financial Results For Quarter and Year Ended 31st March '2025**

(Rs in lakhs)

| Sl No. | Particulars | Quarter Ended | | Year Ended | |
|---|---|---|---|---|---|
| | | 31.03.2025 | 31.03.2024 | 31.03.2025 | 31.03.2024 |
| | | (Reviewed) | | (Audited) | |
| 1 | Total Income from Operation (including Other Income) | 1,467.84 | 1,983.65 | 6,260.56 | 8,531.30 |
| 2 | Net Profit / (Loss) for the period (Before Tax, exceptional and / or extra ordinary items) | (19.77) | (1,052.42) | 671.34 | 232.65 |
| 3 | Net Profit / (Loss) for the period Before Tax (after exceptional and / or extraordinary items) | (19.77) | (1,052.42) | 671.34 | 232.65 |
| 4 | Net Profit / (Loss) for the period after Tax (after exceptional and / or extra ordinary items) | (15.24) | (1,055.94) | 438.51 | 229.13 |
| 5 | Total Comprehensive income for the period [comprising profit / (loss) for the period(after tax) and other comprehensive income (after tax)] | 39.18 | (1,108.42) | 492.93 | 176.65 |
| 6 | Paid up Equity Share Capital (Face Value Rs. 10/- each) | 8,728.63 | 8,728.63 | 8,728.63 | 8,728.63 |
| 7 | Other Equity (Excluding Revaluation Reserve as per Balance Sheet) | (21,180.29) | (21,673.22) | (21,180.29) | (21,673.22) |
| 8 | Earning per share (Rs) | | | | |
| | (i) Basic: | (0.02) | (1.21) | 0.50 | 0.26 |
| | (ii) Diluted: | (0.02) | (1.21) | 0.50 | 0.26 |

1. The above results of the Company were approved by the Board of Directors at their respective meetings held on 30.05.2025
2. The above is the extract of the detail format of Financial Result filed with the Stock Exchange under Regulation 33 and 52 of the SEBI (Listing Obligations and Disclosure Requirements) Regulations, 2015.

For and on behalf of the Board of Director
Sd/-
(A.K.Bagchi)
Managing Director-BSLC

Place: Visakhapatnam
Date: 30th May '2025

## OFFICE OF THE PRINCIPAL PANCHAYAT SAMITI DEGREE COLLEGE, BANGOMUNDA, DIST. BALANGIR (ODISHA) PIN – 767040

Mob: 9078208298

**TENDER CALL NOTICE**

Sealed tender are hereby invited from the intending manufacturers/ authorized stockists/ Distributors for supply of following items for upgrading I.T. infrastructure at Panchayat Samiti Degree College, Bangomunda, Dist. Balangir. The details specification and guideline may be refer to Govt. of Odisha, Deptt. of Higher Education vide Letter No. 12655 Dated 05.03.2025

| Sl No. | ITEM/ DESCRIPTION | Quantity |
|---|---|---|
| 1 | DESKTOP ( Intel I3 (13100) or Higher, Chipset – Intel H770 or Higher, OS- Windows – 11 Home Factory Preloaded), Intel UHD Graphics 770 or higher, 512 GB NVMe SSD, 19.5" LED Display with CTO Certified same must be belongs to the same OEM, KEYBOARD, MOUSE | 12 |
| 2 | UPS – 600VA/ 360W, 230 VAC nominal, | 12 |
| 3 | MFM Printer (Print, Scan and Copy) A4 and Legal, Print Speed – 26 to 30, Auto Duplexing Printing (2 sided printing) | 02 |
| 4 | LED TV 65" (350 Nits or better), HDR10, HLG, Speaker Position – Down firing (10W + 10W), Android TV, Storage 16 GB, RAM – 3GB, WiFi, LAN | 01 |
| 5 | Wireless Mice and Camera ( Logitech Master Series Graphite MX Brio 4K Ultra HD Web Camera) for virtual meeting | 01 |
| 6 | Internet Facilities | |

The eligible bidders may submit their tender paper on or before 09.06.2025 by 5 PM through Regd. Post/ Speed Post/ Email: psdegreecollegebangomunda@gmail.com the undersigned reserves the right to cancel part or hole of tender/ quotation without specifying any reason thereof.

Sd/- Principal

## GOVERNMENT OF ODISHA
## OFFICE OF THE EXECUTIVE ENGINEER

A-233

Tel Irrigation Division, Sonepur
Email: eeteldivn2022@gmail.com

**E-Procurement Notice No. EE, TID, SNP-03/2025-26**

The **Executive Engineer, Tel Irrigation Division, Sonepur** on behalf of Governor of Odisha invites online **Percentage rate** tenders in **single cover** system to be received in **online mode** only for the works as detailed below.

| | | |
|---|---|---|
| 1 | Name/Nature of the work | Canal Lining & Canal structure works |
| 2 | No of Works | 12 Nos |
| 3 | Class of Contractor | As mentioned in Col. No. 4 of NIT |
| 4 | Bid Identification No. | EE, TID, SNP -03/2025-26 |
| 5 | Estimated Cost(Approximate) | From Rs. 5.20 lakhs to Rs 11.10 Lakhs |
| 6 | Period of Completion | As per mentioned in Col No. 7 of NIT |
| 7 | Date & time of availability of bid documents in the Portal. | **From 03.06.2025 (10.00 AM) to 17.06.2025 ( 05.30 PM)** |
| 8 | Last date/time for receipt of bids in the Portal | **In portal -17.06.2025 from 10.00 A.M up to 05.30 P.M.** |
| 9 | Date of Opening of Bid | **On Date 18.06.2025 (11.00 AM onwards in the Office of the undersigned)** |
| 10 | Name of the Officer inviting Bid | **Executive Engineer, Tel Irrigation Division, Sonepur (Dist.-Subarnapur)** |

Further details can be seen from the e-Procurement portal https://tendersodisha.gov.in.

Executive Engineer
Tel Irrigation Division,
Sonepur

OIPR-32362/11/0007/2526

### AFFIDAVIT

I, Prem Kumar Agarwal S/o- Late Sawarmal Agarwal, resident of ward no 18, Shri Ram colony, PO/PS- Rajgangpur Dist- Sundergarh, Pin - 770017 Odisha declare by this affidavit No.121, dtd- 30.05.2025 that now onwards I shall be known as PREM CHAND AGARWAL for all future purposes.

### AFFIDAVIT

I, Alok Swain, aged about 47 years, S/o- Muralidhar Swain, resident of At- Plot No- 513 B, Nua Sahi, Po/Ps- Nayapalli, Bhubaneswar, Dist- Khurda, Odisha, Pin- 751012, do hereby declare by this affidavit No. 1091, dtd. 31/05/2025 that now onwards I shall be known as **ALOK KUMAR SWAIN** for all future purposes.

### AFFIDAVIT

I, Basanti Sahu, aged about 40 years, W/o- Ganeswar Sahoo, resident of At/Po- Nembara, Dist- Kendrapara, PIN- 754212, Odisha declared by this affidavit No. 472, dtd- 30/05/2025 that now onwards I shall be known as **BASANTI SAHOO** for all future purposes.

### AFFIDAVIT

By virtue of an affidavit sworn before The Executive Magistrate, Gania on dated- 30/05/2025. I, **Umamani Sahoo,** aged about 65 year, W/o- Late Kashinath Sahoo, Address: Vill/Po/Ps- Gania, Dist- Nayagarh, Odisha that my actual name is Umamani Sahoo as per my Aadhar Card and Voter ID Card my name mentioned as Matiani Sahoo. **Umamani sahoo and Matiani Sahoo** are same and one person. Henceforth, I will be known as **Umamani Sahoo** in all future purposes.

**Umamani Sahoo**

### AFFIDAVIT

By virtue of an affidavit sworn before The Notary Public, Swampatna, Keonjhar on dated- 31/05/2025. I, **Sabitri Mahanta,** W/o- Bata Krushna Mahanta, Address: At- Nuapada, PO- Tangarpada, PS- Patna, Dist- Keonjhar, Odisha declare that I have changed my name from **Debaki Mahanta To Sabitri Mahanta.** Henceforth, I shall be known as **Sabitri Mahanta** for all future purposes.

**Sabitri Mahanta**

### AFFIDAVIT

I, Sk Mahasim Mohammad, S/o- Sk Nasim Mohammad, resident of Fazalpur, Po/Ps- Korei, Dist- Jajpur, Pin-755022 Odisha declare by this affidavit No.5243 dtd.- 29/05/2025 that now onwards I shall be known as **SK MOHSIM MOHAMMAD** for all future purposes.

### AFFIDAVIT

I, Dolagobinda Sahu, aged about 85 years, S/o- Dadhi Sahoo, resident of At/Po- Nembara, Dist- Kendrapara, PIN- 754212, Odisha declared by this affidavit No. 471, dtd- 30/05/2025 that now onwards I shall be known as **DOLAGOBINDA SAHOO** for all future purposes.

### AFFIDAVIT

By Virtue of an affidavit No: 1526, Dtd 30.05.2025 in the court of Executive Magistrate, Phulbani, Dist: Khandhamal, I, Baibasut Kanhar have changed my name from Mamita Kanhar to Baibasut Kanhar. Henceforth I shall be known as **Baibasut Kanhar** instead of Mamita Kanhar for all purpose.

**Sd/- Baibasut Kanhar**

### AFFIDAVIT

I, KUNI LATA NAYAK, W/O- BABULAL NAYAK OF VILL- SUSHILADEIPUR, P.O- RAMBHILA, P.S- BHADRAK (R), DIST- BHADRAK, PIN- 756111, DECLARE BY THIS AFFIDAVIT NO-5954, 27-05-2025, THAT NOW ONWARDS . MY DAUGHTER NAME WRONGLY MENTIONED AS AADHAAR CARD NO- 9158 7012 3049 PRAGYAN NAYAK . SHE SHALL BE KNOWN AS PRIYANKA NAYAK FOR ALL PURPOSES.

### AFFIDAVIT

I, Jyotshna Rani Sahu, W/o- Trilochan Sahu resident of At- Benagudia, Po- Radhaballavpur, Ps-Soro, Dist- Balasore, Odisha - 756045 declared by this affidavit before the Court of Executive Magistrate, Soro No.2232 / dtd-14/05/2025 that, changed my Name Jyotsna Sahu to Jyotshna Rani Sahu. I will be known as **Jyotshna Rani Sahu** instead of Jyotsna Sahu in all respect for all purpose.

### AFFIDAVIT

By virtue of an affidavit before Executive Magistrate, Bhubaneswar, I, Mausumi Mahapatra, D/o- Akhaya Kumar Mahapatra permanent resident of Plot No. 25/1981, Unit-7, Ganganagar, OUAT Hostel No.9, Ps.- Khandagiri, Bhubaneswar, Odisha, PIN- 751003 state that, my former name was **Mousumi Mahapatra** which has been corrected to **Mausumi Mahapatra**. So **Mousumi Mahapatra** and **Mausumi Mahapatra** is one and same person. Henceforth I will be known as **Mausumi Mahapatra** for all future purposes.

### AFFIDAVIT

I, Rashmi Agrawal W/o Rohit kumar agarwal, resident of Flat no- 104 B block, Goodwill residency, Jharpada, Bhubaneswar, Dist Khorda, Pin-751006 Odisha declare by this affidavit No.117 dtd- 30.05.2025 that now onwards I shall be known as RASHMI AGARWAL for all future purposes.

### AFFIDAVIT

I P.UMA MAHESWARI ,W/o Peddina Shanamukha Babu, resident of at Trinath Mandir Street, Po- Jayanagar, Ps.: Jeypore, Dt.: Koraput, Odisha -764005 declare by this Affidavit No.2523, Dated - 29/05/2025, that now onwards I shall be known as **PEDDINA UMA MAHESWARI** for all future purpose.

### AFFIDAVIT

I, Rohit Agrawal s/o Prem chand Agarwal, resident of Flat no- 104 B block, Goodwill residency, Jharpada, Bhubaneswar, Dist Khorda, Pin-751006 Odisha declare by this affidavit No.118 dtd- 30.05.2025 that now onwards I shall be known as ROHIT KUMAR AGARWAL for all future purposes.

### AFFIDAVIT

I, Mahak Agrawal D/o. Rohit kumar Agarwal, resident of Flat no- 104 B block, Goodwill residency, Jharpada, Bhubaneswar, Dist Khorda, Pin - 751006 Odisha declare by this affidavit No.119 dtd- 30.05.2025 that now onwards I shall be known as MAHAK AGARWAL for all future purposes.

### AFFIDAVIT

I, Ganeswar Sahu, aged about 41 years, S/o- Dolagobinda Sahoo, resident of At/Po- Nembara, Dist- Kendrapara, PIN- 754212, Odisha declared by this affidavit No. 475, dtd- 30/05/2025 that now onwards I shall be known as **GANESWAR SAHOO** for all future purposes.

# ବିଭିନ୍ନ ଶୈବ ପୀଠରେ ଶିବ ବିବାହ ଉତ୍ସବ

ରଘୁନାଥପୁର,୩୧।୫(ସମିସ): ରଘୁନାଥପୁର ଅଞ୍ଚଳରେ ଥିବା ଶିବ ମନ୍ଦିରରେ ଶିବ ବିବାହ ଉତ୍ସବ ଅନୁଷ୍ଠିତ ହୋଇଛି । ତାରପୁର ପଞ୍ଚାୟତର ପାତାଳ ଫୁଟା ବାନାମ୍ବର ମହାଦେବ ମନ୍ଦିରରେ ୨ଟି ଶିବ ବିବାହ ଅନୁଷ୍ଠିତ ହୋଇଛି । ବରଯାତ୍ରୀଙ୍କ ସହ ପ୍ରଭୁ ମହାଦେବ ରୋଷଣୀ କରି ବାନାମ୍ବର ମନ୍ଦିରକୁ ଆସିଥିଲେ । ସେମାନଙ୍କୁ ବାଟ ବରଣୀ କରି ମନ୍ଦିରକୁ ନିଆଯାଇ ବୈଦିକ ରୀତିନୀତିରେ ବିବାହ ଉତ୍ସବ ଅନୁଷ୍ଠିତ ହୋଇଥିଲା । ପ୍ରଥମ ବିବାହରେ ସୁନୀଲ ଦାଶ ଓ ମମତା ରଥ ବର ପିତାମାତା ହୋଇଥିବାବେଳେ ସଂଗ୍ରାମ ସାମନ୍ତରାୟ ଓ ଶୁଭଲକ୍ଷୀ ସାମନ୍ତରାୟ କନ୍ୟା ପିତାମାତା ହୋଇଥିଲେ । ଦ୍ୱିତୀୟ ବିବାହରେ ସୁନାକର ବାରିକ ଓ କାବେରୀ ରାଉତ ବର ପିତାମାତା ହୋଇଥିବାବେଳେ ପିୟୁଷ ମହାନ୍ତି ଓ ପୁର୍ଣ୍ଣେନ୍ଦୁ ପଟ୍ଟନାୟକ କନ୍ୟା ପିତାମାତା ହୋଇଥିଲେ । ବିବାହ ଉତ୍ସବକୁ ପଣ୍ଡିତ ଦୀପକ ଦାଶ, ଦିଲ୍ଲୀପ ଦେବଶର୍ମା, ଦୀପକ ଦେବଶର୍ମା ବୈଦିକ ରୀତିରେ ଅନୁଷ୍ଠିତ କରିଥିଲେ । ବାନାମ୍ବର ମହାଦେବଙ୍କ ମନ୍ଦିରରେ ବହୁ ଅଞ୍ଚଳରୁ ଲୋକମାନେ ଆସି ଶିବ ବିବାହ ଓ ରୁଦ୍ରାଭିଷେକ ଓ ଯାହା ମାନସିକ କରନ୍ତି ତାହା ପୂରଣ ହୁଏ ବୋଲି ମନ୍ଦିରର ପୂଜକ ବିପିନ ଦାଶ ପ୍ରକାଶ କରିଛନ୍ତି । ସେହିପରି ରୁଦ୍ରାଶ୍ୱର ମହାଦେବ, ଗୋଠିଣା ଗ୍ରାମର ସିଦ୍ଧ ହରିହର, ରଘୁନାଥଜୀଉ ମନ୍ଦିର, ତାରିକୁନ୍ଦର ଉତ୍ତରେଶ୍ୱର ମନ୍ଦିର, ବାରଗୋଳର ଈଶାନେଶ୍ୱର ମନ୍ଦିର, ଗୋଠିଣାର ଶଙ୍କରେଶ୍ୱର ସମେତ ସମସ୍ତ ଶୈବ ପୀଠରେ ଶିବ ବିବାହ ଅନୁଷ୍ଠିତ ହୋଇଯାଇଛି ।



# କୁଜଙ୍ଗ ଓ ଏରସମା ବ୍ଲକ୍‌ରେ ବିକଶିତ କୃଷି ସଂକଳ୍ପ ଅଭିଯାନ



ଜଗତସିଂହପୁର,୩୧।୫(ସମିସ): କେନ୍ଦ୍ରୀୟ କୃଷି, କିସାନ କଲ୍ୟାଣ ଓ ଗ୍ରାମୀଣ ବିକାଶ ମନ୍ତ୍ରୀ ଶିବରାଜ ସିଂହ ଚୌହାନଙ୍କ ଆହ୍ୱାନକ୍ରମେ ମେ' ୨୯ ତାରିଖରୁ ଦେଶବ୍ୟାପୀ "ବିକଶିତ କୃଷି ସଂକଳ୍ପ ଅଭିଯାନ" ଆରମ୍ଭ ହୋଇଛି । ଏହି ଅଭିଯାନ ଜୁନ୍ ୧୨ ତାରିଖ ପର୍ଯ୍ୟନ୍ତ ଚାଲିବ । କେନ୍ଦ୍ରୀୟ କୃଷି ମନ୍ତ୍ରାଳୟ, ରାଜ୍ୟ କୃଷି ବିଭାଗ ଓ ଭାରତୀୟ କୃଷି ଅନୁସନ୍ଧାନ ପରିଷଦ ମିଳିତ ଭାବେ କାର୍ଯ୍ୟକ୍ରମ ପରିଚାଳନା କରୁଛନ୍ତି । ଏହି କାର୍ଯ୍ୟକ୍ରମରେ ନୂତନ କୃଷି ପ୍ରଯୁକ୍ତି, ବିଭିନ୍ନ ସରକାରୀ ଯୋଜନା, ଉନ୍ନତ ବୀଜ ଓ ରୋଗ ପ୍ରତିରୋଧ ବିଷୟରେ ଚାଷୀଙ୍କୁ ସୂଚନା ଦିଆଯାଉଛି । ଏହି ଅଭିଯାନ ପାଇଁ ଜଗତସିଂହପୁରରେ ତିନୋଟି ଦଳ ଗଠନ କରାଯାଇଛି । ପ୍ରତ୍ୟେକ ଦଳ ଦିନକୁ ବିଭିନ୍ନ ସ୍ଥାନରେ ୨ଟି କାର୍ଯ୍ୟକ୍ରମ ଆୟୋଜନ କରିବେ ଓ ୮ ଟି ବ୍ଲକ୍‌ର ୧୫,୦୦୦ ଚାଷୀଙ୍କ ସହିତ ସଂପର୍କ କରିବାର ଲକ୍ଷ୍ୟ ରଖାଯାଇଛି । ଉକ୍ତ କାର୍ଯ୍ୟକ୍ରମର ତୃତୀୟ ଦିବସରେ କୁଜଙ୍ଗ ବ୍ଲକ୍‌ର ବାଗୋଇ, ମଙ୍ଗରାଜପୁର, ଗରେଇ, ଗୋବର୍ଦ୍ଧନପୁର ଓ ଏରସମା ବ୍ଲକ୍‌ର ଗୋଡ଼ା, ରାଜପୁର ଗ୍ରାମରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ଜାତୀୟ ଫାଟୁଆ ରୋଗ ଗବେଷଣା ସଂସ୍ଥାର ନିର୍ଦ୍ଦେଶକ ଡ. ରବୀନ୍ଦ୍ର ପ୍ରସାଦ ସିଂହ ମୁଖ୍ୟଅତିଥି ଭାବେ ଯୋଗଦେଇ ଚାଷୀଙ୍କ ସହ ଆଲୋଚନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ କାର୍ତ୍ତିକ ମଲ୍ଲିକ, ବିଶ୍ୱଜିତ ପଣ୍ଡା, ଜିଲ୍ଲା କୃଷି ଅଧିକାରୀ ବିଭୁଦତ୍ତ ସାହୁ, ଜିଲ୍ଲା କୃଷି ଅଧିକାରୀ (ତିର୍ତ୍ତୋଲ) ସୀତା ରତ୍ନମାଳା ଦାସ, ମଣ୍ଡଳ କୃଷି ଅଧିକାରୀ (କୁଜଙ୍ଗ) ସଫିଆ ସ୍ୱାଇଁ, ମଣ୍ଡଳ କୃଷି ଅଧିକାରୀ (କୁଜଙ୍ଗ) ସମଲେଇ ପ୍ରସାଦ ପରିଡ଼ା, ଉପନିର୍ଦ୍ଦେଶକ ଶ୍ୱେତପଦ୍ମା ଭୋଇ, ସହକାରୀ ଉଦ୍ୟାନ କୃଷି ଅଧିକାରୀ (ତିର୍ତ୍ତୋଲ) କୃଷି ବିଜ୍ଞାନ କେନ୍ଦ୍ର ବୈଜ୍ଞାନିକ ଓ ମୁଖ୍ୟ ଡ. ଜୀବନଜିତ୍ ସେନ, ବୈଜ୍ଞାନିକ ଦେବାଶିଷ ପଣ୍ଡା, ଡ. ପ୍ରଦୀପ୍ତ ମାଝି, ଡ. ଦ୍ୱାରିକା ମୋହନ ଦାସ, ସସ୍ମିତା ପୁରୋହିତ, ସରିତା ଦାସ, ବଳିଆ ମାଝି, ବିଜୟିନୀ ସାହୁ, ଭାରତୀୟ କୃଷି ଗବେଷଣା ପରିଷଦ ପକ୍ଷରୁ ଡ. ଜ୍ୟୋତିର୍ମୟୀ ମହାନ୍ତି, ଡ. ଯଯାତି କେଶରୀ ମହାପାତ୍ର, ଡ. ଜିତେନ୍ଦ୍ର ବିଶ୍ୱାଳ, ଡ. ହିମାଂଶୁ ସ୍ୱାଇଁ, ଡ. ସ୍ମୃତିରେଖା ମଲ୍ଲିକ ପ୍ରମୁଖ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମେରେ ବୈଜ୍ଞାନିକମାନେ କୃଷି ଓ ଆନୁସଙ୍ଗିକ କ୍ଷେତ୍ରରେ ବିକଶିତ ହୋଇଥିବା ନୂତନ ଜ୍ଞାନକୌଶଳ ବିଷୟରେ ଚାଷୀଙ୍କୁ ଅବଗତ କରାଇଲେ ଓ ସେମାନଙ୍କ ସମସ୍ୟାର ସମାଧାନ ପାଇଁ ପରାମର୍ଶ ଦେଇଥିଲେ ।

## ● ଜାହାଜରେ ଲୋଡିଂ ବେଳେ କ୍ରେନ ତାର ଛିଣ୍ଡିଲା

# ବର୍ତ୍ତିଲେ ଶ୍ରମିକ; ମରାମତି ହେଉ ନ ଥିବା ଅଭିଯୋଗ

ପାରାଦୀପ, ୩୧।୫(ସମିସ): ପାରାଦୀପ ବନ୍ଦରର ପିଆଇସିଟି ବର୍ଥରେ ଏକ ଜାହାଜରେ ଲୁହା ପ୍ଲେଟ ଲୋଡିଂ ସମୟରେ ବଡ଼ ଅଘଟଣ ଘଟିଯାଇଛି । ଜାହାଜରେ ଲୋଡିଂ ହେଉଥିବାବେଳେ କ୍ରେନ୍‌ର ତାର ଛିଣ୍ଡିଯିବାରୁ ଲୁହା ପ୍ଲେଟ ତଳକୁ ଖସିପଡିଥିଲା । ସୌଭାଗ୍ୟବଶତଃ ତଳେ ଥିବା ୨୫ରୁ ଉର୍ଦ୍ଧ୍ୱ ଶ୍ରମିକ ଅଳ୍ପକେ ବର୍ତ୍ତିଯାଇଥିଲେ । ଯଦି ଏହି ଲୁହା ପ୍ଲେଟ୍ ଜାହାଜ ଉପରେ ଛିଣ୍ଡିପଡ଼ିଥାନ୍ତା, ତେବେ ଜାହାଜର ବହୁ କ୍ଷତି ହୋଇଥା'ନ୍ତା । ଏ ନେଇ ଉପସ୍ଥିତ ଶ୍ରମିକଙ୍କ ମଧ୍ୟରେ କିଛି ସମୟ ଚାପା ଉତ୍ତେଜନା ଦେଖାଦେଇଥିଲା । ପିଆଇସିଟି ବର୍ଥରେ ଏଭଳି ଘଟଣା ବାରମ୍ବାର ଘଟୁଥିଲେ ମଧ୍ୟ ଏହାର କୌଣସି ପ୍ରତିକାର କରାଯାଉ ନ ଥିବାରୁ ଶ୍ରମିକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି । ପିଆଇସିଟି କର୍ତ୍ତୃପକ୍ଷ କ୍ରେନର ସଠିକ ମରାମତି ଓ ରକ୍ଷଣାବେକ୍ଷଣ କରୁ ନ ଥିବାରୁ ଏଭଳି ଅଘଟଣ ଘଟୁଥିବା ସୂଚନା ମିଳିଛି । ସପ୍ତାହକୁ ଥରେ ପ୍ରତ୍ୟେକ କ୍ରେନକୁ ଗ୍ରିସିଂ କରାଯିବା ସହିତ ତାର ଓ ପୁଲି ଯାଞ୍ଚ୍ କରାଯିବା କଥା । କମ୍ପାନୀ କର୍ତ୍ତୃପକ୍ଷଙ୍କ ଲାଭଖୋର ମନୋବୃତ୍ତି ଯୋଗୁଁ ଏହାର ରକ୍ଷଣାବେକ୍ଷଣ କରା ନ ଯାଇ ଶ୍ରମିକଙ୍କ ଜୀବନକୁ ବାଜି ଲଗାଉଛନ୍ତି ବୋଲି କିଛି ଶ୍ରମିକ କହିଛନ୍ତି । ଏଭଳି ସମସ୍ୟା ଉପରେ ନଜର ଦେବାକୁ ଶ୍ରମିକମାନେ ଦାବି କରିଛନ୍ତି ।



## ■ ହାତୀ ଟାଙ୍କି ନିକଟରେ ଦୁର୍ଘଟଣା

# ବାଇକ୍‌କୁ ଧକ୍କାଦେଲା ତେଲ ଟ୍ୟାଙ୍କର, ୨ ଗୁରୁତର

ପାରାଦୀପ, ୩୧।୫(ସମିସ):

ପାରାଦୀପ-ଚଣ୍ଡିଖୋଲ ରାସ୍ତାର ହାତୀ ଟାଙ୍କି ପାଖ କାଠଗଡ଼ା ନିକଟରେ ଆଜି ସନ୍ଧ୍ୟାରେ ଏକ ଦୁର୍ଘଟଣା ଘଟିଛି । ଦୁର୍ଘଟଣାରେ ବାଇକ୍‌କୁ ତେଲ ଟ୍ୟାଙ୍କର ଧକ୍କା ଦେଇଛି । ଏଥିରେ ବାଇକ୍‌ରେ ଯାଉଥିବା ଦୁଇ ଯୁବକ ଗୁରୁତର ଆହତ ହୋଇ କଟକ ସ୍ଥାନାନ୍ତରିତ ହୋଇଛନ୍ତି । ଦୁଇ ଯୁବକ କେନ୍ଦ୍ରାପଡ଼ା ଜିଲ୍ଲା ମାର୍ଶାଘାଇ ଥାନା ଅଧୀନ ଟିକରପଙ୍ଗା ଅଞ୍ଚଳର ରତିକାନ୍ତ ଖଟୁଆ ଓ ସମ୍ବିତ ଜେନା ।

ସୂଚନା ମୁତାବକ, ଆଜି ସନ୍ଧ୍ୟାରେ ପାରାଦୀପ ପଟୁ ଆସୁଥିବା ଏକ ତେଲ ଟ୍ୟାଙ୍କର କାଠଗଡା ନିକଟରେ ହଠାତ ୟୁ ଟର୍ଣ୍ଣ ମାରି ସର୍ଭିସ ରୋଡ୍‌ରେ ଯିବାବେଳେ ଏକ ବାଇକ୍‌କୁ ଧକ୍କା ଦେଇଥିଲେ । ଫଳରେ ଦୁଇ ଯୁବକ ଛିଟିକି ପଡିଥିଲେ । ସେମାନଙ୍କୁ ଅଠରବାଙ୍କୀ ମେଡିକାଲ ନିଆଯାଇଥିଲା । ଅବସ୍ଥା ଗୁରୁତର ଥିବାରୁ ଡାକ୍ତର ଉଭୟଙ୍କୁ କଟକ ସ୍ଥାନାନ୍ତରିତ କରିଥିଲେ । ଘଟଣାସ୍ଥଳରେ ଲକ୍‌ଥାନା ପୁଲିସ ପହଞ୍ଚି ଟ୍ୟାଙ୍କର ଓ ବାଇକ୍‌କୁ ଜବତ କରି ତଦନ୍ତ ଆରମ୍ଭ କରିଛି । ଦୁଇ ଯୁବକଙ୍କ ପରିବାର ଲୋକେ ପାରାଦୀପରେ ପହଞ୍ଚିଥିବା ଜଣାପଡ଼ିଛି ।



# ଶ୍ରୀକୃଷ୍ଣ ଏକାଡେମୀ ସଂସ୍କୃତ ଶିକ୍ଷକ ରବୀନ୍ଦ୍ର ମିଶ୍ରଙ୍କ ଅବସର



ଜଗତସିଂହପୁର,୩୧।୫(ସମିସ): ଜଗତସିଂହପୁର ଜିଲ୍ଲାର ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନ ଶ୍ରୀକୃଷ୍ଣ ଏକାଡେମୀ ସରକାରୀ ଉଚ୍ଚବିଦ୍ୟାଳୟର ସଂସ୍କୃତ ଶିକ୍ଷକ ରବୀନ୍ଦ୍ର ନାଥ ମିଶ୍ର ଆଜି ଅବସର ଗ୍ରହଣ କରିଛନ୍ତି । ବିଦ୍ୟାଳୟ ପକ୍ଷରୁ ଶ୍ରୀ ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ଭାରପ୍ରାପ୍ତ ପ୍ରଧାନଶିକ୍ଷକ ରମାକାନ୍ତ ପତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, କର୍ମଚାରୀ ଯୋଗ ଦେଇଥିଲେ । ପଣ୍ଡିତ ମିଶ୍ରଙ୍କ କାର୍ଯ୍ୟଦକ୍ଷତା, ପାଣ୍ଡିତ୍ୱ ଓ କର୍ତ୍ତବ୍ୟ ପରାୟଣତାକୁ ବିଦ୍ୟାଳୟ ଚିରଦିନ ମନେ ରଖିବ ବୋଲି ମତ ପ୍ରକାଶ ପାଇଥିଲା । ପଣ୍ଡିତ ମିଶ୍ର ଲେଖନୀ ଚାଳନା କରି ଓଡ଼ିଆ ବାଣୀ ଭଣ୍ଡାରକୁ ସମୃଦ୍ଧ କରିଛନ୍ତି । ତାଙ୍କ ରଚିତ ଗ୍ରନ୍ଥ ପୁରୁଷୋତ୍ତମ କ୍ଷେତ୍ର ମାହାତ୍ମ୍ୟ, ପୁରୁଷୋତ୍ତମରେ ଶ୍ରୀପୁରୁଷୋତ୍ତମ, ଏକାଦଶୀ ମାହାତ୍ମ୍ୟ, ଶ୍ରୀମଦ୍ ଭାଗବତରେ ସ୍ତବ ଓ ସ୍ତୁତି. ଶଙ୍ଖ କ୍ଷେତ୍ର ଓ ଶ୍ରୀଜଗନ୍ନାଥ ପାଠକଙ୍କ ଦ୍ୱାରା ଆଦୃତ ହୋଇପାରିଛି । ଅବସରକାଳୀନ ସଭାରେ ପୁରାତନ ଛାତ୍ର ସଂସଦ ସଭାପତି ଡ. ଅଭୟ ନାୟକ ସମ୍ବର୍ଦ୍ଧନା ବାର୍ତ୍ତା ପଠାଇ ପଣ୍ଡିତଙ୍କ ନିରାମୟ ଜୀବନ କାମନା କରିଥିଲେ । ପଣ୍ଡିତ ମିଶ୍ର ସମସ୍ତଙ୍କ ସ୍ନେହ, ଶ୍ରଦ୍ଧା ଓ ସଦିଚ୍ଛା ଗ୍ରହଣ କରି କୃତଜ୍ଞତା ଜ୍ଞାପନ କରିଥିଲେ ।

# ପାରାଦୀପ ବନ୍ଦର ବ୍ୟବହାରକାରୀ ସମ୍ମିଳନୀ




ପାରାଦୀପ,୩୧।୫(ସମିସ): ପାରାଦୀପ ବନ୍ଦର ପକ୍ଷରୁ ବନ୍ଦରର ବ୍ୟବହାରକାରୀଙ୍କୁ ନେଇ ଏକ ସମ୍ମିଳନୀ ଅନୁଷ୍ଠିତ ହୋଇଛି । ବନ୍ଦର ବିଜୁ ସମ୍ମିଳନୀ ଗୃହରେ ଆୟୋଜିତ ଏହି ସମ୍ମିଳନୀରେ ମୁଖ୍ୟଅତିଥି ରୂପେ ବନ୍ଦର ଅଧ୍ୟକ୍ଷ ପିଏଲ ହରନାଦ ଯୋଗଦେଇଥିଲେ । ଚଳିତ ଆର୍ଥିକ ବର୍ଷରେ ଗୁରୁତ୍ୱପୂର୍ଣ୍ଣ ଅଭିବୃଦ୍ଧି ନିମନ୍ତେ ରଣନୀତି ପ୍ରସ୍ତୁତ କରିବା ପାଇଁ ଅଂଶୀଦାରଙ୍କୁ ଏକତ୍ରିତ କରିବା ଏହି ସମ୍ମିଳନୀର ଆଭିମୁଖ୍ୟ ଥିଲା । ପାରାଦୀପ ବନ୍ଦର ଦେଶର ଏକ ନମ୍ବର ସ୍ଥାନ ଅଳଙ୍କୃତ କରିଥିବା ସମ୍ମାନଜନକ ସ୍ଥିତି ଉପରେ ଆଲୋଚନା କରି କହିଲେ, ପାରାଦୀପ ବନ୍ଦର ଦେଶର ବୃହତ ବନ୍ଦର ମଧ୍ୟରେ ନୁହେଁ, ଅପରନ୍ତୁ ରେଳ ପରିବହନ କ୍ଷେତ୍ରରେ ଦେଶର ସମସ୍ତ ବନ୍ଦର ମଧ୍ୟରେ ପ୍ରଥମ ସ୍ଥାନ ହାସଲ କରିଛି । ବନ୍ଦରର ଆଧୁନିକରଣ ନିମନ୍ତେ ପ୍ରତିବଦ୍ଧତାକୁ ଦୋହରାଇ ଅଧ୍ୟକ୍ଷ କହିଥିଲେ, ୨୦୩୦ ସୁଦ୍ଧା ସମଗ୍ର ବର୍ଥ ବା ପୋତାଶ୍ରୟର ଯାନ୍ତ୍ରିକରଣ କାର୍ଯ୍ୟକୁ ସମ୍ପୂର୍ଣ୍ଣ କରିବାକୁ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି । ଚଳିତ ଆର୍ଥିକ ବର୍ଷରେ ୧୬୧ ନିୟୁତ ମେଟ୍ରିକ ଟନ ପଣ୍ୟ କାରବାର ଲକ୍ଷ୍ୟ ହାସଲ ପାଇଁ ବନ୍ଦର ଅଂଶୀଦାରଙ୍କ ପୂର୍ଣ୍ଣ ସହଯୋଗ ଓ ଉତ୍ସର୍ଗୀକୃତ ସହଯୋଗ ଲୋଡ଼ିଥିଲେ ବନ୍ଦର ଅଧ୍ୟକ୍ଷ ଶ୍ରୀ ହରନାଦ । ଏ ଅବସରରେ ବନ୍ଦର ଉପାଧ୍ୟକ୍ଷ ନୀଳାଭ୍ର ଦାସଗୁପ୍ତା ବନ୍ଦର ପଣ୍ୟ କାରବାରକୁ ନୂତନ ଶିଖରରେ ପହଞ୍ଚାଇବାକୁ ସମସ୍ତଙ୍କୁ ପ୍ରୟାସ ପାଇଁ ଆହ୍ୱାନ ଦେଇଥିଲେ । କାର୍ଯ୍ୟକ୍ରମକୁ ବନ୍ଦର ଟ୍ରାଫିକ ମ୍ୟାନେଜର ଜି. ଏଡିସନ ପରିଚାଳନା କରିଥିଲେ ।

# ଝଙ୍କଡ଼ଶ୍ରୀ କାଳୀପ୍ରସନ୍ନ ପରିଜାଙ୍କ ଷଷ୍ଠ ଶ୍ରାଦ୍ଧୋତ୍ସବ

ତିର୍ତ୍ତୋଲ, ୩୧।୫(ସମିସ): ଝଙ୍କଡ଼ ସାହିତ୍ୟ ସଂସଦ ପକ୍ଷରୁ ସଂସଦର ପ୍ରତିଷ୍ଠାତା ସଭାପତି ଝଙ୍କଡ଼ଶ୍ରୀ କାଳୀପ୍ରସନ୍ନ ପରିଜାଙ୍କ ଷଷ୍ଠ ଶ୍ରାଦ୍ଧୋତ୍ସବ ତେନ୍ତୁଳିପଦା ଆଦିକବି ସାରଳା ଦାସଙ୍କ ସମାଧି ପୀଠ ପରିସର ଆଦିକବି ଭବନରେ ଅନୁଷ୍ଠିତ ହୋଇଯାଇଛି । ସଭାପତି ଗବେଷକ ମହେନ୍ଦ୍ର ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଅଧ୍ୟାପିକା ଡଃ ବିଷ୍ଣୁପ୍ରିୟା ଦାସ ଯୋଗଦେଇ ସ୍ୱର୍ଗତ ପରିଜା ଜଣେ ଆଦର୍ଶ ପ୍ରଧାନଶିକ୍ଷକ, ସାରସ୍ୱତ ସାଧକ ଓ ବିଚକ୍ଷଣ ବାଗ୍ମୀ ଭାବେ ଓଡ଼ିଶାରେ ପରିଚିତ ଥିଲେ ବୋଲି କହିଥିଲେ । ମୁଖ୍ୟବକ୍ତା କବି ହେମନ୍ତ ନାୟକ, ସମ୍ମାନିତ ଅତିଥି ଧର୍ମାନନ୍ଦ ମଲ୍ଲିକ ଯୋଗଦେଇ ସ୍ୱର୍ଗତ ପରିଜାଙ୍କ ଜୀବନୀ ବୃତ୍ତାନ୍ତ ଉପରେ ଆଲୋକପାତ କରିଥିଲେ । ଏ ଅବସରରେ ପ୍ରାକ୍ତନ ପ୍ରଧାନଶିକ୍ଷକ, ପୂର୍ବତନ ଶିକ୍ଷକ ନେତା ଅକ୍ଷୟ ଦାସଙ୍କୁ ଝଙ୍କଡ଼ଶ୍ରୀ କାଳୀପ୍ରସନ୍ନ ପରିଜା ଶିକ୍ଷା ସମ୍ମାନରେ ସମ୍ମାନିତ କରାଯାଇଥିଲା । ସଂଗଠନ ସମ୍ପାଦକ ପଣ୍ଡିତ ବାସବ ନନ୍ଦ ଅତିଥି ପରିଚୟ ଓ ପ୍ରତିଷ୍ଠାତା ସମ୍ପାଦକ ଗୋଲକ ବିହାରୀ ପଲାଇ ସ୍ୱାଗତ ଭାଷଣ ଦେଇଥିଲେ । କବୟିତ୍ରୀ ସବିତା ନାୟକ ଓ ମାନସୀପ୍ରଭା ସ୍ୱାଇଁଙ୍କ ସଂଯୋଜନାରେ ୫୦ରୁ ଉର୍ଦ୍ଧ୍ୱ କବି ସ୍ୱରଚିତ କବିତା ପାଠ କରିଥିଲେ । କବି ଅଶୋକ ଲେଙ୍କା, ରାଧାମୋହନ ପରିଜା, ଆଦିକବି ସାଂସ୍କୃତିକ ପରିଷଦ ସମ୍ପାଦକ ଚିତ୍ତରଞ୍ଜନ ପରିଜା, ପଦ୍ମାବତୀ ମିଶ୍ର, ନିତ୍ୟାନନ୍ଦ ନାୟକ, ବିକାଶ ପରିଜା, ଆଶିଷ ପରିଜା, ନାରାୟଣ ନାୟକ, ପ୍ରଭାତ ପରିଜା, ଅଞ୍ଜନା ମହାନ୍ତି, ବାସୁଦେବ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ପରିଜାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଶିକ୍ଷାବିତ ଝୁଲରାମ୍ ଦାସ ଧନ୍ୟବାଦ ଦେଇଥିଲେ ।



# ଜିଲ୍ଲା କୋଷାଗାର ହିସାବରକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଜଗତସିଂହପୁର,୩୧।୫(ସମିସ): ଜଗତସିଂହପୁର ଜିଲ୍ଲା କୋଷାଗାର କାର୍ଯ୍ୟାଳୟରେ ହିସାବରକ୍ଷକ ନୃସିଂହ ଚରଣ ମହାପାତ୍ରଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି । ଶ୍ରୀ ମହାପାତ୍ର ୧୯୮୮ ଡିସେମ୍ବର ୧୬ ତାରିଖରେ କଟକ ଜିଲ୍ଲା କୋଷାଗାର କାର୍ଯ୍ୟାଳୟରେ କନିଷ୍ଠ କିରାଣି ଭାବେ ଯୋଗଦାନ କରିଥିଲେ । ପରେ କେନ୍ଦ୍ରାପଡ଼ା, କୁଜଙ୍ଗ, ଜଗତସିଂହପୁର, ବାଲିକୁଦା ଓ ପୁନର୍ବାର ଜଗତସିଂହପୁର ଜିଲ୍ଲାର କୋଷାଗାର କାର୍ଯ୍ୟାଳୟରେ ହିସାବରକ୍ଷକ ଭାବେ କାର୍ଯ୍ୟରତ ଥିଲେ । ସେ ଜଣେ ଶାନ୍ତ, ସରଳ, କର୍ମଯୋଗୀ, ନିଷ୍ଠାବାନ ଓ ମିଷ୍ଟଭାଷୀ ଭାବେ ସହ-କର୍ମଚାରୀଙ୍କ ପ୍ରିୟଭାଜନ ହୋଇପାରିଥିଲେ । ସମ୍ବର୍ଦ୍ଧନା ସଭାରେ ଜିଲ୍ଲା କୋଷାଗାର ଅଧିକାରୀ ତରୁଣ ପଣ୍ଡା, ଅତିରିକ୍ତ ଜିଲ୍ଲା କୋଷାଗାର ଅଧିକାରୀ ବିଜୟ ସାହୁ, ତାରାକାନ୍ତ ବାରିକ, ଉପକୋଷାଗାର ଅଧିକାରୀ (ତିର୍ତ୍ତୋଲ) ଐଶ୍ୱର୍ଯ୍ୟା ପ୍ରିୟଦର୍ଶିନୀ ସ୍ୱାଇଁ, ଉପକୋଷାଗାର ଅଧିକାରୀ (କୁଜଙ୍ଗ) ଜନ ମେଜର ଦଳାଇ, ହିସାବରକ୍ଷକ ଅଶୋକ ବିଶ୍ୱାଳ, ବରିଷ୍ଠ ସହାୟକ ମନୋଜ ମଲ୍ଲିକ, ରଶ୍ମିରଞ୍ଜନ ରାଉତ, ପ୍ରଶାନ୍ତ ପ୍ରଧାନ, କନିଷ୍ଠ କିରାଣି ତରୁଣ ସାହୁ, ଶର୍ମିଷ୍ଠା ପ୍ରିୟଦର୍ଶିନୀ ଭୋଇଙ୍କ ସମେତ ଅନ୍ୟ ସହକର୍ମଚାରୀ ଯୋଗଦେଇ ଶ୍ରୀ ମହାପାତ୍ରଙ୍କ ଅବସର ସୁଖ, ଶାନ୍ତି, ଓ ନିରାମୟ ଜୀବନ କାମନା କରିଥିଲେ ।

# ବାଣିଜ୍ୟ ପିଜି ପରୀକ୍ଷାରେ ଅନ୍ତର୍ଯ୍ୟାମୀଙ୍କ କୃତିତ୍ୱ

ଏରସମା, ୩୧।୫(ସମିସ): ଏରସମା ବ୍ଲକ୍ ଅନ୍ତର୍ଗତ ପଦ୍ମପୁର ଗ୍ରାମର ଛାତ୍ର ଅନ୍ତର୍ଯ୍ୟାମୀ ବେହେରା ବାଣିଜ୍ୟ ବିଭାଗ ପିଜି ପରୀକ୍ଷାରେ କୃତିତ୍ୱର ସହ ଉତ୍ତୀର୍ଣ୍ଣ ହୋଇଛନ୍ତି । ସେ ଭୁବନେଶ୍ୱରସ୍ଥ ବକ୍ସି ଜଗବନ୍ଧୁ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଅଧ୍ୟୟନ କରୁଥିଲେ । ଶ୍ରୀ ବେହେରାଙ୍କ ସଫଳତାରେ ପରିବାର, ବନ୍ଧୁ ମହଲ ଓ ଅଞ୍ଚଳରେ ଖୁସିର ବାତାବରଣ ସୃଷ୍ଟି କରିଛି । ଶ୍ରୀ ବେହେରା +୨ ପଢୁଥିବାବେଳେ ଜଗତସିଂହପୁରର ପୂର୍ବତନ ଜିଲ୍ଲାପାଳ ଯାମିନୀ ଷଡ଼ଙ୍ଗୀଙ୍କ ଦ୍ୱାରା ଶିଆଳି ବେଳାଭୂମି ମହୋତ୍ସବରେ ଶ୍ରେଷ୍ଠ କ୍ରୀଡ଼ାବିତ୍ ଭାବେ ପୁରସ୍କୃତ ହୋଇଥିଲେ । ଅନ୍ତର୍ଯ୍ୟାମୀ ସଫଳତାର ଶ୍ରେୟ ବାପାମାଆ ଓ ବିଭାଗୀୟ ଅଧ୍ୟାପକଙ୍କୁ ଦେଇଛନ୍ତି ।



# ଗରେଇ ଅମରେଶ୍ୱରଙ୍କ ପୀଠରେ ଶିବ ବିବାହ

କୁଜଙ୍ଗ, ୩୧।୫(ସମିସ): ଗରେଇ ଶାସନ ଗ୍ରାମରେ ଅବସ୍ଥିତ ପୁରାତନ ଶୈବ ପୀଠ ଅମରେଶ୍ୱର ମହାଦେବ ମନ୍ଦିରରେ ପବିତ୍ର ଶୀତଳ ଷଷ୍ଠୀ ଅବସରରେ ଶିବପାର୍ବତୀ ବିବାହ ଅନୁଷ୍ଠିତ ହୋଇଯାଇଛି । ଏହି ଦେବ ବିବାହ ଉତ୍ସବରେ ପ୍ରକାଶ ଦାଶ ଓ ଶୋଭାରାଣୀ ଦାଶ ବର ପକ୍ଷରୁ କର୍ତ୍ତା ହୋଇଥିବାବେଳେ ସନ୍ତୋଷ ଆଚାର୍ଯ୍ୟ ଓ ରୀନାରାଣୀ ଆଚାର୍ଯ୍ୟ କନ୍ୟାଘର ପକ୍ଷରୁ କର୍ତ୍ତା ହୋଇଥିଲେ । ପଣ୍ଡିତ ଅଜିତ କୁମାର ଶତପଥୀ ପୁରୋହିତ କାର୍ଯ୍ୟ ସମ୍ପାଦନ କରିଥିଲେ । ଗ୍ରାମରେ ଥିବା ସମସ୍ତ ଦେବଦେବୀ ମନ୍ଦିରରୁ ଆଜ୍ଞାମାଳ ଆସିଥିଲା । ବିବାହ କାର୍ଯ୍ୟ ପରେ ମହାପ୍ରଭୁ ଶ୍ରୀଚନ୍ଦ୍ରଶେଖର ଓ ମା' ଅପର୍ଣ୍ଣାଙ୍କୁ ଗ୍ରାମ୍ୟ ଭ୍ରମଣ କରାଯାଇଥିଲା । ପବିତ୍ର ମିଶ୍ର, ରତିକାନ୍ତ ରାଉତ, ଚିତ୍ତରଞ୍ଜନ ବେହେରା, ପ୍ରଫୁଲ୍ଲ ତାରେଣିଆ, ପ୍ରତାପ ବାରିକ ଓ ଅଜୟ ସ୍ୱାଇଁ ପ୍ରମୁଖ ଉତ୍ସବ ପରିଚାଳନା କରିଥିଲେ ।



# ବିଶ୍ୱ ତମାଖୁ ନିଷେଧ ଦିବସ ପାଳିତ



ଜଗତସିଂହପୁର,୩୧।୫(ସମିସ): ଦେଶରେ ବର୍ଷକୁ ପ୍ରାୟ ୧୪ ଲକ୍ଷ ଲୋକ ତମାଖୁ ସେବନ ଯୋଗୁଁ ଜୀବନ ହରାଉଛନ୍ତି । ପ୍ରତିବର୍ଷ ୧୦ ପ୍ରତିଶତ ଲୋକ କେବଳ ତମାଖୁ ସେବନ କାରଣରୁ ମୃତ୍ୟୁବରଣ କରୁଛନ୍ତି । ଜନସାଧାରଣ, ବିଶେଷକରି ଯୁବ ସମାଜ ଏଥିରୁ କିପରି ମୁକ୍ତି ପାଇବେ, ସେ ବିଷୟକୁ ଆଜି ଗମ୍ଭିରତାର ସହ ନେବାର ସମୟ ଆସିଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଲୋକସେବା ଭବନ କନଭେନସନ ହଲ୍‌ରେ ବିଶ୍ୱ ତମାଖୁ ନିଷେଧ ଦିବସ ପାଳନ ଉପଲକ୍ଷେ ଆୟୋଜିତ ସଚେତନତା ଅଭିଯାନର ଶୁଭାରମ୍ଭ ଅବସରରେ କହିଛନ୍ତି । ଏ ପରିପ୍ରେକ୍ଷୀରେ ଜିଲ୍ଲାରୁ ଆଭାସୀ ମାଧ୍ୟମରେ ଏହି ଆମ ସଂକଳ୍ପ ଅଭିଯାନରେ ଆରକ୍ଷୀ ଅଧୀକ୍ଷକ ଭବାନୀ ଶଙ୍କର ଉଦଗାତା, ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତିଶଙ୍କର ରାୟ, ଉପଜିଲ୍ଲାପାଳ ପ୍ରଶାନ୍ତ ତରାଇ, ଅବକାରୀ ଅଧୀକ୍ଷକ ଅନୀତା ପ୍ରଧାନ, ଜିଲ୍ଲା ଶିକ୍ଷାଧିକାରୀ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ, ଜିଲ୍ଲା କ୍ରୀଡା ଅଧିକାରୀ ଓ ଅବକାରୀ ବିଭାଗ କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ । ତମାଖୁ, ମଦ ଓ ଡ୍ରଗ୍ସ ବ୍ୟବହାର ଓ ପ୍ରସାରକୁ ରୋକିବା ପାଇଁ ରାଜ୍ୟବ୍ୟାପୀ ପ୍ରଥମ ପର୍ଯ୍ୟାୟରେ ବିଶ୍ୱ ତମାଖୁ ନିଷେଧ ଦିବସ ମେ' ୩୧ ତାରିଖଠାରୁ ଜୁନ ୨୬ ତାରିଖ ପର୍ଯ୍ୟନ୍ତ, ଦ୍ୱିତୀୟ ପର୍ଯ୍ୟାୟରେ ଜୁନ୍ ୨୬ରୁ ଅଗଷ୍ଟ ୧୫ ପର୍ଯ୍ୟନ୍ତ, ତୃତୀୟ ପର୍ଯ୍ୟାୟରେ ଅକ୍ଟୋବର ୨ ଓ ଚତୁର୍ଥ ପର୍ଯ୍ୟାୟରେ ଡିସେମ୍ବର ୨୫ରୁ ୨୦୨୬ ଜାନୁଆରୀ ୧୫ ତାରିଖ ପର୍ଯ୍ୟନ୍ତ ପ୍ରାୟ ଏକବର୍ଷ ଧରି ଏହି ସଚେତନତା ଅଭିଯାନ ଜାରି ରହିବ । ତମାଖୁ ସେବନର ଅପକାରିତା ଓ ସ୍ୱାସ୍ଥ୍ୟଗତ ଭୟାବହତା ଉପରେ ସଚେତନତା ସୃଷ୍ଟି ପାଇଁ ସରକାରଙ୍କ ପକ୍ଷରୁ ଆରମ୍ଭ ହୋଇଥିବା ସଚେତନତା ଅଭିଯାନକୁ ଘରେ ଘରେ ପହଞ୍ଚାଇବା ପାଇଁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଥିଲେ । ଜିଲ୍ଲାରେ ଏହି ସଚେତନତା ଅଭିଯାନ ଆରମ୍ଭ ହୋଇଛି । ଯାହା ପ୍ରତ୍ୟେକ ବ୍ଲକ୍ ଓ ପୌରାଞ୍ଚଳବାସୀଙ୍କୁ ସଚେତନ କରାଇବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି ।

## ନିମ୍ନମାନର ପଟ୍ଟାମୁଣ୍ଡାଇ-ରାଜନଗର ବନ୍ଧରାସ୍ତା କାମ

# ପାଲଟିଛି ମରଣଯନ୍ତା; ଘଟୁଛି ଦୁର୍ଘଟଣା

ମାଳିପୁର, ୩୧।୫(ସମିସ):

ନିମ୍ନମାନର କାମ ଯୋଗୁଁ ଏବେ ପଟ୍ଟାମୁଣ୍ଡାଇ-ରାଜନଗର ବନ୍ଧ ରାସ୍ତା ମରଣଯନ୍ତା ପାଲଟିଛି । ଫଳରେ ଏହି ରାସ୍ତାରେ ଦୈନିକ ଦୁର୍ଘଟଣା ଘଟୁଥିବାବେଳେ ଧନଜୀବନ ହାନୀ ଘଟୁଛି । ଏହି ରାସ୍ତା କାମ ଆରମ୍ଭରୁ ଦୁର୍ନୀତି ହେବା ନେଇ ଅଭିଯୋଗ ହୋଇଆସୁଛି । ଏଥିପ୍ରତି ପୂର୍ତ୍ତ ବିଭାଗ କର୍ଣ୍ଣପାଟ କରୁନାହିଁ । ୨୨ କୋଟି ଟଙ୍କା ବ୍ୟୟରେ ନିର୍ମାଣ କରାଯାଇଥିବା ଏହି ରାସ୍ତା କାମ ସରିବାର ମାତ୍ର ୧୫ ଦିନ ପରଠାରୁ ପିଚୁ ଉଠି ଖାଲଖମାରେ ପରିଣତ ହୋଇଥିଲା । ବର୍ଷକ ମଧ୍ୟରେ ରାସ୍ତା ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡିଥିଲା । ତିନି ବର୍ଷ ପର୍ଯ୍ୟନ୍ତ ରାସ୍ତାର ରକ୍ଷଣାବେକ୍ଷଣ ଦାୟିତ୍ୱ ଠିକାଦାର ବହନ କରିବାକୁ ଚୁକ୍ତି ସ୍ୱାକ୍ଷର ହୋଇଥିଲେ ବି ଠିକାଦାର କିମ୍ବା ବିଭାଗ ପକ୍ଷରୁ ମରାମତି କରାଯାଇନାହିଁ । ସ୍ଥାନୀୟ ବାସିନ୍ଦା ବାରମ୍ବାର ଅଭିଯୋଗ କଲେ ମଧ୍ୟ କେହି କର୍ଣ୍ଣପାତ ନ କରିବାରୁ ଉତିକଣ ସଂଗ୍ରାମ ପରିଷଦ ପଟ୍ଟାମୁଣ୍ଡାଇ ପୂର୍ତ୍ତ ବିଭାଗ କାର୍ଯ୍ୟାଳୟ ଆଗରେ ଆମରଣ ଅନଶନ ଆରମ୍ଭ କରିଥିଲା । ପଟ୍ଟାମୁଣ୍ଡାଇ ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ, ସ୍ଥାନୀୟ ତହସିଲଦାର, ଆଦର୍ଶ ଥାନା ଆଇଆଇସି ପହଞ୍ଚି ଗଣମାଧ୍ୟମ ଆଗରେ ଏକ ମାସ ମଧ୍ୟରେ ରାସ୍ତା ମରାମତି କାମ ସାରିବାକୁ ପ୍ରତିଶ୍ରୁତି ଦେଇଥିଲେ । ମରାମତି କାମ ଆରମ୍ଭ ହେବାର ମାସେ ପରେ ସମ୍ପୃକ୍ତ ନିର୍ବାହୀ ଯନ୍ତ୍ରୀ ଅବସର ଗ୍ରହଣ କରିଥିଲେ । ମାତ୍ର ୨ କିମି ରାସ୍ତା ମରାମତି କରାଯାଇ କାମ ବନ୍ଦ କରିଦିଆଯାଇଥିଲା । ଫଳରେ ସାମାନ୍ୟ ବର୍ଷା ହେଲେ ନିମପୁରଠାରୁ ଅଲଭା ପର୍ଯ୍ୟନ୍ତ ରାସ୍ତା ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡୁଛି । ଏହି ରାସ୍ତା ଲୋକଙ୍କ ପାଇଁ ମରଣଯନ୍ତା ପାଲଟିଥିବାବେଳେ ପ୍ରତିଦିନ ଛୋଟବଡ ଦୁର୍ଘଟଣା ଘଟୁଛି ।

ଗତ ଶୁକ୍ରବାର ସନ୍ଧ୍ୟାରେ ଗୋଟିଏ ଅଟୋ ଅଲଭା ବଜାରରେ ଖାଲରେ ପଡ଼ି ଓଲଟିଯିବାରୁ ଚାଳକ ଗାଡ଼ି ତଳେ ଚାପିହୋଇ ଗୁରୁତର ଆହତ ହୋଇଛନ୍ତି । କନିଷ୍ଠ ଯନ୍ତ୍ରୀଙ୍କୁ ପଚାରିବାରୁ ନଷ୍ଟ ହୋଇଥିବା ରାସ୍ତାରୁ ନିର୍ମାଣ ସମୟରେ ବ୍ୟବହାର କରାଯାଇଥିବା ଖରାପ ଜିଏସବି କଢ଼ା ଯାଇ ନୂଆ ଜିଏସବି ଭରା ଯାଇ ମରାମତି କରାଯିବ କହୁଥିବାବେଳେ ଠିକାଦାର କିନ୍ତୁ ଯେନତେନ ପ୍ରକାର ଖରାପ ଜିଏସବି ନ କାଢ଼ି ନିକୃଷ୍ଟ ଧରଣର ଜିଏସବି ଭରି ମରାମତି କାମ ସାରି ଦେବାକୁ ମସୁଧା କରୁଛନ୍ତି । ଏହା ପୂର୍ବରୁ ମାଳିପୁର ନିକଟରେ ମରାମତି ପାଇଁ ଯେଉଁ ନିକୃଷ୍ଟ ଜିଏସବି ବ୍ୟବହାର କରିବା ପାଇଁ ତତ୍କାଳୀନ ନିର୍ବାହୀ ଯନ୍ତ୍ରୀମନା କରିଥିଲେ, ସେହି ନିକୃଷ୍ଟ ଜିଏସବିକୁ ପୁନଃବ୍ୟବହାର ପାଇଁ ଠିକାଦାର ରାସ୍ତାରେ ପକାଇଛନ୍ତି । ଯଦି ଏଭଳି ଖରାପ ସାମଗ୍ରୀ ବ୍ୟବହାର କରାଯାଏ, ତେବେ ବର୍ଷାଦିନ ଭିତରେ ପୁନଶ୍ଚ ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡିବ ବୋଲି ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି । ଏହାର ଭିଜିଲାନ୍ସ ତଦନ୍ତ କରି ଦୋଷୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଉତିକଣ ସଂଗ୍ରାମ ପରିଷଦ ସଭାପତି ପ୍ରଶାନ୍ତ ମହାନ୍ତି, ରମାକାନ୍ତ ଦାସ, ଆଶିଷ ମଲିକ, ତୀର୍ଥ ପରିଡ଼ା, ରଞ୍ଜନ ରାଉତ, ଅର୍ଜୁନ ସାହୁ, ପ୍ରମୋଦ ମଲିକ, ବୃନ୍ଦାବନ ପରିଡ଼ା, ଅତନୁ ମଲିକ, ବୁଟୁନା ପଣ୍ଡା, ନିରଞ୍ଜନ ଦାସ, ଅଜୟ ସେନ, ଗୋପୀନାଥ ପଣ୍ଡା, ମୁରଲୀ ସେଠୀ, ସର୍ବେଶ୍ୱର ସେଠୀ ପ୍ରମୁଖ ଦାବି କରିଛନ୍ତି ।



# ଗ୍ରାମ ମୁରବୀ ହରେକୃଷ୍ଣ ନାୟକଙ୍କ ପରଲୋକ

ବାଲିକୁଦା,୩୧।୫(ସମିସ): ବାଲିକୁଦା ବ୍ଲକ ବଡ଼ଗାଁ ପଞ୍ଚାୟତ ନାରାଦିଆ ଗ୍ରାମ ମୁରବୀ ତଥା ପରୋପକାରୀ ହରେକୃଷ୍ଣ ନାୟକଙ୍କ ଆଜି ତାଙ୍କ ବାସଭବନରେ ପରଲୋକ ହୋଇଯାଇଛି । ଶ୍ରୀ ନାୟକ ରେଳବାଇରୁ ଅବସର ନେଇ ଗାଁରେ ରହୁଥିଲେ । ମୃତ୍ୟୁ ବେଳକୁ ତାଙ୍କୁ ୯୦ବର୍ଷ ବୟସ ହୋଇଥିଲା । ପୁରୀ ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ କରାଯାଇଥିଲା । ଜ୍ୟେଷ୍ଠ ପୁଅ ବରିଷ୍ଠ ସରକାରୀ ଓକିଲ ପ୍ରହଲ୍ଲାଦ ନାୟକ ମୁଖାଗ୍ନି ଦେଇଥିଲେ । ତାଙ୍କ ମୃତ୍ୟୁରେ ପୂର୍ବତନ ବିଧାୟକ ପ୍ରଶାନ୍ତ ମୁଦୁଲି, ବାଲିକୁଦା-ଏରସମା ବିଧାୟକ ସାରଦା ପ୍ରସନ୍ନ ଜେନା, ପୂର୍ବତନ ମନ୍ତ୍ରୀ ରଘୁନନ୍ଦନ ଦାସ, ବ୍ଲକ ଅଧ୍ୟକ୍ଷ ପ୍ରକାଶ ପ୍ରଧାନ, ବରିଷ୍ଠ ଓକିଲ ଡକ୍ଟର ବୀରନାରାୟଣ ପାତ୍ର, ଯୁବନେତା ହରିଶ ଚନ୍ଦ୍ର ଶତପଥୀ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି ।



■ ଢେଙ୍କାନାଳ ମହାବିଦ୍ୟାଳୟ ପିଜି ପରୀକ୍ଷାଫଳ ପ୍ରକାଶିତ

# ପାସ୍‌ହାର ୯୨.୫୫ ପ୍ରତିଶତ, ଇଂରାଜୀରେ ପ୍ରିୟା ରତନ ଟପ୍ପର

ଢେଙ୍କାନାଳ, ୩୧।୫(ସମିସ): ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟର ପିଜି ପରୀକ୍ଷା ଫଳ ପ୍ରକାଶ ପାଇଛି। ଚଳିତ ବର୍ଷ ୯୨.୫୫ ପ୍ରତିଶତ ଛାତ୍ରଛାତ୍ରୀ ପାସ କରିଛନ୍ତି। ବଟନୀରେ ୨୭ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୨୪ ଜଣ ପାସ କରିଥିବା ବେଳେ ପାସ ହାର ୯୨.୩୦ ପ୍ରତିଶତ ରହିଛି। କେମେଷ୍ଟ୍ରିରେ ୧୫ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୧୨ଜଣ ପାସ କରିଛନ୍ତି। ପାସ ହାର ୮୦ ପ୍ରତିଶତ ହୋଇଛି। ବାଣିଜ୍ୟରେ ୨୯ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ସମସ୍ତେ ପାସ କରିଥିବା ବେଳେ ପାସହାର ଶତ ପ୍ରତିଶତ, ଅର୍ଥନୀତିରେ ୧୫ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ଶତପ୍ରତିଶତ, ଇଂରାଜୀରେ ୧୩ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୧୨ ଜଣ ପାସ କରିଥିବା ପାସ ହାର ୯୨.୩୦ ପ୍ରତିଶତ, ଇତିହାସରେ ୩୦ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୨୭ ଜଣ ପାସ କରିଥିବା ପାସ ହାର ୯୦ ପ୍ରତିଶତ, ଗଣିତରେ ୧୪ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସମସ୍ତେ ପାସ କରିଥିବା ବେଳେ ପାସ ହାର ଶତପ୍ରତିଶତ, କମ୍ପ୍ୟୁଟର ସାଇନ୍ସ, ଓଡ଼ିଆରେ ଶତପ୍ରତିଶତ, ଫିଲୋସୋଫିରେ ୫୦ ପ୍ରତିଶତ, ଫିଜିକ୍ସରେ ୯୨.୮୫ ପ୍ରତିଶତ, ସାଇକୋଲୋଜିରେ ୭୭.୭୭ ପ୍ରତିଶତ ପାସ୍ ହାର ରହିଛି। ବଟନୀରେ ସୋନାଲିକା ସାମଲ, କେମେଷ୍ଟ୍ରିରେ ଅମ୍ରିତ ଜେନା, ବାଣିଜ୍ୟରେ ଶୁଭଶ୍ରୀ ଦିବ୍ୟଦର୍ଶିନୀ ବେହେରା, ଅର୍ଥନୀତିରେ ମଧୁସ୍ମିତା ସାହୁ, ଇଂରାଜୀରେ ପ୍ରିୟା ରତନ, ଇତିହାସରେ ଦୀପ୍ତିମୟୀ ବେହେରା, ରୁଦ୍ରମାଧବ ସ୍ୱାଇଁ, ଗଣିତରେ ସତ୍ୟଜିତ ମହାନ୍ତି, କମ୍ପ୍ୟୁଟର ସାଇନ୍ସରେ ଶୁଭଲକ୍ଷ୍ମୀ ସାହୁ, ଓଡ଼ିଆରେ ନମିତା, ଫିଲୋସୋଫିରେ ବିକାଶ ଚନ୍ଦ୍ର ଜେନା, ଫିଜିଓଲୋଜିରେ ସୂଚୀସ୍ମିତା ସାହୁ, ସାଇକୋଲୋଜିରେ ଅନୁରାଧା ଗିରି ଟପ୍ପର ହୋଇଛନ୍ତି। ପରୀକ୍ଷା ନିୟନ୍ତ୍ରକ ଡ. ସଞ୍ଜିତ କୁମାର ମହାପାତ୍ର, ଡେପୁଟି କଣ୍ଟ୍ରୋଲର ଦିଲୀପ କୁମାର ମଲ୍ଲିକ, ମୁରଲୀଧର ଦଳାଇ, ପ୍ରଶାସନିକ ଅଧିକାରୀ ଡ. ଦେବାଶିଷ ମହାନ୍ତି, ଅଧ୍ୟାପକ ପୂର୍ଣ୍ଣଚନ୍ଦ୍ର ବରାଳ, ଦେବରାଜ ପରିଡ଼ା, ରଜନୀକାନ୍ତ ଖୁଣ୍ଟିଆ, ଦିଲୀପ କୁମାର ନାୟକ ପ୍ରମୁଖଙ୍କ ସହ ସମସ୍ତ ଅଧ୍ୟାପକ ଅଧ୍ୟାପିକା ଏବଂ କର୍ମଚାରୀଙ୍କ ଉପସ୍ଥିତିରେ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ଚିତ୍ତରଞ୍ଜନ ସାହୁ ପରୀକ୍ଷା ଫଳ ପୁସ୍ତିକା ଉନ୍ମୋଚନ କରିଥିଲେ।



ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟ ୟୁଜି ପରୀକ୍ଷାଫଳ ପ୍ରକାଶିତ

# ରାଜତରଙ୍ଗିଣୀ ମହାବିଦ୍ୟାଳୟର ଶ୍ରେଷ୍ଠ ଗ୍ରାଜୁଏଟ୍

ଢେଙ୍କାନାଳ, ୩୧।୫(ସମିସ)

ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟର ୟୁଜି ପରୀକ୍ଷା ଫଳ ପ୍ରକାଶ ପାଇଛି। ଚଳିତ ବର୍ଷ ୭୯.୨୯ ପ୍ରତିଶତ ଛାତ୍ରଛାତ୍ରୀ ପାସ କରିଛନ୍ତି। ଚଳିତ ବର୍ଷ ମୋଟ ୫୪୧ ଛାତ୍ରଛାତ୍ରୀ ପାରୀକ୍ଷା ଦେବାକୁ ନାମ ପଞ୍ଜୀକରଣ କରିଥିବା ବେଳେ ୪୨୯ ଜଣ ପାସ କରିଛନ୍ତି। ଅର୍ଥନୀତି ଅନର୍ସରେ ୩୬ ଛାତ୍ରଛାତ୍ରୀଙ୍କ ମଧ୍ୟରୁ


● ୭୯.୨୯ ପ୍ରତିଶତ ଛାତ୍ରଛାତ୍ରୀ ପାସ

୧୩ଜଣ ପ୍ରଥମ ଶ୍ରେଣୀ ଡିଷ୍ଟିଙ୍କସନ ସହ ପାସ କରିଛନ୍ତି। ୩ଜଣ ପ୍ରଥମ ଶ୍ରେଣୀ, ଜଣେ ଦ୍ୱିତୀୟ ଶ୍ରେଣୀ ସହ ଡିଷ୍ଟିଙ୍କସନ ଓ ୨ଜଣ ଦ୍ୱିତୀୟ ଶ୍ରେଣୀରେ ପାସ କରିଛନ୍ତି। ପାସ ହାର ୫୯.୫୫ ପ୍ରତିଶତ ରହିଛି। ସେହିପରି ଶିକ୍ଷା ଅନର୍ସରେ ୧୫ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୬ଜଣ ପ୍ରଥମ ଶ୍ରେଣୀ ଡିଷ୍ଟିଙ୍କସନ ସହ ପାସ କରିଥିବା ବେଳେ ୬ଜଣ ପ୍ରଥମ ଶ୍ରେଣୀରେ ପାସ କରିଛନ୍ତି। ପାସ ହାର ୮୦ ପ୍ରତିଶତ ରହିଛି। ଇଂରାଜୀ ଅନର୍ସରେ ୨୮ ଜଣଙ୍କ ମଧ୍ୟରୁ ୧୭ଜଣ ପ୍ରଥମ ଶ୍ରେଣୀ ଡିଷ୍ଟିଙ୍କସନ ସହ ପାସ କରିଥିବା ବେଳେ ୫ଜଣ ପ୍ରଥମ ଶ୍ରେଣୀ, ଜଣେ ଦ୍ୱିତୀୟ ଶ୍ରେଣୀ ସହ ଡିଷ୍ଟିଙ୍କସନ ଓ ୨ଜଣ ଦ୍ୱିତୀୟ ଶ୍ରେଣୀରେ ପାସ୍ କରିଛନ୍ତି। ପାସ ହାର ୮୯.୨୮ ପ୍ରତିଶତ ହୋଇଛି। ହିନ୍ଦୀରେ ଶତପ୍ରତିଶତ ଛାତ୍ରଛାତ୍ରୀ ପାସ କରିଛନ୍ତି। ଇତିହାସ ଅନର୍ସରେ ୪୨ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୧୬ଜଣ ପ୍ରଥମ ଶ୍ରେଣୀ ଡିଷ୍ଟିଙ୍କସନ ସହ ପାସ କରିଥିବା ବେଳେ ୭ଜଣ ପ୍ରଥମ ଶ୍ରେଣୀ, ୨ ଜଣ ଦ୍ୱିତୀୟ ଶ୍ରେଣୀ ସହ ଡିଷ୍ଟିଙ୍କସନ ଓ ୯ଜଣ ଦ୍ୱିତୀୟ ଶ୍ରେଣୀରେ ପାସ କରିଛନ୍ତି। ପାସ ହାର ୮୦.୯୫ ପ୍ରତିଶତ ହୋଇଛି। ଗଣିତରେ ୬୦ ପ୍ରତିଶତ, ଓଡ଼ିଆରେ ୯୬.୬୬ ପ୍ରତିଶତ, ଫିଲୋସୋଫିରେ ୬୫ ପ୍ରତିଶତ, ସାଇକୋଲୋଜିରେ ୯୦ ପ୍ରତିଶତ, ସଂସ୍କୃତରେ ୭୫ ପ୍ରତିଶତ, ସୋସିଓଲୋଜିରେ ୫୦ ପ୍ରତିଶତ, ବଟନୀରେ ୬୯ ପ୍ରତିଶତ, କେମେଷ୍ଟ୍ରିରେ ୮୩.୩୩ ପ୍ରତିଶତ, କମ୍ପ୍ୟୁଟର ସାଇନ୍ସରେ ୮୭ ପ୍ରତିଶତ, ଫିଜିକ୍ସରେ ୯୨.୫୯ ପ୍ରତିଶତ, ଜୁଲୋଜିରେ ୮୮.୮୮ ପ୍ରତିଶତ ଓ ଆକାଉଣ୍ଟାନ୍ସିରେ ୭୫ ପ୍ରତିଶତ ଛାତ୍ରଛାତ୍ରୀ ପାସ କରିଛନ୍ତି। ୨୬୩ ଜଣ ପ୍ରଥମ ଶ୍ରେଣୀ ସହିତ ଡିଷ୍ଟିଙ୍କସନ, ୯୭ଜଣ ପ୍ରଥମ ଶ୍ରେଣୀ, ୧୫ଜଣ ଦ୍ୱିତୀୟ ଶ୍ରେଣୀ ସହିତ ଡିଷ୍ଟିଙ୍କସନ, ୫୪ଜଣ ଦ୍ୱିତୀୟ ଶ୍ରେଣୀରେ ପାସ କରିଥିବା ବେଳେ ୧୦୮ ଜଣ ଫେଲ ହୋଇଛନ୍ତି।

ଅର୍ଥନୀତିରେ ବିଶ୍ୱଜିତ ମହାପାତ୍ର, ଶିକ୍ଷାରେ ତ୍ରିନାଥ ବେହେରା, ଇଂରାଜୀରେ ବିପ୍ଳବୀ ବିଜୟିନୀ ସାହୁ, ଇତିହାସରେ ଶୋଭନଜିତ ସିଂହ, ଗଣିତରେ ମହେନ୍ଦ୍ର କୁମାର ସାହୁ, ଓଡ଼ିଆରେ ପ୍ରୀତିଛନ୍ଦା ପୃଷ୍ଟି, ଫିଲୋସୋଫିରେ ପାୟଲ ପ୍ରିୟଦର୍ଶିନୀ ରାଉତରାୟ, ଫିଜିଓଲୋଜିରେ ସୋନାଲି ମହାଭୋଇ, ସାଇକୋଲୋଜିରେ ରାଜତରଙ୍ଗିଣୀ ପଣ୍ଡା, ସଂସ୍କୃତରେ ସଙ୍ଗୀତା ପଣ୍ଡା, ହିନ୍ଦୀରେ ଶ୍ରେୟା ସ୍ୱସ୍ତିକା ମିଶ୍ର, ସୋସିଓଲୋଜିରେ ଅଗ୍ନିରୂପା କର, ବଟନୀରେ ପ୍ରତ୍ୟୁଷ ପଟ୍ଟନାୟକ, ବିଟିଏରେ ଜଗଧାତ୍ରୀ ସ୍ୱାଇଁ, କେମେଷ୍ଟ୍ରିରେ ରୁଦ୍ରପ୍ରତାପ ମହାପାତ୍ର, କମ୍ପ୍ୟୁଟର ସାଇନ୍ସରେ ଦିପୁନା ସାହୁ, ଫିଜିକ୍ସରେ ଅବିନାଶ ପ୍ରଧାନ, ଜୁଲୋଜିରେ ଗାୟତ୍ରୀ ସ୍ୱର୍ଣ୍ଣଲକ୍ଷ୍ମୀ ମହାପାତ୍ର, ଆକାଉଣ୍ଟାନ୍ସିରେ ଅଞ୍ଚଳ ଅଭିଲିପ୍ସା ସାହୁ, ଏମଏସସିରେ ଲୋପିତା ବେଉରା, ଏମବିଏରେ ବିସ୍ମୟୀ ମିଶ୍ର ଟପ୍ପର ହୋଇଛନ୍ତି। ଓଡ଼ିଆରେ ରାଜତରଙ୍ଗିଣୀ ପଣ୍ଡା ସର୍ବାଧିକ ନମ୍ବର ରଖି ମହାବିଦ୍ୟାଳୟର ବେଷ୍ଟ ଗ୍ରାଜୁଏଟ ଭାବେ ଆଖ୍ୟା ଅର୍ଜନ କରିଛନ୍ତି।



## ସ୍କାଏଲାଇଟ ଭାଙ୍ଗି ଲକ୍ଷାଧିକ ଟଙ୍କାର ଲୁଟ୍



ଗଁଦିଆ, ୩୧।୫(ସମିସ): ଗଁଦିଆ ଥାନା ମନ୍ଦାର ଗ୍ରାମର ଜଣେ ବ୍ୟକ୍ତିଙ୍କ ଘରେ ପଶି ଦୁର୍ବୃତ୍ତ ଲକ୍ଷାଧିକ ଟଙ୍କାର ସୁନାଗହଣା ସହ ନଗଦ ଟଙ୍କା ଲୁଟି ନେଇଥିବା ଅଭିଯୋଗ ହୋଇଛି। ଶୁକ୍ରବାର ବିଳମ୍ବିତ ରାତିରେ ଗ୍ରାମର ମହେଶ୍ୱର ଦାସ, ତାଙ୍କ ସ୍ତ୍ରୀ ଓ ଦୁଇ ଛୋଟ ପୁଅ ଘରେ ଶୋଇଥିବା ବେଳେ ୫ରୁ ୬ଜଣ ମୁଖାପିନ୍ଧା ଦୁର୍ବୃତ୍ତ ଘର ସ୍କାଏଲାଇଟ ଭାଙ୍ଗି ଘରେ ପଶିଥିଲେ। ଛୁରୀ, ବୋମା ଓ ଅନ୍ୟାନ୍ୟ ମାରଣାସ୍ତ୍ର ଦେଖାଇ ପରିବାର ଲୋକଙ୍କୁ ଭୟଭୀତ କରି ସେମାନଙ୍କ ହାତଗୋଡ଼ ବାନ୍ଧିଦେଇଥିଲେ। ମହେଶ୍ୱର ଓ ତାଙ୍କ ସ୍ତ୍ରୀଙ୍କୁ ମାଡ଼ ମାରି ଆହତ କରିବା ସହ ଆଲାମୀରାରେ ଥିବା ୧୫୦ ଗ୍ରାମ ଓଜନର ସୁନା ଓ ରୂପା ଗହଣା, ନଗଦ ୧ ଲକ୍ଷ ୪୦ ହଜାର ଟଙ୍କା ଲୁଟି ନେଇଥିଲେ। ଶନିବାର ଥାନା ଅଧିକାରୀ ଶାନ୍ତନୁ କୁମାର ପ୍ରଧାନ, ଏସଡିପିଓ ରମେଶ ଚନ୍ଦ୍ର ଦୋରା ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ୍ ଟିମ୍ ସହ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ବେଳେ ପୁଲିସ୍ ଲୁଟେରାଙ୍କ ସମ୍ପର୍କରେ କୌଣସି ସୁରାକ ପାଇପାରିନାହିଁ। ଏସ୍‌ପି ଅଭିନଭ ଶୋନକରଙ୍କ ତତ୍ତ୍ୱାବଧାନରେ ଘଟଣାର ତଦନ୍ତ ଜାରି ରହିଛି।


## ୨ କାର୍ ମୁହାଁମୁହିଁ ଧକ୍କା; ୬ ଗୁରୁତର



ଖଜୁରିଆକଟା, ୩୧।୫(ସମିସ): ପୁରୁଣା କଟକ-ସମ୍ବଲପୁର ରାସ୍ତାର ରାସୋଳ ଥାନା ସୁକିଆବାଉତୀ ମନ୍ଦିର ନିକଟରେ ଶନିବାର ୨ କାର୍ ମୁହାଁମୁହିଁ ଧକ୍କା ହେବାରୁ ୬ ଜଣ ଗୁରୁତର ଆହତ ହୋଇଛନ୍ତି। ସମସ୍ତଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ପୁଲିସ୍ ଦୁର୍ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ପୁରୁଣା କଟକ-ସମ୍ବଲପୁର ରାସ୍ତା ବିପଦପୂର୍ଣ୍ଣ ଥିବାବେଳେ ବେପରୁଆ ଗାଡ଼ି ଚାଳନା ଯୋଗୁଁ ଏହି ଦୁର୍ଘଟଣା ଘଟିଥିବା ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି।

## ବାଞ୍ଛେଶ୍ୱର ଶିବମନ୍ଦିରରେ ଶୀତଳଷଷ୍ଠୀ

ପଣ୍ଡୁଆ, ୩୧।୫(ସମିସ): କାମାକ୍ଷାନଗର ଉପଖଣ୍ଡ ଅଁଳାବେରେଣି ପଞ୍ଚାୟତ ଖଟୁଆହାତା ବାଞ୍ଛେସ୍ୱର ଶିବମନ୍ଦିରରେ ଶୀତଳଷଷ୍ଠୀ ତଥା ଶିବବିବାହ ଉତ୍ସବ ଅନୁଷ୍ଠିତ ହୋଇଛି।



ଗ୍ରାମବାସୀ ଭଜନକୀର୍ତ୍ତନ ଓ ହୋମଯଜ୍ଞ କରି ଧୁମଧାମରେ ଉତ୍ସବ ପାଳନ କରିଥିଲେ। ଶିବମନ୍ଦିର କମିଟି ସଦସ୍ୟ କବିରାଜ ସାହୁ, ପୁରୁଷୋତ୍ତମ ସାହୁଙ୍କ ନେତୃତ୍ୱରେ ଶିବପାର୍ବତୀଙ୍କୁ ଗାଁ ପରିକ୍ରମା କରାଯାଇଥିଲା। ଶ୍ରଦ୍ଧାଳୁଙ୍କ ପାଇଁ ଅନ୍ନପ୍ରସାଦ ବ୍ୟବସ୍ଥା କରାଯାଇଥିଲା।

# ଦିନରେ ସ୍କୁଲ ଭ୍ୟାନ ଚାଳକ, ରାତିରେ ଅଭିଭାବକଙ୍କ ଘରୁ ଚୋରି

ଢେଙ୍କାନାଳ, ୩୧।୫(ସମିସ): ଢେଙ୍କାନାଳ ସହରରେ ଥିବା ବିଭିନ୍ନ ଘରୋଇ ସ୍କୁଲକୁ ଦିନରେ ଛାତ୍ରଛାତ୍ରୀମାନଙ୍କୁ ଭ୍ୟାନରେ ନେବା ଆଣିବା କରିବା ଏବଂ ରାତିରେ ଅଭିଭାବକଙ୍କ ଘରୁ ଚୋରି କରିବା ଅଭିଯୋଗରେ ଜଣେ ବ୍ୟକ୍ତିଙ୍କୁ ଟାଉନ ଥାନା ପୁଲିସ ଗିରଫ କରିଛି। ତାଙ୍କଠାରୁ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଉଦ୍ଧାର କରାଯାଇଛି। ଗିରଫ ଅଭିଯୁକ୍ତ

● ୧୩ ଲକ୍ଷ ଟଙ୍କାର ସାମଗ୍ରୀ ଉଦ୍ଧାର

ହେଲେ ଢେଙ୍କାନାଳ ସହର ରଗଡ଼ି ସାହିରେ ଭଡ଼ାରେ ରହୁଥିବା ସ୍ୱପ୍ନେଶ୍ୱର ମଳିକଙ୍କ ପୁଅ କାହ୍ନୁ ମଳିକ (୩୩)।

କାହ୍ନୁ ଏକ ଭ୍ୟାନରେ ଢେଙ୍କାନାଳ ସହରର ବିଭିନ୍ନ ଘରୋଇ ସ୍କୁଲ ଛାତ୍ରଛାତ୍ରୀଙ୍କୁ ନେବା ଆଣିବା କରି ପରିବାର ପ୍ରତିପୋଷଣ କରୁଥିଲେ। ଭ୍ୟାନରେ ଗାୟତ୍ରୀ ନଗର, ଅମଲାପଡ଼ା, କାରିଗର ସାହି, ଟାଉନ ପ୍ଲାନିଂରୁ ଛାତ୍ରଛାତ୍ରୀମାନଙ୍କୁ ନେଇ ସ୍କୁଲରେ ଛାଡୁଥିଲେ। ଯେଉଁଦିନ ପିଲାମାନେ ସ୍କୁଲକୁ ଯାଉ ନ ଥିଲେ ସେ ସେମାନଙ୍କ ଅଭିଭାବକଙ୍କୁ ପିଲା ସ୍କୁଲ ନ ଯିବାର କାରଣ ପଚାରୁଥିଲେ। ଅଭିଭାବକମାନେ ଘରକୁ କିମ୍ବା ଅନ୍ୟ କୌଣସି ସ୍ଥାନକୁ ଯାଇଛନ୍ତି ଏବଂ ଆସିବେ ନାହିଁ ବୋଲି ଜାଣିବା ପରେ କାହ୍ନୁ ସେହି ଘରକୁ ଟାର୍ଗେଟ କରି ରାତିରେ ଚୋରି କରୁଥିଲେ। ଗତ ୨୬ ତାରିଖ ପ୍ରଶାନ୍ତ ସାହୁ ନାମକ ଜଣେ ଅଭିଭାବକଙ୍କ ଘରୁ ଚୋରି ହେବା ପରେ ସେ ଟାଉନ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୁଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ତଦନ୍ତ ସମୟରେ କାହ୍ନୁ ତାଙ୍କ ଘର ସମ୍ମୁଖରେ ଏକ ଗାଡ଼ିରେ ବୁଲୁଥିବା ଜାଣିବା ପରେ ତାଙ୍କୁ ଥାନାକୁ ନେଇ ପଚରାଉଚରା କରିଥିଲା ପୁଲିସ। ପରେ କାହ୍ନୁ ସମସ୍ତ ଘଟଣା ପୁଲିସ ଆଗରେ ସ୍ୱୀକାର କରିଥିଲେ। ସେ କାରିଗର ସାହି, ଗାୟତ୍ରୀ ନଗର, ଟାଉନପ୍ଲାନିଂ ଏବଂ ଅମଲାପଡ଼ାରୁ ଚୋରି କରିଥିବା ଜଣାପଡ଼ିଥିଲା। କାହ୍ନୁଠାରୁ ପୁଲିସ ଗୋଟିଏ ଆପଲ ଲାପଟପ ସହ ଆଉ ଦୁଇଟି ଲାପଟପ, ୬ଟି ରୁପା କଏନ, ୧୧୦ ଗ୍ରାମ ଓଜନର ସୁନାଗହଣା, ଜବତ କରିଛି। ଜବତ ସାମଗ୍ରୀର ମୂଲ୍ୟ ୧୩ଲକ୍ଷ ଟଙ୍କା ହେବ ବୋଲି ପୁଲିସ ସୂଚନା ଦେଇଛି। ସେ ସୁନାଗହଣାକୁ ବିଭିନ୍ନ ଘରୋଇ ବ୍ୟାଙ୍କରେ ବନ୍ଧକ ରଖି ଟଙ୍କା ଆଣିଥିବା ଜଣାପଡ଼ିଛି। ପୁଲିସ ତାଙ୍କଠାରୁ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଉଦ୍ଧାର କରି ଅଭିଭାବକମାନଙ୍କୁ ହସ୍ତାନ୍ତର କରିଛି।



■ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ସଚିବଙ୍କ ଆଇଆଇଏମସି ପରିଦର୍ଶନ

# କ୍ୟାମ୍ପସର ଉନ୍ନତି ଓ ବିକାଶ ପାଇଁ ପ୍ରତିଶ୍ରୁତି

ଢେଙ୍କାନାଳ, ୩୧।୫(ସମିସ): ସ୍ଥାନୀୟ ଆଇଆଇଏମସିକୁ କେନ୍ଦ୍ର ସରକାରଙ୍କ ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟର ସଚିବ ସଞ୍ଜୟ ଯାଜୁ ପରିଦର୍ଶନରେ ଆସି ଅନୁଷ୍ଠାନର ବିଭିନ୍ନ ରିନୋଭେସନ କାର୍ଯ୍ୟ ଓ ଭବିଷ୍ୟତ ଉନ୍ନୟନ ସମ୍ପର୍କରେ ସମୀକ୍ଷା କରିଥିଲେ। ପରିଦର୍ଶନ ସମୟରେ ଛାତ୍ରଛାତ୍ରୀମାନଙ୍କ ହଷ୍ଟେଲ ପରିଦର୍ଶନ କରିବା ସହିତ ସ୍ଥିତି ପରଖିଥିଲେ। ଏହାସହ ଏକାଡେମିକ ବ୍ଲକ, ଅଡିଓ ଭିଡିଓ ବ୍ୟବସ୍ଥା, ପ୍ରଶାସନିକ ବ୍ଲକ ପରଦର୍ଶନ କରିଥିଲେ। ଆଞ୍ଚଳିକ ନିର୍ଦ୍ଦେଶକ ଡ. ଆନନ୍ଦ ପ୍ରଧାନଙ୍କ ସହିତ ଅଗାମୀ ଦିନରେ ହେବାକୁ ଥିବା ବିଭିନ୍ନ କାର୍ଯ୍ୟ ସମ୍ପର୍କରେ ଅଲୋଚନା କରିଥିଲେ। ଛାତ୍ରଛାତ୍ରୀ ସଂଖ୍ୟା ବୃଦ୍ଧି ସହ ପିଜି ପାଠ୍ୟକ୍ରମ ସମ୍ପର୍କରେ ଅଲୋଚନା କରିଥିଲେ। ଭାରତ ସରକାରଙ୍କ ସୂଚନା ଏବଂ ପ୍ରାସରଣ ମନ୍ତ୍ରଣାଳୟ ତରଫରୁ ସମସ୍ତ ସହଯୋଗ ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ।



# ଶୈବପୀଠରେ ଶୀତଳଷଷ୍ଠୀ ଯାତ୍ରା

ପରଜଙ୍ଗ, ୩୧।୫(ସମିସ): ପରଜଙ୍ଗ ବ୍ଲକ କୁଆଳୋସ୍ଥିତ ଶୈବପୀଠରେ ଶୀତଳଷଷ୍ଠୀ ଯାତ୍ରା ତଥା ଶିବବିବାହ ଅନୁଷ୍ଠିତ ହୋଇଛି। ସକାଳେ ଠାକୁରଙ୍କ ନୀତିକାନ୍ତି ପରେ ବର ପିତାମାତା ଓ କନ୍ୟା ପିତାମାତା ମହାଦେବ ଓ ମା' ପାର୍ବତୀଙ୍କୁ ନିମନ୍ତ୍ରଣ କରିଥିଲେ। ପରେ ବିବାହ କାର୍ଯ୍ୟ ସମ୍ପନ୍ନ କରାଯାଇଥିଲା। ବାଜାବାଣ ରୋଷଣୀ କରାଯାଇ ଦେବଦମ୍ପତିଙ୍କୁ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଇ ମନ୍ଦିରରେ ବିଜେ କରାଯାଇଥିଲା। ବରପିତା ଭାବେ ବାପୁନ୍ ସାହୁ, ମାତା ରୁନୁ ପ୍ରଧାନ, କନ୍ୟାପିତା ଅଜିତ କୁମାର ସାହୁ, ମାତା ଦୀପାଳି ସାହୁ ଦାୟିତ୍ୱ ନିର୍ବାହ କରିଥିଲେ। ମନ୍ଦିର ପକ୍ଷରୁ ସଭାପତି ରଞ୍ଜିତ ରଣା, ରମେଶ ଚନ୍ଦ୍ର ରଣା, ଭୋଳେଶ୍ୱର ରଣା, ହେମନ୍ତ ରଣା, ଗ୍ରାମ ସଭାପତି ଅନିଲ ଭୁତିଆ, ବିଭୂତି ଭୂଷଣ ସାହୁଙ୍କ ସମେତ ଅନ୍ୟ ସେବକମାନେ ସହଯୋଗ କରିଥିଲେ।



■ ଆର୍ଥିକ ସମନ୍ୱୟ ବୈଠକ

## ଛାତ୍ରବୃତ୍ତି ପାଇବା ନିମନ୍ତେ ଗୁରୁତ୍ୱ

ଢେଙ୍କାନାଳ, ୩୧।୫(ସମିସ): ଢେଙ୍କାନାଳ ଜିଲ୍ଲା କଙ୍କଡ଼ାହାଡ଼ ବ୍ଲକ ସମ୍ମିଳନୀ କକ୍ଷରେ ବିଡିଓ ଯଶୋବନ୍ତ ଦେହୁରୀଙ୍କ ଅଧ୍ୟକ୍ଷତାରେ ଆର୍ଥିକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ପଞ୍ଚାୟତ ସମିତି ଅଧ୍ୟକ୍ଷା, ଏବିଡିଓ, ଲିଡ୍ ବ୍ୟାଙ୍କ ପ୍ରବନ୍ଧକ, ବିଇଓ, ସମସ୍ତ ବ୍ୟାଙ୍କ ପ୍ରବନ୍ଧକ, ଏମ୍‌ବିକେ, ବ୍ୟାଙ୍କମିତ୍ର, ଏୟାରଟେଲ ପେମେଣ୍ଟ ବ୍ୟାଙ୍କ ସଂଯୋଜକ, ବିପିଏମ-ଓଏଲମ, ବିପିସି- ମିଶନ ଶକ୍ତି, ପିରାମଲ ଫାଉଣ୍ଡେସନ ପ୍ରତିନିଧି ଯୋଗଦେଇଥିଲେ। ଏହାକୁ ଏବିଏଫ ସନ୍ଦୀପ୍ତା ସାହୁ ସଂଯୋଜନା କରିଥିଲେ। ସ୍କୁଲରେ ପିଲାମାନେ କିପରି ବିଭିନ୍ନ ଛାତ୍ରବୃତ୍ତି ପାଇଁବା ପାଇଁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ସେ ଉପରେ ପିରାମଲ ଫାଉଣ୍ଡେସନର ନେହା ମୋରିୟା ଆଲୋଚନା କରିବା ସହ ଆର୍ଥିକ ସାକ୍ଷରତା ଉପରେ ଗୁରୁତ୍ୱ ଦେଇଥିଲେ। ମାନସ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ଅବସରକାଳୀନ ସମ୍ବର୍ଦ୍ଧନା ସଭା



ଗଁଦିଆ, ୩୧।୫(ସମିସ): କପିଳାସ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ବୀରକିଶୋର ଦତ୍ତଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଛି। ୬୬୨ ବର୍ଗ କଲେଜ କର୍ମଚାରୀ ସଂଘ ସଭାପତି ତଥା କଲେଜର ଇଂରାଜୀ ଅଧ୍ୟାପକ ଗୋଲକ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଗୋବିନ୍ଦପୁର କଲେଜର ପ୍ରାକ୍ତନ ଅଧ୍ୟକ୍ଷ ତଥା ୬୬୨ ବର୍ଗ କଲେଜ କର୍ମଚାରୀ ସଂଘ ସାଧାରଣ ସମ୍ପାଦକ ଡ. ଗଗନ ବେହେରା, ମୁଖ୍ୟବକ୍ତା ଭାବେ ଖୋର୍ଦ୍ଧା ଦେଉଳି କଲେଜ ଅଧ୍ୟକ୍ଷ ତଥା ୬୬୨ ବର୍ଗ କଲେଜ କର୍ମଚାରୀ ସଂଘ ଉପସଭାପତି ଡ. ତପନ ଜେନା, ସମ୍ମାନିତ ଅତିଥି ଭାବେ ମହର୍ଷି କଲେଜର ବିକାଶ ଚନ୍ଦ୍ର ସ୍ୱାଇଁ, ମହାତ୍ମା ଗାନ୍ଧୀ କଲେଜର ବରିଷ୍ଠ ଅଧ୍ୟାପକ ସୋମନାଥ ମିଶ୍ର, କପିଳାସ କଲେଜର ବରିଷ୍ଠ ଅଧ୍ୟାପିକା ଅପର୍ଣ୍ଣାରାଣୀ ତ୍ରିପାଠୀ, କଲେଜ ପରିଚାଳନା କମିଟିର ପୂର୍ବତନ ସଭ୍ୟ ଡମ୍ବରୁଧର ସେଠୀ ଏବଂ ଗୋପାଳ ଚନ୍ଦ୍ର ରାଉତ ଯୋଗଦେଇଥିଲେ। ଅଧ୍ୟାପିକା ସୈଦାମିନୀ ମହାନ୍ତି, ଅଧ୍ୟାପକ ସମିର ସାହୁ, ସନାତନ ଦାଶ, ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ହରିନାରାୟଣ ସେନାପତି, ଅତିଥି ଅଧ୍ୟାପିକା ଲକ୍ଷ୍ମୀପ୍ରିୟା ସାହୁ, ରାଘବ ମହାରଣା, ଚିତ୍ତରଞ୍ଜନ ସାମଲ, ଦେବରାଜ ଓଝା ପ୍ରମୁଖ ଉପସ୍ଥିତ ଥିଲେ। ଅଧ୍ୟାପକ ପ୍ରିୟବ୍ରତ ପାତ୍ର ଅତିଥି ପରିଚୟ ପ୍ରଦାନ ଓ ମାନପତ୍ର ପାଠ କରିଥିଲେ।

## ମେଧାବୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା

ହିନ୍ଦୋଳ, ୩୧।୫(ସମିସ): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ନିର୍ବାଚନମଣ୍ଡଳୀରେ ପୂର୍ବତନ ଢେଙ୍କାନାଳ ସାଂସଦ ମହେଶ ସାହୁଙ୍କ ଦ୍ୱାରା ପ୍ରତିଷ୍ଠିତ ଆମ ପ୍ରତିଭା ଆମ ବିକାଶ ଅନୁଷ୍ଠାନ ପକ୍ଷରୁ ନିର୍ବାଚନମଣ୍ଡଳୀର ମେଧାବୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ସ୍ଥାନୀୟ ଜନତା ମହାବିଦ୍ୟାଳୟ ଅଡିଟରୀୟମ ହଲରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଉପଜିଲ୍ଲାପାଳ ପ୍ରଭାସ ବେଉରା ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ହିନ୍ଦୋଳ ଏସ୍‌ଡିପିଓ ସତ୍ୟକୁମାର ନନ୍ଦ, ସମ୍ମାନିତ ଅତିଥି ଭାବେ ତହସିଲଦାର ଦିଲୀପ ସେଠୀ, ପୂର୍ବତନ ସାଂସଦ ମହେଶ ସାହୁ, କଲେଜ ଅଧ୍ୟକ୍ଷା ପୁଷ୍ପଲତା ଧର, ସମାଜସେବୀ ରତିକାନ୍ତ ଗଡ଼ନାୟକ, ବରିଷ୍ଠ ନାଗରିକ ମଞ୍ଚ ସଭାପତି ଶ୍ରୀନିବାସ ମିଶ୍ର, ଏବିଓ ଦ୍ୱିତୀକୃଷ୍ଣ ସାହୁ ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନେ ହିନ୍ଦୋଳ ଓ ଓଡ଼ାପଡ଼ା ବ୍ଲକର ୨ଶହ କୃତୀ ଛାତ୍ରଛାତ୍ରୀ ଓ ଶିକ୍ଷକଙ୍କୁ ଉପଢୌକନ, ପୁଷ୍ପଗୁଚ୍ଛ, ମାନପତ୍ର ଓ ଡିକ୍ସିନାରୀ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଆମ ପ୍ରତିଭା ଆମ ବିକାଶ ଅନୁଷ୍ଠାନର ସଭାପତି ଦେବୀପ୍ରସାଦ ପଟ୍ଟନାୟକ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିବାବେଳେ ସମ୍ପାଦକ ପ୍ରଶାନ୍ତ ଦାସ, ଅନୁଷ୍ଠାନର ସମୀକ୍ଷକ ଉପଦେଷ୍ଟା ପ୍ରଦ୍ୟୁମ୍ନ ବେହେରା, କୋଷାଧ୍ୟକ୍ଷ ଶ୍ରୀକାନ୍ତ ମହାପାତ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।



# ସୀମା ନିର୍ଦ୍ଧାରଣକୁ ନେଇ ବଢୁଛି ଅସନ୍ତୋଷ

ଢେଙ୍କାନାଳ, ୩୧।୫(ସମିସ)

ଢେଙ୍କାନାଳ ଜିଲ୍ଲା ତରଭା ରାଜସ୍ୱ ମୌଜାରୁ ଅଲଗା ହୋଇ ନୂତନ ରାଜସ୍ୱ ମୌଜା ମାନ୍ୟତା ପାଇଥିବା ଖଳିବନ୍ଧର ସୀମା ନିର୍ଦ୍ଧାରଣ ନେଇ ଦୁଇ ଗ୍ରାମ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ଏ ନେଇ ତରଭା ଗ୍ରାମବାସୀ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି।

● ଗ୍ରାମବାସୀ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ

ତରଭା ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ ୧୯୯୬ରୁ ପ୍ରସ୍ତାବିତ ନୂତନ ରାଜସ୍ୱ ମୌଜା ଖଳିବନ୍ଧ ରାଜସ୍ୱ ଗ୍ରାମର ସୀମା ନିର୍ଦ୍ଧ୍ରାରଣ ନେଇ ବିବାଦ ଦେଖାଦେଇଛି। ୨୦୨୩ରେ ତତ୍କାଳୀନ ଜିଲ୍ଲାପାଳ, ଉପଜିଲ୍ଲାପାଳ, ତହସିଲଦାରଙ୍କୁ ଅଭିଯୋଗ ପରେ ସରଜମିନ ତଦନ୍ତ କରାଯାଇ ତରଭା ଗ୍ରାମର ବିବାଦୀୟ ଶିବମନ୍ଦିର, ଖଳିବନ୍ଧ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ତରଭା ରାମଚଣ୍ଡି ମନ୍ଦିର, ମଙ୍ଗଳା ମନ୍ଦିର ସ୍ଥାନିତ ହୋଇଛି। ଏହା ଗ୍ରାମବାସୀଙ୍କ ଅଗୋଚରରେ କରାଯାଇଥିବା ଅଭିଯୋଗ ହୋଇଥିବା ବେଳେ ଗତ ମେ ୨୧ରେ ପୁଣି ଥରେ ଚିହ୍ନଟ ଆରମ୍ଭ ହେବାରୁ ଗ୍ରାମବାସୀ ଅଭିଯୋଗ କରିଥିଲେ। ୫ ଦିନ ମଧ୍ୟରେ ଏହାର ସମାଧାନ କରିବାକୁ ପ୍ରତିଶ୍ରୁତି ଦିଆଯାଇଥିଲା। ଏବେ ଗ୍ରାମବାସୀ ଜାଣିବାକୁ ପାଇଛନ୍ତି ଯେ ବିବାଦୀୟ ଜମିଗୁଡ଼ିକ ପୁଣି ଥରେ ନକ୍ସାରେ ସ୍ଥାନ ଦିଆଯାଇଛି। ଫଳରେ ଦୁଇ ଗାଁ ମଧ୍ୟରେ ବିବାଦ ସହ ଗଣ୍ଡଗୋଳ ସୃଷ୍ଟି ହେବା ଆଶଙ୍କା ରହିଛି। ତୁରନ୍ତ ଏ ଦିଗରେ ପଦକ୍ଷେପ ନେବା ସହ ପ୍ରାସ୍ତାବିତ ନକ୍ସାକୁ ସଂଶୋଧନ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।



# ଭୁବନରେ ଶିବବିବାହ ଓ ଶୀତଳଷଷ୍ଠୀ ଯାତ୍ରା

**ଭୁବନ, ୩୧।୫(ସମିସ):** ଭୁବନର ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀ ବାବା ବୁଦ୍ଧେଶ୍ୱର ପୀଠରେ ଶିବବିବାହ ଓ ଶୀତଳଷଷ୍ଠୀ ଉତ୍ସବ ପାଳିତ ହୋଇଛି। ବୁଦ୍ଧେଶ୍ୱର ବାବା ଓ ମାତା ପାର୍ବତୀଙ୍କ ବିବାହ ସମ୍ପନ୍ନ ହୋଇଛି। ବର ପକ୍ଷରୁ ଚିନ୍ମୟ ବେହେରା, ସୋନାଲି ଗୁରୁ ଓ କନ୍ୟା ପକ୍ଷରୁ ମୁନା ପୋଥାଳ, ନିବେଦିତା ପୋଥାଳଙ୍କ ସମେତ ଶତାଧିକ ଶ୍ରଦ୍ଧାଳୁ, ମନ୍ଦିର ପରିଚାଳନା କମିଟି ସଦସ୍ୟ ଗ୍ରାମ ପରିକ୍ରମା କରି ବିଧି ମୁତାବକ ପୂଜାର୍ଚ୍ଚନା କରିବା ପରେ ବିବାହ କାର୍ଯ୍ୟ କରାଯାଇଛି। ପୂଜକ ମାନସ ମିଶ୍ର ବିବାହ ନୀତି ତୁଲାଇଥିଲେ।

ସେହିପରି ଭୁବନର କାଶୀ ବିଶ୍ୱନାଥ ମନ୍ଦିରରେ ଧୁମଧାମରେ ଅନୁଷ୍ଠିତ ହୋଇଛି ବିବାହ ଉତ୍ସବ। ବଡ଼ହାଟସ୍ଥିତ ଭୁବନେଶ୍ୱର ମହାଦେବଙ୍କ ବିବାହ ଉତ୍ସବ ପୁରୁଷୋତ୍ତମ ସାହୁଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଛି। ବାରୁଆଁ ପଞ୍ଚାୟତ ବାରୁଆଁସ୍ଥିତ ବାବା ବାଲୁଙ୍କେଶ୍ୱର ପୀଠରେ ମଧ ଶିବ ବିବାହ ଉତ୍ସବ ଅନୁଷ୍ଠିତ ହୋଇଛି। କନ୍ୟାପକ୍ଷ ବିନୟ କୁମାର ପଟ୍ଟନାୟକ, ବିନୋଦିନୀ ପଟ୍ଟନାୟକ, ବର ପକ୍ଷରୁ ଅଶୋକ କୁମାର ଜେନା, ମଞ୍ଜୁରାଣୀ ଜେନା ଯୋଗଦେଇଥିଲେ। ପରିଚାଳନା କମିଟି ସଭାପତି ବିନୟକୁମାର ସାହୁ, ଉପସଭାପତି ପ୍ରସନ୍ନ କୁମାର ସାହୁଙ୍କ ଉପସ୍ଥିତିରେ ବିବାହ କାର୍ଯ୍ୟ ସମ୍ପନ୍ନ ହୋଇଛି। ସ୍ଥାନୀୟ ସରପଞ୍ଚ ବୀଣାପାଣି ସାହୁ ପଞ୍ଚାୟତ ପକ୍ଷରୁ ସମସ୍ତ ସହଯୋଗ ପ୍ରଦାନ କରିଥିଲେ। ବନ୍ଧୁ ଭାବରେ ଯାଜପୁର ଜିଲ୍ଲାର ବାବୁଲି ହଇବୁରୁ, ଚକ୍ରଧର ଆଲଦା, ଭୁବନେଶ୍ୱରର ଅର୍ଜୁନ ପଟ୍ଟନାୟକ ଯୋଗଦେଇଥିଲେ।



# ଶୀତଳଷଷ୍ଠୀ ଲୋକକଳା ଓ ଲୋକଗୀତର ମହାସଙ୍ଗମ: ଧର୍ମେନ୍ଦ୍ର



ଭୁବନେଶ୍ୱର,୩୧ା୫(ସମିସ): କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶନିବାର ସମ୍ବଲପୁରରେ ବିଭିନ୍ନ ମନ୍ଦିରରେ ପବିତ୍ର ଶୀତଳ ଷଷ୍ଠୀ ଯାତ୍ରାରେ ସାମିଲ ହୋଇଛନ୍ତି। ଏହି ଅବସରରେ ସମ୍ବଲପୁରକୁ ସୁନ୍ଦର ତଥା ଆଧୁନିକ ଦିଶିବା ପାଇଁ ଶ୍ରୀ ପ୍ରଧାନ ଅନେକ ସୌନ୍ଦର୍ଯ୍ୟକରଣ ଓ ବିକାଶମୂଳକ ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି।

କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ 'ଶୀତଳ ଷଷ୍ଠୀ'ର ପବିତ୍ର ଅବସରରେ ସମ୍ବଲପୁର ଚାରବାଟି ନିକଟରେ ହେରିଟେଜ୍ ଲାଇଟ୍ ସହ ଗୋଲବଜାର ଛକ ଓ ଶକ୍ତି ଛକର ସୌନ୍ଦର୍ଯ୍ୟକରଣ ପାଇଁ ଆନୁଷଙ୍ଗିକ ବ୍ୟବସ୍ଥାର ଲୋକାର୍ପଣ କରିଛନ୍ତି। ସେହିପରି ସମ୍ବଲପୁରରେ ଲକ୍ଷ୍ମୀ ଟକିଜ ଛକର ସୌନ୍ଦର୍ଯ୍ୟକରଣ, ଲକ୍ଷ୍ମୀ ଟକିଜ୍ ଛକ ଫ୍ଲାଏଓଭରରେ ଡିଏମଏକ୍ସ ଆଲୋକୀକରଣର ସୁବିଧା, ବଡ଼ବଜାର ଠାରେ ଗୌରୀଶଙ୍କର ସାହାଣୀ ଉଦ୍ୟାନରେ ଜିମ୍ ଏବଂ ପାର୍କର ନବୀକରଣ କାର୍ଯ୍ୟ ଆଦିର ଶୁଭାରମ୍ଭ କରିଥିଲେ। ଜମନକିରା ସ୍ଥିତ ମୁକ୍ତେଶ୍ୱର ମନ୍ଦିରରେ ଏକ ନୂତନ କଲ୍ୟାଣ ମଣ୍ଡପର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏହି ଅବସରରେ ଶ୍ରୀ ପ୍ରଧାନ କହିଛନ୍ତି ଯେ 'ଶୀତଳଷଷ୍ଠୀ' ହେଉଛି ଲୋକକଳା, ଲୋକବାଦ୍ୟ, ଲୋକନୃତ୍ୟ ଏବଂ ଲୋକଗୀତର ମହାସଙ୍ଗମ। ଆଜିର ଶୁଭ ଅବସରରେ ସମ୍ବଲପୁର ସହରକୁ ସୁନ୍ଦର ଓ ଆଧୁନିକ କରିବା ଦିଗରେ ଅନେକ ପଦକ୍ଷେପର ଶୁଭାରମ୍ଭ ହୋଇଛି। ଏହି ସବୁ ସୁବିଧା କଳା ଓ ସଂସ୍କୃତିର ସହର ସମ୍ବଲପୁରକୁ ଅଧିକ ସୁନ୍ଦର କରିବା ସହ ସାଧାରଣ ଜନତାଙ୍କ ଯାତାୟତ, ଗମନାଗମନ ଓ ଜୀବନଶୈଳୀକୁ ସୁଗମ କରିବ। ସେହିପରି ମୁକ୍ତେଶ୍ୱର ମନ୍ଦିରରେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ପାଣ୍ଠିରୁ ୫୩ ଲକ୍ଷ ୫୫ ହଜାର ଟଙ୍କା ବିନିମୟରେ ନିର୍ମିତ ଏହି କଲ୍ୟାଣ ମଣ୍ଡପ ଅଞ୍ଚଳର ସାଂସ୍କୃତିକ, ଧାର୍ମିକ ଓ ସାମାଜିକ କାର୍ଯ୍ୟରେ ବେଶ୍ ସହାୟକ ହେବ ବୋଲି କହିଥିଲେ। ଶ୍ରୀ ପ୍ରଧାନ ଶ୍ରୀ ଶଗଡ଼େଶ୍ୱର ମନ୍ଦିର, ତାରକେଶ୍ୱରାୟ ମନ୍ଦିର , ମାନେଶ୍ୱର ମନ୍ଦିର, ସ୍ୱପ୍ନେଶ୍ୱର ବାବା ମନ୍ଦିର, ଗୁଡ଼େଶ୍ୱର ବାବା ଆଦି ଅନେକ ମନ୍ଦିରରେ ମଧ୍ୟ ଶୀତଳଷଷ୍ଠୀ ଯାତ୍ରାରେ ସାମିଲ ହୋଇଥିଲେ।

## ହାତୀ ଆକ୍ରମଣରେ ବୃଦ୍ଧ ମୃତ

# ବନକର୍ମଚାରୀ ଓ ପୁଲିସ ୩ ଘଣ୍ଟା ଅଟକ

ଛେଣ୍ଡିପଦା,୩୧ା୫ (ସମିସ): ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ବନାଞ୍ଚଳ କଣଲୋଇ ଗ୍ରାମରେ ହାତୀ ଆକ୍ରମଣରେ ଶନିବାର ସକାଳେ ଜଣେ ବୃଦ୍ଧଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ, କଣଲୋଇର ପ୍ରସନ୍ନ ନାଏକ (୬୩)। ଭୋର୍ ପ୍ରାୟ ୫ଟାରେ ପ୍ରସନ୍ନ ବଗିଚାକୁ ଆମ୍ବ ଗୋଟାଇବାକୁ ଯାଇଥିବା ବେଳେ ହାତୀ ସହ ମୁହାଁମୁହିଁ ହୋଇଥିଲେ। ହାତୀକୁ ଦେଖି ପ୍ରସନ୍ନ ଦୌଡ଼ି ପଳାଇବାକୁ ଉଦ୍ୟମ କରୁଥିବା ବେଳେ ହାତୀଟି ତାଙ୍କୁ ଗୋଡ଼ାଇ ଗୋଡ଼ାଇ ଶୁଣ୍ଢରେ ଟେକି କଚାଡ଼ି ମାରିଦେଇଥିଲା। ଏହି ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ଦେଖାଦେଇଥିଲା। ଘଟଣାର ଅନୁଧ୍ୟାନ ପାଇଁ ବନ କର୍ମଚାରୀ ଓ ବାଗଡ଼ିଆ ପୁଲିସ୍ ଗ୍ରାମକୁ ଯାଇଥିବା ବେଳେ ଲୋକେ ସେମାନଙ୍କୁ ୩ ଘଣ୍ଟା ଧରି ଅଟକ ରଖିଥିଲେ। ଛେଣ୍ଡିପଦା ରେଞ୍ଜର୍ ଶୁଭ୍ର ଶୁଚିସ୍ମିତା ମହାପାତ୍ର ଘଟଣାସ୍ଥଳରେ ପହଞ୍ଚିଥିଲେ ହେଁ ଉତ୍ତେଜନା ଥମିନଥିଲା। ମୃତକଙ୍କ ପରିବାରକୁ ୪ଲକ୍ଷ ଟଙ୍କାର ଅନୁକମ୍ପା ରାଶି ପ୍ରଦାନ, ପୁଅକୁ ରେଞ୍ଜ କାର୍ଯ୍ୟାଳୟରେ ସ୍ଥାୟୀ ନିଯୁକ୍ତି, ୩ଦିନ ମଧ୍ୟରେ ସୌର ସୁରକ୍ଷା ବାଡ଼ କାର୍ଯ୍ୟ ଆରମ୍ଭ, ଟ୍ରେଞ୍ଚ୍ ଖନନ, ଫସଲ ନଷ୍ଟର ଶତପ୍ରତିଶତ କ୍ଷତିପୂରଣ, କାର୍ଯ୍ୟରେ ଅବହେଳା କରିଥିବା ହାତୀ ସ୍କ୍ୱାଡ୍‌ମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ, ନୂତନ ହାତୀ ସ୍କ୍ୱାଡ୍ ନିଯୁକ୍ତି, ଜଙ୍ଗଲରେ ଯେକୌଣସି କାର୍ଯ୍ୟ ହେଲେ ବନସୁରକ୍ଷା ସମିତିର ସୁପାରିସ ପରେ କରାଯିବା ଆଦି ପ୍ରଶାସନ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିଲା। ସ୍ଥାନୀୟ ସରପଞ୍ଚ ଜନ୍ମେଜୟ ମାଝୀ ଓ ଗ୍ରାମ ସଭାପତି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବା ପରେ ଉତ୍ତେଜନା ଥମିଥିଲା। ପରେ ଛେଣ୍ଡିପଦା ସ୍ୱାସ୍ଥ୍ୟକେନ୍ଦ୍ରରେ ମୃତଦେହ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

ସୂଚନାଯୋଗ୍ୟ, ପ୍ରସ୍ତାବିତ କଣଲୋଇ ସଂରକ୍ଷିତ ଜଙ୍ଗଲରେ ଆଜକୁ ୨ ମାସରୁ ଊର୍ଦ୍ଧ୍ୱ ସମୟ ହେବ ଏକ ଦନ୍ତାହାତୀ ରହୁଥିବା ବେଳେ ସନ୍ଧ୍ୟା ହେଲେ ଗାଁ ଭିତରକୁ ଆସି ବ୍ୟାପକ ଫସଲ କ୍ଷତି କରିବା ସହ ଲୋକଙ୍କ ଘର ଓ ଗୁହାଳ ଆଦି ଭାଙ୍ଗି ନଷ୍ଟ କରୁଛନ୍ତି। ଫଳରେ ଗ୍ରାମବାସୀ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାର ସ୍ଥାୟୀ ପ୍ରତିକାର ପାଇଁ ଗ୍ରାମବାସୀ ରେଞ୍ଜର୍‌ଙ୍କୁ ଗୁହାରି କରିଆସୁଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଉ ନ ଥିବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଭରି ରହିଛି।

■ ପ୍ରତିଦିନ ହାତୀ-ମଣିଷ ଲଢ଼େଇ, ବନ ବିଭାଗର ପଦକ୍ଷେପ ଶୂନ

■ ପଦା ହେବାକୁ ବସିଲାଣି ସଂରକ୍ଷିତ ଜଙ୍ଗଲ, ଗାଁମୁହାଁ ହାତୀପଲ



# ଅମରେନ୍ଦ୍ର ମହାନ୍ତି ନୂଆ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ

ଭୁବନେଶ୍ୱର, ୩୧ା୫(ସମିସ): ସ୍ୱାସ୍ଥ୍ୟ ବିଭାଗରେ ଉଚ୍ଚ ପଦସ୍ଥ ଅଧିକାରୀଙ୍କ କ୍ଷେତ୍ରରେ ଏକ ଅଦଳବଦଳ ହୋଇଛି। ଡାକ୍ତର ବିଜୟ କୁମାର ମହାପାତ୍ର ସ୍ୱତନ୍ତ୍ର ସଚିବ ଭାବେ ପଦୋନ୍ନତି ପାଇବା ପରେ ବି ଅତିରିକ୍ତ ଭାବେ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଦାୟିତ୍ୱ ତୁଲାଉଥିଲେ। ଏବେ ଡାକ୍ତର ଅମରେନ୍ଦ୍ରନାଥ ମହାନ୍ତିଙ୍କୁ ସ୍ୱାସ୍ଥ୍ୟ ସେବା ନିର୍ଦ୍ଦେଶକ ଦାୟିତ୍ୱ ଦିଆଯାଇଛି। ସେହିପରି ରାଉରକେଲାସ୍ଥିତ ଆର୍‌ଜିଏଚ୍ ଅଧୀକ୍ଷକ ଡାକ୍ତର ଶଶିଭୂଷଣ ପଟେଲଙ୍କୁ ସ୍ୱାସ୍ଥ୍ୟ ବିଭାଗ ସ୍ୱତନ୍ତ୍ର ସଚିବ ଭାବେ ବଦଳି କରାଯାଇଛି। କ୍ୟାପିଟାଲ୍ ହସ୍ପିଟାଲ୍ ଅଧୀକ୍ଷକ ଡାକ୍ତର ଦିଲ୍ଲୀପ କୁମାର ପଣ୍ଡାଙ୍କୁ ଏସ୍‌ଆଇଏଚ୍ ଆଣ୍ଡ ଏଫ୍‌ଡବ୍ଲୁ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ଭାବେ ନିଯୁକ୍ତି ମିଳିଛି। ପୁରୀ ସିଡିଏମ୍‌ଓ ଡାକ୍ତର ରୂପଭାନୁ ମିଶ୍ରଙ୍କୁ ପଦୋନ୍ନତି ଦିଆଯାଇ କ୍ୟାପିଟାଲ୍ ହସ୍ପିଟାଲ୍‌ର ନିର୍ଦ୍ଦେଶକ ନିଯୁକ୍ତି ଦିଆଯାଇଛି। ସେହିପରି ଖୋର୍ଦ୍ଧା ସିଡିଏମ୍‌ଓ ରାଜଶ୍ରୀ ପଟ୍ଟନାୟକଙ୍କୁ ନର୍ସିଂ ନିର୍ଦ୍ଦେଶିକା ଭାବେ ଅବସ୍ଥାପିତ କରାଯାଇଛି।

**କ୍ୟାପିଟାଲ୍ ହସ୍ପିଟାଲ୍ ନିର୍ଦ୍ଦେଶକ ହେଲେ ରୂପଭାନୁ ମିଶ୍ର**

# ଯଶୋବନ୍ତ ନାରାୟଣ ସିଂହ ଲାଗୁରୀ ହେଲେ ପ୍ରଦେଶ ଆଦିବାସୀ କଂଗ୍ରେସ ଅଧ୍ୟକ୍ଷ

ଭୁବନେଶ୍ୱର,୩୧ା୫(ସମିସ): କେନ୍ଦୁଝର ଲୋକସଭାର ପୂର୍ବତନ ସାଂସଦ ଯଶୋବନ୍ତ ନାରାୟଣ ସିଂହ ଲାଗୁରୀଙ୍କୁ ଓଡ଼ିଶା ପ୍ରଦେଶ ଆଦିବାସୀ କଂଗ୍ରେସ ଅଧ୍ୟକ୍ଷ ଭାବେ ନିଯୁକ୍ତି ମିଳିଛି। ଏନେଇ ଅଖିଳ ଭାରତୀୟ କଂଗ୍ରେସ କମିଟି(ଏଆଇସିସି) ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

# ଜାକର୍ତ୍ତାସ୍ଥିତ ଭାରତୀୟ ଦୂତାବାସରେ 'ବିଜୁ ହଲ୍' ଉଦ୍‌ଘାଟିତ

## ଉଦ୍‌ଘାଟନ କଲେ ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ




ନୂଆଦିଲ୍ଲୀ,୩୧ା୫(ସମିସ): ଜାକର୍ତ୍ତାସ୍ଥିତ ଭାରତୀୟ ଦୂତାବାସରେ ଭାରତର ବରପୁତ୍ର ଓ ଇଣ୍ଡୋନେସିଆର 'ଭୂମିପୁତ୍ର' ବିଜୁ ପଟ୍ଟନାୟକଙ୍କ ନାମରେ ସ୍ଥାପନ ହୋଇଛି ଏକ ହଲ। ଆତଙ୍କବାଦ ବିରୋଧରେ ଆନ୍ତର୍ଜାତୀୟସ୍ତରରେ ସ୍ୱର ଉତ୍ତୋଳନ ନିମନ୍ତେ ସାଂସଦ ସଞ୍ଜୟ ଝାଙ୍କ ନେତୃତ୍ୱରେ ଇଣ୍ଡୋନେସିଆ ପ୍ରତିନିଧି ଦଳର ସଦସ୍ୟ ତଥା ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ ବିଜୁ ପଟ୍ଟନାୟକଙ୍କ ନାମରେ ନାମିତ ହଲ୍ ଓ ସେଠାରେ ସ୍ଥାପିତ ଏକ ଫଳକକୁ ଆନୁଷ୍ଠାନିକ ଭାବରେ ଲୋକାର୍ପଣ କରିଛନ୍ତି। ଇଣ୍ଡୋନେସିଆସ୍ଥିତ ଭାରତୀୟ ଦୂତାବାସ କର୍ତ୍ତୃପକ୍ଷ ଏହି ଖବର ଓ ଫଟୋକୁ ନିଜ 'ଏକ୍ସ' ହ୍ୟାଣ୍ଡଲରେ ପୋଷ୍ଟ କରିଛି।

ଏହି ଅବସରରେ ସାଂସଦ ଶ୍ରୀମତୀ ଷଡ଼ଙ୍ଗୀ ଇଣ୍ଡୋନେସିଆର ସ୍ୱାଧୀନତା ସଂଗ୍ରାମରେ କିମ୍ବଦନ୍ତୀ ପୁରୁଷ ବିଜୁ ପଟ୍ଟନାୟକଙ୍କ ଉଲ୍ଲେଖନୀୟ ଅବଦାନକୁ ସ୍ମରଣ କରିଛନ୍ତି। ସେ କହିଛନ୍ତି ଯେ ଓଡ଼ିଶା ସହ ଇଣ୍ଡୋନେସିଆର ସମ୍ପର୍କ ବହୁ ପ୍ରାଚୀନ। ୧୯୫୧ ରେ ଭାରତରେ ପ୍ରଥମ ସାଧାରଣତନ୍ତ୍ର ଦିବସରେ ତତ୍କାଳୀନ ଇଣ୍ଡୋନେସିଆ ରାଷ୍ଟ୍ରପତି ଆମର ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ତତ୍‌ମାନଙ୍କ ସହ ୧୯୪୭ରେ ଇଣ୍ଡୋନେସିଆର ସ୍ୱାଧୀନତା ସଂଗ୍ରାମରେ ଓଡ଼ିଶାର କିମ୍ବଦନ୍ତୀ ପୁରୁଷ ବିଜୁ ପଟ୍ଟନାୟକ ଅଦମ୍ୟ ସାହସ ପ୍ରଦର୍ଶନ କରି ଇଣ୍ଡୋନେସିଆର ନେତାମାନଙ୍କୁ ସହଯୋଗର ହାତ ବଢ଼ାଇଥିଲେ ଓ ସ୍ୱାଧୀନତା ସଂଗ୍ରାମରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ଯେଉଁଥିପାଇଁ ଇଣ୍ଡୋନେସିଆ ସରକାର ବିଜୁ ପଟ୍ଟନାୟକଙ୍କୁ ତାଙ୍କ ଦେଶର ସର୍ବଶ୍ରେଷ୍ଠ ସମ୍ମାନ ସହ 'ଭୂମିପୁତ୍ର' ଉପାଧି ପ୍ରଦାନ କରିଥିଲେ ବୋଲି ଅପରାଜିତା କହିଛନ୍ତି।

# ବିଦ୍ୟୁତ୍ ଆଘାତରେ ଦନ୍ତା ମୃତ



ଅନୁଗୋଳ,୩୧ା୫(ସମିସ): ଶୁକ୍ରବାର ବିଳମ୍ବିତ ରାତିରେ ବିଦ୍ୟୁତ୍ ଆଘାତରେ ଏକ ଦନ୍ତାହାତୀର ମୃତ୍ୟୁ ଘଟିଛି। ଅନୁଗୋଳ ବନଖଣ୍ଡ ବନ୍ତଲା ରେଞ୍ଜ ଅନ୍ତର୍ଗତ ତଳସୀରା ଗାଁରେ ଏହି ଅଘଟଣ ଘଟିଛି। ଖବର ପାଇ ବନ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଏହି ଘଟଣାରେ ଜଣକୁ ଅଟକ ରଖି ପଚାରଉଚରା କରୁଛନ୍ତି। ଶୁକ୍ରବାର ରାତିରେ ହାତୀଟି ଖାଦ୍ୟ ଅନ୍ୱେଷଣରେ ତଳସୀରା ଗାଁକୁ ଚାଲି ଆସିଥିଲା। ଗାଁରେ ଥିବା ଏକ ବଗିଚାରେ ଫସଲ ସୁରକ୍ଷା ପାଇଁ ଘେରାଯାଇଥିବା ବିଦ୍ୟୁତ୍ ତାରରେ ଶୁଣ୍ଢ ଲାଗିବାରୁ ତା'ର ମୃତ୍ୟୁ ହୋଇଥିଲା। ଶନିବାର ସକାଳେ ସ୍ଥାନୀୟ ଲୋକେ ଏନେଇ ବନବିଭାଗକୁ ଖବର ଦେଇଥିଲେ।

# ଅବସର ପୂର୍ବରୁ ଭିଜିଲାନ୍ସ ପଞ୍ଝାରେ ସହକାରୀ ଯନ୍ତ୍ରୀ

ବ୍ରହ୍ମପୁର, ୩୧ା୫ (ସମିସ): ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ଜାଲରେ ଛନ୍ଦି ହୋଇଛନ୍ତି ବ୍ରହ୍ମପୁର ରାସ୍ତା ଓ କୋଠାବାଡ଼ି ଡିଭିଜନ-୧ର ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଏନ. ଦିଲ୍ଲୀପ କୁମାର ଚୌଧୁରୀ। ଚାକିରିରୁ ଅବସର ଗ୍ରହଣ ପୂର୍ବରୁ ସେ ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି। ଭିଜିଲାନ୍ସ ବିଭାଗର ୩ଜଣ ଡିଏସ୍‌ପି ଓ ୭ଜଣ ଏସ୍‌ଆଇ ଦିଲ୍ଲୀପଙ୍କ ୪ଟି ସ୍ଥାନରେ ଏକକାଳୀନ ଚଢ଼ଉ କରିଥିଲେ। ଦିଲ୍ଲୀପଙ୍କ ଧର୍ମନଗରସ୍ଥିତ ସ୍ପେକ୍ଟ୍ରମ ରୟାଲ ଆପାର୍ଟମେଣ୍ଟରେ ଥିବା ୨ ବିଏଚ୍‌କେ ଫ୍ଲାଟ୍, ବ୍ରହ୍ମପୁର ମୟୂରୀବିହାରରେ ଥିବା ଦୁଇତଳ ବିଶିଷ୍ଟ କୋଠା, ହିଲପାଟଣାସ୍ଥିତ ରାସ୍ତା ଓ କୋଠାବାଡ଼ି ଡିଭିଜନ୍-୧ କାର୍ଯ୍ୟାଳୟ ଏବଂ ଭୁବନେଶ୍ୱର ସହିଦନଗର ଇଭୋସ ଏକ୍ସୋଟିକା ଆପାର୍ଟମେଣ୍ଟରେ ଥିବା ୩ ବିଏଚ୍‌କେ ଫ୍ଲାଟରେ ଚଢ଼ଉ ହୋଇଥିଲା। ଦିଲ୍ଲୀପଙ୍କ ବ୍ରହ୍ମପୁର ସମେତ ଏହାର ନିକଟବର୍ତ୍ତୀ ଅଞ୍ଚଳରେ ୧୧ଟି ଦାମୀ ପ୍ଲଟ ଥିବା ସୂଚନା ଦେଇଛି ଭିଜିଲାନ୍ସ। ବ୍ରହ୍ମପୁର ଉପକଣ୍ଠ ଲାଠି, କୁକୁଡ଼ାଖଣ୍ଡି, ରତ୍ନପୁର, ଦକ୍ଷିଣପୁର ଓ ଆମ୍ବଗଡ଼ରେ ଥିବା ପ୍ଲଟ୍‌ଗୁଡ଼ିକ ଭିଜିଲାନ୍ସର ଟେକ୍ନିକାଲ ୱିଙ୍ଗ ମାପଚୁପ କରିବ। ଏହାସହ ଯନ୍ତ୍ରୀଙ୍କ ବିଭିନ୍ନ ବ୍ୟାଙ୍କ ପାସ୍‌ବୁକ୍ ଓ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଯାଞ୍ଚ କରୁଥିବା ଭିଜିଲାନ୍ସ ବିଭାଗ ସୂଚନା ପ୍ରଦାନ କରିଛି। ଶନିବାର ବ୍ରହ୍ମପୁର ଭିଜିଲାନ୍ସ ପକ୍ଷରୁ ରାସ୍ତା ଓ କୋଠାବାଡ଼ି ବିଭାଗ-୧ର ସହକାରୀ ନିର୍ବାହୀଯନ୍ତ୍ରୀ ଦିଲ୍ଲୀପ କୁମାର ଚୌଧୁରୀଙ୍କ ବ୍ରହ୍ମପୁର ରୟାଲ୍ ସ୍ପେକ୍ଟ୍ରମ ଆପାର୍ଟମେଣ୍ଟର ୪୦୯ନମ୍ବର ନିଜ ଘର ସମେତ ମୋଟ ୪ଟି ସ୍ଥାନରେ ଏକକାଳୀନ ଭାବେ ଚଢ଼ଉ କରିଛି ଭିଜିଲାନ୍ସ ବିଭାଗ। ଦିଲ୍ଲୀପଙ୍କ ଉପସ୍ଥିତିରେ ଭିଜିଲାନ୍ସ ତାଙ୍କ କାର୍ଯ୍ୟାଳୟରେ ପହଞ୍ଚି ଖୋଳତାଡ଼ କରିଥିଲା। କାର୍ଯ୍ୟାଳୟରେ ଥିବା ବିଭିନ୍ନ କାଗଜପତ୍ର ଯାଞ୍ଚ କରୁଥିବା ବେଳେ କିଛି ବ୍ୟାଙ୍କ କାଗଜପତ୍ରକୁ ଜବତ କରିଛି ଭିଜିଲାନ୍ସ।



**ଘର ସମେତ ୪ ସ୍ଥାନରେ ଚଢ଼ଉ**

■ ଏଡିଏମ୍‌ଓ ଦୁର୍ବାଦଳ ମିଶ୍ର ହତ୍ୟା ମାମଲା

# ୨ ଅଭିଯୁକ୍ତଙ୍କୁ ଆଜୀବନ

ସୋନପୁର,୩୧ା୫(ସମିସ): ବହୁଚର୍ଚ୍ଚିତ ସୁବର୍ଣ୍ଣପୁର ଏଡିଏମ୍‌ଓ ତଥା ଶିଶୁରୋଗ ବିଶେଷଜ୍ଞ ଡାକ୍ତର ଦୁର୍ବାଦଳ ମିଶ୍ର ହତ୍ୟା ମାମଲାର ରାୟ ଦୀର୍ଘ ୧୧ବର୍ଷ ପରେ ପ୍ରକାଶ ପାଇଛି। ସୁବର୍ଣ୍ଣପୁର ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ଦିଲ୍ଲୀପ କୁମାର ବିଶ୍ୱାଳ ମାମଲାର ଶୁଣାଣି କରି ଆଜି ୨ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ ଜେଲ୍ ଓ ୨୫ହଜାର ଟଙ୍କା ଲେଖାଏଁ ଜରିମାନାରେ ଦଣ୍ଡିତ କରିଛନ୍ତି। ହତ୍ୟାକାରୀଦ୍ୱୟ ହେଲେ, ପ୍ରତ୍ୟୁଷ ପଣ୍ଡା (ବବୁଲୁ) ଓ ଅଶୋକ ସାହୁ। ୨୦୧୪ ନଭେମ୍ବର ୨୧ରେ ଶିଶୁରୋଗ ବିଶେଷଜ୍ଞ ତଥା ଏଡିଏମଓ ଡା. ଦୁର୍ବାଦଳଙ୍କୁ ତାଙ୍କ ଘର ଆଗରେ ଅତି ନିର୍ମମ ଭାବରେ ହତ୍ୟା କରାଯାଇଥିଲା। ଘଟଣାରେ ଜଣେ ନାବାଳକଙ୍କ ସମେତ ଉପରୋକ୍ତ ଦୁଇ ଅଭିଯୁକ୍ତଙ୍କୁ ସୋନପୁର ପୁଲିସ୍ ଧରିଥିଲା। ନାବାଳକ ଅଭିଯୁକ୍ତର ଜୁଭେନାଇଲ ଜଷ୍ଟିସ୍ ବୋର୍ଡରେ ବିଚାର ଚାଲିଛି। ସରକାରୀ ଓକିଲ କହ୍ନେୟାଲାଲ ପ୍ରଧାନ ମାମଲା ପରିଚାଳନା କରୁଥିଲେ।



ଓଡ଼ିଶା ଗସ୍ତରେ ଆସିଥିବା ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ସଚିବ ସଞ୍ଜୟ ଜାଜୁ ଶନିବାର ସହଧର୍ମିଣୀ ଶ୍ରୀମତୀ ଜ୍ୟୋତି ଜାଜୁଙ୍କ ସହ ପୁରୀ ଶ୍ରୀମନ୍ଦିରରେ ମହାପ୍ରଭୁ ଜଗନ୍ନାଥଙ୍କ ଦର୍ଶନ କରିଛନ୍ତି।

# ୧୦ଟି ଆଇଡି ବୋମାକୁ ନିଷ୍କ୍ରିୟ କଲେ ଯବାନ

ମାଲକାନଗିରି,୩୧ା୫(ସମିସ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର ଅବୁଝମାଡ଼ ଜଙ୍ଗଲରେ ମାଓବାଦୀମାନେ ଯବାନଙ୍କୁ ଟାର୍ଗେଟ କରି ଖଞ୍ଜିଥିବା ୧୦ଟି ବୋମାକୁ ନିଷ୍କ୍ରିୟ କରିଛନ୍ତି ସୁରକ୍ଷା ବଳ। ସୂଚନାନୁଯାୟୀ, ଛତିଶଗଡ଼ର ଅବୁଝମାଡ଼ ଜଙ୍ଗଲରେ ମାଓ ଦମନ ନିମନ୍ତେ ସୁରକ୍ଷା ବଳ ପକ୍ଷରୁ କଡ଼ା ପଦକ୍ଷେପ ନିଆଯିବା ସହ ତଲାସି ଅଭିଯାନକୁ ବଢ଼ାଇ ଦିଆଯାଇଥିବା ବେଳେ ଆଜି ମଧ୍ୟ ଅବୁଝମାଡ଼ ଜଙ୍ଗଲରେ ଯବାନମାନେ ତଲାସି ଅଭିଯାନ ଜାରି ରଖିଥିଲେ। ଏହି ସମୟରେ ଯବାନମାନେ ମାଓବାଦୀ ଖଞ୍ଜିଥିବା ୧୦ଟି ଆଇଡି ବୋମାକୁ ଠାବ କରି ଏହାକୁ ବୋମା ନିଷ୍କ୍ରିୟକାରୀ ଦଳ ଦ୍ୱାରା ନିଷ୍କ୍ରିୟ କରି ଦେଇଥିବା ଜଣାପଡିଛି। ଏହା ପରେ ଅଞ୍ଚଳରେ ତଲାସି ଅଭିଯାନକୁ ବଢ଼ାଇ ଦିଆଯାଇଛି।

# ମନମୋହନ ସାମଲଙ୍କୁ ରାଜ୍ୟ ଆଇନଜୀବୀ ପରିଷଦର ନୋଟିସ

ଭୁବନେଶ୍ୱର,୩୧ା୫ (ସମିସ): ରାଜ୍ୟ ବିଜେପି ସଭାପତି ମନମୋହନ ସାମଲଙ୍କ ବିରୋଧରେ ଅସତ୍ୟପାଠ ଅଭିଯୋଗ ଆଣି ୧୫ ଦିନ ମଧ୍ୟରେ ଏହାର ଉତ୍ତର ରଖିବାକୁ ନୋଟିସ ଜାରି କରିଛି ରାଜ୍ୟ ଆଇନଜୀବୀ ପରିଷଦ।

ପରିଷଦ ପକ୍ଷରୁ କୁହାଯାଇଛି ଯେ ନିଜକୁ ଜଣେ ଆଇନଜୀବୀ ବୃତ୍ତିଧାରୀ ବୋଲି ଦର୍ଶାଇଥିବା ମନମୋହନ ସାମଲ ୨୦୦୪ ମସିହାରୁ ୨୦୦୮ ମସିହା ପର୍ଯ୍ୟନ୍ତ ଧାମନଗର ନିର୍ବାଚନ ମଣ୍ଡଳୀରୁ ବିଧାନସଭା ସଭ୍ୟ ଭାବେ ନିର୍ବାଚିତ ହୋଇଥିଲେ ଓ ଏହି ସମୟରେ ରାଜ୍ୟ ସରକାରରେ ଜଣେ କ୍ୟାବିନେଟ୍ ପାହ୍ୟା ମନ୍ତ୍ରୀ ରୂପେ ଅବସ୍ଥାପିତ ହୋଇଥିଲେ। ଆଇନଜୀବୀ ପରିଷଦର ନିୟମ ଅନୁସାରେ ଆଇନଜୀବୀ ଭାବରେ ମନମୋହନ ସାମଲ ଉପରୋକ୍ତ ଅବଧିରେ ଆଇନ ବୃତ୍ତିରୁ ବିରତ ରହିବା ଓ ପରବର୍ତ୍ତୀ ସମୟରେ ମନ୍ତ୍ରୀ ପଦରୁ ଅବ୍ୟାହତି ପରେ ପୁନର୍ବାର ଆଇନଜୀବୀ ପରିଷଦର ଅନୁମତି କ୍ରମେ ଆଇନବୃତ୍ତିକୁ ପ୍ରତ୍ୟାବର୍ତ୍ତନ କରିବା କଥା। ମାତ୍ର ଶ୍ରୀ ସାମଲ ମନ୍ତ୍ରୀ ପଦରେ ଅଧିଷ୍ଠିତ ହେବାର କୌଣସି ସୂଚନା ବା ତଥ୍ୟ ପ୍ରଦାନ ନ କରି ଏକ ସମୟରେ କ୍ୟାବିନେଟ୍ ମନ୍ତ୍ରୀ ପାହ୍ୟା ଯାହା ଏକ ଅଫିସ ଅଫ ପ୍ରଫିଟ ଓ ଓକିଲାତି ବୃତ୍ତି ଯାହାକି ଏକ ପୂର୍ଣ୍ଣକାଳୀନ ପେଶା ଉଭୟଟିରେ କାର୍ଯ୍ୟରତ ରହି ଆଇନଜୀବୀ ଅଧିନିୟମର ବିରୋଧାଚରଣ କରିଛନ୍ତି। ଗତ ୨୩.୦୫.୨୦୨୫ ରିଖରେ ଆଇନଜୀବୀ ପରିଷଦ ନିକଟରେ ଶ୍ରୀ ସାମଲ କରିଥିବା ଅଭିଯୋଗରେ ସେ ୨୦୦୪ ରୁ ୨୦୦୮ ପର୍ଯ୍ୟନ୍ତ କ୍ୟାବିନେଟ୍ ପାହ୍ୟା ମନ୍ତ୍ରୀ ପଦରେ ଅଧିଷ୍ଠିତ ଥିଲେ ବୋଲି ଉଲ୍ଲେଖ କରିଛନ୍ତି। ସେହିପରି ୨୫.୦୧.୨୦୨୧ ରିଖ ରେ ଦାଖଲ କରିଥିବା ଭେରିଫିକେସନ ଫର୍ମ (ପାରା ୧୨)ରେ ଶ୍ରୀ ସାମଲ ନିଜକୁ ଆଇନଜୀବୀ ବୋଲି ଦର୍ଶାଇବା ସହ ନିରବଚ୍ଛିନ୍ନ ଭାବରେ ଆଇନବୃତ୍ତି ବା ଓକିଲାତି ପେଶାରେ ରହିଥିବା ଦର୍ଶାଇଛନ୍ତି। ତେଣୁ ଆଇନଜୀବୀ ପରିଷଦ ଆଡ଼ଭୋକେଟ୍ ଅଧିନିୟମର ଧାରା ୩୫ ଅନୁସାରେ ତାଙ୍କୁ ୧୫ ଦିନିଆ ନୋଟିସ ଜାରି କରିଛି।

# ତିନି ଦଫା ଦାବି ନେଇ ଏକାଠି ହେଲେ ପ୍ରକାଶକ

ଭୁବନେଶ୍ୱର,୩୧ା୫(ସମିସ): ସଂଘ, ସହର ଓ ସଂସ୍ଥା ନିର୍ବିଶେଷରେ ରାଜ୍ୟର ୫୦ରୁ ଅଧିକ ପୁସ୍ତକ ପ୍ରକାଶକ ଏକାଠି ହୋଇ ସରକାରୀସ୍ତରରେ ପୁସ୍ତକ ଚୟନ ପ୍ରକ୍ରିୟା, ବିଭିନ୍ନ ଯୋଜନାରେ ପାଠାଗାର ଓ ଓଡ଼ିଶା ସାହିତ୍ୟ ଏକାଡେମୀ ସଭାପତି ନିଯୁକ୍ତି ଆଦି ପ୍ରସଙ୍ଗରେ ଆଲୋଚନା କରିଛନ୍ତି। ଆଲୋଚନା ପରେ ୩ ଦଫା ସମ୍ବଳିତ ଏକ ଦାବିପତ୍ର ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ରମନ୍ତ୍ରୀଙ୍କ ସମେତ ବିଭାଗୀୟ ମନ୍ତ୍ରୀ, ସଚିବ ଓ ନିର୍ଦ୍ଦେଶକମାନଙ୍କୁ ପଠାଯାଇଛି। ନିକଟରେ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ପ୍ରକାଶିତ ମହାବିଦ୍ୟାଳୟ ପାଠାଗାର ନିମନ୍ତେ ପୁସ୍ତକ ତାଲିକାରେ ନିର୍ଦ୍ଦିଷ୍ଟ ୪-୫ ଜଣ ପ୍ରକାଶକଙ୍କ ପୁସ୍ତକୁ ଅଗ୍ରାଧିକାର ଦିଆଯାଇଥିବା ବେଳେ ଶତାଧିକ ପ୍ରକାଶକଙ୍କୁ ଅଣଦେଖା କରାଯାଇଛି। ଏହି ଚୟନ କମିଟିରେ ଥିବା ଜଣେ ବ୍ୟକ୍ତି ଜାଣି ଶୁଣି ଏଭଳି କରିଛନ୍ତି ବୋଲି ପ୍ରକାଶକ ସମୂହ ଅଭିଯୋଗ କରିଛନ୍ତି। ତୁରନ୍ତ ଏହି ତାଲିକାକୁ ବାତିଲ କରାଯାଇ ସରକାରୀ ନିୟମ ଆଧାରରେ ସାନି ତାଲିକା ପ୍ରକାଶ କରିବାକୁ ପ୍ରକାଶକମାନେ ଦାବି କରିଛନ୍ତି।

ସେହିପରି ଉକ୍ତ ବ୍ୟକ୍ତି ପୂର୍ବରୁ ଓଡ଼ିଆ ଭାଷା ପ୍ରତିଷ୍ଠାନରେ ସଂଯୋଜକ ଥିବା ବେଳେ ନିଜର ଅଜାଙ୍କ ପୁସ୍ତକ ବିକ୍ରି କରିବା, ନିଜ ପିଏଚ୍‌ଡି ଥେସିସ୍‌କୁ ପତ୍ନୀଙ୍କ ନାମରେ ପୁସ୍ତକ କରି ବିକ୍ରି କରିବା ଭଳି ଏକାଧିକ ବେଆଇନ କାର୍ଯ୍ୟ କରିଥିବା ବେଳେ ପ୍ରାୟ ୨୦ବର୍ଷ ଧରି ବିଭିନ୍ନ ଚୟନ କମିଟିରେ ରହି ନିର୍ଦ୍ଦିଷ୍ଟ ୪-୫ଜଣ ପ୍ରକାଶକଙ୍କୁ କାର୍ଯ୍ୟାଦେଶ ଦେବାରେ ସହଯୋଗ କରୁଛନ୍ତି ବୋଲି ପ୍ରକାଶକ ସମୂହ ଅଭିଯୋଗ କରିଛନ୍ତି। ଓସେପା, ଗଣଶିକ୍ଷା ବିଭାଗ, ଉଚ୍ଚଶିକ୍ଷା ବିଭାଗ, ଓଡ଼ିଶା ସାହିତ୍ୟ ଏକାଡେମୀ ବା ଅନ୍ୟ କୌଣସି ସରକାରୀ ସଂସ୍ଥାର ଚୟନ ପ୍ରକ୍ରିୟାରେ ତାଙ୍କୁ ସାମିଲ ନ କରିବା ଲାଗି ପ୍ରକାଶକମାନେ ଅନୁରୋଧ କରିଛନ୍ତି। ଚିଠିର ଏକକିତା ନକଲ ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ (ଓସେପା), ଉଚ୍ଚଶିକ୍ଷା ନିର୍ଦ୍ଦେଶାଳୟ, ଗଣଶିକ୍ଷା ନିର୍ଦ୍ଦେଶାଳୟ ଓ ଓଡ଼ିଶା ସାହିତ୍ୟ ଏକାଡେମୀକୁ ମଧ୍ୟ ପ୍ରେରଣ କରାଯାଇଛି।

ସ୍ଥାନୀୟ ବୁଦ୍ଧମନ୍ଦିର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ପ୍ରକାଶକ ସମୂହର ଏ ବୈଠକରେ ଜୟକୃଷ୍ଣ ମହାପାତ୍ର, ଭିକାରୀ ଧଳ, ବନ୍ଦନା ମିଶ୍ର, ଶୁଭେନ୍ଦୁ କୁମାର ପାତ୍ର, କରୁଣାକାର ପୃଷ୍ଟି, ସସ୍ମିତା ଦାଶ, କ୍ଷୀରୋଦ ଚନ୍ଦ୍ର ପତି, ସରୋଜ ବଳ, ବନୋଜ ତ୍ରିପାଠୀ, ଅଭୟ ଦାସ, ସୁଧୀର ମଉଡ଼ମଣି, ଶୁଭ୍ରାଂଶୁ ପଣ୍ଡା, ରାଧାକୃଷ୍ଣ ଘଡ଼େଇ, ବିରଞ୍ଚି ନାରାୟଣ ଦାଶଙ୍କ ସମେତ ପ୍ରମୁଖ ୫୦ରୁ ଅଧିକ ପ୍ରକାଶକ ଉପସ୍ଥିତ ଥିଲେ।

**ମହାବିଦ୍ୟାଳୟ ପାଠାଗାର ପୁସ୍ତକ ତାଲିକା ବାତିଲ କରାଯାଉ**

**ଚୟନ ପ୍ରକ୍ରିୟାରେ ପ୍ରକାଶନ ସଂଘ ପ୍ରତିନିଧିଙ୍କୁ ସାମିଲ କରାଯାଉ**

# ଭାସମାନ ସୌର ପ୍ରକଳ୍ପରୁ ଉତ୍ପାଦନ ହେବ ୧୦୦୦ ମେଗାୱାଟ୍ ବିଜୁଳି

ଭୁବନେଶ୍ୱର, ୩୧ା୫ (ସମିସ): ରାଜ୍ୟରେ ଯେପରି ଅଧିକରୁ ଅଧିକ ଅକ୍ଷୟ ଶକ୍ତିର ଆହରଣ ସହ ବ୍ୟବହାର ହୋଇପାରିବ, ସେନେଇ ଗୁରୁତ୍ୱ ପ୍ରଦାନ କରାଯାଉଛି। ଏନେଇ ପୂର୍ବ ବିଜେଡି ସରକାର ସ୍ୱତନ୍ତ୍ର ଭାବେ ଓଡ଼ିଶା ଅକ୍ଷୟ ଶକ୍ତି ନୀତି ୨୦୨୨ ପ୍ରଣୟନ କରିଥିଲେ। ଏହି କ୍ରମରେ ରାଜ୍ୟ ସରକାର ୧୦୦୦ ମେଗାୱାଟ୍ କ୍ଷମତା ବିଶିଷ୍ଟ ଭାସମାନ ସୌର (ଫ୍ଲୋଟିଂ ସୋଲାର) ପ୍ରକଳ୍ପ ବିକଶିତ କରିବା ପାଇଁ ପଦକ୍ଷେପ ନେବା ଆରମ୍ଭ କରିଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ରାଜ୍ୟ ସରକାର ଆନ୍ତଃବିଭାଗୀୟ କମିଟି ଗଠନ କରିଛନ୍ତି। ଏହି କମିଟି ଭାସମାନ ସୌର ପ୍ରକଳ୍ପ କାର୍ଯ୍ୟାନ୍ୱୟ ପାଇଁ ପ୍ରକ୍ରିୟା ଆରମ୍ଭ କରିଛି। ଏହି କ୍ରମରେ କମିଟି ପକ୍ଷରୁ ରାଜ୍ୟର ବିଭିନ୍ନ ଜଳଭଣ୍ଡାରରେ ସମନ୍ୱିତ ଜିଆଇଏସ୍ ମ୍ୟାପିଂ ପ୍ରକ୍ରିୟା ଜାରି ରହିଛି। ହୀରାକୁଦ, ରେଙ୍ଗାଲି, ଅପରକୋଲାବ୍, ଇନ୍ଦ୍ରାବତୀ ଓ ବାଲିମେଳା ଜଳଭଣ୍ଡାରରେ ଏହି ମ୍ୟାପିଂ ପ୍ରକ୍ରିୟାକୁ ଚୂଡ଼ାନ୍ତ କରାଯିବ। ପରେ ପ୍ରକଳ୍ପ କାର୍ଯ୍ୟାନ୍ୱୟନ ପାଇଁ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ଜଣାପଡ଼ିଛି। ଏହି ୫ଟି ସ୍ଥାନରେ ଭାସମାନ ସୌର ପ୍ରକଳ୍ପ କାର୍ଯ୍ୟାନ୍ୱୟନ ହେବା ପରେ ୧୦୦୦ ମେଗାୱାଟ୍ ବିଜୁଳି ଉତ୍ପାଦନ ହେବା ସହ ଏହାଦ୍ୱାରା ପ୍ରାୟ ୧୦ଲକ୍ଷ ଘରକୁ ବିଜୁଳି ଯୋଗାଣ ସମ୍ଭବ ହୋଇପାରିବ।

■ ବିଭିନ୍ନ ଜଳଭଣ୍ଡାରରେ କରାଯିବ ସମନ୍ୱିତ ଜିଆଇଏସ୍ ମ୍ୟାପିଂ

■ ୫ଟି ସ୍ଥାନରେ ପ୍ରକଳ୍ପ ସ୍ଥାପନ ପାଇଁ ଶକ୍ତି ବିଭାଗର ଯୋଜନା

ଅପରପକ୍ଷେ, ନ୍ୟାସନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସୋଲାର୍ ଏନର୍ଜି(ଏନଆଇଏସଇ) ଏବଂ ଆଇ-ଫରେଷ୍ଟର ଏକ ମିଳିତ ସର୍ଭେର ରିପୋର୍ଟ ଅନୁଯାୟୀ, ରାଜ୍ୟର ୬୭୦ବର୍ଗ କି.ମି ବିଶିଷ୍ଟ ଜଳୀୟ ଅଞ୍ଚଳରୁ ୩୩.୫ଗିଗାୱାଟ୍ କ୍ଷମତାର ଶକ୍ତି ଉତ୍ପାଦନ କରାଯାଇପାରିବ। ସେହିପରି ଅକ୍ଷୟ ଶକ୍ତି ଉତ୍ପାଦନ ପାଇଁ ଓଡ଼ିଶା ଯେଉଁ ଲକ୍ଷ୍ୟ ଧାର୍ଯ୍ୟ କରିଛି, ତନ୍ମଧ୍ୟରୁ ପମ୍ପଡ୍ ଷ୍ଟୋରେଜ୍ ପ୍ରକଳ୍ପରୁ ୧୧ ପ୍ରତିଶତ ଉତ୍ପାଦନ ହାସଲ କରିହେବ। ୨୦୩୦ ସୁଦ୍ଧା ଓଡ଼ିଶା ୭.୫ ଗିଗାୱାଟ୍ ସୌରଶକ୍ତି ଉତ୍ପାଦନ କରିବାକୁ ବୃହତ୍ ଲକ୍ଷ୍ୟ ହାସଲ କରିଛି। ଏଥିରେ ସୌର ଏବଂ ଭାସମାନ ସୌର ପ୍ରକଳ୍ପର ଭୂମିକା ସର୍ବାଗ୍ରେ ରହିବ ବୋଲି ଶକ୍ତି ବିଶେଷଜ୍ଞ ଆଶା ରଖିଛନ୍ତି। ଅଧିକରୁ ଅଧିକ ଅକ୍ଷୟ ଶକ୍ତି ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ଏହା ପରିବେଶ ଉପଯୋଗୀ ହେବା ସହ ଅଧିକ ସଂଖ୍ୟାରେ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ। ଏହାସହ ଏହା ସ୍ଥାନୀୟ ଅର୍ଥନୀତିକୁ ମଧ୍ୟ ସୁଦୃଢ଼ କରିବ। ନିକଟରେ ଅନୁଷ୍ଠିତ ମେକ୍ ଇନ୍ ଓଡ଼ିଶା କନକ୍ଲେଭ୍‌ରେ ମଧ୍ୟ ଭାସମାନ ସୌର ପ୍ରକଳ୍ପ କ୍ଷେତ୍ରରେ ଓଡ଼ିଶାକୁ ବହୁ କୋଟି ଟଙ୍କାର ନିବେଶ ପ୍ରସ୍ତାବ ମିଳିଛି। ଏହା ଓଡ଼ିଶାର ଅକ୍ଷୟ ଶକ୍ତି ଯାତ୍ରାକୁ ସୁଦୃଢ଼ କରୁଥିବା ନେଇ ଶକ୍ତି ବିଶେଷଜ୍ଞ ମତପ୍ରକାଶ କରିଛନ୍ତି।

# ରୋଜଗାର ଦେଇଛି ଗୋଲାପ





ସାଧାରଣତଃ ଗୋଲାପଫୁଲଟିଏ ନିଜର ରଙ୍ଗ, ସୌନ୍ଦର୍ଯ୍ୟ, ସୁଗନ୍ଧ ସର୍ବୋପରି ଏହାର କୋମଳତା ପାଇଁ ସବୁରି ମନ ହରଣ କରିଥାଏ। ଗୋଲାପ ଫୁଲରେ ଅନେକ ଔଷଧୀୟ ଗୁଣ ରହିଛି। ଏହାକୁ ଖାଦ୍ୟ ଭାବେ ମଧ୍ୟ ଗ୍ରହଣ କରାଯାଉଛି। ପ୍ରସାଧାନ ସାମଗ୍ରୀ ଭାବେ ଏହାର ବ୍ୟବହାର ବହୁ ଦିନରୁ ରହିଆସିଛି। ଗୋଲାପ ଫୁଲର ବହୁବିଧ ଉପଯୋଗିତା ପାଇଁ ଏହାକୁ ଅନେକ ରୋଜଗାରର ପନ୍ଥା ଭାବେ ଗ୍ରହଣ କରିଛନ୍ତି। ଏଇ ଯେମିତି ରାଜସ୍ଥାନ ହଲ୍‌ଦୀଘାଟି ଅଞ୍ଚଳର ମହିଳା। ସେମାନେ ଗୋଲାପରୁ ଗୁଲକନ୍ଦ, ସର୍ବତ, ଗୋଲାପ ଜଳ ଆଦି ପ୍ରସ୍ତୁତ କରି ଅର୍ଥ ଉପାର୍ଜନ କରିପାରୁଛନ୍ତି। ଏହାର ଚାହିଦା କେବଳ ଦେଶ ନୁହେଁ, ବିଦେଶରେ ମଧ୍ୟ ବୃଦ୍ଧି ପାଇବାରେ ଲାଗିଛି। ଫଳରେ ଏହା ମହିଳାଙ୍କ ପାଇଁ ଏକ ସ୍ଥାୟୀ ରୋଜଗାରର ମାଧ୍ୟମ ପାଲଟିଛି।

### ବଦଳିଛି ପରିବାରର ଆର୍ଥିକ ମାନଦଣ୍ଡ

ରାଜସ୍ଥାନ ହଲ୍‌ଦୀଘାଟିରେ ଫୁଟୁଥିବା ଏହି ଚୈତ୍ରୀ ଗୋଲାପ ନିଜର ସୁଗନ୍ଧ, ରଙ୍ଗ ତଥା ଔଷଧୀୟଗୁଣ ପାଇଁ ପ୍ରସିଦ୍ଧି ଲାଭ କରିଛି। ସ୍ଥାନୀୟ କିଛି ମହିଳା ଗୋଷ୍ଠୀ ଗଠନ କରି ଗୋଲାପଫୁଲରୁ ପାରମ୍ପରିକ ପଦ୍ଧତିରେ ସର୍‌ବତ, ଗୁଲକନ୍ଦ ତଥା ଗୋଲାପଜଳ ଆଦି ତିଆରି କରୁଛନ୍ତି। ଏହାକୁ ସ୍ଥାନୀୟ ଅଞ୍ଚଳରେ ବିକ୍ରିବଟା କରି ବେଶ୍ କିଛି ରୋଜଗାର କରିଛନ୍ତି। ଏହି ଗୋଷ୍ଠୀର ଅଧ୍ୟକ୍ଷା ରୀନା ଜୈନ୍‌ଙ୍କ କହିବାନୁଯାୟୀ, ସେ ମହିଳାମାନଙ୍କୁ ୨୦-୨୦ ଟି ଗ୍ରୁପ୍‌ରେ ଭାଗ କରି ଏ ଦିଗରେ ସେମାନଙ୍କୁ ତାଲିମ ଦେଉଛନ୍ତି। ଏହା ଦ୍ୱାରା ପ୍ରତି ମହିଳା ମାସକୁ ୧୦ ରୁ-୧୨ ହଜାର ଟଙ୍କା ପର୍ଯ୍ୟନ୍ତ ଆୟ କରିପାରୁଛନ୍ତି। ଏହି କାର୍ଯ୍ୟ କରି ମହିଳାମାନେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। ଏଥି ସହିତ ନିଜେ ପ୍ରସ୍ତୁତ କରୁଥିବା ସାମଗ୍ରୀକୁ ଦେଶ-ବିଦେଶକୁ ପହଞ୍ଚାଇଛନ୍ତି।

### ପାରମ୍ପରିକ ବିଧିରେ ତିଆରି ଉତ୍ପାଦ

ଏହି ମହିଳାଗୋଷ୍ଠୀଙ୍କ ଦ୍ୱାରା ଗୋଲାପ ଉତ୍ପାଦ ପାରମ୍ପରିକ ଏବଂ ପ୍ରାକୃତିକ ଉପାୟରେ ପ୍ରସ୍ତୁତ ହୋଇଥାଏ। ଗୋଲାପର ପାଖୁଡ଼ାକୁ ବାଛିବା, ଶୁଖାଇବା ଏବଂ ସର୍ବତ ପ୍ରସ୍ତୁତ କରିବା ଯାଏଁ, ସମସ୍ତ ପ୍ରକ୍ରିୟାର ଶୁଦ୍ଧତା ଓ ଗୁଣବତ୍ତା ଉପରେ ବିଶେଷ ଧ୍ୟାନ ଦିଆଯାଇଥାଏ। ପ୍ରାରମ୍ଭରେ ମହିଳାମାନେ କେବଳ ଗୋଲାପ ସର୍ବତ ଓ ଗୁଲକନ୍ଦ ପ୍ରସ୍ତୁତ କରୁଥିଲେ। କିନ୍ତୁ ଏବେ ସେମାନେ ପାନ ସର୍ବତ ସାଙ୍ଗକୁ ପୋସ୍ତ ସର୍ବତ ମଧ୍ୟ ପ୍ରସ୍ତୁତ କରୁଛନ୍ତି। ଏହି ସବୁ ଉତ୍ପାଦ ଲୋକପ୍ରିୟତା ଦିନକୁ ଦିନ ବୃଦ୍ଧି ହେବାରେ ଲାଗିଛି। ଫଳରେ ମହିଳାଙ୍କ ଆୟ ମଧ୍ୟ ବୃଦ୍ଧି ହୋଇଛି।

### ଚୈତ୍ରୀ ଗୋଲାପ

ଚୈତ୍ରୀ ଗୋଲାପ କେବଳ, ହଲ୍‌ଦିଘାଟୀରେ ନୁହେଁ, ବରଂ ଅନ୍ତଃରାଷ୍ଟ୍ରୀୟ ବଜାରରେ ମଧ୍ୟ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ଏହାର ବିଶେଷତା ଅନୁଯାୟୀ, ଏହା କେବଳ ମାର୍ଚ୍ଚ - ଏପ୍ରିଲ ଅର୍ଥାତ୍ ଚୈତ୍ର ମାସରେ ଫୁଟିଥାଏ। ସେଥିପାଇଁ ଏହାକୁ ଚୈତ୍ରୀ ଗୋଲାପ ବୋଲି କୁହାଯାଏ। କମ୍ ପାଣିରେ ମଧ୍ୟ ଏହା ଭଲ ଉତ୍ପାଦନ ହୋଇଥାଏ। ଏହାର ମହକ ଏହାକୁ ଅନ୍ୟ ଫୁଲଠାରୁ ସ୍ୱତନ୍ତ୍ର କରିଥାଏ। ହଲ୍‌ଦୀଘାଟିର ମହିଳାମାନେ ଏହାକୁ ଆର୍ଥିକ ସୁଯୋଗରେ ପରିଣତ କରି ଆତ୍ମନିର୍ଭର ହୋଇପାରିଛନ୍ତି। ସେମାନେ ଏହାକୁ ଅନ୍‌ଲାଇନ୍‌ରେ ବିକ୍ରିବଟା କରିପାରୁଛନ୍ତି। ଏହି ସ୍ୱତନ୍ତ୍ରତା ପାଇଁ ହଳଦୀଘାଟି ଅଞ୍ଚଳ ଏବେ ଦେଶ ବିଦେଶରେ ପରିଚିତ ହେବାକୁ ଯାଉଛି।

# ଟମାଟୋରେ ଘର ସଫା

ଅଧିକାଂଶ ଲୋକେ ଟମାଟୋ ଅଧିକ ପାଚିଗଲେ ଏହାକୁ ଫୋପାଡ଼ି ଦିଅନ୍ତି। କିନ୍ତୁ ଏହାକୁ ନ ଫୋପାଡ଼ି ତାହାକୁ ଉପଯୋଗ କରି ଘର ସଫା କରାଯାଇପାରିବ। ଏଥିରେ ପ୍ରାକୃତିକ ଏସିଡ୍‌ର ଗୁଣ ରହିଥାଏ। ଯାହା ଦାଗ, କଳଙ୍କି ସଫା କରିବା ସହ ଘର ଚଟାଣକୁ ମଧ୍ୟ ପରିଷ୍କାର ରଖିବାରେ ସହାୟକ ହୋଇଥାଏ। ଜାଣିବା ସେ ବିଷୟରେ...

### ବାସନ ଦାଗ ଦୂର

ଷ୍ଟିଲ୍ ବାସନ, କଡ଼େଇ କିମ୍ବା ତାୱା ପୋଡ଼ି ଯାଇଥିଲେ, ଏହାକୁ ଶଢ଼ିଯାଇଥିବା ଟମାଟୋରସ ଲଗାଇ ସଫା କରିପାରିବେ। ଏଥିପାଇଁ ଶଢ଼ିଯାଇଥିବା ଟମାଟୋକୁ ଦୁଇ ଭାଗରେ କାଟି ବାସନରେ ଦାଗ ଲାଗିଥିବା ସ୍ଥାନରେ ଲଗାନ୍ତୁ। ଏହାପରେ କିଛି ସମୟ ଛାଡ଼ି ଗୋଟିଏ ସ୍କ୍ରବ୍‌ରେ ରଗଡ଼ି ପାଣିରେ ଧୋଇ ଦିଅନ୍ତୁ। ଏହା ବାସନରୁ ପୋଡ଼ାଦାଗ ଦୂର କରିଥାଏ।

### କଳଙ୍କି ସମସ୍ୟା

ଟମାଟୋରେ ଥିବା ପ୍ରାକୃତିକ ଏସିଡ୍ କଳଙ୍କି ଦୂର କରିବାରେ ବେଶ୍ ଲାଭଦାୟୀ ହୋଇଥାଏ। ଏଥିପାଇଁ କଳଙ୍କି ଲାଗିଥିବା ଜିନିଷରେ ପ୍ରଥମେ ଟମାଟୋ ରସ ଲଗାଇ ୧୦-୧୫ ମିନିଟ୍ ରଖନ୍ତୁ। ଏହାକୁ ପୁରୁଣା ବ୍ରଶ୍ କିମ୍ବା ସ୍କ୍ରବ୍‌ରେ ରଗଡ଼ି ସଫା କରନ୍ତୁ। ଏପରି କରିବା ଦ୍ୱାରା କଳଙ୍କି ଛାଡ଼ିଯାଏ।

### କିଚେନ୍ ବେସିନ୍

ଅନେକ ସମୟରେ ରୋଷେଇ କରିବାବେଳେ କିଚେନ୍ ସିଙ୍କ୍ ଏବଂ ସ୍ଲାବ୍‌ରେ ତେଲ, ମସଲା ଛିଟିକା ପଡ଼ିଯାଏ। ଏହା ଶୁଖିଗଲେ ଛଡ଼ାଇବା ମୁସ୍କିଲ୍ ହୋଇଯାଏ। ଏପରିସ୍ଥଳେ ଟମାଟୋ ପେଷ୍ଟ ପ୍ରସ୍ତୁତ କରି ଏହାକୁ ରୋଷେଇ ଘର ସ୍ଲାବ୍ କିମ୍ବା ସିଙ୍କ୍‌ରେ ଲଗାନ୍ତୁ। ଏହାପରେ ସ୍କବ୍‌ରେ ଘଷି ସଫା କରନ୍ତୁ।

### ଚମକାନ୍ତୁ ବାଥରୁମ୍ ଟାଇଲ୍

ଟମାଟୋରେ ଥିବା ଏସିଡ୍ ଟାଇଲ ଏବଂ କାଚକୁ ସଫା କରିବାରେ ସହାୟକ ହୋଇଥାଏ। ଏଥିପାଇଁ ଟମାଟୋ ରସକୁ ଟାଇଲରେ ଲଗାଇ ୧୦-୧୫ ମିନିଟ୍ ରଖି ବ୍ରଶ୍‌ରେ ଘଷିଦିଅନ୍ତୁ। ଏହା ଦ୍ୱାରା ଟାଇଲ୍‌ରେ ଲାଗିଥିବା ମଇଳା ପରିଷ୍କାର ହୋଇ ଉଜ୍ଜ୍ୱଳ ଦିଶିଥାଏ।



# ମଖାନା ଫେସ୍‌ପ୍ୟାକ୍

ମଖାନା କେବଳ ସ୍ୱାସ୍ଥ୍ୟ ପାଇଁ ନୁହେଁ, ତ୍ୱଚା ପାଇଁ ଖୁବ୍ ଉପଯୋଗୀ। ଏହା ଆଣ୍ଟି ଏଜିଙ୍ଗ୍, ଆଣ୍ଟି ଅକ୍ସିଡାଣ୍ଟ ଗୁଣରେ ଭରପୂର। ଯାହା ଚର୍ମ କୁଞ୍ଚନ, ବୟସ ଛାପ ଆଦିକୁ ଦୂର କରିଥାଏ। ତେଣୁ ତ୍ୱଚାକୁ ସର୍ବଦା ଯୁବା ରଖିବାକୁ ଚାହୁଁଥିଲେ ମଖାନା ଫେସ୍‌ପ୍ୟାକ୍ ଲଗାଇପାରିବେ।

### ମଖାନା ଓ ଆଲୋଭେରା

ପ୍ରଥମେ ମଖାନା ପାଉଡର ସହ ଦୁଇଚାମଚ ଆଲୋଭେରା ଜେଲ୍ ଓ ଏକ ଚାମଚ ଗୋଲାପ ଜଳ ଦେଇ ଭଲ ଭାବେ ଗୋଳାଇ ଦିଅନ୍ତୁ। ଏହାକୁ ମୁହଁରେ ଲଗାଇ ୧୫ ମିନିଟ୍ ରଖି ଧୋଇ ଦିଅନ୍ତୁ। ଏହା ତ୍ୱଚାର ଉଜ୍ଜ୍ୱଳତା ବୃଦ୍ଧି କରିଥାଏ।

### ମଖାନା ଓ ବେସନ

ମଖାନା ଗୁଣ୍ଡକୁ ଗୋଟିଏ ପାତ୍ରରେ ନେଇ ସେଥିରେ ଏକ ଚାମଚ ବେସନ ଓ ଲେମ୍ବୁରସ ମିଶାଇ ଗୋଳାଇ ଦିଅନ୍ତୁ। ଏହି ପେଷ୍ଟକୁ ମୁହଁରେ ଲଗାଇ ୨୦ ମିନିଟ୍ ରଖି ଧୋଇ ଦିଅନ୍ତୁ। ବିଶେଷ କରି ତେଲିଆ ତ୍ୱଚା ଥିବା ମହିଳାଙ୍କୁ ଏଥିରୁ ବେଶୀ ସୁଫଳ ମିଳିଥାଏ।

### ମଖାନା - ମହୁ

ପ୍ରଥମେ ମଖାନାକୁ ଗୋଟିଏ ଜାର୍‌ରେ ନେଇ ପାଉଡର ପ୍ରସ୍ତୁତ କରନ୍ତୁ। ଏଥିରେ ଏକ ଚାମଚ ମହୁ ଓ ଦୁଇ ଚାମଚ କ୍ଷୀର ଦେଇ ମିଶାନ୍ତୁ। ଏହାକୁ ମୁହଁରେ ଲଗାଇ ୧୫ ମିନିଟ୍ ରଖି ଧୋଇ ଦିଅନ୍ତୁ। ଏହା ତ୍ୱଚାକୁ ହାଇଡ୍ରେଟ୍ ରଖିବାରେ ସହାୟକ ହୋଇଥାଏ। ଏହାକୁ ଲଗାଇବା ଦ୍ୱାରା ତ୍ୱଚାର ରୁକ୍ଷପଣ ଦୂର ହୋଇ ଉଜ୍ଜ୍ୱଳ ଦିଶିଥାଏ।

### ମଖାନା - ଦହି

ଗୋଟିଏ ପାତ୍ରରେ ଅଳ୍ପ ମଖାନା ପାଉଡ୍‌ର ନେଇ ସେଥିରେ ଦୁଇଚାମଚ ଦହି ଓ ଏକ ଚାମଚ ହଳଦୀଗୁଣ୍ଡ ମିଶାଇ ଗୋଳାଇ ଦିଅନ୍ତୁ। ଏହାକୁ ତ୍ୱଚାରେ ଲଗାଇ ୨୦ ମିନିଟ୍ ରଖନ୍ତୁ। ଏହା ଶୁଖିଯିବା ପରେ ଧୋଇ ଦିଅନ୍ତୁ। ଏହି ଫେସ୍‌ପ୍ୟାକ୍ ଚର୍ମକୁଞ୍ଚନ ଦୂର କରିବାରେ ସହାୟକ ହୋଇଥାଏ। ଏହାକୁ ନିୟମିତ ଲଗାଇଲେ ସୁଫଳ ମିଳିଥାଏ।

### ମଖାନା ଓ ମୁଲ୍‌ତାନି ମାଟି

ପ୍ରଥମେ ମଖାନାକୁ ପେଷି ପାଉଡର ପ୍ରସ୍ତୁତ କରନ୍ତୁ। ସେଥିରେ ଏକ ଚାମଚ ମୁଲତାନି ମାଟି ଓ ଏକ ଚାମଚ ଗୋଲାପ ଜଳ ମିଶାଇ ଏକ ପତଳା ପେଷ୍ଟ ପ୍ରସ୍ତୁତ କରନ୍ତୁ। ଏହାକୁ ତ୍ୱଚାରେ ଲଗାଇ ୧୫ ମିନିଟ୍ ରଖି ଧୋଇ ଦିଅନ୍ତୁ। ଏହା ଦ୍ୱାରା ତ୍ୱଚା ଚିକ୍କଣ ହୋଇଥାଏ।





# ଖରାଦିନିଆ କେଶର ଯତ୍ନ

ସାଧାରଣତଃ ଖରାଦିନେ ତ୍ୱଚା ସାଙ୍ଗକୁ କେଶ ମଧ୍ୟ ପ୍ରଭାବିତ ହୋଇଥାଏ। ଟାଣଖରା, ଗରମ ଓ ଝାଳ ଯୋଗୁ କେଶମୂଳ ଅଧିକ ତେଲିଆ ହୋଇଯାଏ। ଫଳରେ ସେହି ସ୍ଥାନରେ ରୂପି ଜମି କେଶରୁ ଦୁର୍ଗନ୍ଧ ବାହାରିଥାଏ। ତେଣୁ କିଛିଟା ସରଳ ଉପାୟ ଆପଣାଇ କେଶକୁ ଖରାରୁ ସୁରକ୍ଷା ଦେଇପାରିବେ।

### ଧୋଇବା ପୂର୍ବରୁ ଲଗାନ୍ତୁ ତେଲ

ବିଶେଷ କରି ଟାଣଖରାରୁ କେଶକୁ ସୁରକ୍ଷା ଦେବାପାଇଁ ସପ୍ତାହରେ ଥରେ କିମ୍ବା ଦୁଇଥର ତେଲ ଲଗାନ୍ତୁ। ଏହାକୁ କେଶରେ ଲଗାଇ କିଛି ସମୟ ପରେ ଧୋଇ ଦିଅନ୍ତୁ। ଏହାପରେ କେଶରେ କଣ୍ଡିସନର୍ ଲଗାନ୍ତୁ। ଚାହିଁଲେ ହାଇଡ୍ରେଟିଙ୍ଗ୍ ମାସ୍କ ମଧ୍ୟ ଲଗାଇପାରିବେ। ଏହା କେଶକୁ ନରମ କରିବା ସହ ଚମକ ବୃଦ୍ଧି କରିଥାଏ।

### ଗରମ ଉପକରଣରୁ ଦୂରେଇ ରୁହନ୍ତୁ

ସାଧାରଣତଃ କେଶମୂଳ ଖୁବ୍ ସମ୍ବେଦନଶୀଳ ହୋଇଥାଏ। ତେଣୁ ହେୟାର୍ ଷ୍ଟ୍ରେଟ୍‌ନର୍, ଡ୍ରାୟର୍ ତଥା କର୍ଲର ବ୍ୟବହାରରୁ ଦୂରେଇ ରୁହନ୍ତୁ। କାରଣ ଏହା କେଶକୁ ରୁକ୍ଷ କରିଥାଏ। ତେଣୁ ଯଥା ସମ୍ଭବ ଏସବୁ ଉପକରଣରୁ ଦୂରେଇ ରହିବା ଆବଶ୍ୟକ।

### ଖରାରୁ କେଶ ସୁରକ୍ଷା

ଟାଣଖରାରେ କେଶ ନଷ୍ଟ ହେବାର ବେଶୀ ସମ୍ଭାବନା ଥାଏ। ତେଣୁ ଘରୁ ବାହାରକୁ ଯାଉଥିଲେ ଧଳା କିମ୍ବା ହାଲୁକା ରଙ୍ଗ ସ୍କାର୍ଫରେ କେଶକୁ ଘୋଡ଼ାଇ ରଖନ୍ତୁ। ଏହା କେଶକୁ ଧୂଳି, ପ୍ରଦୂଷଣ ଆଦିରୁ ସୁରକ୍ଷା ଦେଇଥାଏ।

# ଆଖି ମେକ୍‌ଅପ୍

ମହିଳାମାନେ ସୁନ୍ଦର ତଥା ଗ୍ଲାମରସ୍ ଦିଶିବାକୁ ଚାହାନ୍ତି। ଏଥିପାଇଁ ଅନେକେ କନ୍‌ସିଲର୍, ଫାଉଣ୍ଡେସନ୍, ଲିପ୍‌ଷ୍ଟିକ୍ ଓ ବ୍ଲଶ୍‌କୁ ଗୁରୁତ୍ୱ ଦେଇଥାନ୍ତି। ହେଲେ ଆଖି ମେକ୍‌ଅପ୍ ପ୍ରତି ଏତେ ଧ୍ୟାନ ଦିଅନ୍ତିନି। କିନ୍ତୁ ଆଖି ମେକ୍‌ଅପ୍ ବିନା ମେକଅପ୍ ଅଧୁରା। ତେଣୁ ଆଖି ମେକ୍‌ଅପ୍‌କୁ ସୁନ୍ଦର କରି ଦୀର୍ଘ ସମୟ ରଖିବାକୁ ଚାହୁଁଥିଲେ, ଏହି ଉପାୟ ଆପଣାଇ ମେକ୍‌ଅପ୍ କରିପାରିବେ।

### ପ୍ରଥମେ ମଏଶ୍ଚରାଇଜର୍

ଆଖି ପତାରେ ଆଇସ୍ୟାଡୋ ଲଗାଇ ପୂର୍ବରୁ ପ୍ରଥମେ ଏହାକୁ ଭଲ ଭାବେ ମଏଶ୍ଚରାଇଜ୍ କରିବା ଆବଶ୍ୟକ। ଏହା ଦ୍ୱାରା ଆଖିପତା ଆର୍ଦ୍ରତା ସହ ନରମ ରହିଥାଏ। ତେଣୁ ଏହା ମେକ୍‌ଅପ୍‌କୁ ଦୀର୍ଘ ସମୟ ରଖିବାରେ ସହାୟକ ହୋଇଥାଏ। ସେହିପରି ଆଖି ସମ୍ବେଦନଶୀଳ ହୋଇଥିଲେ ହାଇଡ୍ରେଟିଙ୍ଗ୍ କ୍ରିମ୍ ମଧ୍ୟ ଲଗାଇପାରିବେ।

### ୱାଟର୍‌ପ୍ରୁଫ୍ ଆଇ ମେକ୍‌ଅପ୍

ବିଶେଷ କରି ଖରାଦିନେ ୱାଟର୍ ପ୍ରୁଫ୍ ଆଇଲାଇନର୍, କାଜଲ୍ ଓ ମସ୍କାରା ଆଦି ବ୍ୟବହାର କରିପାରିବେ। ଏହା ଟାଣଖରା କିମ୍ବା ଝାଳରେ ମଧ୍ୟ ସହଜରେ ଲିଭେନି। ତେଣୁ ମେକ୍‌ଅପ୍‌ରେ କୌଣସି ଫରକ୍ ପଡ଼େନି। ସେହିପରି ଏହାକୁ ଲଗାଇବା ପରେ ପାଖାପାଖି ଆଠ ଘଣ୍ଟା ଯାଏ କୌଣସି ଟଚ୍‌ଅପ୍ କରିବାକୁ ପଡ଼ି ନଥାଏ।

### ଆଖି ପ୍ରାଇମର୍‌ର ବ୍ୟବହାର

ଆଖି ମେକ୍‌ଅପ୍‌କୁ ଦୀର୍ଘ ସମୟ ରଖିବାକୁ ଚାହୁଁଥିଲେ, ଆଖିରେ ପ୍ରାଇମର୍ ଲଗାଇପାରିବେ। ଏହା ଆଇସ୍ୟାଡୋକୁ ଦୀର୍ଘ ସମୟ ରଖିବାରେ ସହାୟକ ହୋଇଥାଏ। ସେହିପରି ଏହା ଆଖିର ପାଖାପାଖି ସ୍ଥାନକୁ ଓଦା ହେବାରୁ ମଧ୍ୟ ସୁରକ୍ଷା ଦେଇଥାଏ। ଏହା ଦ୍ୱାରା ଆଖି ମେକ୍‌ଅପ୍ ଦୀର୍ଘ ସମୟ ଯାଏ ସତେଜ ରହିଥାଏ।

### ଗ୍ଲିଟର୍ ଆଖି

ସ୍ମୋକି ଆଇ ବଦଳରେ ଏକ ଗ୍ଲିଟର୍ ମେକ୍‌ଅପ୍ କରିପାରିବେ। ଏଥିପାଇଁ ଗୋଲାପୀ, ସୁନେଲି ଓ ସବୁଜ ରଙ୍ଗର ଆଇସ୍ୟାଡୋ ଲଗାନ୍ତୁ। ଏଥିରୁ ଏକ କୁଲ୍ ଲୁକ୍ ମିଳିଥାଏ। ସେହିପରି ଚାହିଁଲେ ଆଉଟ୍‌ଫିଟ୍ ଅନୁସାରେ, ମ୍ୟାଚିଙ୍ଗ୍ କରି ଗ୍ଲିଟର୍ କିମ୍ବା ସିମର୍ ଆଇସ୍ୟାଡୋ ଲଗାଇପାରିବେ। ଏହା ଆଖିକୁ ସୁନ୍ଦର ଓ ଆକର୍ଷଣୀୟ କରିଥାଏ।







ମୋ ହାଣ୍ଡିଶାଳରୁ...

# ଦହି ଉପମା

### ଆବଶ୍ୟକ ସାମଗ୍ରୀ

ସୁଜି - ୨୦୦ ଗ୍ରାମ୍, ଦହି - ଏକ କପ୍, କଟା ଅଦା - ଅଧା ଚାମଚ, କଟା କଞ୍ଚାଲଙ୍କା - ଦୁଇଟି, ଧନିଆପତ୍ର, କଟା ପିଆଜ - ଅଧା କପ୍, ବୁଟ ଡାଲି - ଅଧା କପ୍, ଚିନାବାଦାମ - ଅଳ୍ପ, ଭୁର୍ସୁଙ୍ଗପତ୍ର - ଏକ ପାଖୁଡ଼ା, ଶୁଖିଲା ଲଙ୍କା - ଦୁଇଟି, ଲୁଣ - ସ୍ୱାଦ ଅନୁସାରେ, ତେଲ - ଆବଶ୍ୟକତା ଅନୁସାରେ।

### ପ୍ରସ୍ତୁତି ପ୍ରଣାଳୀ

ଗୋଟିଏ ବାଉଲ୍ ନେଇ ସେଥିରେ ଏକ କପ୍ ଦହି ଦେଇ, କଟା କଞ୍ଚାଲଙ୍କା, କଟା ଅଦା, ଧନିଆପତ୍ର, ଲୁଣ ସାଙ୍ଗକୁ ଅଧା ଗ୍ଲାସ୍ ପାଣି ଦେଇ ଭଲ ଭାବେ ଗୋଳାଇ ଦିଅନ୍ତୁ। ଏହା ପରେ ଚୁଲା ଲଗେଇ କଡ଼େଇ ବସାନ୍ତୁ। କଡ଼େଇ ଗରମ ହୋଇଯିବା ପରେ ସେଥିରେ ଅଳ୍ପ ତେଲ ଦିଅନ୍ତୁ। ତେଲ ଗରମ ହୋଇ ଆସିଲେ ସେଥିରେ ସୋରିଷ, ଶୁଖିଲା ଲଙ୍କା, ବୁଟ ଡାଲି, ଚିନାବାଦାମ, କଟା ପିଆଜ ଓ ଭୁର୍ସୁଙ୍ଗ ପତ୍ର ଦେଇ ଭାଜନ୍ତୁ। ଏହାପରେ ସେଥିରେ ସୁଜି ମିଶାନ୍ତୁ। ସୁଜି ଭାଜି ହୋଇ ଆସିଲେ ସେଥିରେ ପୂର୍ବରୁ ରଖିଥିବା ଦହି ପାଣିକୁ ଦେଇ ଭଲ ଭାବେ ଗୋଳାଇ ଦିଅନ୍ତୁ। ଏହା ଧୀରେ ଧୀରେ ବହଳିଆ ହୋଇ ଆସିଲେ ଗ୍ୟାସ୍ ବନ୍ଦ କରି ଢାଙ୍କୁଣୀରେ ଘୋଡ଼ାଇ ଦିଅନ୍ତୁ। କିଛି ସମୟ ପରେ ଢ଼ାଙ୍କୁଣୀ ଖୋଲି ପ୍ଲେଟ୍‌କୁ କାଢ଼ି ପରଷନ୍ତୁ ସ୍ୱାଦିଷ୍ଟ 'ଦହି ଉପମା'।

**ପ୍ରଥମ ଅନ୍‌ଅଫିସିଆଲ୍ ଟେଷ୍ଟ**

## ପ୍ରଥମ ଶ୍ରେଣୀରେ କରୁନଙ୍କ ୪ର୍ଥ ଦ୍ୱିଶତକ

**କେଣ୍ଟବୁରୀ, ୩୧।୫ (ଏଜେନ୍ସି):** କରୁନ ନାୟାରଙ୍କ ଦମ୍‌ଦାର ଦ୍ୱିଶତକୀୟ ପାଳି ବଳରେ ଏଠାରେ ଘରୋଇ ଇଂଲଣ୍ଡ ଲାୟନ୍ସ ବିପକ୍ଷରେ ଚାଲିଥିବା ପ୍ରଥମ ଅନ୍‌ଅଫିସିଆଲ୍ ଟେଷ୍ଟ ମ୍ୟାଚରେ ଭାରତ-ଏ ଦୃଢ଼ସ୍ଥିତିରେ ରହିଛି। ଅଭିମନ୍ୟୁ ଈଶ୍ୱରନଙ୍କ ନେତୃତ୍ୱାଧିନ ଭାରତ-ଏ ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରି ଶନିବାର ଦ୍ୱିତୀୟ ଦିବସରେ ୧୨୫.୧ ଓଭରରେ ୫୫୭ ରନ କରି ପ୍ରଥମ ପାଳିରେ ଅଲ୍‌ଆଉଟ୍ ହୋଇଛି। ବ୍ୟାଟିଂକ୍ରମର ୩ୟ ସ୍ଥାନରେ ଆସିଥିବା କରୁନ ନାୟାର ୨୦୪ ରନର ମାରାଥନ ପାଳି ଖେଳିଥିଲେ। ୨୮୧ ବଲର ଏହି ପାଳିରେ ସେ ୨୬ ଚୌକା ଓ ୧ ଛକା ମାରିଥିଲେ। ଭାରତ ପକ୍ଷରୁ ଅନ୍ୟମାନଙ୍କ ମଧ୍ୟରେ ସର୍ଫରାଜ ଖାନ ୯୨, ଧ୍ରୁବ ଜୁରେଲ ୯୪, ଯଶସ୍ୱୀ ଜୟସ୍ୱାଲ ୨୪, ଶାର୍ଦ୍ଦୁଳ ଠାକୁର ୨୭ ରନ କରିଥିଲେ। ଜବାବରେ ପ୍ରଥମ ପାଳି ଆରମ୍ଭ କରିଥିବା ଘରୋଇ ଇଂଲଣ୍ଡ ଲାୟନ୍ସ ଶେଷ ଖବର ସୁଦ୍ଧା ୩୨ ଓଭରରେ ଗୋଟିଏ ୱିକେଟ୍ ହରାଇ ୧୨୬ ରନ ସଂଗ୍ରହ କରିଛି। ପ୍ରଥମଶ୍ରେଣୀ କ୍ରିକେଟ୍‌ରେ ୩୩ ବର୍ଷୀୟ କରୁନଙ୍କ ଏହା ୪ର୍ଥ ଦ୍ୱିଶତକୀୟ ପାଳି। ୨୦୧୫-୧୬ ରଣଜୀ ଟ୍ରଫି ସିଜନରେ କର୍ଣ୍ଣାଟକ ପକ୍ଷରୁ ପ୍ରତିନିଧିତ୍ୱ କରି ତାମିଲନାଡୁ ବିପକ୍ଷରେ ୩୨୮ ରନ କରିଥିଲେ। ଯାହା ତାଙ୍କର ଶ୍ରେଷ୍ଠ ପାଳି ହୋଇ ରହିଛି। ସେହିଭଳି ଇଂଲଣ୍ଡ ମାଟିରେ ଏହା ତାଙ୍କର ଦ୍ୱିତୀୟ ଦ୍ୱିଶତକ। ଏଥିପୂର୍ବରୁ ସେ ୨୦୨୪ରେ କାଉଣ୍ଟି କ୍ରିକେଟ୍ କ୍ଲବ ନର୍ଥାମ୍ପଟନ ପକ୍ଷରୁ ଖେଳି ଗ୍ଲାମରଗନ ବିପକ୍ଷରେ ୨୦୨ ରନ କରିଥିଲେ।



## ଜାତୀୟ ସବ୍‌ଜୁନିଅର ଉଷୁରେ ଓଡ଼ିଶାକୁ ୧୭ ପଦକ




**ଭୁବନେଶ୍ୱର, ୩୧।୫ (ସମିସ):** ତାମିଲନାଡୁରେ ଅନୁଷ୍ଠିତ ଜାତୀୟ ସବ୍‌ଜୁନିଅର ଉଷୁ ଚାମ୍ପିଅନସିପ୍‌ରେ ଓଡ଼ିଶା ଦଳ ୧୭ ପଦକ ଜିତି ରାଜ୍ୟ ପାଇଁ ଗୌରବ ଆଣିଛି। ଓଡ଼ିଶା ଖେଳାଳିମାନେ ଜିତିଥିବା ପଦକ ମଧ୍ୟରେ ୨ଟି ସ୍ୱର୍ଣ୍ଣ ସହ ୪ ରୌପ୍ୟ ଓ ୧୧ କାଂସ୍ୟ ରହିଛି। ବାଳକ ୨୬ କିଗ୍ରା ମଜନୁ ମୁଣ୍ଡା ଓ ବାଳିକା ୨୨ କିଗ୍ରାରେ ରଶ୍ମିତା ମୁଣ୍ଡା ପ୍ରଥମ ସ୍ଥାନରେ ରହି ସ୍ୱର୍ଣ୍ଣପଦକ ଜିତିଥିଲେ। ସେହିଭଳି ସୁଶାନ୍ତ ଗାଗରାଇ, ପ୍ରିୟତମ ମୁଣ୍ଡା, ଆୟୂଷ ଦାସ ଓ ଦିରେନ୍ଦ୍ର ଦାସ ରୌପ୍ୟପଦକ ହାସଲ କରିଥିଲେ। ଗତ ୨୬ରୁ ଆରମ୍ଭ ହୋଇଥିବା ଏହି ଚାମ୍ପିଅନସିପ୍‌ରେ ଓଡ଼ିଶାର ମୋଟ୍ ୫୯ ଜଣ ଖେଳାଳି ଓ ୬ ଅଫିସିଆଲ୍ ଅଂଶଗ୍ରହଣ କରିଥିଲେ। ପ୍ରଦ୍ୟୁମ୍ନ ବେହେରା ମୁଖ୍ୟ ଜଜ୍ ଭାବେ କାର୍ଯ୍ୟ ତୁଲାଇଥିଲେ। ଏହି ସଫଳତା ଲାଗି ଓଡ଼ିଶା ଉଷୁ ସଂଘର ଅଧ୍ୟକ୍ଷ ସୁଧାଂଶୁ ଶେଖର ହରିଚନ୍ଦନ, ସଭାପତି ବିଷ୍ଣୁ ମୋହନ ମହାନ୍ତି, ଉପସଭାପତି ବିକାଶ ପଟ୍ଟନାୟକ, ସାଧାରଣ ସମ୍ପାଦକ ଯୁବରାଜ ହରିଚନ୍ଦନ ପ୍ରମୁଖ ପଦକ ବିଜୟୀ ଖେଳାଳିଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ଆଜି ଖୋର୍ଦ୍ଧା ରୋଡ୍ ହାଫ୍ ମାରାଥନ୍

**ଭୁବନେଶ୍ୱର, ୩୧।୫ (ସମିସ):** ଆଇଆଇଟି ଭୁବନେଶ୍ୱର ଓ ପୂର୍ବତଟ ରେଳବାଇ କ୍ରୀଡ଼ା ସଂଘ (ଇକୋର୍ସା) ର ମିଳିତ ସହଯୋଗରେ ରବିବାର ସକାଳ ଖୋର୍ଦ୍ଧା ରୋଡ୍ ହାଫ୍ ମାରାଥନ (୨୧.୧ କିମି) ଅନୁଷ୍ଠିତ ହେବ। ଅଲିମ୍ପିଆନ ଦୂତୀ ଚାନ୍ଦ ଏହି ହାଫ୍ ମାରାଥନର ନେତୃତ୍ୱ ନେବେ। ହାଫ୍ ମାରାଥନ ବ୍ୟତୀତ ୨ କିମି, ୫ କିମି ଓ ୧୦ କିମି ରେସ ଆୟୋଜିତ ହେବ। ମୋଟ୍ ୨ ଲକ୍ଷ ଟଙ୍କାର ପୁରସ୍କାର ରାଶି ଏଥିରେ ରଖାଯାଇଛି। ରବିବାର ଭୋର୍ ୪ଟା ୩୦ରେ ଜଟଣୀ ରେଳବାଇ କ୍ରିକେଟ୍ ଷ୍ଟାଡିୟମରୁ ଏହି ହାଫ୍ ମାରାଥନ ଆରମ୍ଭ ହେବ। ଆଇଆଇଟି ଭୁବନେଶ୍ୱରରୁ ଏହା ୟୁଟର୍ଣ୍ଣ ନେଇ ପୁନର୍ବାର କ୍ରିକେଟ୍ ଷ୍ଟାଡିୟମରେ ସମାପ୍ତ ହେବ। ଏଥିରେ ଓଡ଼ିଶା ସମେତ ଉତ୍ତର ପ୍ରଦେଶ, ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ, ତେଲଙ୍ଗାନା ଆଦିରୁ ୧୨୦୦ରୁ ଊର୍ଦ୍ଧ୍ୱ ଧାବକଧାବିକା ଅଂଶଗ୍ରହଣ କରିବେ ବୋଲି ଇକୋର୍ସା ପକ୍ଷରୁ କୁହାଯାଇଛି। ଏହି ହାଫ୍ ମାରାଥନର ଟି-ଶାର୍ଟକୁ ଶନିବାର ଖୋର୍ଦ୍ଧା ରୋଡ୍ ମଣ୍ଡଳ ରେଳ ପ୍ରବନ୍ଧକ ଏଚ୍. ଏସ୍. ବାଜ୍ୱା ଉଦ୍‌ଘାଟନ କରିଥିଲେ।

**ଏସିଆନ୍ ଆଥ୍‌ଲେଟିକ୍ସରେ ଓଡ଼ିଶା କ୍ରୀଡ଼ାବିତ୍‌ଙ୍କ ଚମକ**

# ଶ୍ରାବଣୀଙ୍କୁ ରୌପ୍ୟ; ଜାତୀୟ ରେକର୍ଡ ସହ ଅନିମେଶଙ୍କୁ କାଂସ୍ୟ

ଗୁମି, ୩୧।୫ (ଏଜେନ୍ସି)



ଦକ୍ଷିଣ କୋରିଆରେ ଶେଷ ହୋଇଥିବା ୨୮ତମ ଏସିଆନ୍ ଆଥ୍‌ଲେଟିକ୍ସ ଚାମ୍ପିଅନସିପ୍‌ର ଅନ୍ତିମ ଦିବସରେ ଶନିବାର ଓଡ଼ିଶା କ୍ରୀଡ଼ାବିତ୍‌ଙ୍କ ଚମକ ଦେଖିବାକୁ ମିଳିଛି। ଦେଶର ଜଣାଶୁଣା ଧାବକ ଓଡ଼ିଶାର ଅନିମେଶ କୁଜୁର ପୁରୁଷ ୨୦୦ ମିଟର ରେସରେ ଜାତୀୟ ରେକର୍ଡ ସହ କାଂସ୍ୟ ପଦକ ବିଜୟୀ ହୋଇଛନ୍ତି। ସେହିଭଳି ଓଡ଼ିଶାର ଅନ୍ୟତମ ଚର୍ଚ୍ଚିତ ଧାବିକା ଶ୍ରାବଣୀ ନନ୍ଦ ମହିଳା ୪ ଗୁଣା ୧୦୦ ମିଟର ରିଲେ ରେସ୍‌ରେ ରୌପ୍ୟ ପଦକ ସଫଳତା ପାଇଛନ୍ତି।

ଶନିବାର ଅନୁଷ୍ଠିତ ପୁରୁଷ ୨୦୦ ମିଟର ରେସ୍‌ର ଫାଇନାଲରେ ଅନିମେଶ ୨୦.୩୨ ସେକେଣ୍ଡ ସମୟ ନେଇ ପୋଡିୟମର ୩ୟ ସ୍ଥାନରେ ରହିଥିଲେ। ଏଥିରେ ଜାପାନର ତୋୱା ଉଜାୱା (୨୦.୧୨) ଓ ସାଉଦୀ ଆରବର ଅବଦୁଲାଜିଜ୍ ଆତଫି (୨୦.୩୧) ଯଥାକ୍ରମେ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ହାସଲ କରିଥିଲେ। ଅନିମେଶଙ୍କ ଏହି ଟାଇମିଂ ନୂଆ ଜାତୀୟ ରେକର୍ଡ ହୋଇଛି। ନିକଟରେ ଅନୁଷ୍ଠିତ ଫେଡେରେସନ କପ୍‌ରେ ଅନିମେଶ ୨୦୦ ମିଟରକୁ ୨୦.୪୦ ସେକେଣ୍ଡରେ ଫିନିଶ କରି ରେକର୍ଡର ଅଧିକାରୀ ରହିଥିଲେ। ବର୍ତ୍ତମାନ କଳିଙ୍ଗ ଷ୍ଟାଡିୟମ ପରିସରସ୍ଥିତ ଆଥ୍‌ଲେଟିକ ଏଚ୍‌ପିସିରେ ପ୍ରଶିକ୍ଷଣ ନେଉଥିବା ଅନିମେଶଙ୍କୁ ଏହି ଅନ୍ତର୍ଜାତୀୟ ସଫଳତା ଲାଗି ଚାରିଆଡୁ ଶୁଭେଚ୍ଛାର ସୁଅ ଛୁଟିଛି। ତାଙ୍କ ପ୍ରଶିକ୍ଷକ ମାର୍ଟିନ ଓନ୍ସ ଅନିମେଶଙ୍କ ଏହି ପ୍ରଦର୍ଶନରେ ଖୁସି ବ୍ୟକ୍ତ କରିଛନ୍ତି।

ଅପରପକ୍ଷରେ ମହିଳା ୪ ଗୁଣା ୧୦୦ ମିଟର ରିଲେ୍ ରେସରେ ଭାରତୀୟ ଦଳ ୪୩.୮୬ ସେକେଣ୍ଡରେ ଶେଷ କରି ଦ୍ୱିତୀୟ ସ୍ଥାନରେ ରହିବା ସହ ରୌପ୍ୟପଦକ ଜିତିଥିଲା। ଓଡ଼ିଶାର ଶ୍ରାବଣୀ ନନ୍ଦଙ୍କ ସମେତ ଏସ୍. ସ୍ନେହା, ଅଭିନ୍ୟା ସେଟ୍ଟୀ ଓ ନିତ୍ୟା ଗାନ୍ଧେ ଭାରତୀୟ ଦଳର ସଦସ୍ୟା ରହିଥିଲେ। ୪୩.୨୮ ସେକେଣ୍ଡ ସହ ଚାଇନା ରିଲେ ଦଳ ସ୍ୱର୍ଣ୍ଣପଦକ ହାତେଇନେଇଥିଲା। ଭାରତୀୟ ରିଲେ ଦଳ ଏଠାରେ ରୌପ୍ୟ ଜିତିବା ସହ ୨୦୦୦ ମସିହା ପରେ ପ୍ରଥମଥର ଲାଗି ଏସିଆନ ଚାମ୍ପିଅନସିପ୍‌ର ଏହି ଇଭେଣ୍ଟରେ ପଦକ ସଫଳତା ପାଇଛି।

### ଜାଭେଲିନରେ ସଚିନଙ୍କୁ ରୌପ୍ୟ

ପୁରୁଷ ଜାଭେଲିନ ଥ୍ରୋ'ରେ ଭାରତର ଯୁବ ଆଥ୍‌ଲେଟ୍ ସଚିନ ଯାଦବ ଅଳ୍ପକେ ସ୍ୱର୍ଣ୍ଣପଦକରୁ ବଞ୍ଚିତ ହୋଇଛନ୍ତି। ସଚିନ ୮୫.୧୬ ମିଟର ଫିଙ୍ଗି ୨ୟ ସ୍ଥାନରେ ରହିବା ସହ ରୌପ୍ୟରେ ସନ୍ତୁଷ୍ଟ ରହିଥିଲେ। ଅଲିମ୍ପିକ ଚାମ୍ପିଅନ ପାକିସ୍ତାନର ଅର୍ଶଦ ନଦୀମ ୮୬.୪୦ ମିଟର ସହ ସ୍ୱର୍ଣ୍ଣପଦକ ହାତେଇ ନେଇଥିଲେ। ତାରକା ଜାଭେଲିନ ଫିଙ୍ଗାଳୀ ନୀରଜ ଚୋପ୍ରା ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରି ନ ଥିଲେ। ଶନିବାର ଅନ୍ୟ ଭାରତୀୟ ଆଥ୍‌ଲେଟ୍‌ଙ୍କ ମଧ୍ୟରେ ମହିଳା ୫୦୦୦ ମିଟରରେ ପାରୁଲ ଚୌଧୁରୀ ରୌପ୍ୟ ଏବଂ ମହିଳା ୮୦୦ ମିଟରରେ ପୂଜା ଓ ମହିଳା ୪୦୦ ମିଟର ହର୍ଡଲ୍ସରେ ବିତ୍ୟା ରାମରାଜ କାଂସ୍ୟ ପଦକ ଜିତିଛନ୍ତି।

### ଭାରତକୁ ୨୪ ପଦକ

ଏସିଆନ୍ ଆଥ୍‌ଲେଟିକ୍ସ ଚାମ୍ପିଅନସିପ୍‌ର ଚଳିତ ୨୬ତମ ସଂସ୍କରଣରେ ଭାରତ ୨୪ ପଦକ ଜିତି ଦ୍ୱିତୀୟ ସ୍ଥାନରେ ରହି ଅଭିଯାନ ଶେଷ କରିଛି। ଯେଉଁଥିରେ ୮ ସ୍ୱର୍ଣ୍ଣ, ୧୦ ରୌପ୍ୟ ଓ ୬ କାଂସ୍ୟ ପଦକ ରହିଛି। ୧୫ ସ୍ୱର୍ଣ୍ଣ ସହ ମୋଟ୍ ୨୬ ପଦକ ଜିତି ଚାଇନା ପ୍ରଥମ ସ୍ଥାନ ହାସଲ କରିଛି।



ଅନିମେଶ

**ଫ୍ରେଞ୍ଚ ଓପନ୍**

## ଚତୁର୍ଥ ରାଉଣ୍ଡରେ ସିନର, ଜ୍ୱେରେଭ

**ପ୍ୟାରିସ,୩୧।୫(ଏଜେନ୍ସି):** ଚଳିତ ଫ୍ରେଞ୍ଚ ଓପନ୍ ଟେନିସ ଟୁର୍ଣ୍ଣାମେଣ୍ଟରେ ପୁରୁଷ ଏକକରେ ଟପ୍ ସିଡ୍ ଇଟାଲୀର ଜାନିକ ସିନର, ତୃତୀୟ ସିଡ୍ ଜର୍ମାନୀର ଆଲେକଜାଣ୍ଡର ଜ୍ୱେରେଭ, ବ୍ରିଟେନର ୫ମ ସିଡ୍ ଜ୍ୟାକ ଡ୍ରାପର ଚତୁର୍ଥ ରାଉଣ୍ଡକୁ ଉଠିଛନ୍ତି। ଶନିବାର ତୃତୀୟ ରାଉଣ୍ଡ ମାଚ୍‌ରେ ସିନର ୬-୦, ୬-୧, ୬-୩ ସିଧା ସେଟ୍‌ରେ ଚେକ ଗଣରାଜ୍ୟର ଜିରି ଲେହକାଙ୍କୁ, ଡ୍ରାପର ୬-୨, ୬-୪, ୬-୨ ସିଧା ସେଟ୍‌ରେ ବ୍ରାଜିଲର ଜୋଆଓ ଫୋନସେକାଙ୍କୁ, ଜ୍ୱେରେଭ ୬-୨, ୭-୬, ୬-୧ ସେଟ୍‌ରେ ଇଟାଲୀର ଫ୍ଲାଭିଓ କୋବୋଲିଙ୍କୁ ହରାଇ ଅଗ୍ରଗତି କରିଛନ୍ତି।

### ପେଗୁଲା, ଆନ୍ଦ୍ରିଭା ପ୍ରି-କ୍ୱାର୍ଟରରେ

ମହିଳା ଏକକରେ ଆମେରିକାର ଦ୍ୱିତୀୟ ସିଡ୍ ଖେଳାଳି ଜେସିକା ପେଗୁଲା ୩-୬, ୬-୪, ୬-୨ ସେଟ୍‌ରେ ଚେକ ଖେଳାଳି ମାର୍କେଟା ଭଣ୍ଡ୍ରୋଉଶୋଭାଙ୍କୁ, ଷଷ୍ଠ ସିଡ୍ ରୁଷିଆର ୧୭ ବର୍ଷୀୟା ମୀରା ଆନ୍ଦ୍ରିଭା ୬-୩, ୬-୧ ସିଧା ସେଟ୍‌ରେ ୩୨ତମ ସିଡ୍ କାଜାଖସ୍ତାନର ୟୁଲିଆ ପୁତିନଶୋଭାଙ୍କୁ, ୧୭ତମ ସିଡ୍ ଅଷ୍ଟ୍ରେଲିଆର ଡାରିଆ କାସାତକିନା୬-୧, ୭-୫ ସେଟ୍‌ରେ ସ୍ପେନର ୧୦ମ ସିଡ୍ ପଉଲା ବଡୋସାଙ୍କୁ ହରାଇ ପ୍ରି-କ୍ୱାର୍ଟରକୁ ଉଠିଛନ୍ତି। ପୁରୁଷ ଯୁଗଳରେ ଭାରତର ଅଭିଜ୍ଞ ଖେଳାଳି ରୋହନ ବୋପାନ୍ନା, ୟୁକି ଭାମ୍ବ୍ରୀ ତୃତୀୟ ରାଉଣ୍ଡକୁ ଉଠିଛନ୍ତି।


ମୀରା ଆନ୍ଦ୍ରିଭା

**୧୯ ବର୍ଷରୁ କମ୍ ଆନ୍ତଃଜିଲ୍ଲା କ୍ରିକେଟ୍**

## ବରଗଡ଼, ଢେଙ୍କାନାଳ, କେନ୍ଦୁଝର ବିଜୟୀ

**ଭୁବନେଶ୍ୱର, ୩୧।୫ (ସମିସ):** ଓଡ଼ିଶା କ୍ରିକେଟ୍ ଆସୋସିଏସନ (ଓସିଏ) ଆନୁକୂଲ୍ୟରେ କଟକରେ ଚାଲିଥିବା ୧୯ ବର୍ଷରୁ କମ୍ ଆନ୍ତଃଜିଲ୍ଲା ପୁରୁଷ ଏକଦିବସୀୟ ମ୍ୟାଚରେ ଶନିବାର ୬ଟି ମ୍ୟାଚ୍ ଖେଳାଯାଇଛି। ଏଥିରେ ଡ୍ରିମ୍ସ ଗ୍ରାଉଣ୍ଡରେ ଅନୁଷ୍ଠିତ ଏକ ମ୍ୟାଚରେ ଢେଙ୍କାନାଳ ୮ ୱିକେଟ୍‌ରେ ପୁରୀକୁ ପରାସ୍ତ କରିଛି। ଶ୍ରେୟାଂଶୁ ମହାନ୍ତି (୫.୫-୧-୨୭-୬)ଙ୍କ ବୋଲିଂକୁ ସାମ୍ନା କରି ନ ପାରି ପ୍ରଥମେ ବ୍ୟାଟିଂ କରିଥିବା ପୁରୀ ୧୮.୫ ଓଭରରେ ମାତ୍ର ୬୫ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା। ଜବାବରେ ଢେଙ୍କାନାଳ ୧୭ ଓଭରରେ ୨ ୱିକେଟ୍ ହରାଇ ବିଜୟୀ ହୋଇଥିଲା। ଶ୍ରେୟାଂଶୁ ଶ୍ରେଷ୍ଠ ଖେଳାଳି ହୋଇଥିଲେ। ସେହିଭଳି ଅଡ଼ଶପୁର ଗ୍ରାଉଣ୍ଡରେ କେନ୍ଦୁଝର ୪୦ ରନରେ ବାଲେଶ୍ୱରକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରି କେନ୍ଦୁଝର ଦିଗବିଜୟ ଦେହୁରୀଙ୍କ ୪୦ ରନ ସହାୟତାରେ ୨୩.୩ ଓଭରରେ ୯୩ ରନରେ ସୀମିତ ରହିଥିଲା। ଜବାବରେ ବାଲେଶ୍ୱର ୫୩ ରନରେ ସୀମିତ ରହିଥିଲା। ବିଜୟୀ ଦଳର ସଙ୍କେତ ପଣ୍ଡା ୧୩ ରନରେ ୩ଟି ୱିକେଟ୍ ନେଇଥିଲେ।

ରେଭେନଶା ଗ୍ରାଉଣ୍ଡ-୧ରେ ନୂଆପଡ଼ା ବିପକ୍ଷରେ ପ୍ରଥମେ ବ୍ୟାଟିଂ କରି ବରଗଡ଼ ୧୧୦ ରନରେ ଅଲ୍‌ଆଉଟ୍ ହୋଇଥିଲା। ସେକ୍ ହାୟତ୍ ସର୍ବାଧିକ ୪୫ ରନ କରିଥିଲେ। ନୂଆପଡ଼ାର ନିଖିଳ ଚନ୍ଦ୍ରପର ୬ଟି ୱିକେଟ୍ ସଫଳତା ପାଇଥିଲେ। ଜବାବରେ ନୂଆପଡ଼ା ୮୨ ରନରେ ଅଲ୍‌ଆଉଟ୍ ହୋଇଥିଲା। ବୋଲିଂରେ ମଧ୍ୟ ସେକ୍ ହାୟତ ୪ଟି ୱିକେଟ୍ ନେଇ ଶ୍ରେଷ୍ଠ ଖେଳାଳି ହୋଇଥିଲେ। ଅନ୍ୟମ୍ୟାଚରେ ରାଉରକେଲା ୪ ୱିକେଟରେ ଗଞ୍ଜାମକୁ, ଭୁବନେଶ୍ୱର-ଏ ୧୪୧ ରନରେ ପାରାଦୀପକୁ ଓ କଟକ-ଏ ୨୦୬ ରନରେ କନ୍ଧମାଳକୁ ମାତ୍ ଦେଇଛି। କଟକ-ଏ'ର ପ୍ରିୟାଂଶୁ ମହାନ୍ତି (୩ ୱିକେଟ୍), ରାଉରକେଲାର ଖୁସୱନ୍ତ ସାନ୍ଧୁ (୫ ୱିକେଟ୍) ଓ ଭୁବନେଶ୍ୱର-ଏ'ର ଅର୍ଣ୍ଣବ ଶତପଥୀ (୩ ୱିକେଟ୍) ଶ୍ରେଷ୍ଠ ଖେଳାଳି ହୋଇଥିଲେ।

**ପିକେଏଲ୍ ଖେଳାଳି ନିଲାମୀ**

## ଶାଦଲୋଇଙ୍କ ମୂଲ୍ୟ ୨.୨୩ କୋଟି ଟଙ୍କା

**ମୁମ୍ବାଇ,୩୧।୫(ଏଜେନ୍ସି):** ପ୍ରୋ କବାଡ଼ି ଲିଗ୍ (ପିକେଏଲ)ର ୨୦୨୫ ସଂସ୍କରଣ ପାଇଁ ମୁମ୍ବାଇରେ ଖେଳାଳି ନିଲାମୀ ଚାଲୁ ରହିଛି। ଶନିବାର ଓ ରବିବାର ଦୁଇଦିନ ଧରି ଚାଲିବାକୁ ଥିବା ଏହି ନିଲାମୀରେ ଇରାନର ତାରକା ଡିଫେଣ୍ଡର ମହମ୍ମଦ ରେଜା ଶାଦଲୋଇ ୨.୨୩ କୋଟି ଟଙ୍କାରେ ଗୁଜରାଟ ଜିଆଣ୍ଟସ ଦଳରେ ସାମିଲ ହୋଇଛନ୍ତି। ସେହିପରି ଯୋଗେଶ ୧.୨୫ କୋଟି ଟଙ୍କାରେ ବେଙ୍ଗାଲୁରୁ ବୁଲ୍ସ, ଦୀପକ ୮୬ ଲକ୍ଷ ଟଙ୍କାରେ ପାଟଣା ପାଇରେଟ୍ସ ଦଳରେ ସାମିଲ ହୋଇଛନ୍ତି। ଦୀପକ ପ୍ରଥମ ଖେଳାଳି ଭାବେ ନିଲାମୀରେ ୫୦ ଲକ୍ଷ ପାର କରିଥିଲେ।






**ଆଇପିଏଲ୍ ୧୮** **ଆଜି କ୍ୱାଲିଫାୟର-୨**

# ୧୧ ବର୍ଷ ପରେ ଫାଇନାଲ ଲକ୍ଷ୍ୟରେ ପଞ୍ଜାବ

ଅହମ୍ମଦାବାଦ, ୩୧।୫ (ଏଜେନ୍ସି)

ଆଇପିଏଲ୍‌ର ଚଳିତ ଅଷ୍ଟାଦଶ ସଂସ୍କରଣ ଚୂଡ଼ାନ୍ତ ପର୍ଯ୍ୟାୟରେ ଉପନୀତ ହୋଇଛି। ସୁପର୍ ସନ୍‌ଡେ'ରେ ଗୁରୁତ୍ୱପୂର୍ଣ୍ଣ କ୍ୱାଲିଫାୟର-୨ରେ ଆସନ୍ତାକାଲି ପାଞ୍ଚଥରର ବିଜେତା ମୁମ୍ବାଇ ଇଣ୍ଡିଆନ୍ସ ସହ ପଞ୍ଜାବ କିଙ୍ଗ୍‌ସ ସାମ୍ନାସାମ୍ନି ହେବେ। ଉଭୟ ମୁମ୍ବାଇ ଓ ପଞ୍ଜାବ ଲାଗି ଏହା ସେମିଫାଇନାଲ ସଦୃଶ ହୋଇଛି। ଅର୍ଥାତ୍ ଯେଉଁ ଦଳ ଏହି ମ୍ୟାଚରେ ବିଜୟୀ ହେବ ମଙ୍ଗଳବାର ଫାଇନାଲରେ ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି)କୁ ଭେଟିବ। ପୂର୍ବରୁ କ୍ୱାଲିଫାୟର-୧ରେ ଆର୍‌ସିବି ୮ ୱିକେଟ୍‌ରେ ପଞ୍ଜାବକୁ ମାତ୍ ଦେଇ ସିଧାସଳଖ ଫାଇନାଲ ଟିକଟ୍ ହାସଲ କରିଥିଲା।

ଶ୍ରେୟାସ ଆୟରଙ୍କ ନେତୃତ୍ୱଧୀନ ପଞ୍ଜାବ ପାଇଁ କ୍ୱାଲିଫାୟର-୨ ବେଶ୍ ଗୁରୁତ୍ୱବହନ କରୁଛି। କ୍ୱାଲିଫାୟର-୧ରେ ପଞ୍ଜାବ ରଜତ ପାଟିଦାରଙ୍କ ଆର୍‌ସିବି ନିକଟରୁ ଏକପାଖିଆ ଭାବେ ୮ ୱିକେଟ୍‌ରେ ହାରି ସିଧାସଳଖ ଫାଇନାଲ ପ୍ରବେଶରୁ ବଞ୍ଚିତ ହୋଇଥିଲା। ଏବେ ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷ ମୁକାବିଲା ପଞ୍ଜାବ ପାଇଁ 'କର ବା ମର' ସଦୃଶ ହୋଇଛି। ଯଦି ପଞ୍ଜାବ ଏହି ମ୍ୟାଚରେ ବିଜୟୀ ହୁଏ ତେବେ ୧୧ ବର୍ଷ ପରେ ଆଇପିଏଲ୍ ଫାଇନାଲ ଖେଳିବାର ସୌଭାଗ୍ୟ ଲାଭ କରିବ। ଶେଷ ଓ ପ୍ରଥମଥର ଲାଗି ପଞ୍ଜାବ ୨୦୧୪ରେ ଫାଇନାଲ ଖେଳିଥିଲା। ଏଥିରେ କିନ୍ତୁ ଦଳ ୩ ୱିକେଟ୍‌ରେ କୋଲକାତା ନାଇଟ୍ ରାଇଡର୍ସ ନିକଟରୁ ପରାସ୍ତ ହୋଇ ଟ୍ରଫି ଜିତିବାରୁ ବଞ୍ଚିତ ହୋଇଥିଲା। ପଞ୍ଜାବ ପାଇଁ ବ୍ୟାଟିଂରେ ପ୍ରଭସିମରନ ଓ ଆୟର ଯଥାକ୍ରମେ ୫୧୭ ଓ ୫୧୬ ରନ କରି ଶ୍ରେଷ୍ଠ ଫର୍ମରେ ରହିଛନ୍ତି। ବୋଲିଂରେ ଅର୍ଶଦୀପ୍ ସିଂହ ୧୮ ୱିକେଟ୍ ନେଇ ଭଲ ଫର୍ମରେ ରହିଛନ୍ତି। ଅପରପକ୍ଷରେ ମୁମ୍ବାଇ ଏଲିମିନେଟରେ ୨୦ ରନରେ ଗୁଜରାଟ ଟାଇଟନ୍ସକୁ ପରାସ୍ତ କରି କ୍ୱାଲିଫାୟର-୨ରେ ପହଞ୍ଚିଛି। ପୂର୍ବତନ ଅଧିନାୟକ ରୋହିତ୍ ଶର୍ମା ଏହି ମ୍ୟାଚରେ ୮୧ ରନ କରି ଫର୍ମକୁ ଫେରିବା ଏବଂ ଇଂଲଣ୍ଡର ଅଭିଜ୍ଞ ୱିକେଟ୍‌କିପର ଜନ୍ନୀ ବେୟାରଷ୍ଟୋ ୪୭ ରନର ଦ୍ରୁତ ପାଳି ଖେଳିବା ମୁମ୍ବାଇର ବ୍ୟାଟିଂ ଲାଇନଅପ୍‌କୁ ଆହୁରି ସୁଦୃଢ଼ କରିଛି। ଯଦି ଏହି ମ୍ୟାଚରେ ମୁମ୍ବାଇ ବିଜୟୀ ହୁଏ ତେବେ ୭ଥର ଲାଗି ଫାଇନାଲ ଖେଳିବ।



**କ୍ୱାଲିଫାୟର-୨**
**ମୁମ୍ବାଇ ବନାମ ପଞ୍ଜାବ**
ଅହମ୍ମଦାବାଦ/ ରାତି ୭.୩୦ | ଷ୍ଟାର୍‌ସ୍ପୋର୍ଟ୍ସ / ଜିଓ ହଟ୍‌ଷ୍ଟାର


PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS